ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୭/୨୦୨୨ (୧୮ ପୃଷ୍ଠା) | Bhubaneswar, Tuesday, September 27/2022 Page 18 | ₹ 7.00 | ★★★★★★
୪୮ଶ ଭାଗ ୩୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 303 | ମୂଲ୍ୟ ₹୭/-




Stores only at

BHUBANESWAR 621, Saheed Nagar, Janpath | BHUBANESWAR 309 District Centre, Chandrashekarpur | BERHAMPUR Venkatraju Arcade, Sano Bazar | CUTTACK 558/834, Cantonment Road | JHARSUGUDA Sarbahal Road, Marwadi Para | ROURKELA Kesar Bhawan, Main Road

NOWHERE ELSE

Call us: 1800 3131 777 Follow us:

5% EXTRA CASHBACK* SBI card

*Min. Trxn.: ₹20,000; Max. Cashback: ₹2,500 per credit card account.
Validity: 26 Sep - 05 Oct 2022. T&C Apply.

DSPL - 183

ଓଡ଼ିଶା ଶାସନ

ବାର୍ଷିକ ସର୍ବମୋଟ ଟର୍ନ ଓଭର* ୧୦ କୋଟି ଟଙ୍କାରୁ ଉର୍ଦ୍ଧ ଥିବା ଟିକସଦାତାଙ୍କ ପାଇଁ **ଇ-ଇନଭଏସ ନିର୍ଗମନ କରିବା ବାଧ୍ୟତାମୂଳକ**

**୧ ଅକ୍ଟୋବର ୨୦୨୨**




- ତା୧-ଅଗଷ୍ଟ-୨୦୨୨ରିଖର କେନ୍ଦ୍ରୀୟ ଟିକସ ବିଜ୍ଞପ୍ତି ସଂଖ୍ୟା ୧୭/୨୦୨୨ ତଥା ତା୫-ଅଗଷ୍ଟ-୨୦୨୨ରିଖର ଓଡ଼ିଶା ସରକାରଙ୍କ ବିଜ୍ଞପ୍ତି ସଂଖ୍ୟା ୧୯୭୫୫-FIN-CT1-TAX-001 ଅନୁଯାୟୀ, ଉପରୋକ୍ତ ଶ୍ରେଣୀଭୁକ୍ତ ଟିକସଦାତାଙ୍କ ପାଇଁ ଇ-ଇନଭଏସ ନିର୍ଗମନ କରିବା ବାଧ୍ୟତାମୂଳକ ।
- ଓଡ଼ିଶା ଜିଏସଟି ନିୟମାବଳୀ, ୨୦୧୭ ଅନ୍ତର୍ଗତ ନିୟମ ୪୮(୫) ଅନୁଯାୟୀ ଉପରୋକ୍ତ ଶ୍ରେଣୀଭୁକ୍ତ ଟିକସଦାତାଙ୍କ ପାଇଁ ଓଡ଼ିଶା ଜିଏସଟି ନିୟମାବଳୀ, ୨୦୧୭ ଅନ୍ତର୍ଗତ ନିୟମ ୪୮(୪) ରେ ପ୍ରଣୀତ ପଦ୍ଧତି ବ୍ୟତୀତ ଅନ୍ୟ କୌଣସି ମାଧ୍ୟମ ରେ ନିର୍ଗମନ କରାଯାଉଥିବା ଇନଭଏସଗୁଡ଼ିକୁ **"ଇନଭଏସ" ଭାବେ ବିବେଚନା କରାଯିବ ନାହିଁ ।**
- ବର୍ତ୍ତମାନ ଇ-ଇନଭଏସ ପୋର୍ଟାଲ (www.einvoice1.gst.gov.in) ରେ ବାର୍ଷିକ ସର୍ବମୋଟ ଟର୍ନ ଓଭର ୧୦ କୋଟି ଟଙ୍କାରୁ ଉର୍ଦ୍ଧ ଥିବା ଟିକସଦାତାମାନଙ୍କୁ ପଞ୍ଜୀକରଣ କରିବା ପାଇଁ **ଏନେବଲ (enable) କରାଯାଇଅଛି** ।
- ନିଜର ପଞ୍ଜୀକରଣ କରାଇବା ସହିତ **୧ ଅକ୍ଟୋବର ୨୦୨୨** ଠାରୁ ଇ-ଇନଭଏସ ନିର୍ଗମନ କରିବା ପାଇଁ ଯୋଗ୍ୟ ଟିକସଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

1 NATION 1 TAX 1 MARKET GST

@Banijyakar
https://odishatax.gov.in

ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର କମିଶନରେଟ, ଓଡ଼ିଶା

* Annual Aggregated Turn Over

OIPR-05034/13/0003/2223

# ଗୁଲାମ ନବୀଙ୍କ ନୂଆ ଦଳ ଡେମୋକ୍ରାଟିକ୍ ଆଜାଦ୍ ପାର୍ଟି

ଜମ୍ମୁ,୨୬ା୯ (ପି.ଟି.)

ପୂର୍ବତନ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ ସୋମବାର ନିଜର ନୂଆ ଦଳ 'ଡେମୋକ୍ରାଟିକ୍ ଆଜାଦ ପାର୍ଟି' (ଡିଏପି)ର ଶୁଭାରମ୍ଭ କରିଛନ୍ତି। ଏହା ଗଣତନ୍ତ୍ର ଏବଂ ଅଭିବ୍ୟକ୍ତି ଓ ଚିନ୍ତାଧାରା ସ୍ୱାଧୀନତାର ପ୍ରତୀକ। ତାଙ୍କ ଦଳର ନୀତି ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶ ଆଧାରରେ ହେବ ବୋଲି ଗୁଲାମ ନବୀ କହିଛନ୍ତି। ତେବେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଫେରାଇଆଣିବାକୁ ସେ ନିର୍ବାଚନ ପ୍ରସଙ୍ଗ କରିବେ ନାହିଁ ବୋଲି ଏହି ଅବସରରେ ସ୍ପଷ୍ଟ କରିଛନ୍ତି। ରାସ୍ତାଘାଟ, ଜଳଯୋଗାଣ ଏବଂ ମୂଲ୍ୟବୃଦ୍ଧି ରୋକିବା ଆଦି ତାଙ୍କ ଦଳର ମୁଖ୍ୟ ପ୍ରସଙ୍ଗ ରହିବ। ଡିଏପି ଅନ୍ୟ କୌଣସି ଦଳ ସହ ପ୍ରତିଦ୍ୱନ୍ଦ୍ୱିତା ନ କରି ରାଜ୍ୟରେ ଶାନ୍ତି ଓ ସ୍ୱାଭାବିକତାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି।

କଂଗ୍ରେସ ସହ ୫ ଦଶନ୍ଧିର ସମ୍ପର୍କ ତୁଟାଇ ଗୁଲାମ ନବୀ ଗତ ଅଗଷ୍ଟ ୨୬ରେ ଦଳରୁ ଇସ୍ତଫା ଦେବା ସହ ନୂଆ ଦଳ ଗଢ଼ିବେ ବୋଲି ଘୋଷଣା କରିଥିଲେ। ଦଳର ନାଁ କ'ଣ ରହିବ ଏଥିପାଇଁ ସେ ଜନସାଧାରଣଙ୍କ ମତାମତ ଲୋଡ଼ିଥିଲେ। ଏଥିପାଇଁ ମିଳିଥିବା ୧,୫୦୦ ପ୍ରସ୍ତାବ ମଧ୍ୟରୁ ଗଣତାନ୍ତ୍ରିକ, ଶାନ୍ତିପୂର୍ଣ୍ଣ ଏବଂ ସ୍ୱାଧୀନ ନାଁ ରଖିବା ଲାଗି ଚାହିଁଲୁ ବୋଲି ସେ କହିଛନ୍ତି। ଅନୁଚ୍ଛେଦ ୩୭୦ ପ୍ରସଙ୍ଗରେ ସେ କହିଥିଲେ, ଏହା ଫେରାଇ ଆଣିବା ସମ୍ଭବ ନୁହେଁ ବୋଲି ସେ କେବେ କହି ନାହାନ୍ତି। ତେବେ ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ମନାଇ ପାରିବେ ନାହିଁ। ଯଦି କେହି ତାହା କରିପାରନ୍ତି, ତେବେ ସ୍ୱାଗତଯୋଗ୍ୟ ପଦକ୍ଷେପ ହେବ ବୋଲି ଆଜାଦ ଗଣମାଧ୍ୟମକୁ କହିଛନ୍ତି। ଅନୁଚ୍ଛେଦ ୩୭୦ ଫେରାଇ ଆଣିବାକୁ ହେଲେ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ପଡ଼ିବ। ଏହା ଉପରେ ଭୋଟିଂ ହେଲେ ଏନ୍‌ଡିଏ ସପକ୍ଷରେ ୮୬ ପ୍ରତିଶତ ଭୋଟ ଯିବ ବୋଲି ଗୁଲାମ ନବୀ କହିଛନ୍ତି।



ଜମ୍ମୁରେ ଏକ ଖବରଦାତା ସମ୍ମିଳନୀରେ ଗୁଲାମ ନବୀ ଆଜାଦ୍ ଦଳର ନାଁ ଘୋଷଣା କରୁଛନ୍ତି।

# ଅକ୍ଟୋବର ୨ରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା

- ଦଳର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଚିଠି ଲେଖିଲେ ନବୀନ
- କାର୍ଯ୍ୟକ୍ରମ ଶେଷରେ ପାଳନ ସମ୍ପର୍କିତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୬ା୯(ବ୍ୟୁରୋ)

ଚଳିତ ବର୍ଷ ବିଜେଡି ଅକ୍ଟୋବର ୨ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ମାସେବ୍ୟାପୀ ଜନସମ୍ପର୍କ ପଦଯାତ୍ରା ପାଳନ କରିବାକୁ ଯାଉଛି। ଅକ୍ଟୋବର ୨ରେ ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ, ୯ରେ ଗୋପବନ୍ଧୁ ଜୟନ୍ତୀ ଏବଂ ୧୧ରେ ଲୋକନାୟକ ଜୟପ୍ରକାଶ ଜୟନ୍ତୀ ଦଳ ପାଳନ କରିବ। ଏଥର ଜନସମ୍ପର୍କ ପଦଯାତ୍ରା ଜିଲାସ୍ତରରୁ ଆରମ୍ଭକରି ନିର୍ବାଚନମଣ୍ଡଳୀ, ନଗର, ପଞ୍ଚାୟତ ଏବଂ ୱାର୍ଡ ପର୍ଯ୍ୟନ୍ତ ପ୍ରତ୍ୟେକସ୍ତରରେ ଆୟୋଜିତ ହେବ ବୋଲି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି। ହେଲେ ଏହି ସମୟ ଭିତରେ ପଡୁଥିବା ପର୍ବପର୍ବାଣି ସମୟରେ ପଦଯାତ୍ରା ବନ୍ଦ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ନବୀନ ସୋମବାର ଦଳର ସମସ୍ତ କାର୍ଯ୍ୟକର୍ତ୍ତା, ପର୍ଯ୍ୟବେକ୍ଷକ, ସଂଯୋଜକ, ଏମ୍‌ପି, ବିଧାୟକ, ବିଧାୟକ ପ୍ରାର୍ଥୀ, ଜିଲା ସଭାପତି, ଦଳୀୟ ସଙ୍ଗଠନର ରାଜ୍ୟ, ବ୍ଲକ ଓ ନଗର ସଭାପତିମାନଙ୍କୁ ଚିଠି ଲେଖି ଏ ସମ୍ପର୍କରେ ଅବଗତ କରାଇଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସହରାଞ୍ଚଳ ଏବଂ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ କ୍ଷେତ୍ରୀୟ ପର୍ଯ୍ୟବେକ୍ଷକ, ବ୍ଲକ ଓ ନଗରାଞ୍ଚଳରେ ଜିଲା ପର୍ଯ୍ୟବେକ୍ଷକ, ନିର୍ବାଚନମଣ୍ଡଳୀ ସ୍ତରରେ ବିଧାୟକ ଏବଂ ବିଧାୟକ ପ୍ରାର୍ଥୀ ଓ ଜିଲାସ୍ତରରେ ସମ୍ପୃକ୍ତ ଜିଲା ସଭାପତିମାନେ ଉପସ୍ଥିତ ରହି ପଦଯାତ୍ରାକୁ ପୂର୍ଣ୍ଣପ୍ରାଣରେ ସଫଳ କରାଇବେ। ଦଳର ମହିଳା, ଯୁବ ଏବଂ ଛାତ୍ର, କୃଷକ, ସଂଖ୍ୟାଲଘୁ, ଶ୍ରମିକ, ଦଳିତ, ଜନଜାତି, ସମବାୟ, ଆଇନ ଶାଖା ତଥା ଦଳର ଅନ୍ୟାନ୍ୟ ପ୍ରମୁଖ ଦଳୀୟ ସଙ୍ଗଠନ ନିଜର ସମସ୍ତ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ସ୍ତରରେ ଏହି ଜନ ସମ୍ପର୍କ ପଦଯାତ୍ରାରେ ଯୋଗଦେବେ। ଏହାସହ ସ୍ଥାନୀୟ ଅଞ୍ଚଳରେ ଯେପରି ଅଧିକ ଜନସାଧାରଣ ଏଥିରେ ସାମିଲ ହେବେ ସେଥିପ୍ରତି ଧ୍ୟାନ ଦେବାକୁ ନବୀନ ପରାମର୍ଶ ଦେଇଛନ୍ତି। ପଦଯାତ୍ରା କରାଯିବା ଅଞ୍ଚଳରେ ମହାତ୍ମା ଗାନ୍ଧୀ ଏବଂ ବିଜୁ ବାବୁଙ୍କ ଫଟୋଚିତ୍ର ସହ ସ୍ଥାନୀୟ ଅଞ୍ଚଳର ବୀରପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ପଦଯାତ୍ରା ଆରମ୍ଭ କରିବେ। ସବୁ ଘରେ ବିଜେଡି ସରକାରର ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇବେ। ଏହାସହ ରକ୍ତଦାନ ଶିବିର, ବୃକ୍ଷରୋପଣ ତଥା ଅନ୍ୟାନ୍ୟ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଜନସେବା ଆଭିମୁଖ୍ୟକୁ ଅଧିକ ବ୍ୟାପକ କରାଯିବ। ନଭେମ୍ବର ୨ରେ ସମସ୍ତ କାର୍ଯ୍ୟକର୍ତ୍ତା ରାଜ୍ୟବାସୀଙ୍କ ପାଇଁ ଉତ୍ସର୍ଗୀକୃତ ମନୋବୃତ୍ତି ନେଇ କାର୍ଯ୍ୟ କରିବା ପାଇଁ ଶପଥ ନେବେ ବୋଲି ନବୀନ ଆହ୍ୱାନ କରିଛନ୍ତି। ଏହାସହ ଏହି ପଦଯାତ୍ରା କିପରି ସବୁ ସ୍ଥାନରେ ପାଳନ ହେଲା ତା'ର ବିବରଣୀ ପ୍ରଦାନ କରିବାକୁ ମଧ୍ୟ ସେ କହିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ଭାଜପା ଅଧ୍ୟକ୍ଷ ନଡ୍ଡାଙ୍କ କାର୍ଯ୍ୟକାଳ ବଢ଼ିପାରେ

ନୂଆଦିଲ୍ଲୀ,୨୬ା୯

ପରବର୍ତ୍ତୀ ସାଧାରଣ ନିର୍ବାଚନ ଆଉ ୨ ବର୍ଷରୁ କମ୍ ସମୟ ରହିଥିବାବେଳେ ବିଭିନ୍ନ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ କାର୍ଯ୍ୟକାଳ ବଢ଼ିପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ନଡ୍ଡାଙ୍କ ୩ ବର୍ଷୀୟା କାର୍ଯ୍ୟକାଳ ୨୦୨୩ ଜାନୁୟାରୀ ୨୦ରେ ଶେଷ ହେବାକୁ ଯାଉଛି। ତେବେ ସେ ଏହି ପଦବୀରେ ୨୦୨୪ ଲୋକ ସଭା ନିର୍ବାଚନ ଶେଷ ପର୍ଯ୍ୟନ୍ତ ରହିପାରନ୍ତି ବୋଲି କୁହାଯାଉଛି। କେତେଜଣ ଭାଜପା ନେତାଙ୍କ କହିବା ଅନୁଯାୟୀ, ନଡ୍ଡାଙ୍କ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆସ୍ଥା ରହିଛି। ତେଣୁ ତାଙ୍କର ଭଲ ପ୍ରଦର୍ଶନକୁ ଦୃଷ୍ଟିରେ ରଖି କାର୍ଯ୍ୟକାଳ ବୃଦ୍ଧି କରାଯିବା ସମ୍ଭାବନା ରହିଛି। ଏହା ବ୍ୟତୀତ ଜାତିଗତ ସମୀକରଣ ମଧ୍ୟ ନଡ୍ଡାଙ୍କ ସପକ୍ଷରେ ଯାଉଛି। ୨୦୧୯ ଜୁଲାଇରେ ନଡ୍ଡାଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ କରାଯାଇଥିଲା ଏବଂ ୨୦୨୦ ଜାନୁୟାରୀ ୨୦ରେ ସେ ସର୍ବସମ୍ମତକ୍ରମେ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଦଳୀୟ ସମ୍ବିଧାନ ଅନୁଯାୟୀ ଅଧ୍ୟକ୍ଷ ୩ ବର୍ଷ ଲେଖାଏ କ୍ରମାଗତ ଦୁଇଥର ଏହି ପଦରେ ରହିପାରିବେ। ଅନ୍ୟୂନ ୫୦ ପ୍ରତିଶତ ରାଜ୍ୟ ଶାଖାରେ ସାଂଗଠନିକ ନିର୍ବାଚନ ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇପାରିବ। ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଅଗଷ୍ଟରୁ ଆରମ୍ଭ ହେବାକୁ ଥିଲେ ମଧ୍ୟ ନେତାମାନେ ରାଜ୍ୟ ନିର୍ବାଚନ ପ୍ରସ୍ତୁତି ଦାୟିତ୍ୱରେ ଥିବାରୁ ଏହା ବିଳମ୍ବ ହୋଇପାରେ। କାରଣ ଚଳିତ ବର୍ଷ ଶେଷ ସୁଦ୍ଧା ଗୁଜରାଟ, ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ଥିବାବେଳେ ଆସନ୍ତାବର୍ଷ କର୍ନାଟକ, ତ୍ରିପୁରା, ମେଘାଳୟ, ମିଜୋରାମ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଓ ତେଲଙ୍ଗାନା ବିଧାନସଭା ନିର୍ବାଚନ ରହିଛି। ଏଥିସହିତ ଦଳକୁ ୨୦୨୪ ସାଧାରଣ ନିର୍ବାଚନ ଲାଗି ପ୍ରସ୍ତୁତ ହେବାକୁ ପଡ଼ିବ। ପୂର୍ବତନ ଭାଜପା ଅଧ୍ୟକ୍ଷ ଅମିତ୍ ଶାହାଙ୍କ କାର୍ଯ୍ୟକାଳକୁ ୨୦୧୯ ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ବଢ଼ାଯାଇଥିଲା।



ଜେ.ପି. ନଡ୍ଡା

# କଂଗ୍ରେସ, ଭାଜପା ଭଙ୍ଗା-ଯୋଡ଼ା ରାଜନୀତି କରୁଛନ୍ତି: କେଜ୍‌ରିୱାଲ

**ନୂଆଦିଲ୍ଲୀ,୨୬ା୯:** ରାଜସ୍ଥାନ କଂଗ୍ରେସରେ ମତଭେଦକୁ ନେଇ ଅନ୍ୟ ଦଳ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି। କଂଗ୍ରେସର ବିକଳ୍ପ ଭାବେ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଉଭା ହେବ କି ପ୍ରଶ୍ନରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି, ମୁଁ ଏହି ବିକଳ୍ପକୁ ବୁଝିପାରୁ ନାହିଁ, ଆମକୁ ଦେଶକୁ ଆଗକୁ ନେବାକୁ ପଡିବ। ଉଭୟ କଂଗ୍ରେସ ଏବଂ ଭାଜପା ଭଙ୍ଗା-ଯୋଡ଼ା ରାଜନୀତି କରୁଛନ୍ତି। ଏବେ ଏଏପି ସମଗ୍ର ଦେଶରେ ଭରସା ସାଜିଛି। ଆମେ ରାଜନୀତି ଜାଣୁନାହୁଁ, ଜନସାଧାରଣଙ୍କ ପାଇଁ କାମ କରୁ। ଏଥିଲାଗି ଦିଲ୍ଲୀ ଏବଂ ପଞ୍ଜାବରେ ସରକାର ଗଠନ କରିଛୁ। ଆଉ ଗୁଜରାଟରେ ମଧ୍ୟ ଏଏପି ସରକାର ଗଠନ ହେବ ବୋଲି ସେ ଦାବି କରିଛନ୍ତି।

# ମେଟ୍ରୋ ଟ୍ରେନ୍ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଅପରାଜିତା

ଭୁବନେଶ୍ୱର,୨୬ା୯(ବ୍ୟୁରୋ)

ଟ୍ୱିନ୍ ସିଟିରେ ଦ୍ରୁତ ଗତିରେ ଜନସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ସମୟ ସହ ତାଳ ଦେଇ ଏଠାକାର ଅଧିବାସୀଙ୍କୁ ମେଟ୍ରୋ ଟ୍ରେନ ସୁବିଧା ଦରକାର। ଭୁବନେଶ୍ୱର ଓ କଟକରେ ମେଟ୍ରୋ ଟ୍ରେନ୍ ଚଳାଚଳ ପାଇଁ ଲୋକେ ବହୁ ଦିନରୁ ଦାବି କରି ଆସୁଥିବା ବେଳେ ଏବେ ଏହି ପ୍ରସଙ୍ଗରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ସହାୟତା ଲୋଡ଼ିଛନ୍ତି।

ଅପରାଜିତା ଏହି ପ୍ରସଙ୍ଗରେ ଟୁଇଟ୍ କରି ସେଥିରେ ଉଲ୍ଲେଖ କରିଛନ୍ତି ଯେ, କଟକ-ଭୁବନେଶ୍ୱରର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏଠାରେ ମେଟ୍ରୋ ଟ୍ରେନ୍ ଚାଲିବା ଆବଶ୍ୟକ। ଏହାଦ୍ୱାରା ଲୋକେ ଖୁବ୍‌ଶୀଘ୍ର ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିବେ। ଏନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଅବଗତ କରାଯାଇଛି। କେନ୍ଦ୍ର ନଗର ଉନ୍ନୟନ ବିଭାଗ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଏନେଇ ଆବଶ୍ୟକ ସହାୟତା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ମେଟ୍ରୋ ଟ୍ରେନ ଚାଲିବ ବୋଲି କହିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷର ବଜେଟରେ ମଧ୍ୟ ମେଟ୍ରୋ ରେଳ ସେବା କଥା ରାଜ୍ୟ ସରକାର ଦୋହରାଇଥିଲେ। ତେବେ ଏହି ବଜେଟର ବହୁ ପୂର୍ବରୁ ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ଡିପିଆର ପ୍ରସ୍ତୁତ କରିବା ଦାୟିତ୍ୱ ନେଇଥିବା ସଂସ୍ଥା ତା'ର ରିପୋର୍ଟ ଦାଖଲ କରିସାରିଥିଲା। ମେଟ୍ରୋ ଟ୍ରେନ୍ ଟୁଇନ ସିଟିରେ ଏବେ ଚଳାଇବା ସମ୍ଭବପର ନୁହେଁ ବୋଲି ସେତେବେଳେ ରିପୋର୍ଟରେ ଉଲ୍ଲେଖ କରିଥିଲା।






# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୭/୨୦୨୨ (୧୮ ପୃଷ୍ଠା) | Bhubaneswar, Tuesday, September 27/2022 | Page 18 | ପୃଷ୍ଠା-୧




**ଭାରତୀୟ ଟି୨୦ ଦଳରେ ଶ୍ରେୟସ ଆୟାର**

ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ ପାଇଁ ଭାରତୀୟ ଦଳରେ ଶ୍ରେୟସ ଆୟରଙ୍କୁ ନିଆଯାଇଛି।

୧୬

୧୩

**ଓଟିଟିରେ ଅନନ୍ୟା**

ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ 'କଲ୍ ମି ବେ' ଜରିଆରେ ଓଟିଟି ପ୍ଲାଟଫର୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି।
















ବାରବାଟୀ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟର ଭିଲଓ୍ୱାରା କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ବିଜୟ ହାସଲ ପରେ ମଣିପାଲ ଟାଇଗର୍ସ ଦଳର ଖେଳାଳିମାନେ।

# ଟଙ୍କା ମୂଲ୍ୟ ହ୍ରାସ ଅଣାୟତ୍ତ

## ୮୧.୬୩ ଟଙ୍କାରେ ପହଞ୍ଚିଲା ଡଲାର ମୂଲ୍ୟ

**ମୁମ୍ବାଇ, ୨୬।୯(ପି.ଟି.)**

ଆମେରିକୀୟ ଡଲାର ତୁଳନାରେ ଟଙ୍କା ସର୍ବକାଳୀନ ଦୁର୍ବଳ ସ୍ତରର ରେକର୍ଡ ଭାଙ୍ଗିଛି। ସୋମବାର ଟଙ୍କାର ମୂଲ୍ୟ ୫୪ ପଇସା ହ୍ରାସ ହୋଇଛି। ଫଳରେ ଡଲାରର ମୂଲ୍ୟ ୮୧.୬୩ ଟଙ୍କାକୁ ବୃଦ୍ଧି ପାଇଛି। ଗତ ଶୁକ୍ରବାର ୩୦ ପଇସା ହ୍ରାସ ପାଇ ଟଙ୍କା ମୂଲ୍ୟ ୮୧.୦୯ ହୋଇଥିଲା। ତେବେ ଲଗାତର ୪ କାରବାର ଦିବସରେ ଟଙ୍କା ମୂଲ୍ୟ ୧୯୩ ପଇସା ଖସିଥିବାବେଳେ ଡଲାର ମୂଲ୍ୟ ବର୍ତ୍ତମାନ ୨୦ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଟଙ୍କାର ଏହି ଦୁର୍ବଳତା ଗାଁଠୁ ସହର ଯାଏ ସମସ୍ତଙ୍କୁ ପ୍ରଭାବିତ କରିବ। ଆମଦାନୀକାରୀ, ରପ୍ତାନିକାରୀ, ବିଦେଶରେ ପଢୁଥିବା ଛାତ୍ର, ନିବେଶକ, ସାଧାରଣ ଗ୍ରାହକଙ୍କୁ ପ୍ରଭାବିତ କରିବ।

ଅନେକ କାରଣରୁ ଟଙ୍କା ମୂଲ୍ୟ ହ୍ରାସ ହୋଇଥାଏ। ସବୁଠାରୁ ସାଧାରଣ କାରଣ ହେଉଛି ଡଲାରର ଚାହିଦା ବୃଦ୍ଧି। ସେହିପରି ଅନ୍ତର୍ଜାତୀୟ ବଜାରରେ ଯେକୌଣସି ଅସ୍ଥିରତା ଯୋଗୁ ନିବେଶକମାନେ ବ୍ୟସ୍ତ ହୋଇ ଡଲାର କିଣିନେଇଥାନ୍ତି। ଏଭଳି ପରିସ୍ଥିତିରେ ଡଲାରର ଚାହିଦା ବଢ଼ିଥାଏ ଏବଂ ଅନ୍ୟ ମୁଦ୍ରାର ମୂଲ୍ୟ ହ୍ରାସ ପାଇଥାଏ। ଶେୟାର ବଜାରରେ ଅସ୍ଥିରତା ମଧ୍ୟ ଟଙ୍କାର ମୂଲ୍ୟ ଉପରେ ପ୍ରଭାବ ପକାଇଥାଏ। ସଦ୍ୟତମ ପ୍ରମୁଖ କାରଣ ହେଲା ଗତ ବୁଧବାର ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ 'ଫେଡେରାଲ ରିଜର୍ଭ' ସୁଧହାର ୦.୭୫ ପ୍ରତିଶତ ବଢ଼ାଇବା ଏବଂ କଠୋର ଆଭିମୁଖ୍ୟ ବଜାୟ ରଖିବା ଆଶଙ୍କାରେ ଗତ ଗୁରୁବାର ଟଙ୍କା ମୂଲ୍ୟ ୮୩ ପଇସା ହ୍ରାସ ପାଇ ଡଲାର ମୂଲ୍ୟ ୮୦.୭୯ ଟଙ୍କା ହୋଇଥିଲା। କେବଳ ଟଙ୍କା ନୁହେଁ, ଅନ୍ୟ ଦେଶର ମୁଦ୍ରା ମୂଲ୍ୟ ମଧ୍ୟ ହ୍ରାସ ପାଇଛି। ୬ଟି ପ୍ରମୁଖ ମୁଦ୍ରା ତଥା ୟୁରୋ, ଜାପାନିଜ୍ ୟେନ୍, ବ୍ରିଟିଶ୍ ପାଉଣ୍ଡ (ଷ୍ଟର୍ଲିଂ), କାନାଡିଆନ ଡଲାର, ସ୍ୱିଡିଶ୍ କ୍ରୋନା ଓ ସୁଇସ୍ ଫ୍ରାଙ୍କ୍ ତୁଳନାରେ ଡଲାରର ଦୃଢ଼ତା ମାପୁଥିବା 'ଡଲାର ସୂଚକାଙ୍କ' ସର୍ବାଧିକ ସ୍ତର ୧୧୩.୭୧ରେ ପହଞ୍ଚିଛି। ଫୋରେକ୍ସ ବ୍ୟବସାୟୀଙ୍କ ମତରେ ଫେଡେରାଲ ରିଜର୍ଭ ସୁଧ ହାର ବୃଦ୍ଧି କରିବା ଏବଂ ରୁଷିଆ-ୟୁକ୍ରେନ ଯୁଦ୍ଧ ଯୋଗୁ ନିବେଶକମାନେ କୌଣସି ରିସ୍କ ନେବାକୁ ପଛଘୁଞ୍ଚା ଦେଉଛନ୍ତି। ଏଥିଯୋଗୁ ଅନ୍ତର୍ଜାତୀୟ ବଜାରରେ ଅସ୍ଥିରତା ଦେଖାଦେଉଛି। ଏଚ୍‌ଡିଏଫସି ସିକ୍ୟୁରିଟିଜ୍‌ର ଦିଲୀପ ପାରମାର କହିଛନ୍ତି ଯେ ଫେଡେରାଲ ରିଜର୍ଭ ☞ପୃଷ୍ଠା-୨

# ଲିଜେଣ୍ଡ୍ସ ଲଢ଼େଇରେ ଟାଇଗର୍ସର ବାଜିମାତ୍

**କଟକ, ୨୬।୯ (ସ୍ପୋର୍ଟ୍ସ ବ୍ୟୁରୋ)**

କଟକର ବାରବାଟୀ ଷ୍ଟାଡିୟମ ଇତିହାସରେ ଯୋଡ଼ି ହୋଇଛି ନୂଆ ଫର୍ଦ୍ଦ। ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ମ୍ୟାଚର ମୂକସାକ୍ଷୀ ରହିଥିବା ଐତିହାସିକ ବାରବାଟୀରେ ଏଥର ଆୟୋଜନ ହୋଇଛି ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚ। ସୋମବାର ପ୍ରଥମ ମ୍ୟାଚରେ ହରଭଜନ ସିଂଙ୍କ ନେତୃତ୍ୱାଧୀନ ମଣିପାଲ ଟାଇଗର୍ସ ଇରଫାନ ପଠାନଙ୍କ ଭିଲଓ୍ୱାରା କିଙ୍ଗ୍ସକୁ ୩ ରନ୍‌ରେ ପରାସ୍ତ କରିଛି। ମଣିପାଲ ଟାଇଗର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲା। ଜବାବରେ ଭିଲଓ୍ୱାରା କିଙ୍ଗ୍ସ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୭୨ ରନ୍ କରିପାରିଥିଲା।

(ବିସ୍ତୃତ ବିବରଣୀ: ପୃଷ୍ଠା-୧୪)

**ଆଜିର ସମ୍ପାଦକୀୟ**

**କଂଗ୍ରେସ ଅଧ୍ୟକ୍ଷ**

# ରିପୋର୍ଟ ମାଗିଲେ ସୋନିଆ

## ରାଜସ୍ଥାନ କଂଗ୍ରେସରେ ବିଦ୍ରୋହ

### ଦଳ ଅଧ୍ୟକ୍ଷ ହୋଇ ନ ପାରନ୍ତି ଗେହଲଟ

**ନୂଆଦିଲ୍ଲୀ/ଜୟପୁର, ୨୬।୯:** ରାଜସ୍ଥାନ କଂଗ୍ରେସରେ ଖୋଲା ବିଦ୍ରୋହ ପରେ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପର୍ଯ୍ୟବେକ୍ଷକ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଅଜୟ୍ ମାକେନ୍‌ଙ୍କଠାରୁ ଲିଖିତ ରିପୋର୍ଟ ମାଗିଛନ୍ତି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ କଂଗ୍ରେସ ଅଧ୍ୟକ୍ଷ ହୋଇ ନ ପାରନ୍ତି ବୋଲି ସୂଚନା ମିଳିଛି। କାରଣ ଏହି ପଦବୀ ପାଇଁ ଅନ୍ୟ ନେତାମାନଙ୍କ ନାଁକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ଅଶୋକ ଗେହଲଟ୍ କଂଗ୍ରେସ ଅଧ୍ୟକ୍ଷ ପଦ ଲାଗି ନିର୍ବାଚନ ଲଢ଼ିବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ତାଙ୍କ ଅନୁଗତ ବିଧାୟକମାନେ ବିରୋଧ କରିଥିଲେ। କଂଗ୍ରେସ ବିଧାୟକ ଦଳ ବୈଠକରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦେବାକୁ ଆସିଥିବା ଖାର୍ଗେ ଓ ମାକେନଙ୍କ ଠାରୁ ଦୂରେଇ ଯାଇ ଗେହଲଟ୍‌ଙ୍କ ଅନୁଗତ ବିଧାୟକ ରବିବାର ରାତିରେ ଏକ ସମାନ୍ତରାଳ ବୈଠକ କରିଥିଲେ। ସେମାନେ ସଚିନ ପାଇଲଟ୍‌ଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କରାଯିବା ଉଦ୍ୟମକୁ ବିରୋଧ କରିବା ସହ ବାଚସ୍ପତିଙ୍କୁ ସମୂହ ଇସ୍ତଫା ପତ୍ର ପ୍ରଦାନ କରିଥିଲେ। ☞ପୃଷ୍ଠା-୨

# ବୁକିଂ କରିଥିଲେ ଜରିମାନା ଲାଗିବନି

**ଭୁବନେଶ୍ୱର, ୨୬।୯ (ବ୍ୟୁରୋ)**

ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ (ଏଚ୍‌ଏସ୍‌ଆର୍‌ପି) ଲଗାଇବା ନିମନ୍ତେ ବୁକିଂ କରିଥିବା ଗାଡ଼ି ମାଲିକଙ୍କ ପାଇଁ ଆଶ୍ୱସ୍ତି ମିଳିଛି। ଯେଉଁମାନଙ୍କ ପାଖରେ ବୁକିଂ ସ୍ଲିପ୍ ଥିବ, ଅକ୍ଟୋବର ପହିଲା ସୁଦ୍ଧା ରେଜିଷ୍ଟ୍ରେଶନ ପ୍ଲେଟ୍ ଲଗାଇ ନ ଥିଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ନାହିଁ। ସୋମବାର ଏ ନେଇ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)ଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ,

**ଏଚ୍‌ଏସ୍‌ଆର୍‌ପି ପାଇଁ ନିର୍ଦ୍ଦେଶନାମା**

ଯଦି ଅନ୍‌ଲାଇନ ବୁକିଂ ସ୍ଲିପ୍ ଥିବ, ତେବେ ୧୯ ଏପ୍ରିଲ ୧ ତାରିଖ ପୂର୍ବରୁ ପଞ୍ଜୀକୃତ ହୋଇଥିବା କୌଣସି ପୁରୁଣା ଯାନ ପାଇଁ ଜରିମାନା କିମ୍ବା ଇ-ଚାଲାଣ କଟାଯିବ ନାହିଁ। ଯେଉଁ ଯାନବାହନଗୁଡ଼ିକର ଶେଷ ନମ୍ବର ୧, ୨, ୩ ଓ ୪ ରହିଛି, ସେମାନଙ୍କ ପାଇଁ ସେପ୍ଟେମ୍ବର ୩୦କୁ ଏଚ୍‌ଏସ୍‌ଆର୍‌ପି ଲଗାଇବାର ଶେଷ ସମୟ ଧାର୍ଯ୍ୟ କରାଯାଇଥିବା ☞ପୃଷ୍ଠା-୨

# ଏସ୍‌ସିବି ମେଡିକାଲରୁ ଶିଶୁ ଚୋରି ଅଭିଯୋଗ

## ମିଳିଲା ଶିଶୁକନ୍ୟା, ଶିଶୁପୁତ୍ରକୁ ନେଇ ତନାଘନା

**କଟକ ଅଫିସ, ୨୬।୯**

ଏସ୍‌ସିବି ମେଡିକାଲରୁ ସୋମବାର ଏକ ଶିଶୁକନ୍ୟା ଚୋରିକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଏବଂ ମଙ୍ଗଳାବାଗ ଥାନା ପୋଲିସକୁ ନାକେଦମ୍ ହେବାକୁ ପଡ଼ିଛି। ଏହି ଚୋରି ଅଭିଯୋଗର ତଦନ୍ତ କରିବାବେଳେ ପୋଲିସକୁ ଅନ୍ୟ ଏକ ଶିଶୁପୁତ୍ର ନିଖୋଜର ତଥ୍ୟ ମିଳିଛି। ଏହି ଘଟଣାରେ ଏକ ର୍‍ୟାକେଟ୍ କାମ କରୁଥିବା ସନ୍ଦେହ କରି ପୋଲିସ ଏକ ଦମ୍ପତିଙ୍କୁ ଅଟକ ରଖି ତନାଘନା ଚଳାଇଛି।

ସୂଚନା ଅନୁଯାୟୀ, ମେଡିକାଲର ସ୍ତ୍ରୀ ଓ ପ୍ରସୂତି

**ର୍‍ୟାକେଟ ସକ୍ରିୟ ଅଭିଯୋଗ: ଦମ୍ପତି ଅଟକ**

ବିଭାଗରେ ପୁରୀ ଜିଲା ଚନ୍ଦନପୁର ଥାନା ଅଞ୍ଚଳର ତୋଫାନ କୁମାର ଜେନାଙ୍କ ସ୍ତ୍ରୀ ଗତ ଗୁରୁବାର ଯାଆଁଳା କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ଥିବାବେଳେ ଅନ୍ୟ ଜଣେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ଡାକ୍ତର ☞ପୃଷ୍ଠା-୨

# ପ୍ରେମବିବାହ କରାଇଦେବାକୁ ସମଲେଇଙ୍କୁ ଚିଠି

## ହୁଣ୍ଡିରୁ ବାହାରିବା ପରେ ଚର୍ଚ୍ଚା

**ସମ୍ବଲପୁର, ୨୬।୯ (ବ୍ୟୁରୋ)**

ନିଜ ପ୍ରେମକୁ ପାଇବା ପାଇଁ ବର୍ତ୍ତମାନ ସମୟରେ ଯୁବତୀଯୁବକ ଭିନ୍ନ ଭିନ୍ନ ପନ୍ଥା ଅବଲମ୍ବନ କରୁଛନ୍ତି। କେହିକେହି ଠାକୁରଙ୍କ ନିକଟରେ ଗୁହାରି ପଡ଼ୁଛନ୍ତି। ନିଜର ମନସ୍କାମନା ପୂର୍ଣ୍ଣ ପାଇଁ ମାନସିକ ମଧ୍ୟ ରଖୁଛନ୍ତି। ହେଲେ ଏବେ ଜଣେ ଯୁବତୀ ମନ୍ଦିର ହୁଣ୍ଡି ବାକ୍ସରେ ଏକ ଚିଠି ପକାଇ ନିଜର ପ୍ରେମ ବିବାହକୁ ସାକାର କରାଇଦେବାକୁ ମା'ସମଲେଇଙ୍କୁ ନିବେଦନ କରିଥିବା ଜାଣିବାକୁ ମିଳିଛି। ଏହି ଘଟଣା ଏବେ ଜିଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ସୂଚନା ଅନୁଯାୟୀ ରବିବାର ପୂର୍ବାହ୍ନରେ ସମ୍ବଲପୁର ଅଧିଷ୍ଠାତ୍ରୀ ମା' ସମଲେଇ ମନ୍ଦିରରେ ହୁଣ୍ଡି ଖୋଲାଯାଇଥିଲା। ଏଥିରୁ ଟଙ୍କା, ସିନ୍ଦୂର, ବେଲପତ୍ର ଭଳି ସାମଗ୍ରୀ ସହ ୪ ଗୋଟି ହାତଲେଖା ଚିଠି ବାହାରିଥିଲା। ଏଥିମଧ୍ୟରୁ ତେଲୁଗୁ ଓ ବଙ୍ଗଳା ଭାଷାରେ ୨ଟି ଏବଂ ଓଡ଼ିଆରେ ଲେଖାଥିବା ୨ଟି ଚିଠି ରହିଥିଲା। ଓଡ଼ିଆରେ ଲେଖା ହୋଇଥିବା ଚିଠିରେ ଜଣେ ଯୁବତୀ ଉଲ୍ଲେଖ କରିଛନ୍ତି, "ଜୟ ମାଁ ସମଲେଇ, ମାଁ ଗୋ ମୋର ଜୁହାର ଗ୍ରହଣ କରିବୁ, ମୁଇଁ ତୋର ନିକେ ଗୁଟେ ଆଶା ନେଇ ଆସିଛେ। ତୁଇ ମାଁ ଗୋ ମୋର ପ୍ୟାର ରବୀନ୍ଦ୍ର ସାଙ୍ଗରେ ସମସ୍ତଙ୍କ ସହମତିରେ ବିବାହ କରାଇ ଦେ। ଜୟ ମାଁ ଜଗତ୍‌ଜନନୀ କି ଜୟ" ବୋଲି ଉଲ୍ଲେଖ ରହିଛି। ସେହିପରି ☞ପୃଷ୍ଠା-୨



ମା' ସମଲେଇଙ୍କ ହୁଣ୍ଡିରୁ ବାହାରିଥିବା ଚିଠି।




**ଆଜିର ମନ୍ତବ୍ୟ**

"ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ଅନୁଗତମାନେ ବିଶୃଙ୍ଖଳିତ। ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ବଛାଯିବା ପାଇଁ କଂଗ୍ରେସର ପ୍ରସ୍ତାବ ଉପରେ ସେମାନଙ୍କ ସର୍ତ୍ତ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଛଡ଼ା କିଛି ନୁହେଁ।

–ଅଜୟ ମାକେନ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରୋପ୍ ରତନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଇଦ, ପଇଡ଼, ମଦଘଡା**
**କାମ ସଇଲେ ଗଡ଼ଗଡା।**

ରୋଗ ଭଲ ହୋଇଗଲାପରେ ଆଉ ବଇଦକୁ ଲୋଡ଼ା ଯାଇ ନ ଥାଏ। ପଇଡ଼ରୁ ପାଣି ପିଇ ସାରିବା ପରେ ତାହା ଅଲୋଡ଼ା ହୋଇ ଯାଇଥାଏ। ସେହିପରି ମଦ ପିଇ ସାରିବା ପରେ ମଦଘଡା ବା ମଦ ବୋତଲକୁ ଅଦରକାରୀ ଭାବେ ବାହାରକୁ ଫିଙ୍ଗି ଦିଆଯାଇଥାଏ। ଉପକୃତ ହେବା ପରେ ଉପକାର କରିଥିବା ବ୍ୟକ୍ତି ଆଖୋଜା ଅଲୋଡ଼ା ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବ୍ରାହ୍ମଣ ରଜା, ଖଣ୍ଟ ପରଜା**
**ଦଉଡ଼ ଆମ୍ବିଳ, ଶୀତଳ ଭଜା**
**ଏ ବଡ଼ ମନ୍ଦା।**

ବ୍ରାହ୍ମଣ ରାଜ୍ୟର ଶାସନ ଭାର ତୁଲାଇବାରେ ସେତେ ସକ୍ଷମ ହୋଇ ନ ଥାନ୍ତି, ଫଳରେ ଦେଶରେ ନାନା ଅରାଜକତା ଦେଖାଦିଏ। ପ୍ରଜା ଚୋର ବା ଖଣ୍ଟ ହେଲେ ନାନା ବିଶୃଙ୍ଖଳା ସୃଷ୍ଟି ହେବା ସହ ଲୋକଙ୍କ ଧନଜୀବନ ଅସୁରକ୍ଷିତ ହୋଇଯାଏ। ଗରମ ଆମ୍ବିଳ ଖାଇବାକୁ ଭଲ ଲାଗି ନ ଥାଏ। ସେହିପରି ଭଜା ଶୀତଳ ହେଲେ ପାଟିକୁ ରୁଚୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଭଡ଼ାଘରୁ ଯୁବକଙ୍କ ମୃତଦେହ ଜବତ

**କଟକ ଅଫିସ,୨୬।୯:** ଚାଉଳିଆଗଞ୍ଜ ଥାନା ପୋଲିସ ଏକ ଭଡ଼ାଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ସୋମବାର ଜବତ କରିଛି। ମୃତକ ହେଲେ ଢେଙ୍କାନାଳ ଜିଲା ଗଁଦିଆ ଥାନା ଅନ୍ତର୍ଗତ ଖଙ୍କାର ଗ୍ରାମର ବାସିନ୍ଦା ଅସିତ କୁମାର ନାୟକ (୨୫)। ସେ ଶିଖରପୁର ନଦୀକୂଳ ସାହିରେ ଏକ ଭଡ଼ାଘରେ ରହୁଥିଲେ। ପୋଲିସ ଏନେଇ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ମୃତଦେହ ଜବତ କରିଥିଲା। ପୋଲିସ ମୃତଦେହକୁ ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୦/୨୦୨୨) ରୁଜୁ ହୋଇଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ। ଏ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ୧ରେ ସମ୍ବର୍ଦ୍ଧିତ ହେବେ ୯୯୦୦ ବରିଷ୍ଠ ମତଦାତା

**ଭୁବନେଶ୍ୱର,୨୬।୯(ବ୍ୟୁରୋ):** ଭାରତର ନିର୍ବାଚନ ଆୟୋଗ ଏକ ସଶକ୍ତ, ସୁଦୃଢ଼ ନିର୍ବାଚନ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। କୌଣସି ଭୋଟର ଯେପରି ମତଦାନରୁ ବାଦ୍ ନ ପଡ଼ନ୍ତି ସେଥିପାଇଁ ପ୍ରତ୍ୟେକ ଭୋଟରଙ୍କ ପାଇଁ ବିଭିନ୍ନ ସୁବିଧା ଉପଲବ୍ଧ ଅଛି। ବରିଷ୍ଠ ନାଗରିକ (୮୦ବର୍ଷ ବୟସ ବର୍ଗ) ଏବଂ ଦିବ୍ୟାଙ୍ଗ ମତଦାତାଙ୍କ (ଶତକଡ଼ା ୪୦ ପ୍ରତିଶତ ବା ଅଧିକ ଭିନ୍ନକ୍ଷମ) ଅଧିକରୁ ଅଧିକ ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ ଭାରତ ନିର୍ବାଚନ ଆୟୋଗ ହ୍ୱିଲ୍ ଚେୟାର, ରାମ୍ପ୍, ସ୍ୱେଚ୍ଛାସେବୀ, ନିଃଶୁଳ୍କ ଯାତାୟାତ ସୁବିଧା, ଧାଡିରହିତ ମତଦାନ ଭଳି ଅନେକ ନୂତନ ସୁବିଧାଗୁଡିକର ବ୍ୟବସ୍ଥା କରିଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି।

ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କହିଛନ୍ତି ଯେ, ସେମାନେ ଫର୍ମ-୧୨ଘ ପୂରଣ କରି ନିଜ ଘରେ ବସି ମତଦାନ ସାବ୍ୟସ୍ତ କରିପାରିବେ। ଆନ୍ତର୍ଜାତିକ ବରିଷ୍ଠ ଦିବସ ଅବସରରେ ଆସନ୍ତା ୧ ତାରିଖରେ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ୯୯୦୦ ଭୋଟରଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ପତ୍ର ପ୍ରେରଣ କରାଯାଇଛି।

# ସୁମିତା ସର୍କାର ହେଲେ ମାଧ୍ୟମିକ ଶିକ୍ଷା ପରିଷଦ ସମ୍ପାଦକ

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

କଟକ ମହାନଗର ନିଗମ(ସିଏମ୍‌ସି) ଅତିରିକ୍ତ କମିଶନର ତଥା ବରିଷ୍ଠ ଓଏଏସ୍ ଅଧିକାରୀ ସୁମିତା ସର୍କାରଙ୍କୁ କଟକ ସ୍ଥିତ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ସମ୍ପାଦକ ତଥା ବରିଷ୍ଠ ଓଏଏସ୍ ଶ୍ରୀକାନ୍ତ ତରାଇଙ୍କୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେ ଅତିରିକ୍ତ ଭାବେ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ। ସେହିପରି ବରିଷ୍ଠ ଓଏଏସ୍ ରେଣୁପ୍ରଭା ନାୟକଙ୍କୁ ସମବାୟ ବିଭାଗର ଅତିରିକ୍ତ ସଚିବ ଓ ବରେନ୍ଦ୍ରନାଥ ଧଳଙ୍କୁ କଟକ ସ୍ଥିତ ବୋର୍ଡ ଅଫ ରେଭିନ୍ୟୁର ଉପସଚିବ ଭାବେ ବଦଳି କରାଯାଇଛି।

# ଆସନ୍ତା ଶିକ୍ଷାବର୍ଷରୁ ୪୦ ହାଇସ୍କୁଲରେ ଯୁକ୍ତ୨ ଖୋଲିବ

**ଭୁବନେଶ୍ୱର, ୨୬।୯(ବ୍ୟୁରୋ)**

ଆସନ୍ତା ୨୦୨୩-୨୪ ଶିକ୍ଷାବର୍ଷରୁ ରାଜ୍ୟର ୪୦ଟି ହାଇସ୍କୁଲରେ ଏକାଦଶ (ଯୁକ୍ତ୨) ଶ୍ରେଣୀ ଖୋଲିବ। ଏଥିସହ ଏସବୁ ସ୍କୁଲରେ ଏକାଦଶ ପାଠ ପଢ଼ାହେବ। ଏ ନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ସ୍କୁଲଗୁଡ଼ିକରେ ଏକାଦଶ ଖୋଲିବା ପାଇଁ ଶିକ୍ଷକ ନିଯୁକ୍ତି ଓ ଅନ୍ୟାନ୍ୟ ପ୍ରକ୍ରିୟା ଚାଲିଛି। ସ୍ୱତନ୍ତ୍ର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ୫-ଟି ଅନ୍ତର୍ଗତ ରୂପାନ୍ତରୀକରଣ ହୋଇଥିବା ସ୍କୁଲକୁ ଅପ୍‌ଗ୍ରେଡ୍ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଶିକ୍ଷା ବର୍ଷରୁ ୪୦ ସ୍କୁଲର ଅପଗ୍ରେଡେଶନ କାମ ଶେଷକରି ପାଠପଢ଼ା ଆରମ୍ଭ କରାଯିବ। କଲେଜ ନ ଥିବା ଉପାନ୍ତ ଅଞ୍ଚଳରେ ଛାତ୍ରୀଛାତ୍ରଙ୍କ ଅସୁବିଧାକୁ ଦେଖି ରାଜ୍ୟ ସରକାର ଏହି ପ୍ରୟାସ ଆରମ୍ଭ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଟଙ୍କା ମୂଲ୍ୟ...

ଦ୍ୱାରା କଡ଼ା ଆଭିମୁଖ୍ୟ ଏବଂ ରୁଷିଆ-ୟୁକ୍ରେନ ତିକ୍ତତା ବୃଦ୍ଧି ଦ୍ୱାରା ଡଲାର ମୂଲ୍ୟ ଅନ୍ୟ ପ୍ରମୁଖ ମୁଦ୍ରାଗୁଡ଼ିକ ତୁଳନାରେ ବୃଦ୍ଧି ପାଇଛି। ଅନ୍ୟ ଏସୀୟ ମୁଦ୍ରା ପରି ଟଙ୍କା ମୂଲ୍ୟର ମଧ ରେକର୍ଡ ହ୍ରାସ ଘଟିଛି। ଘରୋଇ ଅର୍ଥନୀତି ସ୍ଥିତି ଦୃଢ଼ ହେବା ପରେ ମଧ ଟଙ୍କା ମୂଲ୍ୟର ବର୍ତ୍ତମାନ ଧାରା ଆଗକୁ ଜାରି ରହିପାରେ ବୋଲି ପାରମାର କହିଛନ୍ତି। ଟଙ୍କା ଦୁର୍ବଳ ଯୋଗୁ ଭାରତର ଆମଦାନୀ ବିଲ୍ ବୃଦ୍ଧି ପାଇବ। ପୂର୍ବ ଅପେକ୍ଷା ଆମଦାନୀ ପାଇଁ ଭାରତକୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଆମଦାନୀ ଉପରେ ନିର୍ଭରଶୀଳ କମ୍ପାନୀଗୁଡିକର ମାର୍ଜିନ କମ୍ ରହିବ। ଫଳରେ ସେମାନେ ସାମଗ୍ରୀର ମୂଲ୍ୟ ବୃଦ୍ଧି କରି କ୍ଷତିପୂରଣ ପାଇବେ। ଏହା ମୁଦ୍ରାସ୍ଫୀତି ବୃଦ୍ଧି କରିବ। ପେଟ୍ରୋଲିୟମ ଉତ୍ପାଦ, ବିଦେଶ ଭ୍ରମଣ, ବିଦେଶରୁ ସେବା ନେବା ମଧ ମହଙ୍ଗା ହେବ। ଟଙ୍କାର ଦୁର୍ବଳତା ବୈଦେଶିକ ମୁଦ୍ରା ଭଣ୍ଡାରକୁ ଦୁର୍ବଳ କରିଥାଏ। ରାଜକୋଷ ଖାଲି କରିଦେଇଥାଏ, ଯାହାକି ଦେଶର ଅର୍ଥନୀତି ପାଇଁ ଗୁରୁତର ଚିନ୍ତାର ବିଷୟ। ଏହି ସମୟରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ମଧ ତୀବ୍ର ହ୍ରାସ ପାଇଛି। ଟଙ୍କାର ସ୍ଥିତି ନିୟନ୍ତ୍ରଣ ପାଇଁ ଆର୍‌ବିଆଇ ଖୋଲା ବଜାରରେ ଡଲାର ବିକ୍ରି କରୁଛି। କିନ୍ତୁ ଏହି ପ୍ରୟାସ ପର୍ଯ୍ୟାପ୍ତ ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

ଅନ୍ୟପକ୍ଷରେ ଟଙ୍କା ଦୁର୍ବଳ ଦ୍ୱାରା ବିଦେଶରେ କାର୍ଯ୍ୟ କରୁଥିବା ଆଇଟି କମ୍ପାନୀଗୁଡ଼ିକର ରୋଜଗାର ବୃଦ୍ଧି ପାଇବ, ଫାର୍ମା ସେକ୍ଟରର ରପ୍ତାନି ମଧ ବୃଦ୍ଧି ପାଇବ, ବୟନ କ୍ଷେତ୍ର ଲାଭ କରିବ। ଟେକ୍ସଟାଇଲ ରପ୍ତାନିର ବିଶ୍ୱ ମାନ୍ୟତାରେ ଭାରତ ବର୍ତ୍ତମାନ ଦ୍ୱିତୀୟ ସ୍ଥାନରେ ରହିଛି। ଟଙ୍କାର ଦୁର୍ବଳ ଧାରା ଏହି କ୍ଷେତ୍ରକୁ ବହୁତ ଲାଭ ଦେବ।

### ସୁଧହାର ବୃଦ୍ଧି ଘଟିପାରେ

ଟଙ୍କା ମୂଲ୍ୟରେ ହ୍ରାସ ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ଘଟୁଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ସୁଧହାର ବୃଦ୍ଧି କରିବାକୁ ପଡ଼ିଥାଏ। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଆର୍‌ବିଆଇ ଗତ ୪ ମାସ ମଧ୍ୟରେ ସୁଧହାର ୧.୪ ପ୍ରତିଶତ ବୃଦ୍ଧି କରିଛି। ଚଳିତମାସ ଶେଷ ସୁଦ୍ଧା ଆର୍‌ବିଆଇ ପୁଣି ଥରେ ସୁଧହାର ବୃଦ୍ଧି ଘଟାଇପାରେ ବୋଲି ବଜାର ବିଶେଷଜ୍ଞମାନେ କହୁଛନ୍ତି। ତେବେ ସୁଧହାର ବୃଦ୍ଧି ଯୋଗୁ ଋଣ ନେଇଥିବା ବ୍ୟକ୍ତିଙ୍କ ଇଏମ୍‌ଆଇ ବୃଦ୍ଧି ପାଇଛି। ଋଣ ମହଙ୍ଗା ହେଉଥିବାରୁ ଏମ୍‌ଏସ୍‌ଏମ୍‌ଇ, ରିଅଲ ଇଷ୍ଟେଟ ଆଦି କ୍ଷେତ୍ର ଉପରେ ଚାପ ପଡୁଛି। ଏଥିରୁ ରୋଜଗାର ବୃଦ୍ଧିରେ ବାଧା ସୃଷ୍ଟି ହେଉଛି। ବିଶେଷଜ୍ଞମାନେ କହିଛନ୍ତି ଯେ ମୁଦ୍ରାସ୍ଫୀତି ରୋକିବାର ଉପାୟଗୁଡ଼ିକ ଦ୍ୱାରା ଅର୍ଥବ୍ୟବସ୍ଥାର ଚକ ଗଡ଼ିବା ବନ୍ଦ ହୋଇଯିବ।

## ପ୍ରେମବିବାହ କରାଇଦେବାକୁ...

ଅନ୍ୟ ଏକ ଚିଠିରେ ଜଣେ ଯୁବକ ନିଟ୍ ପରୀକ୍ଷାରେ ସଫଳତା ପାଇବା ଆଶାରେ ମା'ଙ୍କୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ କହିଛନ୍ତି, ଅଧିକାଂଶ ସମୟରେ ଏଭଳି ଚିଠି ହୁଣ୍ଡିରୁ ବାହାରିଥାଏ। ମା'ଙ୍କ ପାଖରେ ଭକ୍ତମାନେ ଗୁହାରି କରିବା ପାଇଁ ଭିନ୍ନ ପନ୍ଥା ଆପଣେଇଥାନ୍ତି। ଝିଅ ବିବାହ, ଚାକିରି, ବଦଳି, ଚାକିରିରେ ପଦୋନ୍ନତି, ପରିବାରରେ ଶାନ୍ତି ଆଣିଦେବା, ଦମ୍ପତିଙ୍କ ମନୋମାଳିନ୍ୟ ବନ୍ଦ କରାଇବା ଭଳି ଅନେକ ସମସ୍ୟା ଉପରେ ଭକ୍ତମାନେ ଚିଠି ଲେଖି ଗୁହାରି କରନ୍ତି। ଚିଠି ଦେବା ସହିତ ନଡିଆ, ଫୁଲ ଦେବାକୁ କହି ମା'ଙ୍କ ନିକଟରେ ମାନସିକ କରନ୍ତି। ଏହା ନୂଆ କଥା ନୁହେଁ। ହେଲେ ଜଣେ ଯୁବତୀ ତାଙ୍କ ମନର କଥାକୁ ମା'ଙ୍କୁ ଜଣାଇବା ପାଇଁ ହୁଣ୍ଡି ମାଧ୍ୟମରେ ପତ୍ର ଲେଖି ପକାଇବା ତାଙ୍କର ମା'ଙ୍କ ପ୍ରତି ସମର୍ପଣ ଭାବକୁ ବୁଝାଉଛି। ହୁଣ୍ଡିରୁ ନଗଦ ୪ ଲକ୍ଷ ୫୯ ହଜାର ଟଙ୍କା ବାହାରିଥିଲା। ପ୍ରାୟ ୨ମାସ ପରେ ହୁଣ୍ଡି ଖୋଲାଯାଇଥିଲା ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ସଦସ୍ୟ ପ୍ରଫୁଲ୍ଲ ହୋତା, ହେମନ୍ତ ମିଶ୍ର, ଦେବୋତ୍ତର ବିଭାଗ ଅଧିକାରୀ, ପୋଲିସ ଅଧିକାରୀ, ସ୍ଥାନୀୟ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

## ରିପୋର୍ଟ ମାଗିଲେ...

ଯଦି ଗେହଟଲ୍ କଂଗ୍ରେସ ଅଧକ୍ଷ ନିର୍ବାଚିତ ହୁଅନ୍ତି, ତେବେ ତାଙ୍କର ଜଣେ ସମର୍ଥକଙ୍କୁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ କରାଇବା ନିମନ୍ତେ କେନ୍ଦ୍ରୀୟ ନେତୃତ୍ୱ ଉପରେ ଚାପ ପକାଇବାକୁ ବିଧାୟକମାନେ ଏଭଳି ନିଷ୍ପତ୍ତି ନେଇଥିଲେ। ସିଏଲ୍‌ପି ବୈଠକ ବସି ନ ପାରିବାରୁ ଖାର୍ଗେ ଓ ମାକେନ ଦିଲ୍ଲୀ ଫେରିଯାଇ ଗେହଲଟ ଅନୁଗତଙ୍କ ବିଶୃଙ୍ଖଳିତ ଆଚରଣ ସମ୍ପର୍କରେ ସୋନିଆଙ୍କୁ ଅବଗତ କରାଇଥିଲେ। ସେମାନେ ଗେହଲଟ୍‌ଙ୍କ ସମେତ ମନ୍ତ୍ରୀ ଶାନ୍ତି ଧରିୱାଲ, ଦଳର ମୁଖ୍ୟ ହୁଇପ୍ ମହେଶ ଜୋଷୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିପାରନ୍ତି ବୋଲି ଆଶା କରାଯାଉଛି। ବିଧାୟକମାନଙ୍କ ସମାନ୍ତରାଳ ବୈଠକ ଡାକିବା କାରଣରୁ ବିଦ୍ରୋହର ସୂତ୍ରପାତ ହେଲା। ଏଭଳି ଭୁଲ୍ ହେବାର ନ ଥିଲା ବୋଲି ଗେହଲଟ୍ କହିବା ସହ ସୋମବାର ଖାର୍ଗେଙ୍କୁ କ୍ଷମା ମାଗିଥିଲେ। ଏହା ସତ୍ତ୍ୱେ ଗାନ୍ଧୀ ପରିବାର ତାଙ୍କ ଉପରେ କ୍ଷୁବ୍ଧ ଥିବା କୁହାଯାଉଛି। ସେପଟେ ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କୁ କଂଗ୍ରେସ ଅଧକ୍ଷ ନିର୍ବାଚନରେ ସାମିଲ କରାଯାଇ ନ ପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏହି ପଦବୀ ଲାଗି ଅନ୍ୟତମ ଦାବିଦାର କୁହାଯାଉଥିବା ବରିଷ୍ଠ ନେତା କମଲନାଥ ସୋମବାର ସନ୍ଧ୍ୟାରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟିଛନ୍ତି। ସେ ରାଜସ୍ଥାନ ସଙ୍କଟରେ ମଧ୍ୟସ୍ଥତା କରିପାରନ୍ତି। ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ବରିଷ୍ଠ ନେତା ଦିଗ୍‌ବିଜୟ ସିଂ ଏବଂ ମଲ୍ଲିକାର୍ଜୁନ ଖାର୍ଗେ ଅଧକ୍ଷ ପଦ ପାଇଁ ନିର୍ବାଚନ ଲଢ଼ିବେ ବୋଲି ଦଳର ଜଣେ ନେତା କହିଛନ୍ତି।

ଗେହଲଟ୍‌ଙ୍କ ତୀବ୍ର ପ୍ରତିଦ୍ୱନ୍ଦ୍ୱୀ ଭାବେ ଜଣାଶୁଣା ବରିଷ୍ଠ ନେତା ସଚିନ ପାଇଲଟ୍‌ଙ୍କୁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭାବେ ଗ୍ରହଣ କରିବେ ନାହିଁ ବୋଲି ଅନୁଗତ ବିଧାୟକମାନେ କହିବା ସହ ସମୂହ ଇସ୍ତଫା ଧମକ ଦେଇଥିଲେ। ସେମାନେ ରବିବାରର ଦଳୀୟ ବୈଠକରୁ ଦୂରେଇ ରହିବା ସହ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଅଜୟ ମାକେନଙ୍କୁ ଭେଟିବାକୁ ମନା କରିଦେଇଥିଲେ। ଗେହଲଟ୍ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଲେ ରାଜସ୍ଥାନରେ ଦଳ ବଡ଼ କ୍ଷତିର ସମ୍ମୁଖୀନ ହେବ ବୋଲି ମନ୍ତ୍ରୀ ଶାନ୍ତି ଧରିୱାଲଙ୍କ ବାସଭବନରେ ହୋଇଥିବା ଅନୁଗତ ବିଧାୟକଙ୍କ ବୈଠକରେ କୁହାଯାଇଥିଲା। ଗେହଲଟ୍‌ଙ୍କ ଘନିଷ୍ଠ ବିଧାୟକ ଧରିୱାଲ ସୋମବାର କହିଛନ୍ତି, କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏବଂ ରାଜସ୍ଥାନ ଦାୟିତ୍ୱରେ ଥିବା ଦଳ ପ୍ରଭାରୀ ଅଜୟ ମାକେନ ସେମାନଙ୍କ ବିରୋଧୀ ସଚିନ ପାଇଲଟ୍‌ଙ୍କ ପାଇଁ କାର୍ଯ୍ୟ କରୁଥିଲେ। ଗେହଲଟଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ସେମାନେ ବଡ଼ ଷଡ଼ଯନ୍ତ୍ର ରଚିଥିଲେ ବୋଲି ଧରିୱାଲ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ରାଜସ୍ଥାନ ବିଧାନସଭାରେ କଂଗ୍ରେସର ମୁଖ୍ୟ ହୁଇପ୍ ଥିବା ମହେଶ ଜୋଷୀ ସୋମବାର କହିଛନ୍ତି, ଯିଏ ମୁଖ୍ୟମନ୍ତ୍ରୀ ହେବାରେ ବିଧାୟକମାନଙ୍କର ଆପତ୍ତି ନାହିଁ। ତେବେ ସମସ୍ତଙ୍କ ସହମତିରେ ହାଇକମାଣ୍ଡ ଚୂଡ଼ାନ୍ତ ନିଷ୍ପତ୍ତି ନେବା ଆବଶ୍ୟକ।

## ଏସ୍‌ସିବି ମେଡିକାଲରୁ...

ସୋମବାର କହିଥିଲେ। ଏକ ଶିଶୁକନ୍ୟା ମାଆ ସହିତ ପ୍ରସୂତି ୱାର୍ଡରେ ଚିକିତ୍ସାଧୀନ ରହିଥିବାବେଳେ ଜଣ୍ଡିସ ଆକ୍ରାନ୍ତ ଶିଶୁ କନ୍ୟାକୁ ଏସ୍‌ଏନ୍‌ସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ପରିବାର ଲୋକେ ଅପରାହ୍ନ ୫ଟା ବେଳକୁ ଏସ୍‌ଏନ୍‌ସିୟୁରେ ଶିଶୁକନ୍ୟାକୁ ପାଇ ନ ଥିଲେ। ଶିଶୁକନ୍ୟା ଚୋରି ହୋଇଯାଇଥିବା ନେଇ ପରିବାର ଲୋକେ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ମେଡିକାଲର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୋଲିସ ମେଡିକାଲର ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିଥିଲା। ଏହି ସମୟରେ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀର ସୁଜନ କୁମାର ବେହେରା ତାଙ୍କ ବୋହୂ ଦୀପ୍ତିରାଣୀ ରାଉତଙ୍କ ସହ ଏକ ଶିଶୁକନ୍ୟାକୁ ସାଙ୍ଗରେ ଧରି ପହଞ୍ଚିଥିଲେ। ସୁଜନ କହିଥିଲେ, ତାଙ୍କ ପୁତ୍ର ବବ୍‌ଲୁଙ୍କ ସ୍ତ୍ରୀ ଦୀପ୍ତିରାଣୀ ଏଠାରେ ଏକ ଶିଶୁପୁତ୍ର ଜନ୍ମ ଦେଇ ଏସ୍‌ଏନ୍‌ସିୟୁରେ ୨୧ ଦିନ ରହିବା ପରେ ସୋମବାର ଅପରାହ୍ନରେ ଡିସ୍‌ଚାର୍ଜ ହୋଇଥିଲେ। ଏହି ସମୟରେ ସେମାନେ ଭୁଲ୍‌ବଶତଃ ଶିଶୁକନ୍ୟାକୁ ନେଇଯାଇଥିଲେ। ଡିସ୍‌ଚାର୍ଜ ହେବାବେଳକୁ ଶିଶୁକନ୍ୟାଟି ଏକ ହଗିସ୍ ପିନ୍ଧିଥିବାରୁ ସେମାନେ ହଠାତ୍ ପୁଅ କି ଝିଅ ଜାଣିପାରି ନ ଥିଲେ। ଘରେ ହଗିସ୍ ଖୋଲିବାରୁ ଶିଶୁଟି କନ୍ୟାସନ୍ତାନ ବୋଲି ଜଣାପଡ଼ିଥିଲା। ଏହାପରେ ସେମାନେ ତୁରନ୍ତ ତାହାକୁ ଫେରାଇ ଦେବାକୁ ଆସିଛନ୍ତି। ସେ ଶିଶୁକନ୍ୟାକୁ ଫେରାଇ ଦେବା ସହ ନିଜ ଶିଶୁପୁତ୍ରକୁ ନେବା ପାଇଁ ଜିଦ୍ ଧରି ପାଟିତୁଣ୍ଡ କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଓ ପୋଲିସ ତାଙ୍କୁ ବୁଝାଶୁଝା କରିଥିଲେ। ତେବେ ସମ୍ପୃକ୍ତ ଶିଶୁକନ୍ୟା ତୋଫାନଙ୍କ ସ୍ତ୍ରୀଙ୍କର ବୋଲି ଚିହ୍ନଟ କରାଯାଇଥିଲା। ଅନ୍ୟପକ୍ଷରେ ଶିଶୁପୁତ୍ର ନିଖୋଜ ସଂକ୍ରାନ୍ତରେ ତଦନ୍ତ ଆରମ୍ଭ ହୋଇଛି। ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ ଏବଂ ମଙ୍ଗଳାବାଗ ଥାନା ଆଇଆଇସି ସୁଧାଂଶୁ ଜେନା କହିଛନ୍ତି, ନିଖୋଜ ଶିଶୁକନ୍ୟା ମିଳିଛି। ସମ୍ପୃକ୍ତ ନିଖୋଜ ଶିଶୁପୁତ୍ରକୁ ଖୋଜା ଚାଲିଛି। ଏ ନେଇ ଅପହରଣ ମାମଲା ରୁଜୁ ସହ ଏକ ଦମ୍ପତିଙ୍କୁ ଅଟକ ରଖାଯାଇ ତଦନ୍ତ କରାଯାଉଛି। ସେହିପରି ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି, ସମ୍ପୃକ୍ତ ଶିଶୁପୁତ୍ର ଘଟଣା ନେଇ ଆମେ ଦ୍ୱନ୍ଦ୍ୱରେ ଅଛୁ। ସମ୍ପୃକ୍ତ ମହିଳା କିମ୍ବା ତାଙ୍କ ଶିଶୁପୁତ୍ର ସମ୍ପର୍କରେ ଆମ ନିକଟରେ କିଛି ତଥ୍ୟ ନାହିଁ। ତଥାପି କାଗଜପତ୍ର ଖୋଜା ଚାଲିଛି। ଅନ୍ୟପକ୍ଷରେ ଶିଶୁ ଚୋରି ସମେତ ଅନ୍ୟାନ୍ୟ ଆପରାଧିକ କାର୍ଯ୍ୟକଳାପକୁ ରୋକିବା ପାଇଁ ମେଡିକାଲରେ ସିସିଟିଭି କ୍ୟାମେରା ଲାଗିଥିବାବେଳେ ଏଭଳି କାର୍ଯ୍ୟ କେମିତି ସମ୍ଭବ ହୋଇପାରିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ବିଶ୍ୱସ୍ତରୀୟ ପଥରେ ଅଗ୍ରସର ହେଉଥିବା ଏସ୍‌ସିବି ମେଡିକାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ଏଭଳି କାରନାମା ଏବେ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି।

## ବୁକିଂ କରିଥିଲେ...

ବେଳେ ୫ ଓ ୬ ଶେଷ ନମ୍ବର ଥିବା ଗାଡ଼ି ପାଇଁ ଅକ୍ଟୋବର ୩୧, ୭ ଓ ୮ ନମ୍ବର ପାଇଁ ନଭେମ୍ବର ୩୦ ଏବଂ ଶୂନ ଓ ୯ ସଂଖ୍ୟା ପାଇଁ ଡିସେମ୍ବର ୩୧ ତାରିଖଯାଏ ସମୟ ଧାର୍ଯ୍ୟ କରାଯାଇଛି। ଏଚ୍‌ଏସ୍‌ଆର୍‌ପି ଲଗାଇବା ପାଇଁ ବହୁ ଲୋକ ଆବେଦନ କରିଥିଲେ ହେଁ ଏ ପର୍ଯ୍ୟନ୍ତ ନମ୍ବର ପ୍ଲେଟ୍ ପାଉ ନ ଥିବା ବେଳେ ଅନେକ ସ୍ଲଟ୍ ବୁକିଂ କରିବାରେ ମଧ ସମସ୍ୟା ଭୋଗୁଛନ୍ତି। ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ବୁକିଂ କରିବା ଓ ଏହାକୁ ପାଇବାରେ ହଇରାଣ ହେବାକୁ ପଡୁଥିବାରୁ ଜନଅସନ୍ତୋଷ ଦେଖାଦେଇଛି।

ଆଉ ୩ଦିନ ପରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ ଯାଞ୍ଚ ଆରମ୍ଭ ହେବ। ତେଣୁ ଯେଉଁମାନେ ନମ୍ବର ପାଇନାହାନ୍ତି, ସେମାନେ ଚିନ୍ତାରେ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସରକାର ଧାର୍ଯ୍ୟ କରିଥିବା ନିୟମ ଅନୁସାରେ, ଯେଉଁ ଗାଡ଼ିଚାଳକ ନିୟମ ଅନୁସାରେ ସେମାନଙ୍କ ଗାଡ଼ିରେ ଏଚ୍‌ଏସ୍‌ଆର୍‌ପି ଲଗାଇବେ ନାହିଁ, ସେମାନଙ୍କୁ ୫ରୁ ୧୦ ହଜାର ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ।

ଏକ ପ୍ରେସ୍ ନୋଟ୍‌ରେ ଯୁଗ୍ମ କମିଶନର ପରିବହନ ଦୀପ୍ତି ରଞ୍ଜନ ପାତ୍ର କହିଛନ୍ତି ଯେ, ଅନ୍‌ଲାଇନ୍ ବୁକିଂରେ ହଠାତ୍ ବୃଦ୍ଧି ଯୋଗୁ କେତେକ ଗାଡ଼ିମାଲିକ ଏଚ୍‌ଏସ୍‌ଆର୍‌ପି ଫିଟ୍ ପାଇଁ ସ୍ଲଟ୍ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି କୌଣସି ଗାଡ଼ିମାଲିକ ତାଙ୍କ ଧାର୍ଯ୍ୟ ସମୟସୀମା ପୂର୍ବରୁ ଅନ୍‌ଲାଇନରେ ଆବେଦନ କରିଛନ୍ତି, ତେବେ ଯାଞ୍ଚ ସମୟରେ ସେମାନେ ଅନ୍‌ଲାଇନ୍ ବୁକିଂ ସ୍ଲିପ୍ ଦେଖାଇଲେ ତାଙ୍କୁ ଏନ୍‌ଫୋର୍ସମେଣ୍ଟ ଯାଞ୍ଚରୁ ମୁକ୍ତି ମିଳିବ। ସେପ୍ଟେମ୍ବର ୨୫ ସୁଦ୍ଧା ରାଜ୍ୟରେ ମୋଟ ୧୬,୭୮,୧୬୩ ଗାଡ଼ି ମାଲିକ ସ୍ଲଟ୍ ବୁକ୍ କରିଛନ୍ତି, ସେଥିରୁ ୭,୩୦,୩୦୩ ଗାଡ଼ିରେ ଏଚ୍‌ଏସ୍‌ଆର୍‌ପି ଲଗାଯାଇଛି। ଯଦି ଗାଡ଼ିରେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଏଚ୍‌ଏସ୍‌ଆର୍‌ପି ଲାଗି ନାହିଁ କିମ୍ବା ଗାଡ଼ି ମାଲିକଙ୍କର ଅନ୍‌ଲାଇନ୍ ବୁକିଂ ସ୍ଲିପ୍ ନ ଥିବ, ତେବେ ସମ୍ପୃକ୍ତ ଗାଡ଼ି ବିରୋଧରେ ଇ-ଚାଲାଣ ଜାରି କରାଯିବ। ଚୋରମାନେ ପୁରୁଣା ନମ୍ବର ପ୍ଲେଟ୍‌ଗୁଡ଼ିକୁ ସହଜରେ ଅପବ୍ୟବହାର କରିପାରିବେ। ହେଲେ ଏଚ୍‌ଏସ୍‌ଆର୍‌ପି ପ୍ଲେଟ୍‌ଗୁଡିକ ଏକ ଅପସାରଣଯୋଗ୍ୟ ସ୍ନାପ୍ ଲକ୍ ସହିତ ଆସୁଥିବାରୁ ଏହାକୁ ବଦଳାଇବା କଷ୍ଟକର। ଏହି ପ୍ଲେଟ୍‌ଗୁଡିକ ଟାମ୍ପର-ପ୍ରୁଫ୍ ଏବଂ ଦୁଇଟି ପୁନଃ ବ୍ୟବହାରଯୋଗ୍ୟ ଲକ୍ ସହିତ ଆସିଥାଏ। 'IND' ଲେଖା ସହିତ ଏଚ୍‌ଏସ୍‌ଆର୍‌ପିର ବାମପାର୍ଶ୍ୱରେ କ୍ରୋମିୟମ ଆଧାରିତ ଅଶୋକ ଚକ୍ର ରହିଛି। ଯାନର ପରିଚୟ ନମ୍ବର ଲେଜର ଏନ୍‌କୋଡେଡ୍ ହେବ, ଯାହା ସ୍କାନ କରିବା ସହଜ ଏବଂ ଟ୍ୟାମ୍ପରିଂ କରିବା କଷ୍ଟକର। ଏଚ୍‌ଏସ୍‌ଆର୍‌ପି ଲଗାଇବା ପାଇଁ ଗାଡ଼ିମାଲିକମାନେ ଯେ କୌଣସି ଡିଲର, ସ୍ଥାନ ଏବଂ ତାରିଖ ବାଛିପାରିବେ ବୋଲି ପାତ୍ର କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସ୍ୱନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିଜନିତ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବା ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଚିନ୍ତାର କାରଣ ହୋଇପାରେ । ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ ।

**ବୃଷ**
ଆଜି ଏକାଧିକ ଗ୍ରହ କୋଣଭାବସ୍ଥ ହେତୁ ଆଲୋଚନା କ୍ଷେତ୍ରରେ ସହମତି ପ୍ରକାଶ ପାଇ ନ ପାରେ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ ମନଟା ଭଲ ଲାଗି ନ ପାରେ। ଆଗାମୀ ରାଜନୈତିକ, ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତ ରହିପାରନ୍ତି ।

**ମିଥୁନ**
ଚନ୍ଦ୍ରଙ୍କ ସମାଗମସ୍ଥ ସ୍ଥିତିଜନିତ ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିବା କଷ୍ଟକର ହେବ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପ୍ରଶାସନ, ପ୍ରକାଶନ, ରାଜନୀତି , ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ କାମ ଆରମ୍ଭକରି ପ୍ରଶଂସିତ ହେବେ । ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ**
ଚତୁର୍ଥ କେନ୍ଦ୍ରସ୍ଥ କେତୁଗ୍ରହ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଭାରସାମ୍ୟ ରକ୍ଷା ନ କଲେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ । କର୍ମକ୍ଷେତ୍ରରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ ଲାଭକରି ଆତ୍ମନିର୍ଭୋର ହୋଇପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ ।

**ସିଂହ**
ଭାଗ୍ୟାଧିପ ଦଶମ କେନ୍ଦ୍ରସ୍ଥ ଯୋଗୁ ବିଭିନ୍ନ ସମସ୍ୟା ଭିତରେ ଗତିକରି ମଧ ପଛକୁ ଫେରିବାକୁ ଚିନ୍ତା କରିବେ ନାହିଁ। ବନ୍ଧୁ କିମ୍ବା ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ ନୂତନ କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । ପୁରୁଣା ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ ।

**କନ୍ୟା**
ଚନ୍ଦ୍ର ଓ ଶନିଙ୍କ ସ୍ଥାନ ସ୍ଥିତିଜନିତ ସୁପ୍ରଭାବରୁ ଆଜି ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲରେ କଟିବ। ଦୀର୍ଘ ଦିନରୁ ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ । ଆଜିର ଯାତ୍ରାରେ ଅଭିଳଷିତ କାମ ମଧ ହୋଇଯିବ।

**ତୁଳା**
କୌଣସି ବନ୍ଧୁଙ୍କୁ ଅନୁରୋଧକରି କାମ ହାସଲ ଚେଷ୍ଟା କରିବେ । ଫେରିଯାଉଥିବା ବନ୍ଧୁ ଲେଉଟି ଆସିବ, ଫଳରେ ନିଜ କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ । ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେଲେ ବି ଅନ୍ୟମାନେ ସାହାଯ୍ୟ କରିବେ । ବିଶାଖା ନକ୍ଷତ୍ର ସକାଶେ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ବିଛା**
ଅନୁକୂଳ ଗ୍ରହ ସ୍ଥିତି କାରଣରୁ ଅଟକି ରହିଥିବା କାମ ଆଜି ହୋଇଯିବ। ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ ଆହୁରି ପାଇବାକୁ ବ୍ୟାକୁଳତା ପ୍ରକାଶ କରିବେ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବାକୁ ପ୍ରଯତ୍ନକରି ସଫଳ ହେବେ । ପରିବାରର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ**
କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ । ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ । ପୂର୍ବାଷାଢ଼ା ନକ୍ଷତ୍ର ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଏଣୁ ଗାଡ଼ିକୁ ପରଖି ନେବା ଭଲ ହେବ।

**ମକର**
ପାପଗ୍ରହ କବଳିତ ବୁଧ ଓ ଗୁରୁଜନିତ ଆଜି କୌଣସି ବ୍ୟକ୍ତିଠାରୁ ହଠାତ୍ କିଛି ଖବର ପାଇ ବିଚଳିତ ବୋଧ କରିବେ। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି । ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ ପ୍ରଭୃତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**କୁମ୍ଭ**
ପୂର୍ବଭାଦ୍ରପଦ ନକ୍ଷତ୍ର ଜଗିରଖି ଚଳିବା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଅଫିସରେ ସାଧାରଣ କଥାରେ ହଠାତ୍ କଳହ ସୃଷ୍ଟି ହୋଇପାରେ। ଆଜି ଧନହାନି, ପରିବହନରେ ତର୍କବିତର୍କ ଓ ସାଧାରଣ କଥାରୁ ପାଟିତୁଣ୍ଡ ଲାଗି ରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି ।

**ମୀନ**
ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ। ଉତ୍ତର ଭାଦ୍ରପଦ ନକ୍ଷତ୍ର ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିସ୍ଥିତିବଶତଃ ଧାରକରଜ କରି ଆବଶ୍ୟକତା ଚଳାଇନେବାକୁ ବାଧ ହେବେ । ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ।


# classifieds

**Everyday**
0674-2580101, 2549302



**SALE**

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ । **Mob.- 9827119799** D-1580

**ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277.** 1539

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

**5.700 Acres gharabari projects, 30' road Single Owner, 95 plots immediate registration. sqft.-1050/-. Contact: 9040045759.** D-74125

**Readymade 2/3 BHK flat sale at Acharyavihar. Contact: 7978209277.** D-1537

ଭୁବନେଶ୍ୱରରେ ପ୍ଲଟ୍ କିଣନ୍ତୁ। Patrapada 1900/-, Gangapada-850/-, Sundarpada-399/-. 9439493164. D-74123

ଭୁବନେଶ୍ୱର ହଂସପାଳ ଛକ ନିକଟରେ **3BHK Duplex Modern Amenities** ସହିତ ମିଳୁଛି। 9658122456, 8327785834. D-74122

**Layout approval (30'road)** ସହିତ **Bank Finance** ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି **(100% clean) plot @9,00,000/-**ରେ କିଣନ୍ତୁ। **OD GROUP. 9437033320.** D-74112

ନଖରା **East College front,** ବାଲିଅନ୍ତାରେ **SC/ General plot** କିଣି ତୁରନ୍ତ ଘର କରନ୍ତୁ। **9776846520.** D-74126



Ashirvaad Saloon and SPA getgood massage for your health tha best therapy. 7077181074. D-73973

**Relax, Refresh your body, Mind at Saikrupa Spa with best therapies. 8984068077.** D-1543

Newly opened full body massage center by expert therapist. 7381172169. D-73648

Newly open Spa positively health benefit with expert. Contact: 7749976301. D-73873

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73975



Join through Pre-Recruitment Training, Defence, Police, Railways, Banking, Tutorial coaching for 9th, 10th, 11th, 12th students for success. 9938238840, 8984604233. D-73646



**Save on Electricity bills. Forget power interruptions. Install Nexus brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090, 9777065888.** D-73647

**12th Happy Birthday**



**ROOP RATAN BANERJEE**
D/o- Ratan Banerjee
Manika Banerjee
Happy Birthday My Priness daughter! you're loved, today, tomorrow and always.
Best Wishes From: Maa, Mama, Dadu, Rumpu, Mimi, Ashu Uncle & Tuktuk.
D-1634


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

| କରୋନା ସଂକ୍ରମଣ ସ୍ଥିତି | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୦୪,୦୫,୯୩୩ | ୬୫,୪୦,୭୯୮ | ୬୦,୦୬,୨୧,୬୩୭ |
| ଭାରତ | ୪,୪୫,୭୨,୨୪୩ | ୫,୨୮,୫୩୦ | ୪,୪୦,୦୦,୨୯୮ |
| ଓଡ଼ିଶା | ୧୩,୩୩,୩୩୨ | ୯୧୯୧(+୫୩) | ୧୩,୨୨,୮୩୧ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ନିର୍ଦ୍ଧାରିତ ସମୟରେ ୧୦୦% ଅର୍ଥ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ

**ସଚିବ ସ୍ତରୀୟ ବୈଠକରେ ବଜେଟ ବ୍ୟୟ ଚିନ୍ତା**

■ ଭିତ୍ତିଭୂମି, କୃଷି, ପାନୀୟଜଳ, ଜଳସେଚନ, ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ
■ ଅଗଷ୍ଟ ଶେଷସୁଦ୍ଧା ରାଜସ୍ୱ ସଂଗ୍ରହ ୧୫.୫୫ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ବଜେଟରେ ବରାଦ ହେଉଥିବା ଅର୍ଥ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ହୋଇପାରୁ ନାହିଁ। ଏପରିକି ବହୁ କୋଟି ଟଙ୍କା ପରବର୍ତ୍ତୀ ବର୍ଷ ବଜେଟ ପ୍ରସ୍ତୁତି ପୂର୍ବରୁ ଫେରିଯାଉଛି। ବିଭିନ୍ନ ବିଭାଗ ବରାଦ ଅର୍ଥକୁ ଖର୍ଚ୍ଚ କରି ପାରୁନାହାନ୍ତି। ଯଦିଓ ଗତବର୍ଷ ତୁଳନାରେ ଚଳିତବର୍ଷ ବ୍ୟୟ କିଛି ମାତ୍ରାରେ ବଢ଼ିଛି, ମାତ୍ର ତାହା ଧାର୍ଯ୍ୟ ଲକ୍ଷ୍ୟକୁ ଛୁଇଁ ପାରୁନାହିଁ। ୨୦୨୧-୨୨ ଆର୍ଥିକବର୍ଷ ପାଇଁ ରାଜ୍ୟ ସରକାର ୨ ଲକ୍ଷ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିବାବେଳେ ଗତ ୫ ମାସରେ ବିଭିନ୍ନ ବିଭାଗ ଦ୍ୱାରା ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଛି। ୨୦୨୧ ଅଗଷ୍ଟ ଶେଷ ସୁଦ୍ଧା ବିଭିନ୍ନ ଯୋଜନା ଓ ପ୍ରକଳ୍ପରେ ୧୮,୮୨୧ କୋଟି ଟଙ୍କା ବିନିଯୋଗ ହୋଇଥିବାବେଳେ ଚଳିତବର୍ଷ ଏହି ବିନିଯୋଗ ୨୦,୨୧୧ କୋଟି ଟଙ୍କାରେ ପହଞ୍ଚିଛି। ଭିତ୍ତିଭୂମି ବିକାଶ, କୃଷି, ପାନୀୟଜଳ ଯୋଗାଣ, ଜଳସେଚନ, କୃଷକମାନଙ୍କ ଆୟବୃଦ୍ଧି ଏବଂ ମହିଳା ସଶକ୍ତୀକରଣ ଆଦି ପ୍ରକଳ୍ପ କ୍ଷେତ୍ରରେ ଆବଣ୍ଟିତ ଅର୍ଥ ନିର୍ଦ୍ଧାରିତ ସମୟରେ ଶତପ୍ରତିଶତ ବିନିଯୋଗ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକସେବା ଭବନଠାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ରାଜ୍ୟର ରାଜସ୍ୱ ସଂଗ୍ରହ ଏବଂ ବଜେଟ ଅର୍ଥ ବିନିଯୋଗ ବିଷୟ ଉପସ୍ଥାପନ କରିଥିଲେ। ବିଭିନ୍ନ ପ୍ରକଳ୍ପ ଓ ଯୋଜନା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପର ଗୁଣାତ୍ମକମାନ ବଜାୟ ରଖିବା ସହ ବିନିଯୋଗ ହେଉଥିବା ଅର୍ଥରୁ ଯେପରି ଜନସାଧାରଣ ସର୍ବାଧିକ ସୁବିଧା ପାଇପାରିବେ, ତାହା ଉପରେ ଗୁରୁତ୍ୱ ଦେବାକୁ ବିଭାଗଗୁଡ଼ିକୁ କୁହାଯାଇଛି। ଜିଲା ଗସ୍ତ ସମୟରେ ସଚିବ ଏବଂ ସ୍ୱତନ୍ତ୍ର ସଚିବମାନେ ସବୁ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ନୂତନ ଭାବେ ନିର୍ମିତ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ, ଉଠାଜଳସେଚନ ପଏଣ୍ଟ, ବିଦ୍ୟୁତ୍ ସବ୍‌ଷ୍ଟେଶନ୍ ଓ ଯୋଗାଣ, ବିଦ୍ୟାଳୟ ରୂପାନ୍ତରଣରେ ସ୍ଥାପିତ ସୁବିଧା ସୁଯୋଗର ବ୍ୟବହାର ଆଦି ପ୍ରକଳ୍ପର କାର୍ଯ୍ୟକାରିତା ସମୀକ୍ଷା କରି ସେଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦିଗରେ ଥିବା କ୍ଷେତ୍ରସ୍ତରୀୟ ସମସ୍ୟାର ଆଶୁ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷାଋତୁ ଶେଷ ହେଉଥିବାରୁ ସମସ୍ତ ପ୍ରକଳ୍ପର ଟେଣ୍ଡର ଏବଂ ଠିକାଦାର ଚୁକ୍ତି ସାରି ଶୀଘ୍ର ଆରମ୍ଭ କରିବାକୁ ଉନ୍ନୟନ କମିଶନର ପ୍ରଦୀପ ଜେନା ପରାମର୍ଶ ଦେଇଛନ୍ତି। ଆସନ୍ତା ଆର୍ଥିକବର୍ଷରେ ବଜେଟରେ ସମ୍ଭାବ୍ୟ ବୃଦ୍ଧି ପରିପ୍ରେକ୍ଷୀରେ ଆଗୁଆ ପ୍ରକଳ୍ପ ଚିହ୍ନଟ ଏବଂ ପ୍ରସ୍ତାବ ପ୍ରସ୍ତୁତ କରି ରଖିବା ପାଇଁ ମଧ୍ୟ ବିଭାଗଗୁଡ଼ିକୁ କୁହାଯାଇଛି। ଗତ ଆର୍ଥିକବର୍ଷ ତୁଳନାରେ ଚଳିତବର୍ଷ ଅଗଷ୍ଟ ଶେଷସୁଦ୍ଧା ରାଜ୍ୟର ସମୁଦାୟ ରାଜସ୍ୱ ସଂଗ୍ରହରେ ପ୍ରାୟ ୧୫.୫୫% ଅଭିବୃଦ୍ଧି ହୋଇଛି। ଗତବର୍ଷ ଏହି ସମୟ ସୁଦ୍ଧା ସମୁଦାୟ ସଂଗ୍ରହ ୩୧,୫୪୮.୪୯ କୋଟି ଟଙ୍କା ରାଜସ୍ୱ ଥିବାବେଳେ ଚଳିତବର୍ଷ ଏହା ପ୍ରାୟ ୩୬,୪୫୫ କୋଟି ଟଙ୍କାରେ ପହଞ୍ଚିଛି। ସମୀକ୍ଷାରୁ ଜଣାପଡ଼ିଛି ଯେ, ଗତବର୍ଷ ଅଗଷ୍ଟ ଶେଷ ସୁଦ୍ଧା ରାଜ୍ୟ ଟିକସ ଆଦାୟ ୧୪,୭୩୧ କୋଟି ଥିବା ବେଳେ ଚଳିତବର୍ଷ ଅଗଷ୍ଟ ଶେଷସୁଦ୍ଧା ଏହା ୧୭,୭୨୨.୨୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି; ଯାହାକି ଗତବର୍ଷ ତୁଳନାରେ ପ୍ରାୟ ୨୦.୩୦% ଅଧିକ। ସେହିପରି ଅଣ-ଟିକସ ରାଜସ୍ୱ ୨୦୨୧ ଅଗଷ୍ଟ ଶେଷସୁଦ୍ଧା ୧୬,୮୧୭ କୋଟି ଥିବା ବେଳେ ୨୦୨୨ ଅଗଷ୍ଟ ଶେଷସୁଦ୍ଧା ଏହା ୧୮,୭୩୨.୬୭ କୋଟି ଟଙ୍କାରେ ପହଞ୍ଚିଛି। ଏ କ୍ଷେତ୍ରରେ ପ୍ରାୟ ୧୧.୩୯% ବୃଦ୍ଧି ଘଟିଛି। ସେହିପରି ସମୁଦାୟ ଟିକସ ଓ ଅଣ-ଟିକସ ରାଜସ୍ୱର ହାରାହାରି ୧୫.୫୫% ବୃଦ୍ଧି ହୋଇଛି। ଏହି ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଉଦ୍ୟୋଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ କିଶୋର ସୁନ୍ଦରାୟ, ଜଳ ସମ୍ପଦ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ସ୍ୱତନ୍ତ୍ର ଶାସନ ସଚିବମାନେ ଯୋଗ ଦେଇଥିଲେ।

# ଗଣଶିକ୍ଷା ବିଭାଗକୁ ଅଧିକ କ୍ରିୟାଶୀଳ କରିବାକୁ ଆହ୍ୱାନ

**ଯୁକ୍ତ୨ କଲେଜ ଅଧ୍ୟକ୍ଷ, ଏଡିଇଓଙ୍କ ଦୁଇଦିନିଆ ସମ୍ମିଳନୀ ଆରମ୍ଭ**

ଭୁବନେଶ୍ୱର, ୨୬।୯(ବ୍ୟୁରୋ)

ରାଜ୍ୟର ସମସ୍ତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ(ଏଡିଇଓ)ଙ୍କ ଦୁଇଦିନିଆ ସମ୍ମିଳନୀ ସୋମବାରଠାରୁ ଆରମ୍ଭ ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଓସେପା ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରି କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ଚିନ୍ତାଧାରା ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ତେଣୁ ଗଣଶିକ୍ଷା ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ୨୦୨୨ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍. ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ଧ୍ୟାନ ଦେବା ପାଇଁ ବିଦ୍ୟାଳୟ ଅଧ୍ୟକ୍ଷ ଏବଂ ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦେବା ସହିତ ଆଗାମୀ ବର୍ଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ୨୦୨୨ରେ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ରାଜ୍ୟର ବିଭିନ୍ନ ବର୍ଗର ବିଦ୍ୟାଳୟର ପ୍ରଦର୍ଶନ ଉପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ରଘୁରାମ ଆୟାର ଆଲୋକପାତ କରିଥିଲେ। ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳଗୁଡ଼ିକ ଡିଗ୍ରୀ କଲେଜ ବା ବିଶ୍ୱବିଦ୍ୟାଳୟରୁ ପୃଥକୀକରଣ, ଅତିଥି ଶିକ୍ଷକ ନିୟୋଜିତ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୈକ୍ଷିକ ତଦାରଖ ବ୍ୟବସ୍ଥା, ଧନ୍ଦାମୂଳକ ଶିକ୍ଷାର ବିକାଶ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ପ୍ରକାର ଇ-ଶିକ୍ଷଣ ଓ ଇ-ମୂଲ୍ୟାୟନ ସମ୍ବନ୍ଧରେ ଏସ୍‌ସିଇଆର୍‌ଟି ତରଫରୁ ତାଲିମ ଦିଆଯାଇଥିବାବେଳେ ଛାତ୍ରୀଛାତ୍ରଙ୍କ ପାଇଁ ଉପଲବ୍ଧ ୫୫୦ରୁ ଊର୍ଦ୍ଧ୍ୱ କ୍ୟାରିଅର ଓ ୧୨୦୦ରୁ ଊର୍ଦ୍ଧ୍ୱ ବୃତ୍ତି ସମ୍ବଳିତ ଓଡ଼ିଶା କ୍ୟାରିଅର ପୋର୍ଟାଲ ଉପରେ ୟୁନିସେଫ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର, ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଶୁଭଶ୍ରୀ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶିକା ଡ. ବିଜୟା ପାତ୍ର ଧନ୍ୟବାଦ ଦେଇଥିଲେ।



ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୁକ୍ତ୨ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଜଣେ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ଭିଜିଲାନ୍ସ ଜାଲରେ ଗୁଡ୍‌ଭେଲା ବିଡିଓ

**ଠିକାଦାରଙ୍କଠାରୁ ନେଉଥିଲେ ୧.୮ ଲକ୍ଷ ଟଙ୍କା ଲାଞ୍ଚ**

ବଲାଙ୍ଗୀର ଅଫିସ/ଗୁଡ୍‌ଭେଲା, ୨୬।୯ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଗୁଡ୍‌ଭେଲା ବିଡିଓ ବିନୋଦ କୁମାର ନାଏକ ଜଣେ ଠିକାଦାରଙ୍କଠାରୁ ୧ ଲକ୍ଷ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ସୋମବାର ଭିଜିଲାନ୍ସ ଟିମ୍ ହାତରେ ଧରାପଡିଛନ୍ତି। ଗୁଡ୍‌ଭେଲା ବ୍ଲକ କୋଠା ମରାମତି ପାଇଁ ଉଦ୍ଦିଷ୍ଟ ୩୦ଲକ୍ଷ ଟଙ୍କାର ଠିକା କରାଇ ଦେବା ପାଇଁ ସେ ରାଜକେଲା ଗାଁର ଠିକାଦାର ଗୋପାଳ ବେହେରାଙ୍କଠାରୁ ଉକ୍ତ ଟଙ୍କା ଦାବି କରିଥିଲେ। ଏହାପରେ ଠିକାଦାର ବେହେରା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଠିକାଦାର ବେହେରା ଦାବି ମୁତାବକ ଟଙ୍କା ଦେବାକୁ ରାଜି ହେବାରୁ ବିଡିଓ ନାଏକ ତାଙ୍କୁ ଦେଉଳଗୁଡି ଛକକୁ ଆସି ଦେଇ ଯିବାକୁ କହିଥିଲେ। ବିଡିଓ ନାଏକ ଗୁଡଭେଲା ବ୍ଲକ ଅନ୍ତର୍ଗତ ଦେଉଳଗୁଡ଼ି ଛକରେ ଥିବାବେଳେ ଠିକାଦାର ବେହେରା ସେଠାକୁ ଆସି ୧ ଲକ୍ଷ ୮୦ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛପି ରହିଥିବା ବରଗଡ, ବଲାଙ୍ଗୀର ଓ ସୋନପୁର ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିନେଇଥିଲେ। ତାଙ୍କଠାରୁ ୧ ଲକ୍ଷ ୮୦ ହଜାର ଟଙ୍କା ଜବତ କରାଯାଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ଗୁଡଭେଲା ବ୍ଲକ୍ ଅଫିସ, ବିଡିଓଙ୍କ ସରକାରୀ ବାସଭବନ ଏବଂ ବଲାଙ୍ଗୀର ସାଗରପଡାସ୍ଥିତ ତାଙ୍କ ଘରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି।


ବିନୋଦ କୁମାର ନାଏକ

# ୧୩୦ କେଜି ଚନ୍ଦନ କାଠ ଜବତ, ୨ ଗିରଫ

**ଆନ୍ଧ୍ରରୁ ରାୟପୁର ଚାଲାଣ ହେଉଥିଲା**

ସୁନାବେଡା/ସେମିଳିଗୁଡା, ୨୬।୯(ସ୍ୱ.ପ୍ର.)

ଚନ୍ଦନକାଠ ଚୋରା ଚାଲାଣ ବେଳେ ସୋମବାର ସେମିଳିଗୁଡା ପୋଲିସ ଏହାକୁ ଜବତ କରିଛି। ଏଥିରେ ବ୍ୟବହୃତ ଜିପ୍‌କୁ ମଧ୍ୟ ଜବତ କରାଯାଇଛି। ଚୋରାଚାଲାଣରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କେରଳର ଅବଦୁଲ ରେହେମାନ (୫୦ ) ଓ କେ. ଉମ୍ମର(୨୬)। ଜବତ ଚନ୍ଦନ କାଠର ପରିମାଣ ୧୩୦ କେଜି ବୋଲି ସୁନାବେଡା ଏସ୍‌ଡିପିଓ ମନୋଜ ବେହେରା ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଖବରରୁ ଜଣାପଡିଛି, ସେମିଳିଗୁଡା ଏସଆଇ ଦୀପକ ବାରିକ ସହକର୍ମୀଙ୍କ ସହ ସୋମବାର ପୂର୍ବାହ୍ନରେ ପାଟ୍ରୋଲିଂ କରୁଥିବା ବେଳେ ଚନ୍ଦନ କାଠ ଚୋରା ଚାଲାଣ ହେଉଥିବା ସୂଚନା ପାଇ ଜାନିଗୁଡାଠାରେ ଜଗି ରହିଥିଲେ। ନନ୍ଦପୁର ଅଞ୍ଚଳରୁ କୋରାପୁଟ ଅଭିମୁଖେ ଯାଉଥିବା ଏକ କମାଣ୍ଡର ଜିପ(ଓଆର-୧୦ବି- ୯୩୦୭)କୁ ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ଗାଡ଼ି ଭିତରେ ଥିବା ଦୁଇଟି ସିକ୍ରେଟ ଚାମ୍ବରରେ ଚନ୍ଦନ କାଠ ରହିଥିବା ଜଣାପଡିଥିଲା। ୧୩୦ କେଜି ବିଶିଷ୍ଟ ଏହି ଚନ୍ଦନ କାଠର ବଜାର ମୂଲ୍ୟ ପ୍ରାୟ ସାଢେ ୬ ଲକ୍ଷ ଟଙ୍କା ହେବ ବୋଲି ଏସ୍‌ଡିପିଓ ବେହେରା କହିଛନ୍ତି। ଗିରଫ ୨ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ମୋବାଇଲ ଓ ୪୨୬୦ଟଙ୍କା ଜବତ କରାଯାଇଛି। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଦୁହେଁ ଆନ୍ତଃରାଜ୍ୟ ଚନ୍ଦନକାଠ ଚୋରା ଚାଲାଣକାରୀ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଏହି ଚନ୍ଦନ କାଠ ପଡୋଶୀ ଆନ୍ଧ୍ରପ୍ରଦେଶ ସୀମାନ୍ତ ଆର୍କୁ ଅଞ୍ଚଳରୁ ରାୟପୁର ଚାଲାଣ ହେଉଥିଲା। ଏଥିରେ ଅନ୍ୟ କିଏ ସାମିଲ ରହଛନ୍ତି କି ନାହିଁ ସେନେଇ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ବେହେରା ସୂଚନା ଦେଇଛନ୍ତି। ସେମିଳିଗୁଡା ଥାନାରେ କେସ ନଂ ୧୪୧/୨୨ରେ ଏକ ମାମଲା ରୁଜୁ ହୋଇଛି।



❝ ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ । ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର । ପ୍ରକୃତିକୁ ମଧ ବାଧ କର– ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ । –ଶ୍ରୀଅରବିନ୍ଦ

# କଂଗ୍ରେସ ଅଧ୍ୟକ୍ଷ

ଏକ ସମୟ ଥିଲା ଯେତେବେଳେ ଜଣେ ଦକ୍ଷ କଂଗ୍ରେସ ନେତା ସର୍ବଭାରତୀୟ କଂଗ୍ରେସ କମିଟି (ଏଆଇସିସି)ର ଅଧ୍ୟକ୍ଷ ହେବା ପାଇଁ ସ୍ୱପ୍ନ ଦେଖୁଥିଲେ । ସ୍ୱାଧୀନତା ବେଳରୁ ଦେଖିଲେ ନେହେରୁ–ଗାନ୍ଧୀ ପରିବାରରୁ ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ହୋଇଛନ୍ତି । ଅନ୍ୟପକ୍ଷରେ ଜେ. ବି. କ୍ରିପାଲାନି, ବି. ପଟ୍ଟାଭି ସୀତାରାମାୟା, ପୁରୁଷୋତ୍ତମ ଦାସ ଟଣ୍ଡନ, ୟୁ.ଏନ୍. ଧେବାର, ଏନ୍. ସଞ୍ଜୀବ ରେଡ୍ଡୀ, କେ. କାମରାଜ, ଏସ୍. ନିଜାଲିଙ୍ଗାପ୍ପା, ଜଗଜ୍ଜୀବନ ରାମ, ଶଙ୍କର ଦୟାଲ ଶର୍ମା, ଦେବକାନ୍ତ ବରୁଆ, ପି.ଭି. ନରସିଂହ ରାଓ ଏବଂ ସୀତାରାମ କେଶରୀଙ୍କ ଭଳି ବ୍ୟକ୍ତି ନେହେରୁ–ଗାନ୍ଧୀ ପରିବାର ବାହାରୁ ଏଆଇସିସି ଅଧ୍ୟକ୍ଷ ହୋଇଥିଲେ । ପାର୍ଟି ଇତିହାସରେ ନିଜ ନାମକୁ ଏହି ପଦବୀରେ ରଖିପାରିବା ସବୁଠାରୁ ବଡ଼ କଥା ଥିଲା । ହେଲେ ସମୟ ସମ୍ପୂର୍ଣ୍ଣ ବଦଳିଯାଇଛି । ନେତାଙ୍କୁ ପାର୍ଟିର ମୁଖ୍ୟ ପଦବୀ ଯଚା ଯାଉଥିଲେ ମଧ ତାହାକୁ ସେ ଗ୍ରହଣ କରିବାକୁ ଅମଙ୍ଗ । କାରଣ ଏବେ ଦଳର ସ୍ଥିତି ଏଭଳି ହୋଇଯାଇଛି ଯେ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଅଧ୍ୟକ୍ଷ ହେବାକୁ ନ ଚାହିଁ ରାଜ୍ୟରେ କ୍ଷମତା ଉପଭୋଗ କରିବାକୁ ଶ୍ରେୟ ମଣୁଛନ୍ତି । ସମ୍ଭବତଃ ସେ ବୁଝିସାରିଛନ୍ତି ଯେ, କଂଗ୍ରେସ ଅଧ୍ୟକ୍ଷ ହେଲେ ଅନେକ ଦାୟିତ୍ୱ ମିଳିପାରେ, କିନ୍ତୁ ତାଙ୍କର ପ୍ରଭାବ ଦଳ ଉପରେ ରହିବ ନାହିଁ । ଗତ ଦୁଇ ଦିନର କଂଗ୍ରେସ ରାଜନୈତିକ ହଟଚମଟ ଦେଖିଲେ ପାର୍ଟି କେଉଁ ଆଡ଼କୁ ଯାଉଛି ତାହା ବୁଝିବା କଷ୍ଟକର ।

ଭାଜପା ଦୀର୍ଘ ୮ ବର୍ଷ କେନ୍ଦ୍ରରେ କ୍ଷମତାରେ ରହିଥିଲେ ମଧ ଦେଶବାସୀ ପ୍ରବଳ ଆର୍ଥିକ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି । ଅର୍ଥନୈତିକ କୁପରିଚାଳନା ବିଶେଷକରି ବିମୁଦ୍ରୀକରଣ ଯୋଗୁ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି । କେବଳ କେତେକ ଧନୀଙ୍କ ବ୍ୟତୀତ ଗରିବ ଓ ମଧ୍ୟବିତ୍ତ ଅନ୍ଧାରକୁ ଠେଲି ହୋଇଯାଉଛନ୍ତି । ବୈଦେଶିକ ନୀତିରେ ସ୍ୱଚ୍ଛତା ରହୁ ନ ଥିବାରୁ ଭାରତ ତା'ର ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷା କରିପାରୁ ନାହିଁ । ଏଭଳି ସ୍ଥଳେ ଏକ ଶକ୍ତ ବିରୋଧୀ ଦଳ ଭାବେ ଉଭା ହେବା କେବଳ କଂଗ୍ରେସ ପକ୍ଷରେ ସମ୍ଭବ ହେବା କଥା । କାରଣ ଏବେବି ରାଜସ୍ଥାନ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଛତିଶଗଡ଼ ଓ ପଞ୍ଜାବରେ ଅପେକ୍ଷାକୃତ ଭାବେ ଦଳର ଭଲ ଉପସ୍ଥିତି ରହିଛି । ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ ଯାତ୍ରା କରି ଲୋକଙ୍କ ପାଖକୁ ଯାଉଥିବା ବେଳେ କିଛିଟା ଜନସମର୍ଥନ ପାଉଛନ୍ତି । ହେଲେ ଏହାର ନେତାମାନେ ତାଙ୍କୁ ସହଯୋଗ କଲା ଭଳି ମନେହେଉ ନାହିଁ । 'ଜଣେ ବ୍ୟକ୍ତି, ଗୋଟିଏ ପଦବୀ' ଚିନ୍ତାଧାରାରେ ବିଶ୍ୱାସ କରି କିଛିବର୍ଷ ହେବ ଦଳ ଚାଲିଥିଲେ ହେଁ କେତେକ କ୍ଷମତାଲୋଭୀ ସେଥିରେ ବ୍ୟତିକ୍ରମ ସୃଷ୍ଟି କରିବାକୁ ଆଗେଇ ଆସିଛନ୍ତି । ଶୁଣାଯାଉଥିଲା ୧୭ ଅକ୍ଟୋବରରେ କଂଗ୍ରେସ ଅଧ୍ୟକ୍ଷ ପଦବୀ ଲାଗି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ କଂଗ୍ରେସର ବରିଷ୍ଠ ନେତା ଶଶୀ ଥରୁରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ନେହେରୁ–ଗାନ୍ଧୀ ପରିବାର ଭିନ୍ନ ଅନ୍ୟ ଯେକୌଣସି ନେତା ଅଧ୍ୟକ୍ଷ ପଦ ଧାରଣ କଲେ କର୍ମୀ ଓ ସାଧାରଣ ଲୋକଙ୍କ ନିକଟକୁ ବାର୍ତ୍ତା ଯାଇଥାଆନ୍ତା ଯେ କଂଗ୍ରେସ ପରିବର୍ତ୍ତନ ଆଡ଼କୁ ମୁହାଁଇଛି । ହେଲେ ନିର୍ବାଚନ ପ୍ରକ୍ରିୟା ଆରମ୍ଭରୁ ବିଶୃଙ୍ଖଳା ସୃଷ୍ଟି ହେଲା । କଂଗ୍ରେସରେ ଯୁବ ନେତୃତ୍ୱ ଗୁରୁତ୍ୱ ପାଉ ନ ଥିବାରୁ ଏକ କାଇଦା କରାଯାଇ ଗେହଲଟଙ୍କୁ ଅଧ୍ୟକ୍ଷ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ତାହା ହୋଇଥିଲେ ସଚିନ ପାଇଲଟ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ହୋଇଥାଆନ୍ତେ । କିନ୍ତୁ ରାଜସ୍ଥାନ କଂଗ୍ରେସରେ ପ୍ରାୟୋଜିତ ବିଦ୍ରୋହ ଦେଖାଦେଲା । ପ୍ରାୟ ୯୨ ଜଣ ଗେହଲଟ ସମର୍ଥକ ପାଇଲଟଙ୍କୁ ବିରୋଧ କରି ଇସ୍ତଫା ଦେବାକୁ ଧମକ ଦେଇଛନ୍ତି । କିନ୍ତୁ ସେମାନେ ଇସ୍ତଫା ଦେଇ ନାହାନ୍ତି ।

ଏଭଳି ପରିପ୍ରେକ୍ଷୀରେ ଯାହା ଅନୁମାନ କରାଯାଉଛି ରାହୁଲ ଗାନ୍ଧୀ ପୁନଶ୍ଚ କଂଗ୍ରେସର ମଙ୍ଗ ଧରିପାରନ୍ତି । ଏମିତି ଦେଖିଲେ ଅନେକ ପ୍ରଦେଶ କଂଗ୍ରେସ କମିଟି (ପିସିସି) ରାହୁଲଙ୍କ ସପକ୍ଷରେ ରହିଛନ୍ତି । ଏବେ ଗେହଲଟଙ୍କ କ୍ଷମତା ଲୋଭ ଓ ରାଜସ୍ଥାନ ରାଜନୈତିକ ସଙ୍କଟ ଦେଖିଲେ ବୁଝି ହେଉଛି ଯେ, ନେହେରୁ–ଗାନ୍ଧୀ ପରିବାର ପ୍ରତି କଂଗ୍ରେସର ନେତା ଓ କର୍ମୀଙ୍କ ଅପେକ୍ଷାକୃତ ଅଧିକ ଭରସା ରହିଛି । ସୋନିଆ ଓ ରାହୁଲଙ୍କ କମାଣ୍ଡକୁ ମାନିବାକୁ ଅନେକେ ପ୍ରସ୍ତୁତ ଅଛନ୍ତି । ଦେଶବ୍ୟାପୀ ଭାଜପା ପ୍ରଚାର କରିଥିଲା ଯେ ପରିବାରବାଦ ଯୋଗୁ କଂଗ୍ରେସ ବୁଡ଼ିଯିବାକୁ ବସିଛି । ଏବେ ଏହା ହୃଦ୍‌ବୋଧ ହେଉଛି ଯେ, ଏହି ମାତା–ପୁତ୍ରଙ୍କଠାରୁ କଂଗ୍ରେସରେ ଆହୁରି ଅଧିକ କ୍ଷମତା ଲୋଭୀ ଅଛନ୍ତି । ସେଥିପାଇଁ ଦଳୀୟ ଶୃଙ୍ଖଳାକୁ ଅମାନ୍ୟ କରିବାକୁ ସେହିମାନେ ପଛାଉ ନାହାନ୍ତି । ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ କଂଗ୍ରେସର ଶୀର୍ଷ ନେତୃତ୍ୱ ବିଶୃଙ୍ଖଳିତ ନେତାଙ୍କ ପ୍ରତି କଠୋର ହେବା ଦରକାର । କେତେକେ କହିପାରନ୍ତି ଏହା ଦ୍ୱାରା କଂଗ୍ରେସ ଆହୁରି ଖରାପ ପ୍ରଦର୍ଶନ କରିବ । ତାହା ବି ହେଉ । ଅପରପକ୍ଷରେ ନେତୃତ୍ୱ ଦୃଢ଼ ନିଷ୍ପତ୍ତି ନେଇପାରିଲେ ପାର୍ଟି ପ୍ରତି କର୍ମୀଙ୍କ ବିଶ୍ୱସନୀୟତା ବଢ଼ିପାରନ୍ତା । ପୁଣି ମୂଳରୁ ଦଳ ଉଠିବାର ସମ୍ଭାବନା ଦେଖାଦିଅନ୍ତା । କିନ୍ତୁ ମୂଳ ସମସ୍ୟା ହେଉଛି ଯେ, ରାହୁଲ ଗାନ୍ଧୀ ନିଜେ ନିଜର ଦକ୍ଷତା ଉପରେ ସନ୍ଦେହ କରୁଥିବା ଭଳି ମନେହୁଏ । ବାସ୍ତବରେ ଦଳକୁ ନେତୃତ୍ୱ ଦେଇ ଆଗକୁ ବଢ଼ାଇବା ସକାଶେ ତାଙ୍କର ଇଚ୍ଛା ଥିଲା ଭଳି ଦେଖାଯାଉନାହିଁ । ସେହିପରି ତାଙ୍କର ହାଲୁକା ଆଚରଣକୁ ଖୁବ୍ ସୁନ୍ଦର ଭାବେ ବ୍ୟବହାର କରିପାରୁଥିବାରୁ ଭାଜପା ଆଗରେ ରହୁଛି । ରାହୁଲଙ୍କ ଚରିତ୍ର ଭାଜପାକୁ ସୁହାଉଥିବା ହେତୁ ମଲା ଘୋଡ଼ାକୁ ଚାବୁକ୍ ମାରିଲା ଭଳି ପରିସ୍ଥିତି ସୃଷ୍ଟି କରି ଅନ୍ୟ କୌଣସି ନେତାଙ୍କୁ ବଢ଼ିବାକୁ ଦିଆଯାଉ ନାହିଁ । ଅର୍ଥାତ୍ ଉଭୟ ରାହୁଲ ଓ ଭାଜପା ଗୋଟିଏ ରାସ୍ତାରେ ଯାଉଥିବା ଭଳି ମନେହେଉଛି । ରାହୁଲ କେବେ ହେଲେ ଚାହୁଁ ନ ଥିବେ ଅନ୍ୟ କେହି ମୁଖ୍ୟ ବିରୋଧୀ ନେତା ଭାବେ ଉଭା ହୁଅନ୍ତୁ । ଭାଜପା ମଧ ଚାହେଁ ନାହିଁ ଅନ୍ୟ କୌଣସି ଦକ୍ଷ ନେତୃତ୍ୱ ଆସି ମୋଦିଙ୍କ ପଥ ରୋଧ କରୁ । ସେଥିପାଇଁ ରାହୁଲ ସେହି ଆସନରେ ଯେତେଦିନ ବସି ରହିବେ ଉଭୟ ଗାନ୍ଧୀ ପରିବାର ଓ ମୋଦି ସମର୍ଥକ ଖୁସିରେ ଡେଉଁଥିବେ । କ୍ଷତି କେବଳ ଦେଶର ଘଟୁଛି ।

# ମୁକ୍ତ ଭାରତ–ପ୍ରଶାନ୍ତ ମହାସାଗରୀୟ ବିଚାର



ସିଞ୍ଜୋ ଆବେ

***ଜାପାନର ସବୁଠୁ ବେଶି ଦିନ ପ୍ରଧାନମନ୍ତ୍ରୀ ରହିଥିବା ସିଞ୍ଜୋ ଆବେଙ୍କୁ ୮ ଜୁଲାଇ ୨୦୨୨ରେ ଗୁଳି କରି ହତ୍ୟା କରାଯାଇଥିଲା । ଏହା ପୂର୍ବର ମାସେ ଭିତରେ ସେ ତାଙ୍କ ଆଞ୍ଚଳିକଭିତ୍ତିକ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ତାଇୱାନ ବିରୋଧରେ ଚାଇନା ପକ୍ଷରୁ ବଢୁଥିବା ବିପଦ ସହ ରୁଷିଆର ୟୁକ୍ରେନ ଆକ୍ରମଣକୁ ତୁଳନା କରି ସେ ତାଙ୍କ ପ୍ରସଙ୍ଗକୁ ମଜଭୁତ କରିଥିଲେ । ୨୭ ଅକ୍ଟୋବର ୨୦୨୨ରେ ତାଙ୍କ ଅନ୍ତ୍ୟେଷ୍ଟି ସମ୍ପନ୍ନ କରାଯାଉଥିବା ପରିପ୍ରେକ୍ଷୀରେ ତାଙ୍କ ଲିଖିତ ନିବନ୍ଧକୁ ଏଠାରେ ଉପସ୍ଥାପନ କରାଗଲା ।***

ରୁଷିଆର ୟୁକ୍ରେନ ଉପରେ ଆକ୍ରମଣ ବୈଶ୍ୱିକ ନିରାପତ୍ତା ପରିବେଶକୁ ଅତ୍ୟଧିକ ପରିବର୍ତ୍ତନ କରିବା ସହ ଜାପାନର ସୁରକ୍ଷା ନୀତି ପ୍ରତି ଏକ ଗମ୍ଭୀର ଆହ୍ୱାନ ସୃଷ୍ଟି କରିଛି । ଏକ ସ୍ୱାଧୀନ ରାଷ୍ଟ୍ର ୟୁକ୍ରେନକୁ ଆକ୍ରମଣ କରିବା ସ୍ପଷ୍ଟ ଭାବେ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ଏବଂ ଏହା ସମ୍ପୂର୍ଣ୍ଣ ଭାବେ ଅସହିଷ୍ଣୁତାର ପରିପ୍ରକାଶ । ଆମେରିକାର ବୁଦ୍ଧିଜୀବୀଙ୍କ ଭଳି ଅନେକ ବିଶେଷଜ୍ଞ ଆକଳନ କରିଥିଲେ ଯେ, ୟୁକ୍ରେନର ରାଜଧାନୀ କିଭ୍‌ର ଖୁବ୍ କମ୍ ଦିନରେ ପତନ ଘଟିବ ; ତଥାପି ୟୁକ୍ରେନ ସରକାର ଏବଂ ତାହାର ନାଗରିକମାନେ ସେମାନଙ୍କ ମାତୃଭୂମିର ରକ୍ଷା ଲାଗି ସେମାନଙ୍କ ଲଢ଼େଇରେ ଦୃଢ ନିଶ୍ଚିତ ରହିଲେ । ବୃହତ୍ ଶକ୍ତି ରୁଷିଆ ବିରୋଧରେ ୟୁକ୍ରେନ ଦୃଢ଼ ହୋଇ ଠିଆ ହେଲା ଓ ଲଢ଼େଇ କଲା । ମାତୃଭୂମି ସୁରକ୍ଷାର ମୌଳିକ ସିଦ୍ଧାନ୍ତକୁ ଅନୁପାଳନ ପୂର୍ବକ ଏବଂ ୟୁକ୍ରେନକୁ ପାଶ୍ଚାତ୍ୟ ଦେଶଗୁଡ଼ିକ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ସାମରିକ ଓ ଆର୍ଥିକ ସହଯୋଗ ଏବଂ ରୁଷିଆ ଉପରେ ଆର୍ଥିକ କଟକଣା ଲାଗୁ କରାଯିବା ଫଳରେ ଖୁବ୍‌ଶୀଘ୍ର ଯୁଦ୍ଧର ସ୍ଥିତିରେ ବଡ଼ ପରିବର୍ତ୍ତନ ଆଣିଦେଲା । ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ କେବେ ଭାବି ଥିଲେ କି ଜାପାନ, ଆମେରିକା ଏବଂ ୟୁରୋପ ମଧ୍ୟରେ ଗଣତନ୍ତ୍ର ଏବଂ ଆଇନର ଶାସନର ମୌଳିକ ମୂଲ୍ୟବୋଧକୁ ନେଇ ଏକ ମେଣ୍ଟ ଗଢ଼ିଉଠିବ ଏବଂ ୟୁକ୍ରେନ୍‌କୁ ସହଯୋଗ କରିବାକୁ ସେମାନଙ୍କୁ ଏକାଠି କରିବ ? ଗୋଟିଏ ଦେଶ ଏକାକୀ ତା' ଅଞ୍ଚଳ, ନାଗରିକ ଓ ସମ୍ପତ୍ତିକୁ ରକ୍ଷା କରିବାରେ କେତେ ଚରମ କଠିନତାକୁ ସାମ୍ନା କରିବାକୁ ହୁଏ, ତାହା ରୁଷିଆ ଆକ୍ରମଣ ପ୍ରତିପାଦିତ କରିଛି । ଜାପାନର ନିରାପତ୍ତା ପ୍ରତି ଏଭଳି ସ୍ଥିତି ବିପଦ ଭାବେ ଉଭା ହୋଇଛି । ମୋ ପ୍ରଥମ ଶାସନ ସମୟରେ ୨୦୦୭ରେ ଭାରତର ପାର୍ଲାମେଣ୍ଟକୁ ସମ୍ବୋଧନ କରିଥିଲି । ଏହାର ଶୀର୍ଷକ ଥିଲା ' କନ୍‌ଫ୍ଲୁଏନ୍ସ ଅଫ୍ ଦି ଟୁ ସିଜ୍' । ଅର୍ଥାତ୍ ଦୁଇ ସାଗରର ସଙ୍ଗମ' । ମୁଁ 'ଏସିଆ ପାସିଫିକ୍' ବିଚାରଧାରାରୁ ଦୂରେଇ ଯାଇ ଏକ ନୂଆ ଭୂ–ରାଜନୈତିକ ବିଚାର ଆରମ୍ଭ କଲି, ଯାହା ଭାରତ ମହାସାଗର ଏବଂ ପ୍ରଶାନ୍ତ ମହାସାଗରକୁ ଗୋଟିଏ 'ମୁକ୍ତ ସାଗର'ରୂପେ ପରିକଳ୍ପିତ କରିଥିଲା । ଏକ ସାମରିକ ସୁପରପାୱାର ହେବା ଲାଗି ଚାଇନାର ଉଦ୍ୟମକୁ ବିଚାରକୁ ନେଇ ମୁଁ ମଧ ମୌଳିକ ମୂଲ୍ୟବୋଧର ଆଦାନପ୍ରଦାନ ସହ ଜାପାନ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଭାରତ ମଧ୍ୟରେ ଏକ ମେଣ୍ଟ ଗଢିବାକୁ ଏସିଆ ମହାଦେଶର ଦେଶଗୁଡ଼ିକଠାରୁ ସହଯୋଗ ଚାହୁଁଥିଲି ।



ଦୁର୍ଭାଗ୍ୟବଶତଃ, ସେତେବେଳେ ଆଗକୁ ବଢୁଥିବା ଉତ୍ତର କୋରିଆର ଆଣବିକ ବିକାଶ ଉପରେ ୬ଟି ଦେଶକୁ ନେଇ ହୋଇଥିବା ଆଲୋଚନାରେ ଚାଇନାର ସ୍ଥିତିକୁ ବିଚାର କରି ଆମେରିକା ପ୍ରଥମରୁ ଏକ ସତର୍କତାମୂଳକ ସ୍ଥିତି ଗ୍ରହଣ କରିଥିଲା । କିନ୍ତୁ ଭାରତ ତା'ର ଗୋଷ୍ଠୀ ନିରପେକ୍ଷ ଚିନ୍ତାଧାରାକୁ ସମ୍ମାନ ଦେଇ ଏହି ଆଲୋଚନାରୁ ଦୂରେଇ ରହିଥିଲା । ଏହାସତ୍ତ୍ୱେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଜନ୍ ହାୱାର୍ଡଙ୍କ ସହଯୋଗ କ୍ରମେ ମୁଁ କ୍ୱାଡ୍ ବା ଚତୁର୍ଗୋଷ୍ଠୀଙ୍କ ମଧ୍ୟରେ ଉଚ୍ଚସ୍ତରୀୟ କଥାବାର୍ତ୍ତା କରିବାରେ ସଫଳ ହୋଇଥିଲି । ତେବେ ମୋର ଦ୍ୱିତୀୟ ଶାସନ ପାଳିରେ ଔପଚାରିକ ଭାବେ ମୁକ୍ତ ଓ ଅବାଧ ଭାରତ–ପ୍ରଶାନ୍ତ ମହାସାଗରୀୟ ବିଚାର ଉପରେ ନାଇରୋବିଠାରେ ଅନୁଷ୍ଠିତ ଟୋକିଓ ଇଣ୍ଟରନ୍ୟାଶନାଲ କନ୍‌ଫରେନ୍ସ ଅନ୍ ଆଫ୍ରିକାନ୍ ଡେଭଲପ୍‌ମେଣ୍ଟ (ଟିଆଇସିଏଡି)ରେ ଘୋଷଣା କରିଥିଲି । ପରବର୍ତ୍ତୀ ସମୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ପାସିଫିକ୍ କମାଣ୍ଡ'ର ନାମକୁ 'ଇଣ୍ଡୋ–ପାସିଫିକ୍ କମାଣ୍ଡ' ଭାବେ ବଦଳାଇ ଦେଲେ । ଏଥିସହିତ ଜାପାନ ଦ୍ୱାରା ଅନୁସୃତ ରଣନୀତି ସହ ଖାପଖୁଆଇଲା ଭଳି ତାହାର ସାମରିକ ଓ କୂଟନୈତିକ ରଣନୀତି ଆରମ୍ଭ କରିଥିଲା ଆମେରିକା । କ୍ୱାଡ୍ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକ ଓ ସମ୍ମିଳନୀ ୟୋସିହିଦେ ସୁଗା ଓ ମୋ ପ୍ରଶସନ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ପରେ ପ୍ରଧାନମନ୍ତ୍ରୀ ଫୁମିଓ କିସିଦା, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଟୋନି ଆଲ୍‌ବାନିଜ୍ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୪ ମେ ୨୦୨୨ରେ ଟୋକିଓରେ ଅନୁଷ୍ଠିତ ସମ୍ମିଳନୀରେ ମିଳିତ ଘୋଷଣାନାମା ଜାରି କରିଥିଲେ, ଯେଉଁଥିରେ ଭାରତ–ପ୍ରଶାନ୍ତ ମହାସାଗରୀୟ ଆଞ୍ଚଳିକ ନୀତି ସମ୍ପର୍କିତ ପ୍ରସଙ୍ଗ ପ୍ରତିଫଳିତ ହୋଇଥିଲା ।

ଜାତିସଂଘର ଲ' ଅଫ୍ ସି କନ୍‌ଭେନଶନରେ ଆମେ ଅନ୍ତର୍ଜାତୀୟ ଆଇନ ପ୍ରତି ପ୍ରତିବଦ୍ଧତା ଦେଖାଇଥିଲୁ । ପୂର୍ବ ଓ ଦକ୍ଷିଣ ଚାଇନା ସାଗର ପଟୁ ଏବଂ ସାମୁଦ୍ରିକ ବ୍ୟବସ୍ଥାଭିତ୍ତିକ ନିୟମ ପ୍ରତି ସୃଷ୍ଟି ହେଉଥିବା ଆହ୍ୱାନକୁ ସମ୍ମୁଖୀନ ହେବା ଲାଗି ସାମୁଦ୍ରିକ ଆଇନକୁ ଯଥାସମ୍ଭବ ସମ୍ମାନ ଜଣାଇ ନାଭିଗେଶନ ଏବଂ ସାଗର ଉପରେ ବିମାନ ଚଳାଚଳର ସ୍ୱାଧୀନତାକୁ ସିଦ୍ଧ କରିଥିଲୁ । ଏହାର ସ୍ଥିତାବସ୍ଥା ପ୍ରତି ବଳପୂର୍ବକ, ଉତ୍ତେଜନାମୂଳକ ଏବଂ ଏକପାଖିଆ ପଦକ୍ଷେପକୁ ଆମେ ବିରୋଧ କରିଥିଲୁ ।

ଚାଇନା ପକ୍ଷରୁ ସୃଷ୍ଟି କରାଯାଉଥିବା ବିପଦକୁ ସାମ୍ନା କରିବା ଲାଗି ମୁଁ 'କନ୍‌ଫ୍ଲୁଏନ୍ସ ଅଫ୍ ଦି ଟୁ ସିଜ୍' ଆଣିଥିଲି । ପରବର୍ତ୍ତୀ ସମୟରେ ଫ୍ରାନ୍ସ, ବ୍ରିଟେନ୍, ଜର୍ମାନୀ ସେମାନଙ୍କ ନୌବହରଗୁଡ଼ିକୁ ଭାରତ–ପ୍ରଶାନ୍ତମହାସାଗରୀୟ ଅଞ୍ଚଳକୁ ପଠାଇଥିବାରୁ ଏହା ଶକ୍ତିଶାଳୀ ହୋଇଥିଲା । ଏହା କହିବା ଅତିରଞ୍ଜିତ ହୋଇ ନ ପାରେ ଯେ, ମୁକ୍ତ ଓ ଅବାଧ ଭାରତ–ପ୍ରଶାନ୍ତ ମହାସାଗରୀୟ ବିଚାର ବୈଶ୍ୱିକ ପ୍ରତିରକ୍ଷା ନୀତିରେ ଏକ ନୂଆ ମୋଡ଼ ଆଣିଛି ।

ତାଇୱାନ ସମ୍ପୂର୍ଣ୍ଣ ଭାବେ ଭାରତ–ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ରହିଛି । ଏବେ ଚାଇନା ସହ ଏହାର ଉପୁଜିଥିବା ତିକ୍ତତାକୁ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ନେଇ ଅଧା ବିଶ୍ୱ ଯେଭଳି ସ୍ଥିତିରେ ଅଛନ୍ତି, ତାହା ସହିତ ଏହାକୁ ଦେଖାଯାଇପାରେ । ଚାଇନା ଓ ତାଇୱାନ ମଧ୍ୟରେ ଉପୁଜିଥିବା ଉତ୍ତେଜନା ସହ ରୁଷିଆ–ୟୁକ୍ରେନ୍ ଯୁଦ୍ଧ ସହିତ ବହୁ ବିଷୟର ସାମଞ୍ଜସ୍ୟ ରହୁଛି । ପ୍ରଥମରେ ରୁଷିଆ ଏବଂ ଚାଇନା ଆଣବିକ ଶକ୍ତିସମ୍ପନ୍ନ ଏବଂ ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ଅଛନ୍ତି । ଦ୍ୱିତୀୟରେ ୟୁକ୍ରେନ୍ ଓ ତାଇୱାନ୍‌ର କୌଣସି ସାମରିକ ମେଣ୍ଟ ନାହାନ୍ତି । କିନ୍ତୁ ୟୁକ୍ରେନ୍ ଓ ତାଇୱାନ୍ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭେଦ ରହିଛି । ୟୁକ୍ରେନ୍ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱାଧୀନ ଦେଶ ଭାବେ ସ୍ୱୀକୃତ ଏବଂ ଜାତିସଂଘର ଏକ ସଦସ୍ୟ ମଧ । ସେଥିପାଇଁ ରୁଷିଆର ଆକ୍ରମଣ ଅନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ଭାବେ ବିବେଚନା କରାଯାଇ ନିନ୍ଦା କରାଯାଇଛି । ଅନ୍ୟପକ୍ଷରେ ତାଇୱାନ୍ ଜାତିସଂଘର ସଦସ୍ୟ ନ ଥିଲେ ହେଁ କେତେକ ରାଷ୍ଟ୍ର ଏହାକୁ ଏକ ସାର୍ବଭୌମ ଦେଶ ଭାବେ ମାନ୍ୟତା ଦେଇଛନ୍ତି । ଚାଇନା ଯଦି ତାଇୱାନ୍‌କୁ ଦଖଲ କରେ, ତାହାର ନେତାମାନେ ଦାବି କରିବେ ଯେ ତାଇୱାନ୍ ବେଜିଂର ଏକ ଅଂଶ । ଚାଇନାର ଆଞ୍ଚଳିକ ଅଖଣ୍ଡତାକୁ ନିଶ୍ଚିତ କରିବାକୁ ତାହା ସେମାନଙ୍କ ଏକ ଆଭ୍ୟନ୍ତରୀଣ ବ୍ୟାପାର । ୟୁକ୍ରେନ୍ ଯୁଦ୍ଧରେ ଯେପରି ରୁଷିଆ ଉପରେ ଆର୍ଥିକ କଟକଣା ଲଗାଯାଇଛି, ଅନୁରୂପ ଭାବେ ତାଇୱାନ୍‌କୁ ସାହାଯ୍ୟ କରିବାକୁ ଅନ୍ୟ ଦେଶଗୁଡ଼ିକ ମିଳିତ ଭାବେ ଚାଇନା ଉପରେ ସେଭଳି କଟକଣା ଲଗାଇବେ କି ନାହିଁ ତାହା ଦେଖିବାକୁ ବାକି ରହିଛି । ବାଇଡେନ୍ ଜାପାନରେ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି ଯେ ତାଇୱାନ୍‌କୁ ସୁରକ୍ଷା ଯୋଗାଇ ଦେବା ଲାଗି ତାଙ୍କ ପ୍ରଶାସନ ସାମରିକ ସହଯୋଗ ଦେବ । ଏବେ ଆମେରିକା ଯେଭଳି ଆଗକୁ ଆସି ତାଇୱାନ୍‌କୁ ସମର୍ଥନ କରୁଛି, ଅତୀତରେ ଏଥିରେ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଦେଖା ଦେଇଥିଲା । କିନ୍ତୁ ଏବେ ଆମେରିକାର ପ୍ରତିବଦ୍ଧତା ଚାଇନାକୁ ସ୍ପଷ୍ଟ ବାର୍ତ୍ତା ଦେଇଛି ।

ଏଭଳିପରିପ୍ରେକ୍ଷୀରେ ଜାପାନର ଏକ ବଡ଼ ଭୂମିକା ରହିଛି । ଆମେରିକା ସହିତ ଆଗକୁ ସାମରିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉଚିତ । ତାହା ହୋଇପାରିଲେ ଏକ ମୁକ୍ତ ଓ ଅବାଧ ଭାରତ–ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଦୃଷ୍ଟିଭଙ୍ଗୀ ଆଶାନୁରୂପ ହୋଇପାରିବ ।

# କୋହିନୁର–ଆଲୋକର ସ୍ତୂପ



ପ୍ରକାଶ ତ୍ରିପାଠୀ

ବ୍ରିଟେନ ରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରଠାରୁ ଭାରତରେ ସୋସିଆଲ ମିଡିଆରେ କୋହିନୁର ହୀରାକୁ ନେଇ ଚର୍ଚ୍ଚା ପୁଣି ଜୋର ଧରିଛି । ବିଶ୍ୱର ସବୁଠାରୁ ମୂଲ୍ୟବାନ୍ ଅର୍ଥାତ୍ ୫୯୧ ନିୟୁତ ଡଲାର ମୂଲ୍ୟର କୋହିନୁର ହୀରା ବ୍ରିଟେନ ମହାରାଣୀଙ୍କ ରାଜମୁକୁଟରେ ୨୮୦୦ ମୂଲ୍ୟବାନ୍ ଧାତୁ ମଧ୍ୟରେ ଯେତେଦିନ ଶୋଭା ପାଉଥିବ, ସେତେଦିନ ପର୍ଯ୍ୟନ୍ତ କୋହିନୁର ହୀରାକୁ ନେଇ ଚର୍ଚ୍ଚା ଜୋର ଧରୁଥିବ । ଏହାର କାରଣ ହେଉଛି ପ୍ରାକ୍ ସ୍ୱାଧୀନତା ସମୟରେ ଇଂରେଜମାନେ ଏହି ମୂଲ୍ୟବାନ୍ କୋହିନୁର ହୀରାକୁ ଭାରତରୁ ଚଞ୍ଚକତାପୂର୍ଣ୍ଣ ଭାବେ ନେଇଯାଇଥିଲେ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଅନେକ ସମୟରେ ଏହାକୁ ଫେରିପାଇବା ପାଇଁ ଉଦ୍ୟମ ହୋଇଥିଲେ ହେଁ ତାହା ସଫଳ ହୋଇନହିଁ । ୧୯୫୩ରେ ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ରାଜତିଳକ ସମୟରେ କୋହିନୁର ହୀରା ଫେରିପାଇବା ପାଇଁ ଦାବି ଉଠିଥିଲେ ହେଁ ତାହାକୁ ବ୍ରିଟେନ ପ୍ରତ୍ୟାଖ୍ୟାନ କରିଥିଲା । ୧୯୭୬ରେ ପାକିସ୍ତାନ ପକ୍ଷରୁ ମଧ ଏହାକୁ ଫେରିପାଇବା ପାଇଁ ଦାବି ଉଠିଥିଲା । ଏପରିକି ଆଫଗାନିସ୍ତାନ ଓ ଇରାନ ପକ୍ଷରୁ ମଧ ଅନୁରୂପ ଦାବି ଅତୀତରେ ବ୍ରିଟେନ ନିକଟରେ ଉପସ୍ଥାପିତ କରାଯାଇଥିଲେ ହେଁ କେହି ଏହାକୁ ଫେରିପାଇବା ପାଇଁ ସଫଳ ହୋଇନାହାନ୍ତି ।

ପ୍ରାୟ ୫ହଜାର ବର୍ଷରୁ ଊର୍ଦ୍ଧ୍ୱ ଏହି ହୀରା ପ୍ରଥମେ ୭୯୩ କ୍ୟାରେଟର ଥିବା ବେଳେ ବର୍ତ୍ତମାନ ଏହା ୧୦୫.୬ କ୍ୟାରେଟ (୨୧.୬ ଗ୍ରାମ)ର ରହିଛି । କୁହାଯାଏ ଦ୍ୱାଦଶ ଶତାବ୍ଦୀରେ ଆନ୍ଧ୍ର ପ୍ରଦେଶର କାକତୀୟ ସାମ୍ରାଜ୍ୟର ଏକ ହିନ୍ଦୁ ମନ୍ଦିରରେ ପୂଜା ପାଉଥିବା ବିଗ୍ରହଙ୍କ ନୟନରେ ସ୍ଥାପିତ ହୋଇଥିଲା ଏହି ହୀରା ଯାହାକି କୁଲୁର ଖଣିରୁ ସଂଗୃହୀତ ହୋଇଥିଲା । ପରେ ୧୩୦୪ରେ ଏହା ମାଲବାର ସମ୍ରାଟଙ୍କ ଗହଣାରେ ସ୍ଥାନ ପାଇଥିବା କଥା ଶୁଣାଯାଏ । ୧୩୧୦ରେ ଅଲାଉଦ୍ଦିନ ଖିଲିଜଙ୍କ ସେନାପତି ମଲିକ କାଫୁର ଏହାକୁ ରାଜପ୍ରାସାଦରୁ ଲୁଟକରି ଅଲାଉଦ୍ଦିନ ଖିଲିଜଙ୍କୁ ଉପହାର ଭାବେ ଦେଇଥିଲେ । ପରେ ଏହା କେତେବେଳେ ଅପହରଣ ତ କେତେବେଳେ ଉପହାର, ଏହିଭଳି ଭାବେ ଅନେକ ଶାସକଙ୍କ ନିକଟତର ହୋଇଛି । ଏହାପରେ ଏହି ହୀରା ଆସିଥିଲା ମୋଗଲ ଶାସନକୁ । ବାବରନାମାରେ ମଧ ଉକ୍ତ ହୀରା ସମ୍ପର୍କରେ ଉଲ୍ଲେଖ ରହିଛି । ବାବରଙ୍କ ପରେ ହୁମାୟୁନ ଓ ଏହିପରି ବଂଶାନୁକ୍ରମିକ ଭାବେ ଏହା ପହଞ୍ଚିଥିଲା ଔରଙ୍ଗଜେବ ଓ ପରେ ତାହା ତାଙ୍କର ନାତି ସୁଲତାନ ଅହମଦଙ୍କ ସମ୍ପତ୍ତି ଭାବେ ରତ୍ନଭଣ୍ଡାରରେ ସ୍ଥାନ ପାଇଥିଲା । ୧୭୩୯ରେ ଫରାସୀ ଶାସକ ନାଦିର ଶାହ ଭାରତ ଆସି ସୁଲତାନଙ୍କ ରାଜ୍ୟ ଦାଖଲ କଲେ । ପରେ କୋହିନୁର ଚାଲିଯାଇଥିଲା ନାଦିର ଶାହଙ୍କ ନିକଟକୁ । ପ୍ରକୃତରେ ସେହି ହୀରାର ନାମ ନାଦିର ଶାହ ହିଁ କୋହିନୁର ରଖିଥିଲେ ଯାହାର ଅର୍ଥ ହେଉଛି ଆଲୋକର ସ୍ତୂପ । ନାଦିର ଶାହାଙ୍କ ହତ୍ୟା ପରେ ହୀରା ଚାଲିଯାଇଥିଲା ଅହମ୍ମଦ ଶାହ ଦୁରାନିଙ୍କ ନିକଟକୁ ଓ ଏହାକୁ ସେ ଉପହାର ଭାବେ ତାଙ୍କର ବନ୍ଧୁ ରଞ୍ଜିତ ସିଂହଙ୍କୁ ପ୍ରଦାନ କରିଥିଲେ । ସମୟକ୍ରମେ ଏହିପରିଭାବରେ ଭାରତ, ପାକିସ୍ତାନ, ଆଫଗାନିସ୍ତାନ ବୁଲିବୁଲି ଶେଷରେ ପଞ୍ଜାବରେ



ପହଞ୍ଚିଥିଲା କୋହିନୁର । ୧୮୩୯ରେ ରଞ୍ଜିତ ସିଂହଙ୍କ ମୃତ୍ୟୁ ପରେ ମାତ୍ର ୪ ବର୍ଷରେ ଚାରିଜଣ ମହାରାଜାଙ୍କୁ ପାଇଥିଲା ପଞ୍ଜାବ । ଶେଷରେ ପାଳି ପଡ଼ିଥିଲା ୧୦ ବର୍ଷର ବାଳକ ଦୁଲୀପ ସିଂହଙ୍କର । ୧୮୪୯ ରେ ଇଂରେଜଙ୍କ ଚକ୍ରାନ୍ତର ଶିକାର ହେଲେ ଦୁଲୀପ ସିଂହ ଓ ପଞ୍ଜାବ ଦାଖଲ ହେଲା ଓ ଇଂରେଜଙ୍କ ହାତକୁ ଆସିଲା କୋହିନୁର ହୀରା । ୧୮୫୧ ଲଣ୍ଡନରେ ଆୟୋଜିତ ଏକ ପ୍ରଦର୍ଶନୀରେ ଏହି କୋହିନୁର ହୀରାର ପ୍ରଥମ ସାଧାରଣ ପ୍ରଦର୍ଶନ ହୋଇଥିଲା । ତତ୍କାଳୀନ ବ୍ରିଟେନର ରାଣୀ ଭିକ୍ଟୋରିଆଙ୍କ ସ୍ୱାମୀ ପ୍ରିନ୍ସ ଆଲବର୍ଟଙ୍କୁ ଏହି ହୀରା ଖୁବ୍ ପସନ୍ଦ ଆସିଥିଲା ଓ ତାଙ୍କରି ନିର୍ଦ୍ଦେଶରେ ଏହାକୁ କଟାଯାଇ ରାଣୀଙ୍କ ରାଜ ମୁକୁଟରେ ସ୍ଥାନିତ କରାଯାଇଥିଲା । ଭିକ୍ଟୋରିଆଙ୍କ ଅନ୍ତେ ଏହି କୋହିନୁର ହୀରା ଖଚିତ ରାଜମୁକୁଟ ରାଣୀ ଅଲେକଜାଣ୍ଡ୍ରା ଓ ଏଲିଜାବେଥଙ୍କ ମସ୍ତକରେ ଶୋଭାପାଇଥିଲା । ବର୍ତ୍ତମାନ ଏହା ବ୍ରିଟେନ ରାଜ ପରିବାରର ସମ୍ପତ୍ତି ଭାବେ ପରିଗଣିତ ।

୧୯୯୭ରେ ମହାରାଣୀ ଏଲିଜାବେଥଙ୍କ ଭାରତ ଗସ୍ତ ସମୟରେ କୋହିନୁର ହୀରା ଭାରତକୁ ଫେରାଇଦେବା ପାଇଁ ଦାବି ଉଠିଥିଲେ ହେଁ ଏହା ସଫଳ ହୋଇ ନ ଥିଲା । ୨୦୧୦ରେ ତତ୍କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଡେଭିଡ୍ କାମେରୁନ ଏ ସମ୍ପର୍କରେ ମତଦେଇଥିଲେ ଯେ ଯଦି ପ୍ରତ୍ୟେକ ଦେଶର ଦାବି ମୁତାବକ ସବୁ ମୂଲ୍ୟବାନ୍ ବସ୍ତୁ ଫେରାଇଦିଆଯିବ, ତେବେ ବ୍ରିଟେନ ସଂଗ୍ରହାଳୟରେ ପ୍ରଦର୍ଶନ କରିବାକୁ ଆଉ କିଛି ରହିବ ନାହିଁ । ୨୦୧୩ ରେ ଭାରତ ଗସ୍ତ ସମୟରେ କାମେରୁନ କୋହିନୁର ହୀରା ଫେରାଇବାକୁ ସ୍ପଷ୍ଟଭାବେ ମନା କରିଦେଇଥିଲେ । ୨୦୧୬ ରେ ମଧ୍ୟପ୍ରଦେଶ ଅନ୍ତର୍ଗତ ଜବଲପୁର ବାସିନ୍ଦା ଜନ୍ ଲୁଇସ ନାମକ ଜଣେ ବ୍ୟକ୍ତି କୋହିନୁର ହୀରାକୁ ନିଜ ପୈତୃକ ସମ୍ପତ୍ତି ଦର୍ଶାଇ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ ଯାହାକି ପରେ ଖାରଜ ହୋଇଥିଲା । ସେ ଉଲ୍ଲେଖ କରିଥିଲେ ଯେ କୋହିନୁର ହୀରା ତାଙ୍କର ଜେଜେ ବାପାଙ୍କ ବାପା ଆଲବର୍ଟ ଲୁଇସଙ୍କର ସମ୍ପତ୍ତି । ଏହାକୁ ସେ ସମୟରେ ରାଜା ମହାରାଜମାନେ ସେମାନଙ୍କ ଅଧିକାରକୁ ନେଇ ନିଜର ବଡ଼ିମା ଦେଖାଉଥିଲେ । ଏହି ରିଟ୍ ପିଟିଶନରେ ବ୍ରିଟେନ ପ୍ରଧାନମନ୍ତ୍ରୀ ଓ ଭାରତ ପ୍ରଧାନମନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରାଯାଇଥିଲା । ଅନ୍ୟ ପଟେ ଗୋଟିଏ ଆର୍‌ଟିଆଇ ଉତ୍ତରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ପୁରାତନ ଓ ବହୁମୂଲ୍ୟ କଳାକୃତି ଅଧିନିୟମ ୧୯୭୨ ଆଧାରରେ ଓ ନିୟମାନୁସାରେ ପ୍ରାଚୀନ ବସ୍ତୁ, ଯାହାକି ସ୍ୱାଧୀନତା ପୂର୍ବରୁ ବାହାର ଦେଶକୁ ଚାଲିଯାଇଛି, ତାହାକୁ ଫେରାଇ ଅଣାଯାଇ ପାରିବ ନାହିଁ । ମାତ୍ର ଅବୈଧ ଭାବେ କୋହିନୁର ହୀରା ବିଦେଶକୁ ଯାଇଥିବାରୁ ତାହାକୁ ଫେରାଇ ଅଣାଯିବା ଠିକ୍ ହେବ ବୋଲି କେତେକେ ଯୁକ୍ତି ଉପସ୍ଥାପିତ କରୁଛନ୍ତି । ୨୦୧୫ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରିଟେନ ଗସ୍ତ ପୂର୍ବରୁ ବ୍ରିଟେନ ସଂସଦରେ ନିଜ ବକ୍ତବ୍ୟରେ ଜଣେ ମୂଳ ଭାରତୀୟ ସାଂସଦ ଭାରତକୁ କୋହିନୁର ହୀରା ଫେରାଇ ଦିଆଯିବ ସମ୍ପର୍କରେ ମଧ ଉଲ୍ଲେଖ କରିଥିଲେ ଯାହାକି ଥିଲା ପ୍ରଭାବାହୀନ ।

କୋହିନୁର ହୀରା ପରି ଚର୍ଚ୍ଚିତ ବସ୍ତୁ ଭାବେ ଗଣା ହୁଏ ୨୫୦୦ ବର୍ଷ ତଳର ମୂର୍ତ୍ତି ଏଲିନ ମାର୍ବଲ । ୧୮୦୦ ରେ ତତ୍କାଳୀନ ବ୍ରିଟେନ ରାଜା ଲର୍ଡ ଏଲିନଙ୍କ ଦ୍ୱାରା ଏଥେନ୍ସର ପାର୍ଥନାନ ଧର୍ମସ୍ଥଳୀରୁ ଏହାକୁ ବ୍ରିଟେନ ଅଣାଯାଇଥିଲେ । କୋହିନୁର ହୀରା ହେଉ ବା ଏଲିନ ମାର୍ବଲ ମୂର୍ତ୍ତି , ଏହା ଯେଉଁଠି ରହିଲେ ବି ଏହାର ମୂଳ ପରିଚୟ କେବେବି ହଜିବ ନହିଁ । କୋହିନୁର ହୀରା ଭାରତ ଫେରୁ ବା ନ ଫେରୁ, ଏହା ଯେଉଁଠି ଥିଲେ ବି ଭାରତର ସମ୍ପତ୍ତି ଭାବେ ସମଗ୍ର ବିଶ୍ୱକୁ ନିଜର ଚମକରେ ପରିଚୟ ଦେଉଥିବ ।

**ମୋ– ୯୪୩୭୨୩୨୪୬୩**

## ଏଇ ଭାରତରେ

ଛାତ୍ରମାନଙ୍କୁ ପଢ଼ାଇବା ପାଇଁ କେ.ଭି. ନାରାୟଣୀଙ୍କ କର୍ତ୍ତବ୍ୟ ପରାୟଣତା ସଭିଙ୍କ ପାଇଁ ଏକ ପ୍ରେରଣା । କେରଳର ଏହି ଶିକ୍ଷୟିତ୍ରୀଙ୍କ ବୟସ ୬୫ । ତିରୁଭାଥୁରରେ ସେ ସ୍ୱାମୀଙ୍କ ସହ ଏକ ଭଡ଼ାଘରେ ରହୁଛନ୍ତି । ନାରାୟଣୀ ପିଲାମାନଙ୍କୁ ପଢ଼ାଇବା ଲାଗି ପ୍ରତିଦିନ ୨୫ କି.ମି.ଚାଲି ଚାଲି ଯାଉଛନ୍ତି । ପିଲାମାନଙ୍କୁ ଏକାଠି ଗୋଟିଏ ଜାଗାରେ ନୁହେଁ, ବରଂ ଘରକୁ ଘର ଯାଇ ସେମାନଙ୍କୁ ପଢ଼ାଉଛନ୍ତି । କସାରଗୁଡ଼ାର ଅନେକ ପିଢ଼ିର ଛାତ୍ରଙ୍କୁ ସେ ୫୦ ବର୍ଷ ହେଲା ପଢ଼ାଇଆସୁଛନ୍ତି । ଏବେ ସୁଦ୍ଧା ସେ ଅନେକ ଶହ ପିଲାଙ୍କୁ ପଢ଼ାଇସାରିଲେଣି । ତାଙ୍କୁ ସେଠାକାର ଲୋକେ ନାରାୟଣୀ ଶିକ୍ଷୟିତ୍ରୀ ବୋଲି ସମ୍ବୋଧନ କରୁଛନ୍ତି । ତାଙ୍କ ଦୈନନ୍ଦିନ ଜୀବନଶୈଳୀ ମଧ ଭିନ୍ନ । ସେ ଭୋର ୪.୩୦ ମିନିଟ୍‌ରେ ଉଠି ତାଙ୍କ ନିତ୍ୟକର୍ମ ଶେଷକରି ସକାଳ ୬.୩୦ ସୁଦ୍ଧା ପ୍ରଥମ ଛାତ୍ରଙ୍କ ଘରେ ପହଞ୍ଚିଯାଆନ୍ତି । ତା'ପରେ ଅନ୍ୟ ଛାତ୍ରମାନଙ୍କ ଘରକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରିଆସନ୍ତି । ନାରାୟଣୀ ୧୯୭୧ରେ ମାଟ୍ରିକ ପାସ୍ କରିଛନ୍ତି । କେବେ କଲେଜ ଯାଇନାହାନ୍ତି । କିନ୍ତୁ ସେ ଇଂଲିଶ, ମାଲୟାଲମ, ହିନ୍ଦୀ ଓ ସଂସ୍କୃତ ଭଲ ଭାବେ ଜାଣିଛନ୍ତି । ସେ ୧୫ ବର୍ଷ ବୟସରୁ ପିଲାମାନଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ ଓ କେବେ ବି ସ୍କୁଲ ଶିକ୍ଷକ ହୋଇନାହାନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ସେପ୍ଟେମ୍ବର ୧୯୯୭

- ବିଶିଷ୍ଟ ଐତିହାସିକ ରୋମିଲା ଥାପରଙ୍କୁ ଜାପାନର ସମ୍ମାନଜନକ ଫୁକୁଓକା ଏସୀୟ ସାଂସ୍କୃତିକ ପୁରସ୍କାର ପ୍ରଦାନ ।
- ଆନ୍ଧ୍ରପ୍ରଦେଶର ମହବୁବୁ ନଗର ଜିଲାରେ ରାଜ୍ୟ ପରିବହନ ନିଗମର ଏକ ବସ୍ କ୍ରିଷ୍ଣାନଦୀର ବେଚାପାଲି ପୋଲ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇ ବନ୍ୟାଜଳରେ ଭାସିଯିବାରୁ ୫୦ ଯାତ୍ରୀଙ୍କ ପ୍ରାଣହାନୀ ।
- ବସ୍‌ଭଡ଼ା ବୃଦ୍ଧି ଦାବିରେ ରାଜ୍ୟର ୩୭୦୦ ଘରୋଇ ବସ୍ ଅନିର୍ଦ୍ଦିଷ୍ଟ କାଳୀନ ଧର୍ମଘଟରେ ସାମିଲ ।

## ଚିରନ୍ତନୀ

କେତେ ଛନ୍ଦେ କେତେ ଗନ୍ଧେ
ଭରି ମୋର ହିୟା
ଜାଗିଲା ପରାଣପୁରେ
ଆଜି ପ୍ରାଣପ୍ରିୟା ।
–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | | 1 | | 2 | 5 | | |
| | | 7 | | 6 | 8 | | 9 | 4 |
| 4 | | 8 | | | 7 | 3 | 5 | |
| | | 1 | | | | | 2 | 7 |
| | | | | | 1 | | 6 | |
| 6 | | | 5 | | | | 8 | 9 |
| 5 | | | | | | | | |
| | 4 | | | | 9 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 9 | 7 | 8 | 2 | 6 | 1 | 4 |
| 4 | 8 | 6 | 9 | 1 | 3 | 7 | 2 | 5 |
| 7 | 1 | 2 | 4 | 5 | 6 | 3 | 9 | 8 |
| 9 | 5 | 3 | 2 | 6 | 1 | 8 | 4 | 7 |
| 2 | 4 | 8 | 3 | 7 | 9 | 1 | 5 | 6 |
| 6 | 7 | 1 | 8 | 4 | 5 | 2 | 3 | 9 |
| 8 | 2 | 4 | 5 | 3 | 7 | 9 | 6 | 1 |
| 1 | 9 | 5 | 6 | 2 | 8 | 4 | 7 | 3 |
| 3 | 6 | 7 | 1 | 9 | 4 | 5 | 8 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାର ଦୃଷ୍ଟି ଦିଅନ୍ତୁ

ମହାଶୟ,
ଅଗଷ୍ଟ ୨୭ ରେ ଏଏସ୍‌ଓ ଚାକିରିର ଶୂନ୍ୟସ୍ଥାନ ପୂରଣ ପାଇଁ ଲିଖିତ ପରୀକ୍ଷା ହୋଇଯାଇଛି । କିନ୍ତୁ ଯାହା ଜଣାପଡୁଛି, ପରୀକ୍ଷା ଏକ ପ୍ରହସନ ମାତ୍ର । କାରଣ ପରୀକ୍ଷା ଦେବାକୁ ଆସିଥିବା ପରୀକ୍ଷାର୍ଥୀମାନଙ୍କୁ କୌଣସି ପ୍ରକାର ଯାଞ୍ଚ କରାଯାଉ ନ ଥିଲା । ରେଲ୍‌ୱେ ଏବଂ ବ୍ୟାଙ୍କଗୁଡିକରେ ପରୀକ୍ଷା ଅନ୍‌ଲାଇନରେ ହେଉଥିବା ବେଳେ ଏଏସ୍‌ଓ ପାଇଁ ଲିଖିତ ପରୀକ୍ଷା ଦେବା ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । କେଉଁମାନେ ଚାକିରି ପାଇବେ ତାହା ଠିକ୍ ହୋଇ ସାରିଥିବା ଶୁଣିବାକୁ ମିଳୁଛି । ଆହୁରି ମଧ୍ୟ ଲିଖିତ ପରୀକ୍ଷାରେ ଉତ୍ତରକୁ ପରେ ହେରଫେର କରିବା ମଧ୍ୟ କିଛି କଷ୍ଟସାଧ୍ୟ ନୁହେଁ । ଯାହାହେଉ କୌଣସି ପ୍ରକାର ଅନିୟମିତତା ନ ହେବା ପାଇଁ ସରକାର ଦୃଷ୍ଟି ଦେବାକୁ ଅନୁରୋଧ ।

**– ଅଶୋକ କୁମାର ସାହୁ, ମୋତିଗଞ୍ଜ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଭିଜିଲାନ୍ସ ଜାଲରେ ଗଞ୍ଜାମ ବ୍ଲକ ସହକାରୀ ଯନ୍ତ୍ରୀ**

ଗଞ୍ଜାମ,୨୬।୯(ଡି.ଏନ.ଏ.): ଜଣେ ବ୍ୟକ୍ତିଙ୍କ ବିଲ୍ କରାଇଦେବା ପାଇଁ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୋମବାର ଗଞ୍ଜାମ ବ୍ଲକ ସହକାରୀ ଯନ୍ତ୍ରୀ ବଂଶୀଧର ପରିଡା ଧରାପଡ଼ିଛନ୍ତି। ଭିଜିଲାନ୍ସ ଟଙ୍କା ଜବତ କରିବା ସହ ସହକାରୀ ଯନ୍ତ୍ରୀ ପରିଡ଼ାଙ୍କୁ ଗିରଫ କରିଛି। ରାମଗଡ଼ ସରପଞ୍ଚ ପ୍ରତିନିଧି ବିକ୍ରମ ଦାସ ଓ ତାଙ୍କର ଜଣେ ସହଯୋଗୀଙ୍କ ଏମ୍‌ଜିଏନ୍‌ଆରଇଜିଏସ୍‌ର ୨ ଲକ୍ଷ ୧୦ ହଜାର ଟଙ୍କାର ବିଲ କରିବାକୁ କହି ସହକାରୀ ଯନ୍ତ୍ରୀ ଲାଞ୍ଚ ନେଉଥିଲେ। ଏହି ସମୟରେ ଆଡିଶନାଲ ଏସ୍‌ପିଙ୍କ ନେତୃତ୍ୱରେ ଭିଜିଲାନ୍ସର ୮ ଜଣିଆ ଟିମ୍ ଚଢ଼ାଉ କରିଥିବା ଭିଜିଲାନ୍ସ ମହିଳା ଅଧିକାରୀ ବୈଦେଇ ବେହେରା କହିଛନ୍ତି।

# ଜନଜାତି ଏନ୍‌ସାଇକ୍ଲୋପେଡିଆ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୬।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଆଦିମ ଜନଜାତି ସମ୍ବନ୍ଧୀୟ ୫ଟି ଭଲ୍ୟୁମ୍‌ର 'ଏନ୍‌ସାଇକ୍ଲୋପେଡିଆ ଅଫ୍ ଟ୍ରାଇବ୍ସ ଇନ୍ ଓଡ଼ିଶା' ଉନ୍ମୋଚନ କରିଛନ୍ତି। ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଆଦିବାସୀଙ୍କୁ ନେଇ ଏହି ଏନ୍‌ସାଇକ୍ଲୋପେଡିଆ ପ୍ରକାଶ କରିଛି। ୩,୮୦୦ ପୃଷ୍ଠା ସମ୍ବଳିତ ୫ଟି ଭଲ୍ୟୁମ୍‌ରେ ୪୧୮ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଛି, ଯେଉଁଥିରେ ୬୨ ଜନଜାତି ଓ ୧୩ ଆଦିମ ଜନଜାତିଙ୍କ ସମ୍ବନ୍ଧୀୟ ପ୍ରବନ୍ଧ ଉଲ୍ଲେଖ ରହିଛି । ଆଦିବାସୀଙ୍କ ସମ୍ପର୍କରେ ଜାଣିବାକୁ ଇଚ୍ଛୁକ, ଗବେଷକ ଓ ଶିକ୍ଷାବିତ୍‌ଙ୍କ ପାଇଁ ଏହା ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଏନ୍‌ସାଇକ୍ଲୋପେଡିଆରେ ପ୍ରକାଶିତ ୪୧୮ ପ୍ରବନ୍ଧ ଗତ ୫୬ ଦଶନ୍ଧି ଧରି ଆଦିବାସୀ ପତ୍ରିକା ଓ ଅନ୍ୟାନ୍ୟ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା। ଗତ ୪ ବର୍ଷ ଧରି ଏହି ଏନ୍‌ସାଇକ୍ଲୋପେଡିଆ ପ୍ରସ୍ତୁତି କାର୍ଯ୍ୟ ଚାଲିଥିଲା। ମୁଖ୍ୟମନ୍ତ୍ରୀ ରାଜ୍ୟ ଜାତି ଓ ଜନଜାତି ସଂଗ୍ରହାଳୟ ପରିଦର୍ଶନ କରି ବହିଗୁଡିକ ଉନ୍ମୋଚନ କରିଛନ୍ତି। ଏଥିସହ ମ୍ୟୁଜିୟମ୍ ପରିସରରେ ଥିବା ଆଦିବାସୀ ଗ୍ୟାଲେରି ପରିଦର୍ଶନ କରି ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ୨୦୦୧ରେ ଆଦିବାସୀ ସଂଗ୍ରହାଳୟକୁ ଉଦ୍‌ଘାଟନ କରିଥିଲେ। ୨୦୦୯ରେ ଆଦିମ ଜନଜାତିମାନଙ୍କ ପାଇଁ ହୋଇଥିବା ସଂଗ୍ରହାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏସ୍‌ଟି/ଏସ୍‌ସି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ବାଲକ୍ରିଷ୍ଣନ, ବିଭାଗୀୟ ସଚିବ ଶାଶ୍ୱତ ମିଶ୍ର, ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟି ଆରଟିଆଇ) ନିର୍ଦ୍ଦେଶକ ଏ.ବି. ଓତା ପ୍ରମୁଖ ଉପସ୍ଥିତ ଥିଲେ।

## ରହିଛି ୬୨ ଜନଜାତି, ୧୩ ଆଦିମ ଜନଜାତି ସମ୍ବନ୍ଧୀୟ ତଥ୍ୟ

# ଆଜି ମୁଖ୍ୟମନ୍ତ୍ରୀଙ୍କ ବେଙ୍ଗାଲୁରୁ ଗସ୍ତ

ଭୁବେନଶ୍ୱର,୨୬।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାରଠାରୁ ବେଙ୍ଗାଲୁରୁ ଗସ୍ତରେ ଯାଉଛନ୍ତି। ଅପରାହ୍ଣ ୧ଟାରେ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ସେ ବେଙ୍ଗାଲୁରୁ ଅଭିମୁଖେ ବାହାରିବେ। ସେଠାରେ ବୁଧବାର ଆୟୋଜିତ ହେବାକୁ ଥିବା ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଉଦ୍ୟୋଗପତିଙ୍କୁ ଆମନ୍ତ୍ରଣ କରିବେ। ଏହି ଅବସରରେ ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ୱାନ ଟୁ ୱାନ ଆଲୋଚନା କରିବେ। ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଆସନ୍ତା ନଭେମ୍ବର ୩୦ ତାରିଖରୁ ଡିସେମ୍ବର ୪ ତାରିଖ ଯାଏଁ ଭୁବନେଶ୍ୱରରେ ମେକ ଇନ୍ ଓଡ଼ିଶା କନକ୍ଲେଭ ଆୟୋଜିତ ହେବ। ଏହି କନକ୍ଲେଭରେ ସାମିଲ ହେବାକୁ ବିଶିଷ୍ଟ ଶିଳ୍ପପତିଙ୍କୁ ଆମନ୍ତ୍ରଣ କରାଯାଉଛି। ସରକାରଙ୍କ ପକ୍ଷରୁ ପୂର୍ବରୁ ଦୁବାଇ, ନୂଆଦିଲ୍ଲୀ ଏବଂ ମୁମ୍ବାଇରେ ନିବେଶକ ସମ୍ମିଳନୀ ଆୟୋଜିତ ହୋଇଥିବାବେଳେ ବୁଧବାର ବେଙ୍ଗାଲୁରୁରେ ଏହା ଅନୁଷ୍ଠିତ ହେବ।

# ବ୍ୟବଚ୍ଛେଦ ରିପୋର୍ଟରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ

## ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟଣା

- ୨ ମୋବାଇଲରେ ଥିବା ଭିଡିଓର ସ୍ଥିତିକୁ ନେଇ ସନ୍ଦେହ
- ସ୍ତ୍ରୀ, ରୋଷେୟାଙ୍କୁ ତଦନ୍ତକାରୀ ଟିମ୍‌ର ପଚରାଉଚରା
- ପୋଲିସ କମିଶନରଙ୍କୁ ଭେଟି ଦାବିପତ୍ର ଦେଲା ଭାଜପା

ଭୁବନେଶ୍ୱର,୨୬।୯ (ବ୍ୟୁରୋ)

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କର ଭୁବନେଶ୍ୱରରେ ମୃତ୍ୟୁ ଘଟଣାକୁ ନେଇ ପୋଲିସ ଖୋଳତାଡ଼ ଜାରି ରଖିଛି। ଇତିମଧ୍ୟରେ ସୋମବାର ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇଛି। କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ କମିଶନରେଟ ପୋଲିସକୁ ଦିଆଯାଇଥିବା ଉକ୍ତ ରିପୋର୍ଟରେ, ଧର୍ମେନ୍ଦ୍ର ଆତ୍ମହତ୍ୟା କରିଥିବା ଉଲ୍ଲେଖ ରହିଛି। ରିପୋର୍ଟ ଅନୁଯାୟୀ, ଝୁଲନ୍ତା ଅବସ୍ଥାରେ ଶ୍ୱାସରୁଦ୍ଧ ହୋଇ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ହୋଇଛି। ଶରୀରର ଅନ୍ୟ କୌଣସି ସ୍ଥାନରେ କ୍ଷତଚିହ୍ନ ନ ଥିବା କୁହାଯାଇଛି। ତେବେ ସେ କାହିଁକି ଏପରି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ ସେନେଇ ରହସ୍ୟ ଲାଗି ରହିଛି। ପାରିବାରିକ ସମ୍ପର୍କ, ମୋବାଇଲ ସିଡିଆର୍, ବ୍ୟବସାୟିକ କାରବାର ଓ ରାଜନୈତିକ ଆଦି ଦିଗକୁ ନେଇ ପୋଲିସ ତଦନ୍ତକୁ ଆଗକୁ ବଢ଼ାଇଛି। ରବିବାର ସନ୍ଧ୍ୟାରେ ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲଙ୍କ ସମେତ ୭ ଜଣିଆ ପୋଲିସ ଟିମ୍ ପୁରୀ ଜିଲା ଗୋପ ବ୍ଲକସ୍ଥିତ ଧର୍ମେନ୍ଦ୍ରଙ୍କ ଘରକୁ ଯାଇ ପଚରାଉଚରା କରିଥିଲା। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ସୋମବାର ପୁଣି ୬ଜଣିଆ ପୋଲିସ ଟିମ୍ ଭୁବନେଶ୍ୱର ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଲକ୍ଷ୍ମୀବିହାର ଅଞ୍ଚଳରେ ଥିବା ତାଙ୍କ ବାସଭବନକୁ ଯାଇ ଧର୍ମେନ୍ଦ୍ରଙ୍କ ସ୍ତ୍ରୀ ଓ ରୋଷେୟା ଏବଂ ଅନ୍ୟସଦସ୍ୟଙ୍କୁ ପଚରାଉଚରା କରି ଫେରିଛି। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ଆତ୍ମହତ୍ୟାର କାରଣ କୁହାଯିବ ବୋଲି ଅତିରିକ୍ତ ଡିସିପି ପାଲ କହିଛନ୍ତି। ଅପରପକ୍ଷରେ ଜବତ ୨ଟି ମୋବାଇଲରେ ଥିବା ଭିଡିଓର ସ୍ଥିତିକୁ ନେଇ ସନ୍ଦେହ ଲାଗି ରହିଛି। କାରଣ ଶୁକ୍ରବାର ରାତିରେ ଧର୍ମେନ୍ଦ୍ର ଆତ୍ମହତ୍ୟା କରିଥିବାବେଳେ ଶନିବାର ଅପରାହ୍ଣ ୫ଟାରେ ଘରର କିଛି ଦୂରରେ ମୋବାଇଲ ମିଳିଥିଲା। '୨ଟି ଫୋନ୍‌ରେ ସବୁ ଭିଡିଓ ରହିଛି, ତାକୁ ଲୋକଲୋଚନକୁ ଆଣିବେ' ବୋଲି ମୃତ୍ୟୁ ପୂର୍ବରୁ ଧର୍ମେନ୍ଦ୍ର ନିଜ ଫେସ୍‌ବୁକ ପେଜ୍‌ରେ ଏକ ଭିଡିଓ ପୋଷ୍ଟ କରି ଲେଖିଥିଲେ, ଯାହା ତାଙ୍କ ମୃତ୍ୟୁପଛର ରହସ୍ୟ ଖୋଲିବ ବୋଲି ଆଶା କରାଯାଉଛି। କିନ୍ତୁ ଘଟଣା ରାତିରେ ଅନ୍ୟକେହି ତାଙ୍କ ପାଖରୁ ମୋବାଇଲ ନେଇଯିବା ପରେ ସେଥିରେ ଥିବା ଭିଡିଓକୁ ଡିଲିଟ୍ କରିଦେଇଥିବା ଚର୍ଚ୍ଚା ହେଉଥିବାରୁ ପୋଲିସ ତଦନ୍ତରେ ଏହା ବାଧକ ସାଜିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ସବୁଠୁ ବଡ଼ ପ୍ରମାଣ କୁହାଯାଉଥିବା ମୋବାଇଲକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଏପରିକି ସିସିଟିଭିରେ ଦେଖାଯାଉଥିବା ଉକ୍ତ ବ୍ୟକ୍ତିଙ୍କ ଭୂମିକାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି।



ଧର୍ମେନ୍ଦ୍ର ସାହୁ

ଏପଟେ ନିମାପଡ଼ା ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ବିରୋଧୀ ଭାଜପା ଓ କଂଗ୍ରେସ ଦାବି କରି ରାସ୍ତାକୁ ଓହ୍ଲାଇଥିବାରୁ ଘଟଣା ଅଧିକ ଜଟିଳ ହେଉଛି। ଶୁକ୍ରବାର ଭାଜପାର ଏକ ଟିମ୍ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ଏକ ଦାବିପତ୍ର ଦେଇଛି। ରହସ୍ୟଜନକ ଭିଡିଓକୁ ସାମ୍ନାକୁ ଅଣାଯାଉ, ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ଏବଂ ମାମଲାର ନିରପେକ୍ଷ ତଦନ୍ତ ହେଉ ଆଦି ଭାଜପା ଦାବି କରିଛି। ଏପରିସ୍ଥିତିରେ କୌଣସି ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ଭୁବନେଶ୍ୱରସ୍ଥିତ ଗଣଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ପରିସରରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ଘଟଣା ସଂକ୍ରାନ୍ତରେ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ପରିବାର ପକ୍ଷରୁ କୌଣସି ଅଭିଯୋଗ ଆସିନାହିଁ। ବିରୋଧୀ କ'ଣ କହୁଛନ୍ତି ସେ ସମ୍ପର୍କରେ ଉତ୍ତର ରଖିବାକୁ ଉଚିତ ମନେ କରୁନାହିଁ ବୋଲି ସେ କହିଛନ୍ତି।

# ୱେବସିରିଜ୍ 'ବାରଙ୍ଗ-୧୯୯୯'କୁ ବିରୋଧ

## ବନ୍ଦ ନ କଲେ କୋର୍ଟ ଯିବି: ଅଞ୍ଜନା

ଭୁବନେଶ୍ୱର,୨୬।୯ (ବ୍ୟୁରୋ)

ଓଟିଟି ପ୍ଲାଟଫର୍ମ 'କଞ୍ଚାଲଙ୍କା' ପକ୍ଷରୁ ନିର୍ମାଣାଧୀନ ୱେବସିରିଜ୍ 'ବାରଙ୍ଗ-୧୯୯୯'ର ପୋଷ୍ଟର ରିଲିଜ୍ ହୋଇଛି। ଏହି ପୋଷ୍ଟରକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ୱେବସିରିଜ୍‌ର ଶୁଟିଂ ଚାଲିଥିବା ବେଳେ ସୋମବାର ଏହାକୁ ନେଇ ଆପତ୍ତି ଉଠାଇଛନ୍ତି ଅଞ୍ଜନା ମିଶ୍ର। ୱେବସିରିଜକୁ ବନ୍ଦ ନ କଲେ କୋର୍ଟ ଯିବେ ବୋଲି ଗଣମାଧ୍ୟମ ଜରିଆରେ ସେ ଚେତାବନୀ ଦେଇଛନ୍ତି। ତାଙ୍କ କହିବା କଥା, ଗଣମାଧ୍ୟମ ଦ୍ୱାରା ମୋ ଜୀବନ କାହାଣୀକୁ ନେଇ ୱେବସିରିଜ ହେଉଥିବା ଜାଣିବାକୁ ପାଇଲି। ଏ ନେଇ ମୋ ପାଖରେ କୌଣସି ସୂଚନା ନ ଥିଲା। ପ୍ରଯୋଜନା ସଂସ୍ଥା ମୋ ସହ ଆଲୋଚନା କରିନାହାନ୍ତି କି ଅନୁମତି ମଧ୍ୟ ନେଇନାହାନ୍ତି। ତେଣୁ ଏମିତି ୱେବସିରିଜ୍ ନ କରିବାକୁ ସେ ଚେତାବନୀ ଦେଇଛନ୍ତି। ଯଦି କରିବେ, ଆଇନ ଅନୁଯାୟୀ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଅଞ୍ଜନା କହିଛନ୍ତି। ଏନେଇ ୱେବସିରିଜର ନିର୍ଦ୍ଦେଶକ ଅଜୟ ପାଢ଼ୀ କହିଛନ୍ତି, ବାସ୍ତବ ଜୀବନ ଓ ସମାଜରେ ଏହାର ପ୍ରତିଫଳନକୁ ନେଇ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଏ। ଚଳଚ୍ଚିତ୍ରରେ ଦର୍ଶାଯାଉଥିବା ସମସ୍ତ କାହାଣୀ ମଧ୍ୟରୁ କିଛି କାଳ୍ପନିକ ଓ ବାସ୍ତବିକ ହୋଇଥାଏ। ଏହି ୱେବସିରିଜ୍ ସମ୍ପୂର୍ଣ୍ଣ ଭାବେ ଅଞ୍ଜନା ମିଶ୍ରଙ୍କର ଆତ୍ମଜୀବନୀ ନୁହେଁ। ଏଥିରେ ଅନେକ ଚରିତ୍ର ମଧ୍ୟ ରହିଛନ୍ତି। ତାଙ୍କ ସଂଘର୍ଷ ପ୍ରେରଣାଦାୟୀ, ଯାହାକି ସମସ୍ତେ ଜାଣିବା ଦରକାର। ଏହା ମାଧ୍ୟମରେ କାହାର ମାନହାନି କରାଯାଇ ନାହିଁ। ୱେବ ସିରିଜ୍ ରିଲିଜ୍ ହେବା ପରେ ସେ ଏହାକୁ ଦେଖି ଖୁସି ହେବେ ବୋଲି ନିର୍ଦ୍ଦେଶକ ପାଢ଼ୀ କହିଛନ୍ତି। ସୂଚନାଯୋଗ୍ୟ, ୧୯୯୯ ଜାନୁୟାରୀ ୯ ରାତିରେ ବାରଙ୍ଗ ନିକଟରେ ଅଞ୍ଜନାଙ୍କୁ କାର ଭିତରେ ଗଣବଳାତ୍କାର କରାଯାଇଥିଲା। କଟକ ମହିଳା ଥାନା ପୋଲିସ ଏହି ମାମଲାରେ ସହ ଅଭିଯୁକ୍ତ ପ୍ରଦୀପ ସାହୁଙ୍କୁ ଗିରଫ କରିଥିଲା। ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଦାୟିତ୍ୱ ନେଇ ଅନ୍ୟତମ ଅଭିଯୁକ୍ତ ଧୀରେନ୍ଦ୍ର ମହାନ୍ତିଙ୍କୁ ଗିରଫ କରିଥିଲା। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଏହି ମାମଲାର ତଦନ୍ତ ଭାର ନେଇଥିଲା। ୨୦୦୨ ଏପ୍ରିଲ ୨୯ରେ ଖୋର୍ଦ୍ଧା ଜିଲା ଦୌରାଜଜ୍ ଅଭିଯୁକ୍ତ ପ୍ରଦୀପ ଓ ଧୀରେନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଜା ଶୁଣାଇଥିଲେ। ଘଟଣାର ଅନ୍ୟତମ ଅଭିଯୁକ୍ତ ବିବନ ବିଶ୍ୱାଳଙ୍କୁ ଦୀର୍ଘ ୨୨ ବର୍ଷ ପରେ ଅର୍ଥାତ୍ ୨୦୨୧ ଫେବୃୟାରୀ ୨୧ରେ ମହାରାଷ୍ଟ୍ରର ଆମ୍ବିଭ୍ୟାଲିରୁ କମିଶନରେଟ୍ ପୋଲିସ ଗିରଫ କରିଥିଲା।

La'serena FORMULATIONS REQUIRES
NEED PHARMA DISTRIBUTORS
A Pharma Company need a Common and Generic Distributor for Odisha on Monopoly basis Pain Management Products with competitive rates and attractive scheme.
Lanec (Diclo + Para) | Lanec SP (Aciclo + Para + Sera)
Lanec AP (Aciclo + Para) | Lanec MR (Diclo + Para + Chlorzoxazone)
Lanec NP (Nimusulide +Para) | Lanec Plus (Diclo + Para + Caffeine)
Interested Distributor Who Has Having a good network in Odisha feel free to....
CONTACT
LA SERENA FORMULATIONS
B-Wing 608, Manubhai Tower, Sayajiganj, Vadodra-390005 India
Mob. : 94250 92102 email : laserena.baddi@gmail.com

DSPL - 185
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର
ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର କମ୍ପ୍ୟୁଟରୀକୃତ
Go Live
କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ
ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା
ଶୁଭ ଉଦ୍‌ଘାଟନ
ତା : ୨୭.୦୯.୨୦୨୨, ସମୟ : ସକାଳ ଘ.୧୧.୩୦ମି.
ସ୍ଥାନ : ସମ୍ମିଳନୀ କକ୍ଷ, ସଂସ୍କୃତି ଭବନ, ଭୁବନେଶ୍ୱର

OIPR-03001/13/0024/2223

# ପଛରେ ପଡ଼ିଛି ଜଳକ୍ରୀଡ଼ାର ବିକାଶ

ପୁରୀ ଅଫିସ,୨୬।୯

ଶ୍ରୀମନ୍ଦିର ଓ ସ୍ୱର୍ଣ୍ଣାଭ ବେଳାଭୂମି ପୁରୀ ପର୍ଯ୍ୟଟନ ଶିଳ୍ପର ମେରୁଦଣ୍ଡ। ସହରର ଅର୍ଥନୈତିକ ବିକାଶ ଏହା ଉପରେ ନିର୍ଭରଶୀଳ। ପ୍ରତିଦିନ ରାଜ୍ୟ ଓ ଦେଶ ବାହାରୁ ହଜାର ହଜାର ପର୍ଯ୍ୟଟକ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରନ୍ତି ଏବଂ ବେଳାଭୂମିର ମଜା ନିଅନ୍ତି। ବଙ୍ଗୋପସାଗର ତଟରେ ଥିବା ପୁରୀ ସହର ଭୌଗୋଳିକ ଦୃଷ୍ଟିକୋଣରୁ ପର୍ଯ୍ୟଟକଙ୍କର ପ୍ରଥମ ପସନ୍ଦ। ଭୂମଣ୍ଡଳୀୟ ତାପମାତ୍ରା ଓ ବେଳାଭୂମିର ବିସ୍ତାରତା ଏଠାକୁ ପର୍ଯ୍ୟଟକଙ୍କୁ ଟାଣିଆଣେ। ମାତ୍ର ସହରରେ ଜଳକ୍ରୀଡ଼ାର ବିକାଶ ହୋଇ ନ ପାରିବା ହିଁ ପର୍ଯ୍ୟଟନ ଶିଳ୍ପକୁ ପ୍ରଭାବିତ କରୁଛି। ମୁମ୍ବାଇ, ଗୋଆ ସମେତ ଦେଶର ଅଧିକାଂଶ ବେଳାଭୂମିରେ ଜଳକ୍ରୀଡ଼ାର ଭରପୂର ସୁଯୋଗ ରହିଛି। ପର୍ଯ୍ୟଟକମାନେ ଜଳକ୍ରୀଡ଼ା ପ୍ରତି ଉତ୍ସାହ ଦେଖାଉ ଥିଲେ ମଧ୍ୟ ପୁରୀରେ ଏ ନେଇ ବିଶେଷ ସୁଯୋଗ ନାହିଁ। ଅନ୍ୟପକ୍ଷରେ ସିପସରୁବାଲି ବେଳାଭୂମିରେ ଉଇଣ୍ଡ ସର୍ଫିଙ୍ଗ ଓ ପାରାସେଲିଂ କରାଯିବ ବୋଲି ପର୍ଯ୍ୟଟନ ବିଭାଗ କହିଛି। ଜଳକ୍ରୀଡ଼ା ମଧ୍ୟରେ ସ୍କୁବା ଡାଇଭିଂ, ରାଫ୍ଟିଂ, ସର୍ଫିଂ, କାଇଟ୍ ସର୍ଫିଂ, ୱାଟର ସ୍କାଇଂ, ଜୋର୍ବିଂ, ନିବୋର୍ଡିଂ, ପାଡେଲ୍ ବୋଟିଂ, ବାନାନା ଟିଉବ୍ ବୋଟ୍ ରାଇଡିଂ ପ୍ରଭୃତି ରହିଛି।



ଏଭଳି ଜଳକ୍ରୀଡ଼ା ପର୍ଯ୍ୟଟକଙ୍କୁ ଆକର୍ଷଣ କରିଥାଏ। ସୂଚନାଯୋଗ୍ୟ, ଗୋଆ ପର୍ଯ୍ୟଟନ ଶିଳ୍ପ ଆୟର ୪୦ ପ୍ରତିଶତ କେବଳ ଜଳକ୍ରୀଡ଼ା ମାଧ୍ୟମରେ ହେଉଛି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଜଳକ୍ରୀଡ଼ାର ବ୍ୟାପକ ପ୍ରସାର ହେଉଥିବାବେଳେ ଭାରତର କେତେକ ବେଳାଭୂମିରେ ମଧ୍ୟ ଏହା ଦେଖିବାକୁ ମିଳୁଛି। ମାତ୍ର ପୁରୀ ବେଳାଭୂମିରେ ଏଭଳି ଅତ୍ୟାଧୁନିକ ଜଳକ୍ରୀଡ଼ା ସୁବିଧା ନାହିଁ। ଏ ନେଇ ପୁରୀ ବାସିନ୍ଦା ହେକ୍ଟର ମିଶ୍ର କହିଛନ୍ତି, ପୁରୀ ସିପସରୁବାଲି ଅଞ୍ଚଳ ସମେତ ଗଭୀର ସମୁଦ୍ର ମଧ୍ୟ ଜଳକ୍ରୀଡ଼ା ପାଇଁ ଉପଯୋଗ। ଅନେକ ଘରୋଇ ଜଳକ୍ରୀଡ଼ା କମ୍ପାନୀ ଏନେଇ ସର୍ଭେ କରିଛନ୍ତି। ଜଳକ୍ରୀଡ଼ା ଲାଗି ସହର ବାହାରେ ପ୍ରଶସ୍ତ କ୍ଷେତ୍ର ପଡ଼ିଛି। ସେଠାରେ ଭିତ୍ତିଭୂମି ବିକାଶ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଇପାରିବ। ସେହିପରି ପର୍ଯ୍ୟଟକ ନନ୍ଦିନୀ ଘୋଷ କହିଛନ୍ତି, ପୁରୀ ବେଳାଭୂମି ଅତ୍ୟନ୍ତ ଆକର୍ଷଣୀୟ। ଏଠାରେ ଜଳକ୍ରୀଡ଼ା ସୁବିଧା ପର୍ଯ୍ୟଟକଙ୍କ ଉତ୍ସାହକୁ ବହୁଗୁଣିତ କରିବ। ତେଣୁ ପ୍ରଶାସନ ଏନେଇ ଚେଷ୍ଟା କରିବା ଦରକାର ବୋଲି ସେ ମତ ଦେଇଛନ୍ତି।

ସମ୍ପ୍ରତି ପୁରୀ ସହରର ଗୋଲ୍ଡେନ୍ ଟ୍ରି ହୋଟେଲ ଓ ତାରା ପ୍ୟାଲେସ୍ ସମ୍ମୁଖ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ଛୋଟ ଧରଣର ଜଳକ୍ରୀଡ଼ା ବ୍ୟବସ୍ଥା ରହିଛି। ମାତ୍ର ଏହା ନିୟମିତ ଭାବେ କାର୍ଯ୍ୟକ୍ଷମ ନୁହେଁ। ତେବେ ୩ରୁ ୪ଟି କମ୍ପାନୀ ପୁରୀ ବେଳାଭୂମିରେ ଜଳକ୍ରୀଡ଼ା ଭିତ୍ତିଭୂମିର ସୁବିଧା ଯୋଗାଇଦେବା ପାଇଁ ଆବେଦନ କରିଛନ୍ତି। ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ସଂପୃକ୍ତ କମ୍ପାନୀଙ୍କୁ ଏନ୍‌ଓସି ଦାଖଲ କରିବା ପାଇଁ କୁହାଯାଇଛି। ଜଳକ୍ରୀଡ଼ା ପାଇଁ ଉପକୂଳ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଅଗ୍ନିଶମ ବିଭାଗ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରୁ ଅନୁମତି ଆଣିବାକୁ ପଡ଼ିଥାଏ। କମ୍ପାନୀମାନେ ଏନ୍‌ଓସି ଦାଖଲରେ ବିଫଳ ହେଉଛନ୍ତି। ଏନ୍‌ଓସି ମିଳିବା ପରେ ମଧ୍ୟ ଜାତୀୟ ଜଳକ୍ରୀଡ଼ା ସଂସ୍ଥାନ ପକ୍ଷରୁ ଅନୁମୋଦନ ଆବଶ୍ୟକ ହୋଇଥାଏ। ପୁରୀରେ ସମ୍ପ୍ରତି ଜଳକ୍ରୀଡ଼ା କମ୍ପାନୀ ଅନୁମତି ପାଇ ନ ଥିବାରୁ ଜଳକ୍ରୀଡ଼ା ବ୍ୟବସ୍ଥା ବନ୍ଦ ରହିଛି। ଆମ୍ପିରାଇଡ୍ ନାମକ କମ୍ପାନୀ ଆସନ୍ତା ଅକ୍ଟୋବର ୧ରୁ ଜଳକ୍ରୀଡ଼ା ଆରମ୍ଭ କରିବା ନେଇ ପର୍ଯ୍ୟଟନ ବିଭାଗକୁ ଚିଠି ଲେଖିଛି ବୋଲି ବିଭାଗର ସହକାରୀ ନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି, କୌଣସି କମ୍ପାନୀ ପର୍ଯ୍ୟଟନ ବିଭାଗ ନିକଟରେ ଏନ୍‌ଓସି ଦାଖଲ କରିବା ପରେ ପ୍ରକ୍ରିୟା ଶେଷ କରିବାରେ ବିଳମ୍ବ କରୁନାହୁଁ। ଏନ୍‌ଓସି ଦାଖଲ ପରେ ଯୁଦ୍ଧକାଳୀନ ଭିତ୍ତିରେ ଜିଲାସ୍ତରୀୟ ଜଳକ୍ରୀଡ଼ା କମିଟିରେ ପ୍ରସ୍ତାବ ପାରିତ ହେଉଛି। ଜିଲାପାଳ ଏହାର ଅଧ୍ୟକ୍ଷ ରହିଛନ୍ତି। ଜିଲା ପ୍ରଶାସନ ଯାଞ୍ଚ ଶେଷ କରି ସିଙ୍ଗିଲ ୱିଣ୍ଡୋ ସୁପାରିସ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଉଛନ୍ତି। ପୁରୀ ସହରରେ ଆଗାମୀ ଦିନରେ ଜଳକ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ ହେବ। ସେହିପରି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ପର୍ଯ୍ୟଟନ ବିଭାଗ ସିପସରୁବାଲି ବେଳାଭୂମି ଅଞ୍ଚଳରେ ଜଳକ୍ରୀଡ଼ା ପାଇଁ ବ୍ୟାପକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଯୋଜନା କରୁଛି। ଘରୋଇ କମ୍ପାନୀଗୁଡ଼ିକ ଯଥାଶୀଘ୍ର ଏନ୍‌ଓସି ଦାଖଲ କରିବେ ବୋଲି ଜଣାଇଛନ୍ତି।

-ରିପୋର୍ଟ: ଦତ୍ତାତ୍ରେୟ ନାୟକ

## ପୁରୀ ବେଳାଭୂମିରେ ପର୍ଯ୍ୟଟକ ନିରାଶ

- ଏନ୍‌ଓସି ଦାଖଲରେ ବିଳମ୍ବ: ଆଗେଇପାରୁନି ପ୍ରକଳ୍ପ
- ସିପସରୁବାଲିରେ ହେବ ପାରାସେଲିଂ, ଉଇଣ୍ଡ ସର୍ଫିଙ୍ଗ




ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସୋମବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

### ପ୍ରେମରେ ବାଧକ ସାଜିବା ମହଙ୍ଗା ପଡ଼ିଲା

## ଯୁବତୀଙ୍କ ନାକ କାଟିଦେଲେ ପ୍ରେମୀଯୁଗଳ

ଭୁବନେଶ୍ୱର,୨୬।୯ (ବ୍ୟୁରୋ): ପ୍ରେମ ବ୍ୟାପାରରେ ଗୋଇନ୍ଦାଗିରି କରିବା ସହ ବାଧକ ସାଜିବା ଜଣେ ଯୁବତୀଙ୍କ ପାଇଁ ମହଙ୍ଗାପଡିଛି। ପ୍ରେମୀଯୁଗଳ ତାଙ୍କୁ ଆକ୍ରମଣ କରିବା ପରେ ନାକ କାଟି ଦେଇଛନ୍ତି। ଏଭଳି ଅଭାବନୀୟ ଘଟଣା ନୟାପଲ୍ଲୀ ଥାନା ଅନ୍ତର୍ଗତ ତ୍ରିନାଥ ସାହିରେ ଦେଖିବାକୁ ମିଳିଛି। ଆହତ ଯୁବତୀ ଜଣକ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ସୁମିତ୍ରା ନାୟକ। ସେ ପରିବାର ଲୋକଙ୍କ ସହ ଥାନାକୁ ଆସି ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତ ଯୁବକ



ରାନୁ ଦିଗଲ ଓ ତାଙ୍କ ପ୍ରେମିକାଙ୍କ ନାମରେ ଏକ ମାମଲା ରୁଜୁ କରି ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ରାନୁ ସାଲିଆ ସାହିରେ ରୁହନ୍ତି। ସେ ଉକ୍ତ ଅଞ୍ଚଳରେ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ପରବର୍ତ୍ତୀ ସମୟରେ ଯୁବକ ଜଣକ ଅନ୍ୟଜଣେ ଝିଅ ସହିତ କଥା ହେଉଥିବାରୁ ଯୁବତୀଙ୍କ ସନ୍ଦେହ ହୋଇଥିଲା। ଏଥିପାଇଁ ସେ ତାଙ୍କ ସାଙ୍ଗ ସୁମିତ୍ରାଙ୍କୁ ଜଣାଇବା ସହ ପ୍ରେମିକ ରାନୁଙ୍କ ଉପରେ ନଜର ରଖି ସୂଚନା ଦେବାକୁ କହିଥିଲେ। ଏହାକୁ ନେଇ ରାନୁ ଓ ତାଙ୍କ ପ୍ରେମିକାଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରେ ସେମାନଙ୍କ ମଧ୍ୟରେ ମିଳାମିଶା ହୋଇଥିଲା। ତେବେ ଉଭୟଙ୍କ ସମ୍ପର୍କ ଭାଙ୍ଗୁଥିବା ନେଇ ସନ୍ଦେହ କରି ଖବର ଦେଉଥିବା ସୁମିତ୍ରାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ ପ୍ରେମୀ ଯୁଗଳ। ରକ୍ତାକ୍ତ ଅବସ୍ଥାରେ ପିସିଆର ପୋଲିସ ତାଙ୍କୁ ଉଦ୍ଧାର କରିଥିଲା।

## ପର୍ଯ୍ୟଟନରେ ଯୋଡ଼ିହେଉ ଦୟାନଦୀରେ ନୌକା ବିହାର

ପୁରୁଣା ଭୁବନେଶ୍ୱର,୨୬।୯(ଡି.ଏନ୍.ଏ.)

ଓଡ଼ିଶାରେ ଅନେକ ସ୍ଥାନ ରହିଛି, ଯାହାକୁ ଦୃଷ୍ଟି ଦିଆଗଲେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆସିପାରିବ। ସ୍ଥାନୀୟ ଅଞ୍ଚଳର ସାମାଜିକ ଏବଂ ଅର୍ଥନୈତିକ ବିକାଶ ହେବା ସହ ରାଜ୍ୟ ରାଜକୋଷକୁ ମଧ୍ୟ ଅର୍ଥ ଆସିପାରିବ। ସେପ୍ଟେମ୍ବର ୨୭ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଆଢୁଆଳରେ ଥିବା ବିଭିନ୍ନ ଐତିହ୍ୟସ୍ଥଳକୁ ବ୍ୟାପକ କରାଗଲେ ଏହାର ଉନ୍ନତି ଘଟିବ। ଏମିତି ଏକ ଐତିହାସିକ ସ୍ଥଳ ହେଉଛି ରାଜଧାନୀ ଉପକଣ୍ଠରେ ଥିବା ରଣଗୋହିରୀ, ଯାହାକି କଳିଙ୍ଗ-ଅଶୋକ ଯୁଦ୍ଧର ମୂକସାକ୍ଷୀ। ଉପକଣ୍ଠରେ ବହିଯାଉଥିବା ଦୟାନଦୀର ଗୋଟିଏ ପାର୍ଶ୍ୱରେ ଧଉଳି ଶାନ୍ତିସ୍ତୂପ ରହିଥିବାବେଳେ ଅପର ପାର୍ଶ୍ୱରେ ରହିଛି ଏହି ଐତିହ୍ୟସମ୍ପନ୍ନ ସ୍ଥାନ। ଧଉଳିକୁ ନିୟମିତ ପର୍ଯ୍ୟଟକ ଆସୁଥିବାବେଳେ ରଣଗୋହିରୀ ଏବେ ବି ଅଣଦେଖା ଅବସ୍ଥାରେ ରହିଛି। ଧଉଳି ଏବଂ ରଣଗୋହିରୀକୁ ସଂଯୋଗ କରୁଥିବା ପୋଲଟି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ପୋଲ ମରାମତି କରାଗଲେ ରଣଗୋହିରୀ ମଧ୍ୟ ପର୍ଯ୍ୟଟକଙ୍କ ଦୃଷ୍ଟିଗୋଚର ହେବ। ଏଥିସହ ଦୟାନଦୀକୁ ପର୍ଯ୍ୟଟନର ଅନ୍ୟତମ ଅଂଶ ଭାବେ ଗ୍ରହଣ କରାଯିବା ଦରକାର। ଏଭଳି ଏକ ଐତିହ୍ୟ ସମ୍ପନ୍ନ ନଦୀରେ ନୌକା ବିହାର ବ୍ୟବସ୍ଥା କରାଯାଇ ପାରିଲେ ତାହା ପର୍ଯ୍ୟଟକଙ୍କୁ ଆକର୍ଷଣ କରିବ। ଉଭୟ ଧଉଳି ଏବଂ ରଣଗୋହିରୀକୁ ଏହା ସଂଯୋଗ କରିପାରନ୍ତା। ଏହାଦ୍ୱାରା ପର୍ଯ୍ୟଟକମାନେ ଧଉଳି ଛକରୁ ସଡ଼କ ପଥରେ ନ ଯାଇ ଦୟାର ଜଳପଥରେ ମଧ୍ୟ ଯାଇପାରନ୍ତେ। ଏଥିପାଇଁ ଦୟାକୁ ସୁନାବ୍ୟା କରିବା ଦରକାର। ଧଉଳି ତଳପଟୁ ଦୟାର ଆନିକଟ ନିର୍ମାଣ କରାଯାଇ ନଦୀକୁ ସୁନାବ୍ୟା କରାଯାଇ ପାରିବ। ଏଥିପ୍ରତି ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେବା ଦରକାର ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଦାବି କରିଛନ୍ତି।

### ଆଜି ବିଶ୍ୱ ପର୍ଯ୍ୟଟନ ଦିବସ



## ବାର୍ ଉପରକୁ ବୋମାମାଡ଼

ଭୁବନେଶ୍ୱର,୨୬।୯ (ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ 'ରେନ ଦ କ୍ଲବ' ବାର ଉପରକୁ ସୋମବାର ରାତିରେ ବୋମା ମାଡ଼ ହୋଇଛି। ପୂର୍ବ ଶତ୍ରୁତାରୁ ଏହି ବୋମାମାଡ଼ ହୋଇଥିବା ସନ୍ଦେହ କରାଯାଉଛି। ଲକ୍ଷ୍ମୀସାଗର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ରାତି ପ୍ରାୟ ୧୧ଟା ସମୟରେ ଜନୈକ ଯୁବକ ଆସି ବାର ଉପରକୁ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ବାରର ମାଲିକ କହିଛନ୍ତି ୩ ଦିନ ତଳେ ପିପିଲ ଅଞ୍ଚଳର କେତେକ ଯୁବକଙ୍କ ସହିତ ବାର କର୍ମଚାରୀଙ୍କ ପାଟିତୁଣ୍ଡ ହୋଇଥିଲା। ସେମାନେ ଏଭଳି କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଦାଦାବଟି କାରଣରୁ ଏପରି ହୋଇଥାଇ ପାରେ ବୋଲି ପୋଲିସ ସନ୍ଦେହ କରୁଛି।

## ୨୪ ଦିନରେ ୨୬୦ ମୋବାଇଲ ଚୋରି

### ଦିନକରେ ୧୦ ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୬।୯ (ବ୍ୟୁରୋ)

ଜଣେ ମୋବାଇଲ ଚୋରି ଅଭିଯୁକ୍ତଙ୍କୁ ଭରତପୁର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ ପଶ୍ଚିମବଙ୍ଗର ଶିବବ୍ରତ ପଣ୍ଡା। ତାଙ୍କ ନିକଟରୁ ୧୦ଟି ମୋବାଇଲ୍ ଜବତ କରିଛି ପୋଲିସ। ଅପରପକ୍ଷରେ ସେପ୍ଟେମ୍ବର ୧ ରୁ ୨୪ ମଧ୍ୟରେ ବିଭିନ୍ନ ଥାନାରେ ମୋଟ ୨୬୦ଟି ମୋବାଇଲ ଚୋରି ଓ ହଜିଥିବା ନେଇ ଅଭିଯୋଗ ହୋଇଥିବା ବେଳେ ସେଥି ମଧ୍ୟରୁ ୯୫ଟି ଉଦ୍ଧାର କରଯାଇଛି ଏବଂ ପୂର୍ବରୁ ଉଦ୍ଧାର ହୋଇଥିବା ମୋବାଇଲକୁ ମିଶାଇ ମୋଟ ୧୨୫ଟି ପ୍ରକୃତ ମାଲିକଙ୍କୁ ଫେରସ୍ତ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦେବୀଦତ୍ତ



@ ପବିତ୍ର



@ ସୁଜିତ



@ ମୁନା



@ ରାମ



@ ଆଦିତ୍ୟ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍ଫି ଉଠାଇ ପଠାନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍ଫି ଉଠାଇବା ଅନୁଚିତ।



ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଜାତୀୟ ନାଟ୍ୟ ଉତ୍ସବରେ ସୋମବାର ପରିବେଷିତ ନାଟକ 'ରତ୍ନାକର'ର ଏକ ଦୃଶ୍ୟ।



ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ପୁରାଣ ପୁରୁଷ ଯୋଗୀରାଜ ଶ୍ରୀ ଶ୍ୟାମାଚରଣ ଲାହିଡ଼ୀଙ୍କ ସମ୍ପୂର୍ଣ୍ଣ ଜୀବନ ଚରିତ ପୁସ୍ତକ (ଓଡ଼ିଆ ଅନୁବାଦ)କୁ ବିଶିଷ୍ଟ ସାହିତ୍ୟିକ ସାନ୍ତନୁ କୁମାର ଆଚାର୍ଯ୍ୟ ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ବାରଙ୍ଗ,୨୬।୯(ଡି.ଏନ୍.ଏ.)

ଚନ୍ଦକା ଥାନା ଅନ୍ତର୍ଗତ ପଳାଶପୁର ଗ୍ରାମରେ ସୋମବାର ଜଣେ ମହିଳାଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ପୋଲିସ ଜବତ କରିଛି। ସେ ହେଲେ ଗ୍ରାମର ଦିଲୀପ ମାଝୀଙ୍କ ସ୍ତ୍ରୀ ଅମୁଲି ପ୍ରଧାନ। ସୋମବାର ପୋଲିସ ଏକ ମାମଲା (ନଂ. ୧୩୨/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଦିଲୀପ ୨୦୧୮ରେ ବାଙ୍କୀ ଥାନା ଅଧୀନ କେନ୍ଦୁପଲ୍ଲୀ ଗ୍ରାମର ଜଳଧର ପ୍ରଧାନଙ୍କ ଝିଅ ଅମୁଲିଙ୍କୁ ବିବାହ କରିଥିଲେ। ତାଙ୍କର ଏକ ୩ ବର୍ଷର ଝିଅ ଅଛି। ରବିବାର ରାତିରେ ପାରିବାରିକ କଳହରୁ ଅମୁଲି ସିନ୍ଦୂର ପିଇଦେଇଥିଲେ। ପରେ ସ୍ୱାମୀ ତାଙ୍କୁ ବୁଝାଶୁଝା କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ଫ୍ୟାନରେ ଶାଢି ଲଗାଇ ଆତ୍ମହତ୍ୟା କରିଥିବା ନେଇ ସକାଳେ ଦେଖିଥିବା ସ୍ୱାମୀ ଦିଲୀପ ପ୍ରକାଶ କରିଛନ୍ତି। ଅନ୍ୟପଟେ ଶାଶୁଘର ଲୋକେ ତାଙ୍କ ଝିଅଙ୍କୁ ମାରି ଆତ୍ମହତ୍ୟା ରୂପ ଦେଇଥିବା ଅମୁଲିଙ୍କ ବାପା ଜଳଧର ଚନ୍ଦକା ଥାନାରେ ଅଭିଯୋଗ କରିଛନ୍ତି।

**ଖରାପ ରାସ୍ତା, ଡ୍ରେନ୍ ଆଦି ସମସ୍ୟା ଉଠାଇଲେ ୱାର୍ଡ ବାସିନ୍ଦା**

ଭୁବନେଶ୍ୱର, (ବ୍ୟୁରୋ): ୱାର୍ଡ ନଂ. ୧୧ ଓ ୧୨ର ପବ୍ଲିକ ଇଣ୍ଟରଫେସ୍ ସୋମବାର ବିଏମ୍‌ସି କାର୍ଯ୍ୟାଳୟରେ ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଖରାପ ଥିବା ରାସ୍ତା, ଡ୍ରେନ୍, ଲାଇଟ ଭଳି ବିଭିନ୍ନ ସମସ୍ୟା ନେଇ ୱାର୍ଡ ବାସିନ୍ଦା ଉଠାଇବା ପରେ ଏନେଇ ଆଲୋଚନା କରାଯାଇଥିଲା। ୧୧ନଂ. ୱାର୍ଡ ବାହାରୁ ଆସୁଥିବା ଅଳିଆ ଗାଡ଼ି କଲୋନୀ ଭିତର ଦେଇ ନ ଯିବାକୁ ଦାବି କରାଯାଇଥିଲା। ଓମ୍ଫେଡ ଛକ ଛକରୁ ଭିଏସ୍ଏସ୍ ନଗର ଦେଇ ଏମ୍ସ ଓ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ମୋ ବସ୍ ଚଳାଚଳ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।



## ସ୍ମାର୍ଟ ସିଟି ଭୁବନେଶ୍ୱର

# ଯୁଆଡ଼େ ଦେଖିବ ସିଆଡ଼େ ଖାଲ

### ପୂଜା ପୂର୍ବରୁ ରାସ୍ତା ମରାମତି ନେଇ ଆଶଙ୍କା



ସତ୍ୟନଗର ଓଭରବ୍ରିଜ।



ଝାରପଡା ଜଗନ୍ନାଥ ନଗର ରାସ୍ତାରେ ଥିବା ସ୍ୱରେଜ ଲାଇନ ଚାମ୍ବର ଉପରେ ରହିଥିବା ଖାଲ।

ଭୁବନେଶ୍ୱର, ୨୬।୯ (ବ୍ୟୁରୋ)

'ସ୍ମାର୍ଟସିଟି ଭୁବନେଶ୍ୱର' କେବଳ ନାମକୁମାତ୍ର। ରାସ୍ତାଠାରୁ ଆରମ୍ଭ କରି ପରିମଳ ପର୍ଯ୍ୟନ୍ତ ସବୁକିଛି ବିପର୍ଯ୍ୟସ୍ତ। ଯୁଆଡେ ଦେଖିବ ସିଆଡେ ଖାଲ। ସହରର ଏମିତି କୌଣସି ସ୍ଥାନ ନାହିଁ, ଯେଉଁଠାରେ ଖାଲଖମା ନାହିଁ। କେଉଁଠି ସ୍ୱେରେଜ ଲାଇନ୍ ପାଇଁ ରାସ୍ତାକୁ ଖୋଳିବିଦାରି ଛାଡ଼ି ଦିଆଯାଉଛି ତ ଆଉ କେଉଁଠି ରାସ୍ତା ମଝିରେ ସ୍ୱେରେଜ ଚାମ୍ବର ଗାତ ବିପଦର ଆଁ ମେଲି ରହିଛି। ଅଳ୍ପ ଖରାପ ସମୟରେ ରାସ୍ତା ମରାମତି ହେଉ ନ ଥିବାରୁ ଅଧିକାଂଶ ରାସ୍ତାରେ ବଡ଼ ବଡ଼ ଗାତ ସଦୃଶ ଖାଲ ସ୍ମାର୍ଟସିଟିବାସୀଙ୍କୁ ତିକ୍ତ ଅନୁଭବ ଦେଉଛି। ସ୍ମାର୍ଟସିଟିବାସୀ ସ୍ମାର୍ଟ ହୋଇ ରାସ୍ତାରେ ଯିବାବେଳେ ଖାଲରେ ପଡ଼ି ଖଣ୍ଡିଆ ଖାବରା ହେବା ସହ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ଭାଙ୍ଗୁଛି। କଟକ ରୋଡ୍ ହେଉ ଅବା ଝାରପଡ଼ା, ଶହୀଦ ନଗର, ସତ୍ୟନଗର, ବମିଖାଲ, ପଳାଶୁଣି, ପୁରୁଣା ଭୁବନେଶ୍ୱର, ନୟାପଲ୍ଲୀ, ସିଆର୍‌ପିଏଫ୍ ଆଦି ସହରର ଅଧିକାଂଶ ପ୍ରମୁଖ ରାସ୍ତାର ଅବସ୍ଥା ଯାତ୍ରୀଙ୍କୁ ଅସହ୍ୟ କରିପକାଉଛି। ବର୍ଷାହେଲେ ଚିନ୍ତା ବଢୁଛି। ଅଜାଣତରେ ଜୀବନଯିବା ଭଳି ସ୍ଥିତିରୁ ସମ୍ମୁଖୀନ ହେବାକୁ ପଡୁଛି। ପୂର୍ତ୍ତ ବିଭାଗ ହେଉ ଅବା ବିଏମ୍‌ସି, ଠିକ୍ ସମୟରେ ଆବଶ୍ୟକ ମରାମତି କରୁନାହିଁ କି ଠିକାଦାର କାମ କରିସାରିବାପରେ ତଦାରଖ କରୁ ନ ଥିବାରୁ ସ୍ମାର୍ଟସିଟିର ରାସ୍ତାଘାଟର ଚିତ୍ର ଗାଁଠାରୁ ଆହୁରି ଖରାପ ହୋଇପଡୁଛି। ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ୧୨ରେ ବିଏମ୍‌ସି କାର୍ଯ୍ୟାଳୟରେ ବୈଠକ ବସିଥିଲା। ୱାର୍କସ୍ ବିଭାଗ ସହିତ ପିଡବ୍ଲୁଡି ଏବଂ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସହରର ବିଭିନ୍ନ ସ୍ଥାନରେ ସ୍ୱେରେଜ ସିଷ୍ଟମ ପାଇଁ ରାସ୍ତା ଖୋଳା ହୋଇ ପଡି ରହିଛି। ପୂଜା ପୂର୍ବରୁ ଯଥାଶୀଘ୍ର ରାସ୍ତାଗୁଡିକର ଜରୁରୀ ମରାମତି କରିବା, ଡ୍ରେନ୍‌ରେ ସ୍ଲାବ୍ ପକାଇବା ଆଦି କାର୍ଯ୍ୟ ସାରିବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଡ୍ରେନ୍ ସ୍ଲାବ୍ ପକା କାମ ଆରମ୍ଭ ହୋଇଥିଲେ ମଧ୍ୟ ସହରର ମୁଖ୍ୟ ତଥା ପ୍ରମୁଖ ରାସ୍ତାର ଖାଲଖମା ସେମିତି ରହିଛି। ସୋମବାରଠାରୁ ନବରାତ୍ରି ଆରମ୍ଭ ହେଉଥିଲେ ବି ଏ ପର୍ଯ୍ୟନ୍ତ ମେୟରଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ପାରିନାହିଁ। ଯଦି ଆଗକୁ ଦୁର୍ଗାପୂଜାରେ ବର୍ଷା ଜାରି ରହେ, ତେବେ ତ କଥା ସରିଲା। ଅଧାପନ୍ତରିଆ କାମ ସାଙ୍ଗକୁ ପାଣିଜମି ଖାଲଖମା ସବୁ ଏକାକାର ହୋଇଯିବ। ଦୁର୍ଘଟଣା ଓ ଟ୍ରାଫିକ ସମସ୍ୟା ଜଟିଳ ସ୍ଥିତି ସୃଷ୍ଟି କରିବା ଆଶଙ୍କା ରହିଛି।

### ସ୍ମାର୍ଟସିଟି ରାସ୍ତା ଗାଡ଼ି ଭାଙ୍ଗୁଛି, ଅଣ୍ଟା ବି ଭାଙ୍ଗୁଛି



ସ୍ମାର୍ଟସିଟି ହୋଇ ବି ଭୁବନେଶ୍ୱରରେ ଭଲ ରାସ୍ତା ଖଣ୍ଡିଏ ନାହିଁ। ଯୁଆଡେ ଦେଖିବ ସିଆଡେ ଖାଲଖମା। ବିଭିନ୍ନ ସ୍ଥାନରେ ରାସ୍ତା ଖୋଳା ହୋଇ ପଡି ରହିଛି। ବର୍ଷ ବର୍ଷ ଧରି ରାସ୍ତା କାମ ସରୁନାହିଁ। ଏମିତି ରାସ୍ତାରେ ଗଲା ବେଳକୁ ଗାଡ଼ି ତ ଭାଙ୍ଗୁଛି ତା' ସହିତ ଅଣ୍ଟା ବି ଭାଙ୍ଗୁଛି।

**–ଗଣେଶ କୁମାର, ଡ୍ରାଇଭର**

### ଉପାନ୍ତଠାରୁ ବଳିଗଲା ରାଜଧାନୀ ରାସ୍ତା



୨ଦିନ ତଳେ ଝାରପଡ଼ା ରାସ୍ତାରେ ଯାଉଥିଲି। ହଠାତ୍ ରାସ୍ତାରେ ଖାଲ ପଡ଼ିବାରୁ ବ୍ରେକ୍ ମାରିବା ସମ୍ଭବ ହେଲାନାହିଁ। ଖାଲରେ ପଡି ଗାଡ଼ିର ସକପ୍‌ଚର ଖରାପ ହୋଇଗଲା। ତା' ସହିତ ଭାରସାମ୍ୟ ହରାଇ ମୁଁ ବି ତଳେ ପଡିଗଲି। ସ୍ମାର୍ଟସିଟିରେ ଯଦି ଏପରି ସ୍ଥିତି ଉପୁଜିବ ତେବେ ଉପାନ୍ତ ଅଞ୍ଚଳରେ ଅବସ୍ଥା କ'ଣ ହେବ।

**–ବିକାଶ ସେଠୀ, ଛାତ୍ର**

### ପୂର୍ତ୍ତ ବିଭାଗ, ବିଏମ୍‌ସି କ'ଣ କରୁଛି?



କଳ୍ପନାରୁ ରସୁଲଗଡ଼ ଯିବା ପାଇଁ କଟକ ରୋଡ୍ ହେଉଛି ମୁଖ୍ୟ ରାସ୍ତା। ମାତ୍ର କଟକ ରୋଡ୍‌ର ବିଭିନ୍ନ ସ୍ଥାନରେ ରାସ୍ତା ଭାଙ୍ଗି ଗଲାଣି। ସେହିପରି ଲକ୍ଷ୍ମୀସାଗର ଛକରୁ ଝାରପଡ଼ା, ଝାରପଡ଼ାରୁ ଅନ୍ୟାନ୍ୟ ଅଞ୍ଚଳକୁ ଯିବାବେଳେ ପାଣିରେ ପଶି, ଖାଲରେ ପଡ଼ି ଯିବାକୁ ପଡୁଛି। ଯେଉଁ ସ୍ଥାନରେ ଛୋଟଛୋଟ ଖାଲ ରହିଛି, ସେଗୁଡିକୁ ମରାମତି କରାଯାଉ ନ ଥିବାରୁ ତାହା ବଡ଼ ହୋଇ ବଡ଼ ସମସ୍ୟା ସୃଷ୍ଟି କରୁଛି। ବିଏମ୍‌ସି, ପୂର୍ତ୍ତ ବିଭାଗ କ'ଣ କରୁଛି ?

**–ଅଙ୍କିତା ବେହେରା, ଗୃହିଣୀ**

### ସାଧାରଣ ଲୋକେ ହିନସ୍ତା ଭୋଗୁଛନ୍ତି



କାହାକୁ ଗୁହାରି କରିବୁ, କିଏ ବା ଶୁଣିବ। ବିଏମ୍‌ସିକୁ ଅଭିଯୋଗ କଲେ ସେ କହୁଛି ଏଇଟା ପୂର୍ତ୍ତ ବିଭାଗ କାମ। ପୂର୍ତ୍ତ ବିଭାଗରେ ଅଭିଯୋଗ କଲେ ଅଧିକାରୀମାନେ କହୁଛନ୍ତି ରାସ୍ତାକୁ ସ୍ୱେରେଜ ବାଲା ଖୋଳିଛନ୍ତି, ତେଣୁ ସେମାନେ କରିବେ। ଯାକୁ ତାକୁ ଦୋଷ ଦେଇ ନିଜେ ନିଜେ ଖସି ଯାଉଛନ୍ତି ଓ ସାଧାରଣ ଲୋକ ହିନସ୍ତା ହେଉଛନ୍ତି।

**–ବନଜ କୁମାର ସିଂ, କର୍ମଜୀବୀ**



କଟକ ରୋଡ ବୁଦ୍ଧେଶ୍ୱରୀ ମନ୍ଦିର ସମ୍ମୁଖ ରାସ୍ତା।



ୟୁନିଟ୍–୨ ପୁରୁଣା ବସ୍‌ଷ୍ଟାଣ୍ଡ ରୋଡ।



ଝାରପଡା ଗଣେଶ ମଣ୍ଡପ ରୋଡ।

# 'ଓଡ଼ିଶାର କୃଷି କ୍ଷେତ୍ରରେ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରାଯିବ'

### ମହାତ୍ମା ଗାନ୍ଧୀ ଜାତୀୟ ଫେଲୋଙ୍କ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର, ୨୬।୯(ବ୍ୟୁରୋ)

ସର୍ବଭାରତୀୟ ମହାତ୍ମା ଗାନ୍ଧୀ ଜାତୀୟ ଫେଲୋଙ୍କୁ ନେଇ ୱାର୍ଲଡ୍ ସ୍କିଲ ସେଣ୍ଟରରେ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଏଠାରେ ଆଲୋଚନା ହୋଇଥିଲା। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧକ୍ଷ ସୁବ୍ରତ ବାଗ୍‌ଚୀ ମୁଖ୍ୟଅତିଥି ଭାବେ ଯୋଗଦେଇ ୬ବର୍ଷର ଓଡ଼ିଶାର ଦକ୍ଷତା ବିକାଶ ଯାତ୍ରା ସମ୍ପର୍କରେ କହିଥିଲେ। ସେ କହିଲେ, ୱାର୍ଲଡ ସ୍କିଲ୍ ସେଣ୍ଟର ମାଧ୍ୟମରେ ୨୦୨୬ ସୁଦ୍ଧା ରାଜ୍ୟର ୧୫ଲକ୍ଷ ଯୁବଗୋଷ୍ଠୀ ନିଯୁକ୍ତି ପାଇବେ। ଦେଢ଼ଲକ୍ଷ ଯୁବଗୋଷ୍ଠୀ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ନିଯୁକ୍ତି ପାଇବେ। ରାଜ୍ୟରେ କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ସହ ଉତ୍ପାଦନ ବୃଦ୍ଧି ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ତେଣୁ ବର୍ତ୍ତମାନ ଓଡ଼ିଶାର କୃଷି କ୍ଷେତ୍ରରେ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରାଯିବ ବୋଲି ବାଗ୍‌ଚୀ କହିଛନ୍ତି।

ଆଇଆଇଏମ୍ ବେଙ୍ଗାଲୁରୁର ପ୍ରଫେସର ଶଙ୍କରନ୍ ବାସୁ ଏବଂ ପ୍ରଫେସର ଅର୍ଣ୍ଣବ ମୁଖାର୍ଜୀ ଏହି ଫେଲୋଶିପ ବିଷୟରେ ବିସ୍ତୃତ ବିବରଣୀ ରଖିଥିଲେ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ କ୍ଷେତ୍ରରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ କ'ଣ ସବୁ ଆହ୍ୱାନ ରହୁଛି, ସେ ସମ୍ପର୍କରେ ମହିଳା ଓ ଶିଶୁ ବିକାଶ କମିଶନର ଶୁଭା ଶର୍ମା କହିଥିଲେ। ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ ତୃଣମୂଳ ସ୍ତରରେ କିଭଳି ଭାବେ ଯୋଜନା ପ୍ରଣୟନ କରାଯିବ ଏବଂ ତାହାକୁ କିଭଳି ସଫଳ ରୂପେ କାର୍ଯ୍ୟକାରୀ କରାଯାଇ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା, ତା' ଉପରେ ଆଲୋକପାତ କରିଥିଲେ। ଓଏସ୍‌ଡିଏ ସିଇଓ ରେଘୁ ଜି ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମହାତ୍ମା ଗାନ୍ଧୀ ଜାତୀୟ ଫେଲୋଶିପ କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ପରିକଳ୍ପନା କରାଯାଇଛି। ଓଡ଼ିଶାରେ ରାଜ୍ୟ ଦକ୍ଷତା ବିକାଶ ମିଶନ ସହଯୋଗରେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ରାଜ୍ୟର ପ୍ରତ୍ୟେକ ଜିଲାରେ ଜଣେ ଲେଖାଏ ମୋଟ ୩୦ଜଣ ମହାତ୍ମା ଗାନ୍ଧୀ ଜାତୀୟ ଫେଲୋ କାର୍ଯ୍ୟ କରୁଛନ୍ତି। ଗ୍ରାମାଞ୍ଚଳରେ ରୋଜଗାର, ଅର୍ଥନୈତିକ ଉତ୍ପାଦନ ବୃଦ୍ଧି ତଥା ଜୀବିକା ନିର୍ବାହରେ ପ୍ରତିବନ୍ଧକ ଚିହ୍ନଟ କରି ଯୋଜନା ପ୍ରସ୍ତୁତ କରିବା ପାଇଁ ଏହି ଅଧିକାରୀମାନେ ଲୋକନୀତି ଓ ପରିଚାଳନା କ୍ଷେତ୍ରରେ ଦୁଇବର୍ଷର ତାଲିମ ନେଇଥାନ୍ତି।

# ଶୋଭା ପାଇବ ଅଯୋଧ୍ୟା ରାମ ମନ୍ଦିର



ଖବରଦାତା ସମ୍ମିଳନୀରେ ସମିତି ସଦସ୍ୟମାନେ ନବନିର୍ମିତ ରାମମନ୍ଦିରର ତୋରଣ ଡିଜାଇନକୁ ଉନ୍ମୋଚନ କରୁଛନ୍ତି।




ଭୁବନେଶ୍ୱର,୨୬।୯(ବ୍ୟୁରୋ)

ରାଜଧାନୀର ଭୁବନେଶ୍ୱରରେ ମା' ଜଗତ୍‌ଜନନୀଙ୍କ ଆଗମନ ପାଇଁ ପ୍ରସ୍ତୁତି ଏକ ପ୍ରକାର ଶେଷ ହେବାକୁ ବସିଲାଣି। ସଜେଇ ହେଲାଣି ପୂଜା ମଣ୍ଡପ। ମା'ଙ୍କ କରୁଣା ଓ ଭକ୍ତମାନଙ୍କ ଶ୍ରଦ୍ଧା ବଳରେ ଅନ୍ୟବର୍ଷ ଭଳି ଏ ବର୍ଷ ଯଥାଶକ୍ତି ଦଶହରା ଉତ୍ସବ ପାଳନ କରିବାକୁ ପ୍ରୟାସ କରିଛି ଶହୀଦନଗର ଦୁର୍ଗାପୂଜା ସମିତି। ଉତ୍ସବକୁ ମନମୁଗ୍ଧ କରିବା ପାଇଁ ମା'ଙ୍କ ରୁପା ମେଢ, ସୁନା ମୁକୁଟ ସହ ସୁନ୍ଦର ତୋରଣ ମଧ୍ୟ କରାଯାଉଛି। ଚଳିତ ବର୍ଷ ଶୋଭା ପାଇବ ଅଯୋଧ୍ୟାର ରାମ ମନ୍ଦିର। ତୋରଣର ଉଚ୍ଚତା ୮୫ଫୁଟ ଥିବା ବେଳେ ଓସାର ୧୧୦ଫୁଟ ରହିବ। କୋଲକାତାରୁ କାରିଗରମାନେ ଆସି ମୂର୍ତ୍ତି ଓ ତୋରଣ ନିର୍ମାଣ କରୁଛନ୍ତି। ସବୁ ବର୍ଷ ପରି ଏଥର ମଧ୍ୟ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାରେ ସଫଳତା ହାସଲ କରିଥିବା କ୍ରୀଡ଼ବିତ୍‌ଙ୍କୁ ମହାସପ୍ତମୀରୁ ବିଜୟାଦଶମୀ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସମ୍ବର୍ଦ୍ଧିତ କରାଯିବ। ଚଳିତ ବର୍ଷ ଆନ୍ତର୍ଜାତିକ ବାସ୍କେଟ୍ ବଲ ଖେଳାଳି ସେକ୍ ଫଏଜ୍, ଜାତୀୟ ଫୁଟବଲ ମହିଳା ତାରକା ପୂର୍ଣ୍ଣିମା ମଲ୍ଲିକ, ଜାତୀୟ ରଗବି ତାରକା ସାହାନାୱାଜ୍ ଅହମ୍ମଦ, ଲନ ଟେନିସ୍ ମହିଳା ତାରକା ଆହାନା (୧୨ବର୍ଷରୁ କମ୍)ଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୋମବାର ସମିତି ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ସଭାପତି ହେମନ୍ତ କୁମାର ପରିଡ଼ା, ସମ୍ପାଦକ ସଚ୍ଚିଦାନନ୍ଦ ନାୟକ, କର୍ପୋରେଟର ରାଜକିଶୋର ଦାସ, ବରିଷ୍ଠ ଉପଦେଷ୍ଟା ମନୋରଞ୍ଜନଦାସ, ଉପସଭାପତିସରୋଜ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



"ଚଳିତ ବର୍ଷ ଭିଡ଼ ଅଧିକ ହେବ। ଏ ନେଇ ସିସି କ୍ୟାମେରା, ୧୦୦ ଭଲ୍ୟୁଣ୍ଟର, ୩୦ ସୁରକ୍ଷା କର୍ମୀ ନିୟୋଜିତ ହେବେ। ଭକ୍ତମାନେ କିଭଳି ସୁରୁଖୁରୁରେ ଦର୍ଶନ କରିବେ ସେ ନେଇ ଧ୍ୟାନ ଦିଆଯିବ। ଶ୍ରଦ୍ଧାଳୁମାନେ ଆସି ମା'ଙ୍କ ଆଶିଷ ନେଇ ଯାଆନ୍ତୁ।

**–ହେମନ୍ତ କୁମାର ପରିଡା, ସଭାପତି**



"ଦର୍ଶକଙ୍କ ମନୋରଞ୍ଜନ ପାଇଁ ପାରମ୍ପରିକ ଭଜନ ସମାରୋହର ଆୟୋଜନ କରାଯାଇଛି। ପଞ୍ଚମୀରୁ ଦଶମୀ ମହାସମାରୋହରେ ପୂଜା ହେବ। ଭସାଣି ବେଳକୁ ପାରମ୍ପରିକ ବାଦ୍ୟ ସହ ଡ଼ିଜେ ବ୍ୟବସ୍ଥା ରହିଛି।

**– ସଚ୍ଚିଦାନନ୍ଦ ନାୟକ, ସମ୍ପାଦକ**

# ୧ରୁ 'ଷ୍ଟୁଡେଣ୍ଟସ ରିମେମ୍ବର ମହାତ୍ମା ଗାନ୍ଧୀ'

ଭୁବନେଶ୍ୱର,୨୬।୯(ବ୍ୟୁରୋ)– ବିଜେଇଏମ ସ୍କୁଲ ଏବଂ ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ 'ଷ୍ଟୁଡେଣ୍ଟସ୍ ରିମେମ୍ବର ମହାତ୍ମା ଗାନ୍ଧୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅକ୍ଟୋବର ୧ରେ ବିଭିନ୍ନ ଓଡ଼ିଆ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟକୁ ନେଇ ଦେଶାତ୍ମବୋଧକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨ ତାରିଖ ସକାଳ ସାଢ଼େ ୭ଟାରେ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହେବ। ଦ୍ୱିତୀୟ ଅଧିବେଶନରେ ଗାନ୍ଧୀ ପ୍ରତିମୂର୍ତ୍ତି ଲୋକାର୍ପଣ କରାଯିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ ବୋଲି ସୋମବାର ଖବରଦାତା ସମ୍ମିଳନୀରେ ବିଜେଇଏମ ସ୍କୁଲ ଅଧକ୍ଷା ସନ୍ଧ୍ୟା ଜେନା ସୂଚନା ଦେଇଛନ୍ତି।

# ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ: ଭାଜପା

### ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣା

**ଧର୍ମେନ୍ଦ୍ରଙ୍କ ପରିବାର ଅଭିଯୋଗ କରିନାହାନ୍ତି: ମନ୍ତ୍ରୀ ସମୀର ଦାଶ**

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ପୁରୀ ଜିଲା ଗୋପ ବ୍ଲକ ୧୧ନମ୍ବର ଜିଲା ପରିଷଦ ଜୋନ୍ ସଭ୍ୟ ତଥା ବିଜେଡି ନେତା ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଏବେ ରାଜ୍ୟ ରାଜନୀତି ଜୋର୍ ଧରିଛି। ଏହି ଘଟଣାରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ପ୍ରମୁଖ ଭୂମିକା ରହିଥିବା ଅଭିଯୋଗ ହେଉଥିବାରୁ ଘଟଣାର ଉପଯୁକ୍ତ ତଦନ୍ତ ଆବଶ୍ୟକ ବୋଲି ଭାଜପା ପ୍ରତିନିଧିମଣ୍ଡଳୀ ଦାବି କରିବା ସହ ସୋମବାର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କ୍ଷମତାର ଅପବ୍ୟବହାର କରାଯାଇ ତଦନ୍ତକୁ ବିଭ୍ରାନ୍ତ କରାଯିବାର ଆଶଙ୍କା ଥିବା କାରଣରୁ ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ଅନେକ ତଥ୍ୟ ସାମ୍ନାକୁ ଆସିବା ସହିତ ଜଣେ ନବନିର୍ବାଚତ ଜନପ୍ରତିନିଧିଙ୍କୁ ପ୍ରକୃତ ନ୍ୟାୟ ମିଳିପାରିବ ବୋଲି ଭାଜପା କହିଛି। ତେବେ ଭାଜପା ଅଭିଯୋଗ ଉପରେ ପ୍ରଥମ କରି ମନ୍ତ୍ରୀ ସମୀର ପ୍ରତିକ୍ରିୟା ରଖି କହିଛନ୍ତି, ଧର୍ମେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ଦୁଃଖିତ, ଖୁବ୍ ମର୍ମାହତ ଅଛି। ଏଥିରେ ବିବାଦ କ'ଣ ଜାଣିନାହିଁ। ତାଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ଆସିନାହିଁ। ବିରୋଧୀ ଦଳଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଉଚିତ୍ ମନେ କରୁନାହିଁ ବୋଲି ସମୀର କହିଛନ୍ତି।

ଭାଜପା ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୋଲିସ କମିଶନରଙ୍କୁ ଭେଟି ନିରପେକ୍ଷ ତଦନ୍ତ ପାଇଁ ଅନୁରୋଧ କରିଛନ୍ତି । ଗତ ପଞ୍ଚାୟତ ନିର୍ବାଚନରେ ସାହୁଙ୍କୁ ଜିଲା ପରିଷଦ ପ୍ରାର୍ଥୀ ଭାବେ ବିଜେଡି ଟିକେଟ୍ ମନ୍ତ୍ରୀ ଦେଇଥିଲେ। ଏପରିକି ବିଜେଡିର ପର୍ଯ୍ୟବେକ୍ଷକ ଓ ପ୍ରଭାରୀ ପଦରେ ରଖିବା ସହ ଦଳର ବୈଠକ ଏବଂ ସାମାଜିକ କାର୍ଯ୍ୟକ୍ରମରେ ଦୁହେଁ ଯୋଗ ଦେଉଥିଲେ। ଜଣେ ରାଜନୈତିକ ବ୍ୟକ୍ତି ହୋଇ ନ ଥିବା ସତ୍ତ୍ୱେ ତାଙ୍କୁ କାହିଁକି ଏବଂ କାହା ସ୍ୱାର୍ଥରେ ବିଜେଡି ଟିକେଟ ଦିଆଯାଇଥିଲା ବୋଲି ଧର୍ମେନ୍ଦ୍ରଙ୍କ ଶ୍ୱଶୁର ପ୍ରଶ୍ନ କରିଥିବା ଭାଜପା କହିଛି । ଫେସ୍‌ବୁକ ପୋଷ୍ଟକୁ ମୃତ୍ୟୁ ପରେ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ହଟାଇଛି ବୋଲି ପ୍ରଶ୍ନ କରିବା ସହିତ ଏହି ଘଟଣାରେ ମନ୍ତ୍ରୀ ସମୀରଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଛି ବୋଲି ପ୍ରଭାତୀ ଅଭିଯୋଗ କରିଛନ୍ତି ।

## ସଂକ୍ଷେପରେ

### ପୌରାଧ୍ୟକ୍ଷାଙ୍କ ଆହାର କେନ୍ଦ୍ର ପରିଦର୍ଶନ



**ଖୋର୍ଦ୍ଧା ଅଫିସ,୨୬।୯:** ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି ସୋମବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରିଛନ୍ତି। ସେଠାରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଖାଦ୍ୟର ମାନ ଠିକ୍ ରହୁଛି କି ନାହିଁ, ପଚାରି ବୁଝିଥିଲେ। ଆହାର କେନ୍ଦ୍ରର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରତିଦିନ ଆସୁଥିବା ଖାଦ୍ୟ ପରିମାଣ ସମ୍ପର୍କରେ ଦାୟିତ୍ୱରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହିତ ଆଲୋଚନା କରି ରେଜିଷ୍ଟର ଦେଖିଥିଲେ। ଆହାର କେନ୍ଦ୍ରକୁ ବ୍ୟବସ୍ଥିତ, ସମସ୍ତ ସୁବିଧା ଯୋଗାଇବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପୌରାଧ୍ୟକ୍ଷା ମହାନ୍ତି ନିର୍ଦ୍ଦେଶ ଦେଇଥିଲେ।

### ସିଡିପିଓଙ୍କ କାର୍ଯ୍ୟାଳୟରୁ ନାଗ ଉଦ୍ଧାର

**ବୋଲଗଡ଼,୨୬।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ଼ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ଥିବା ସମନ୍ୱିତ ଶିଶୁବିକାଶ ଯୋଜନା କାର୍ଯ୍ୟାଳୟ କମ୍ପ୍ୟୁଟର ପ୍ରକୋଷ୍ଠରୁ ସୋମବାର ୫ ଫୁଟ ଲମ୍ବର ନାଗ ସାପ ଉଦ୍ଧାର କରାଯାଇଛି। ପରେ ନିକଟ ସଂରକ୍ଷିତ ଜଙ୍ଗଲରେ ସାପଟିକୁ ଛଡା ଯାଇଥିବା ସାପଧରାଳି ଗଦାଧର ଚମ୍ପତି କହିଛନ୍ତି। ସୂଚନା ମୁତାବକ, ସିଡିପିଓ କାର୍ଯ୍ୟାଳୟ ଖୋଲିବା ପରେ ଅଙ୍ଗନୱାଡି ଓ ଆଶା କର୍ମୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଆସିଥିଲେ। ପୂର୍ବାହ୍ନ ୧୧ଟାରେ ବିଷ୍ଣୁପ୍ରିୟା ନାମ୍ନୀ ଜଣେ ମମତା ଦିଦି କମ୍ପ୍ୟୁଟର ପ୍ରକୋଷ୍ଠର ଲାଇଟ ଜଳାଇବା ସହ ଏକ ନାଗସାପ ଥିବା ଦେଖିବାକୁ ପାଇଥିଲେ। ଅନ୍ୟମାନଙ୍କୁ ଡାକିବା ସହ ସ୍ଥାନୀୟ ସାପଧରାଳି ଚମ୍ପତି ପହଞ୍ଚି ସାପକୁ ଉଦ୍ଧାର କରିଥିଲେ। ସିଡିପିଓ କ୍ରିଷ୍ଣପ୍ରିୟା ପ୍ରଧାନ କୁହନ୍ତି, ଅଫିସ ପଛପଟେ ଅନାବନା ଗଛ ସହ ପୁରୁଣା ଆଜବେଷ୍ଟସ ଓ କାଠ ଗଦା ହୋଇଛି। ସାପଟି ଅଫିସ ଖୋଲା ହେବା ପରେ ନିକାଞ୍ଚନତାର ସୁଯୋଗ ନେଇ ପଶିଯାଇଥିବ।

### ବିଶ୍ୱ ବଧିର ଦିବସ

**ବାଣପୁର,୨୬।୯(ଡି.ଏନ୍.ଏ.):** ବାଣପୁର ପଲଟଣସ୍ଥିତ ବ୍ରାହ୍ମେଶ୍ୱର ମନ୍ଦିର ପରିସରରେ ସୋମବାର ୬୫ ତମ ବିଶ୍ୱ ବଧିର ଦିବସ ଖୋର୍ଦ୍ଧା ଜିଲା ଚିଲିକା ଓ ବାଣପୁର ବଧିର ସଂଘ ପକ୍ଷରୁ ପାଳିତ ହୋଇଯାଇଛି। ବଧିର ଓ ମୂକମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସାମ୍ବାଦିକ ଅମିତାଭ ପଟ୍ଟଯୋଶୀ, ସମ୍ମାନିତ ଅତିଥିଭାବେ ଓଡ଼ିଶା ବଧିର ସଂଘର ଖୋର୍ଦ୍ଧା ଜିଲା ସଭାପତି ନିରଞ୍ଜନ ସେଠୀ, ଓଡ଼ିଶା ବଧିର ସଂଘର ସାଙ୍କେତିକ ଅନୁବାଦକ ପି.କେ ମହାପାତ୍ର, ଚିଲିକା ବଧିର ସଂଘର ସମ୍ପାଦକ କାର୍ତ୍ତିକ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବାଣପୁର ଅଞ୍ଚଳର ଚିଲିକା ବଧିର ସଂଘର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସମସ୍ତ ସଦସ୍ୟ କିପରି ସରକାରୀ ସହାୟତା ପାଇବେ ସେନେଇ ଆଲୋଚନା କରାଯାଇଥିଲା। ରହିବା ପାଇଁ ଘରର ସୁବିଧା ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ସ୍ତରରେ ସ୍ୱୀକୃତି ପ୍ରାପ୍ତ ସଂଘ ପାଇଁ ଘର ଯୋଗାଇ ଦିଆଗଲେ ସମସ୍ତ ସଦସ୍ୟ ଉପକୃତ ହୋଇପାରିବେ।

### ରାଜ୍ୟ ଶକ୍ତି ଉତ୍ତୋଳନରେ ସୌମେନଙ୍କୁ ସ୍ୱର୍ଣ୍ଣ



**ବାଲୁଗାଁ,୨୬।୯(ଡି.ଏନ୍.ଏ.):** ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବାଲୁଗାଁ ନିଉ କାଟୋସ ଜିମ୍‌ର ସୌମେନ ସେନାପତି ଜୁନିୟର ୫୯କେଜି କାଟାଗୋରିରେ ବେଞ୍ଚ ପ୍ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରଶିକ୍ଷକ ଦୀପକ କୁମାର ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଶିକ୍ଷାଗ୍ରହଣ କରୁଥିଲେ ସୌମେନ। କେରଳ ଠାରେ ଅନୁଷ୍ଠିତ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ସୌମେନ ପ୍ରତିନିଧିତ୍ୱ କରିଥିଲେ। ଆଗାମୀ ପ୍ରତିଯୋଗିତାରେ ଜାତୀୟ ସ୍ତରରେ ଅଂଶଗ୍ରହଣ କରି ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ସୌମେନ କହିଛନ୍ତି। ତେବେ ସୌମେନଙ୍କ ଏହି ସଫଳତା ପାଇଁ ପରିବାରବର୍ଗ ଖେଳପ୍ରେମୀ ଓ ବାଲୁଗାଁ ସ୍ପୋର୍ଟସ୍ ଆଣ୍ଡ କଲଚରାଲ କାଉନସିଲର ସମ୍ପାଦକ ଡ. ମାନସ ମୋହନ ବଳିୟାରସିଂ ଶୁଭେଚ୍ଛା ଜଣାଇଛନ୍ତି।

# ମା'ଭଗବତୀ-ବିରଜାଈଙ୍କ ଭେଟ ଉତ୍ସବ

**ଖୋର୍ଦ୍ଧା ଅଫିସ/ବାଣପୁର, ୨୬।୯(ଡି.ଏନ.ଏ.)**

ଶାରଦୀୟ ପୂଜା ଅବସରରେ ଖୋର୍ଦ୍ଧା ଜିଲାର ପ୍ରମୁଖ ଶକ୍ତିପୀଠ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀଙ୍କ ପ୍ରସିଦ୍ଧ ଭେଟନୀତି ମହାଳୟା ଅମାବାସ୍ୟା ମଧ୍ୟ ରାତ୍ରିରେ ସମ୍ପନ୍ନ ହୋଇଛି। ଭେଟ ହୋଇଛନ୍ତି ମା'ଭଗବତୀଙ୍କ ବିଜେ ପ୍ରତିମା କାଠି ଠାକୁରାଣୀ ଓ ଦେବୀ ବିରାଜାଈଙ୍କ ବିଜେ ପ୍ରତିମା। ହଜାର ହଜାର ଶ୍ରଦ୍ଧାଳୁଙ୍କ ଜୟଧ୍ୱନୀ, ଘଣ୍ଟ ଘଣ୍ଟା, ବିଜେ କାହାଳୀ, ବାଦ୍ୟ ବାଜଣାର ମନ୍ତ୍ରଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ବାଣପୁର ସହର। ମହାଆଡମ୍ବରରେ ସମ୍ପନ୍ନ ହୋଇଥିଲା ଭେଟ ନୀତି।

ଭଗବତୀଙ୍କ ବଡ଼ ଭଉଣୀ ବିରଜାଈଙ୍କ ବିଜେ ପ୍ରତିମା ସ୍ୱରୂପ କାଠି ଠାକୁରାଣୀ ଘଣ୍ଟ ଘଣ୍ଟା, ବିଜେ କାହାଳୀ, ଖୋଳତାଳ, ଢୋଲ, ମହୁରୀ, ତୂରୀ, ଛତ୍ରୀ ଓ ଶଙ୍ଖନାଦର ତାଳେତାଳେ ନାଚି ନାଚି ଶ୍ରଦ୍ଧାଳୁଙ୍କ ଗହଣରେ ଭଗବତୀଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେପଟୁ ଭଗବତୀ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରରୁ ନାଚି ନାଚି ବାହାରିଥିଲେ। ପାରମ୍ପରିକ ରୀତିନୀତିରେ ରାଜ ନଅର ସମ୍ମୁଖରେ ସମ୍ପନ୍ନ ହୋଇଥିଲା ଭେଟ ନୀତି। ମା'ଙ୍କ ସେବକ, କାଠି ନାହାକ ସମେତ ଅଙ୍ଗରକ୍ଷୀ ସେବକମାନେ ସାମିଲ ହୋଇଥିଲେ। ପ୍ରବଳ ଜନସମାଗମ ମଧ୍ୟରେ ସମ୍ପନ୍ନ ହୋଇଥିଲା ନୀତି। ଏହାକୁ ଭେଟ ଯାତ୍ରା ଏବଂ ଭେଟ ଅମାବାସ୍ୟା ମଧ୍ୟ କୁହାଯାଏ। ଦୁଇ ମହାଶକ୍ତିଙ୍କ ଘଟିଥିଲା ମହାମିଳନ। ନୀତି ସମ୍ପନ୍ନ ପରେ ମା'ବିରଜାଈଙ୍କ କାଠି ଠାକୁରାଣୀ ସାତବଖରା ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଭଗବତୀଙ୍କ କାଠି ଠାକୁରାଣୀ ମୁଖ୍ୟ ମନ୍ଦିରରେ ବିଜେ କରିଥିଲେ। ଏଭଳି ଯାତ୍ରା ଓଡ଼ିଶାର ଅନ୍ୟ କୌଣସି ଶକ୍ତି ପୀଠରେ ହୁଏ ନାହିଁ। ପ୍ରାଚୀନ କାଳରୁ ଚାଲି ଆସିଥିବା ଏହି ପରମ୍ପରା ଆଜି ମଧ୍ୟ ଉଜ୍ଜୀବିତ ରହିଛି। ଏଭଳି ନିଆରା ପରମ୍ପରା ସଂସ୍କୃତି, ଭାଇଚାରାର ବାର୍ତ୍ତା ବହନ କରିଥାଏ ବୋଲି ଗବେଷକମାନେ କୁହନ୍ତି। ବାଣପୁର ପୌର ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ ରହିଥିଲେ।



ଭଗବତୀ ଓ ବିରଜାଈଙ୍କ ଭେଟଯାତ୍ରା।

# ଉଗ୍ରତାରାଙ୍କ ପୀଠରେ ନବରାତ୍ର ଆରମ୍ଭ



**ଖୋର୍ଦ୍ଧା ଅଫିସ,୨୬।୯**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ମୂଳିଝରଗଡ ନିକଟରେ ରହିଛି ମା'ଉଗ୍ରତାରାଙ୍କ ପୀଠ। କଟକଣା ପରେ ଶ୍ରଦ୍ଧାଳୁଙ୍କ ଗହଣରେ ଆରମ୍ଭ ହୋଇଛି ମା'ଉଗ୍ରତାରାଙ୍କ ଶାରଦୀୟ ନବରାତ୍ରୀ ପୂଜା। ଷୋଡ଼ଶ ଉପଚାରରେ ବିଧି ଅନୁଯାୟୀ ଚାଲିଛି ପୂଜାର୍ଚ୍ଚନା। ଚଣ୍ଡିପାଠରେ କମ୍ପୁଛି ଉଗ୍ରତାରାଙ୍କ ପୀଠ। ଆରମ୍ଭ ହୋଇଛି ନବରାତ୍ର ପୂଜା। ପ୍ରଥମ ଦିବସରେ ଶୈଳପୁତ୍ରୀ ବେଶରେ ଦର୍ଶନ ଦେଇଥିଲେ ଉଗ୍ରତାରା। ଅଖଣ୍ଡ ଦୀପ ଜାଳି ମାନସିକ ପୂରଣ ଲାଗି ମାଙ୍କ ପୂଜାର୍ଚ୍ଚନା କରୁଛନ୍ତି ଶ୍ରଦ୍ଧାଳୁ। ନବରାତ୍ର ସମୟରେ କୁମ୍ଭ ସ୍ଥାପନ କରି ମା'ଙ୍କ ପୂଜାର୍ଚ୍ଚନା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ରହିଛି ଲୋକଙ୍କ ବିଶ୍ୱାସ। ପ୍ରଥମ ଦିନରେ ପ୍ରବଳ ଜନ ସମାଗମ ହୋଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ସହ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ।

ମନ୍ଦିର ପୂଜକ ଯୁଧିଷ୍ଠିର ସାମନ୍ତରାୟ କୁହନ୍ତି, ଶାରଦୀୟ ଦୁର୍ଗାପୂଜା ମୂଳାଷ୍ଟମୀ ଠାରୁ ସହସ୍ର କୁମ୍ଭ ବରଣ ହୋଇ ପୀଠରେ

**ଶୈଳପୁତ୍ରୀ ବେଶରେ ଦର୍ଶନ ଦେଲେ**

କଳସ ସ୍ଥାପନ ହୋଇ ଷୋଡ଼ଶ ପୂଜା ଆରମ୍ଭ ହୋଇଥାଏ। ଅମାବାସ୍ୟାର ପ୍ରତିପଦ ଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଥାଏ। ଷୋଡ଼ଶ ଉପଚାରରେ ମା'ଙ୍କ ପୂଜାର୍ଚ୍ଚନା କରାଯାଏ। ସପ୍ତମୀ, ଅଷ୍ଟମୀ ଓ ମହାନବମୀରେ ରାତ୍ର ମହାପୂଜା ଅନୁଷ୍ଠିତ ହୋଇଥାଏ। ସପ୍ତମୀ ପୂଜା ରାତ୍ରରେ ହରିପୁରସ୍ଥ ମା'ବଘେଇଙ୍କ କଳସ ଏବଂ କାଶୀପୁରସ୍ଥ ମା ଭୈରବୀଙ୍କ ଆଜ୍ଞାମାଳ ଆସି ପୀଠରେ ସ୍ଥାପନା ହେବା ପରେ ମାଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥାଏ। ମହାଷ୍ଟମୀରେ ମା'ଙ୍କ ସନ୍ଧିପୂଜା ସହିତ ପାଇକଙ୍କୁ ସମ୍ମାନିତ କରାଯାଏ। ମହାନବମୀରେ ଶାନ୍ତିପୂଜା ଏବଂ ବିଜୟାଦଶମୀ ଦିନ ମାଙ୍କ ବର୍ଦ୍ଧନୀ କଳସ ପାଇକ ସେବାୟତ ମାନଙ୍କ ଦ୍ୱାରା ନିକଟସ୍ଥ ପାଇକପଦାକୁ ଶୋଭାଯାତ୍ରାକୁ ଯାଇଥାଏ। ପାଇକପଦା ଠାରେ ମା'ଙ୍କ ହୋମ ପୂଜାପାଠ ସହ କଳସ ବିସର୍ଜନ କରାଯାଇଥାଏ। ମା'ଙ୍କ ମୂଳ ବିଜେସ୍ଥଳୀ ହେଉଛି ମୂଳିଝରଗଡ। ଯାହାକି ଖୋର୍ଦ୍ଧାର ବିଭିନ୍ନ ଗଡ ମଧ୍ୟରୁ ଅନ୍ୟତମ।

# ସ୍ୱଚ୍ଛତା ହିଁ ସେବା ସଚେତନତା ରଥ ଉଦ୍‌ଘାଟିତ





ବିଡିଓ ମନୋଜ କୁମାର ନାୟକ ପତାକା ଦେଖାଇ ସଚେତନତା ରଥକୁ ଉଦ୍‌ଘାଟନ କରୁଛନ୍ତି।

**କୃଷ୍ଣପ୍ରସାଦ,୨୬।୯(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ପରିସରରେ ସୋମବାର ସ୍ୱଚ୍ଛତା ହିଁ ସେବା ସଚେତନତା ରଥକୁ ବିଡିଓ ମନୋଜ କୁମାର ନାୟକ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ରଥ ବିଭିନ୍ନ ପଞ୍ଚାୟତର ଗଳିକନ୍ଦି ରାସ୍ତା ସ୍ୱଚ୍ଛତା ଓ କଠିନ ଏବଂ ତରଳ ବର୍ଜ୍ୟବସ୍ତୁର ସୁପରିଚାଳନା ଦିଗରେ ସଚେତନ କରାଇବ ବୋଲି ବିଡିଓ କହିଛନ୍ତି। ଉଦ୍‌ଘାଟନୀ ଅବସରରେ ବ୍ଲକର ମୁଖ୍ୟ କିରାଣି କୁବେର ଜେନା, ପରିମଳ ବିଭାଗ ବ୍ଲକ ସଂଯୋଜକ ଅମିତ କୁମାର ତାଡ, କନିଷ୍ଠ ରାଜସ୍ୱ ସହାୟକ କାଶିମ୍ ମହମ୍ମଦ, ବ୍ଲକ ପ୍ରୋଗ୍ରାମିଂ ସହାୟକ(ଗ୍ରାମୀଣ) ସୁମିତ୍ରା ପଲେଇ, ବ୍ଲକ ପ୍ରକଳ୍ପ ସଂଯୋଜକ ମନୋରଞ୍ଜନ ସାହୁ, ଡାଟା ଏଣ୍ଟ୍ରି ଏମଆଇ ଅମିନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଏହି ରଥ ବ୍ଲକ ଅଧୀନ ୧୪ଟି ପଞ୍ଚାୟତ ପରିକ୍ରମା କରିଥିବା ବେଳେ ମଙ୍ଗଳବାର ୭ଟି ପଞ୍ଚାୟତ ବୁଲି ସଚେତନ କରିବ।

# ବାଙ୍କୋଇ ମା'ରାମଚଣ୍ଡୀ କବାଡ଼ି ଟୁର୍ଣ୍ଣାମେଣ୍ଟ ୨୯ରୁ ୫ରେ ଫାଇନାଲ

**ବୋଲଗଡ଼,୨୬।୯(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇ ସ୍ଥିତ କଚେରିବର ଖେଳପଡିଆରେ ୪୨ତମ ମା'ରାମଚଣ୍ଡୀ କବାଡି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୯ ତାରିଖରେ ଆରମ୍ଭ ହେବ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉପକାର ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ନୟାଗଡ଼ର ମୋଟ୍ ୮ଟି ଟିମ୍ ଅଂଶଗ୍ରହଣ କରିବେ। ନକ୍‌ଆଉଟ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୪ଟି କ୍ୱାର୍ଟର ଫାଇନାଲ ୨ଟି ସେମିଫାଇନାଲ ସହ ଫାଇନାଲକୁ ମିଶାଇ ମୋଟ୍ ୭ ଦିନରେ ୭ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମ କ୍ୱାର୍ଟରଫାଇନଲ ମ୍ୟାଚ ଆୟୋଜକ ଏମ୍‌ଆର୍‌କେଟି କବାଡି ଟିମ୍ ସହିତ ନୟାଗଡ଼ର କାଳିକାପ୍ରସାଦ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ମ୍ୟାଚ ଭୁବନେଶ୍ୱରର କେ.କେ ଏକାଡେମିକ ଓ ବାରଙ୍ଗ ଦଳ ମଧ୍ୟରେ ଅନୁଷ୍ଠିତ ହେବ। ଉଭୟ ମ୍ୟାଚର ବିଜେତା ଅକ୍ଟୋବର ୩ ରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ହେବ। ତୃତୀୟ କ୍ୱାର୍ଟରଫାଇନାଲ ଖୋର୍ଦ୍ଧାର ସହଜପୁର ଓ ପୁରୀର ପିପିଲି କବାଡି ଟିମ୍ ଏବଂ ଚତୁର୍ଥ କ୍ୱାର୍ଟରଫାଇନାଲ ମ୍ୟାଚ ଭୁବନେଶ୍ୱରର ପଟିଆ ଓ ଖୋର୍ଦ୍ଧାର ବେଣାପଞ୍ଜରି ଟିମ୍ ମଧ୍ୟରେ ମୁକାବିଲା ହେବ। ଏହି ଉଭୟ ମ୍ୟାଚର ବିଜେତା ଅକ୍ଟୋବର୍ ୪ରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳିବେ। ଫାଇନାଲ ମ୍ୟାଚ ୫ ତାରିଖରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ମ୍ୟାଚ ଅପରାହ୍ନ ୪ଟାରେ ଆରମ୍ଭ ହେବାକୁ ଥିବା ବେଳେ ଉଦ୍‌ଘାଟକ ଏବଂ ଅତିଥିଭାବେ ନେତା, ପ୍ରଶାସନିକ ଅଧିକାରୀ ଓ ସାମାଜିକ କର୍ମୀ ଯୋଗଦେବେ ବୋଲି ଆୟୋଜକଙ୍କ ପକ୍ଷରୁ ସୁରେଶ ସାମନ୍ତରାୟ ଓ ପ୍ରଭାତ ରାୟଗୁରୁ କହିଛନ୍ତି।

# ଜିଲା କାର୍ଯ୍ୟକାରିଣୀ ବୈଠକ





ବୈଠକରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀମାନେ।

**ଖୋର୍ଦ୍ଧା ଅଫିସ,୨୬।୯**

ଭାରତୀୟ ଜନତା ଯୁବ ମୋର୍ଚ୍ଚା ଖୋର୍ଦ୍ଧା ଜିଲା କାର୍ଯ୍ୟକାରିଣୀ ବୈଠକ ଏକ ହୋଟେଲ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପରେ ବିରୋଧୀ ଦଳ ଉପନେତା ଦିବଂଗତ ବିଷ୍ଣୁ ସେଠୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ଯୁବ ମୋର୍ଚ୍ଚା ଅଧ୍ୟକ୍ଷ ପ୍ରଦୀପ୍ତ ବଡ଼ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଆଶୁତୋଷ ବେହେରା ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଖୋର୍ଦ୍ଧା ଜିଲା ଶିଳ୍ପାଞ୍ଚଳରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଏବଂ ବିଭିନ୍ନ ସରକାରୀ ସଂସ୍ଥାରେ ଦୁର୍ନୀତି ବିରୋଧରେ ଆଗାମୀ ଦିନରେ ଯୁବ ମୋର୍ଚ୍ଚା ରାସ୍ତାକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ଜିଲା ଉପସଭାନେତ୍ରୀ ରୋଜିନା ରାଣୀ ଦାଶ, ଦୀନବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଜିଲାରେ ସଫଳ ରୂପାୟନ ଉପରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ମାର୍ଗଦର୍ଶନ କରିଥିଲେ। ଯୁବମୋର୍ଚ୍ଚା ପ୍ରଭାରୀ ସୌମ୍ୟରଞ୍ଜନ ଲେଙ୍କା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରୋଷନ୍ ସାହୁ ସହଯୋଗ କରିଥିଲେ। ଜିଲା ସମ୍ପାଦକ ପଠାଣି ବଳବନ୍ତରାୟ ଧନ୍ୟବାଦ ଦେଇଥିଲେ।

# ହାତୀ ଉପଦ୍ରବ: ଫସଲ ଚିନ୍ତାରେ ଚାଷୀ

**ବେଗୁନିଆ,୨୬।୯(ଡି.ଏନ୍.ଏ.)**



ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଆସି ଲୋକଙ୍କ ଫସଲ ଖାଇବା ସହ ପାଚେରି, ଘର ଭାଙ୍ଗୁଥିବା ନଜର ରହିଛି। ଗତ ୫ବର୍ଷ ମଧ୍ୟରେ ହାତୀ ଆକ୍ରମଣରେ ଏହି ବ୍ଲକର ୮ଜଣଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ରବିବାର ବିଳମ୍ବିତ ରାତିରେ ୫ଟିକିଆ ହାତୀପଲ ଦଳକ ଗ୍ରାମର ଚାଷୀ ରମେଶ ବଳିୟାରସିଂହ, ପ୍ରଭାକର ବେହେରା, ଅବକାଶ ବରାଳ, ପ୍ରମୋଦ ଶ୍ରୀଚନ୍ଦନ, ସଦାଶିବ ବଳିୟାରସିଂହଙ୍କ ହେକ୍ଟର ହେକ୍ଟର ଧାନ ତଳି ଖାଇବା ସହ ଦଳିଚକଟି ନଷ୍ଟ କରିଥିବା ଅଭିଯୋଗ ହୋଇଛି।

୨୦୧୪ ମସିହାରୁ ଚନ୍ଦକା ଜଙ୍ଗଲରୁ ହାତୀପଲ ଆସି ଏହି ବ୍ଲକର ନାରଗୋଡା ଜଙ୍ଗଲରେ ରହୁଛନ୍ତି। ସିକୋ, ହଜ୍, ଦେଉଳି, ପରିଛଳ, ଶଗଡଭଙ୍ଗା, ବୋଡଲମା, ହିରାପୁର ଆଦି ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗାଁକୁ ହାତୀପଲ ଯାଇ ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଫଳରେ ଖରିଫ ଋତୁ ଆରମ୍ଭରୁ ଫସଲ ଚିନ୍ତାରେ ପଡିଲେଣି ଚାଷୀ। ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ନ ପାଇଲେ ଆଗକୁ ଚାଷୀଙ୍କ ଚିନ୍ତା ଦ୍ୱିଗୁଣିତ ହେବ ବୋଲି ଚାଷୀ ପ୍ରମୋଦ ନାହାକ, ରାମଚନ୍ଦ୍ର ବେହେରା, ଉଦ୍ଧବ ବାରିକ କହିଛନ୍ତି। ସୂଚନାଥାଉ କି, ବ୍ଲକ କୃଷି ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ୨୦୧୬ରେ ୮୮ ହେକ୍ଟର, ୨୦୧୭ରେ ୪୫ ହେକ୍ଟର, ୨୦୧୮ରେ ୨୫ ହେକ୍ଟର, ୨୦୧୯ରେ ୩୭ ହେକ୍ଟର, ୨୦୨୦ରେ ୪୫ ହେକ୍ଟର ଓ ୨୦୨୧ରେ ୧୨ ହେକ୍ଟର ଧାନ ଫସଲ ନଷ୍ଟ ହୋଇଥିବା ଖୋର୍ଦ୍ଧା ରେଞ୍ଜରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତେବେ ସହାୟତା ରାଶି କେତେଜଣ ଚାଷୀ ପାଇଥିବା ବେଳେ ଅନେକ ବଞ୍ଚିତ ହୋଇଛନ୍ତି। ବନ ବିଭାଗ ପକ୍ଷରୁ ରାତିରେ ପାଟ୍ରୋଲିଂ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଲୁଟେରା ଗ୍ୟାଙ୍ଗ୍ ଧରାପଡ଼ିଲା

**ବାଲୁଗାଁ,୨୬।୯(ଡି.ଏନ୍.ଏ.)**

ବାଲୁଗାଁ ବାଇପାସ୍ ରାସ୍ତା ୧୬ନମ୍ବର ଜାତୀୟ ରାଜପଥର ନାଭାଲ ଛକ ଠାରୁ ସରଳସିଂହ ମଧ୍ୟରେ ଏକ ଲୁଟେରା ଗ୍ୟାଙ୍ଗ୍ ଲୁଟ୍‌ପାଟ୍ କରୁଥିବା ନେଇ ଥାନାରେ ଅଭିଯୋଗ ହୋଇ ଆସୁଥିଲା। ଏହି ଗ୍ୟାଙ୍ଗକୁ ଧରିବା ପାଇଁ ବାଲୁଗାଁ ଆଇଆଇସି ରଶ୍ମୀ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ନାଭାଲ ଫାଣ୍ଡିର ଅନତି ଦୂରରେ ରାଜପଥ ସମ୍ପ୍ରସାରଣ ଦାୟିତ୍ୱରେ ଥିବା ଏକ କମ୍ପାନୀର ଲୁହାରଡ୍ ଓ ସଟରିଂ ପ୍ଲେଟ ଗୁଡ଼ିକୁ ରବିବାର ରାତିରେ ଲୁଟେରା ମାନେ ଚୋରି କରୁଥିଲେ। ଏହି ସମୟରେ ପୋଲିସ ଚଢ଼ାଉ କରି ୪ ଲୁଟେରାଙ୍କୁ ଧରିବା ସହ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରିଥିଲା। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ବୁରୁଡ଼ି ଗ୍ରାମର ପଙ୍କଜ ଦାସ, ସିନା ନାୟକ, ସଞ୍ଜୟ ଦାସ ଓ ସାଠିଆ ପଲେଇ । ଏ ସମ୍ପର୍କରେ ପୋଲିସ୍ ଏକ ମାମଲା (ନଂ.୧୯୧/୨୨) ରୁଜୁ କରି ସୋମବାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ପ୍ରକାଶ ଯେ, ଗତ ଏକ ମାସରେ ବିଭିନ୍ନ ଆପରାଧିକ ମାମଲାରେ ଜଡ଼ିତ ଥିବା ୩୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୋଲିସ। ଏଥିସହ ଯାନବାହାନ ଚେକିଂ ବେଳେ ୨୩ଗାଡ଼ି ମାଲିକଙ୍କ ଡ୍ରାଇଭିଂ ଲାଇସେନ୍‌ସ ରଦ୍ଦ କରାଯିବା ସହ ଆଇନ ଉଲ୍ଲଂଘନକାରୀଙ୍କ ଠାରୁ ମୋଟ ୨ଲକ୍ଷ ୩୩ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ବାଲୁଗାଁ ଅଞ୍ଚଳକୁ ଅପରାଧମୁକ୍ତ କରିବା ପାଇଁ ଦୁର୍ବୃତ୍ତଙ୍କ ଉପରେ ନଜର ରହିଥିବା ଆଇଆଇସି ଦାସ କହିଛନ୍ତି।

**୪ ଗିରଫ, ସାମଗ୍ରୀ ଜବତ**



# ଛତ୍ରୀ ଉପରେ ଅଗ୍ନି ମୁଖ୍ୟ ଆକର୍ଷଣ

**ବୋଲଗଡ,୨୬।୯(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ ବାଙ୍କୋଇ ଗ୍ରାମର ମା'ରାମଚଣ୍ଡୀଙ୍କ ଛତ୍ରୀ ଯାତ୍ରା ସୋମବାର ମଧ୍ୟରାତ୍ରରେ ଅନୁଷ୍ଠିତ ହୋଇଯାଇଛି। ପିଲାମାନେ ଘର ସମ୍ମୁଖରେ ଛତ୍ରୀ ଧରି ଅପେକ୍ଷା କରିଥିବା ବେଳେ ଶୋଭାଯାତ୍ରା ସେମାନଙ୍କ ଦୁଆରେ ପହଞ୍ଚିବା ପରେ ସେମାନେ ଏହି ପର୍ବରେ ସାମିଲ ହୋଇଥିଲେ। ଏହି ଯାତ୍ରାରେ ଶ୍ରେଷ୍ଠ ଛତ୍ରୀ ଗୁଡ଼ିକୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ଥିବାରୁ ପିଲାମାନେ ବାଉଁଶ ପାତିଆରେ ତିଆରି ରଙ୍ଗବେରଙ୍ଗର ଛତ୍ରି ଧରିଥିଲେ। ଛୋଟ ବଡ ହୋଇ ବିଭିନ୍ନ ଆକାରର ଛତ୍ରୀ ଏହି ଯାତ୍ରାରେ ଶୋଭାପାଇଥିଲା। ମା'ଙ୍କୁ ସନ୍ତୁଷ୍ଟ କରିବା ସହ ନିଜ ଛତ୍ରୀର ପରାକାଷ୍ଠା ଦେଖାଇବାରେ ସମସ୍ତେ ଲାଗି ପଡିଥିଲେ। ଛତ୍ରୀ ଉପରେ ଦୁହୁଡି ପରି ଅଗ୍ନି ସଂଯୋଗର ବ୍ୟବସ୍ଥା ଯାତ୍ରାର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିବା ବେଳେ ପ୍ରାୟ ଦୁହୁଡିର ନିଆଁ ଶୋଭାଯାତ୍ରା ସରି ମା'ଙ୍କ ବିଶ୍ରାମ ନେବା ପର୍ଯ୍ୟନ୍ତ ଜଳି ରହିଥିବା ବେଳେ ଏହା ମା'ଙ୍କର ମହିମାରୁ ହେଉଥିବା ଶ୍ରଦ୍ଧାଳୁ କହିଥିଲେ। ଏହପରିଭାବେ ସୋମବାର ରାତି ପ୍ରାୟ ୧୧ଟା ୩୦ରେ ରାମଚଣ୍ଡୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ଏହି ପୀଠକୁ ତାଙ୍କର ଦୁଇଭଉଣୀ ଜଟେଇଶୁଣୀ ଓ ଫୁଲକାଶୁଣୀ ସେମାନଙ୍କ ମନ୍ଦିରରୁ ଶୋଭାଯାତ୍ରାରେ ଆସି ପହଞ୍ଚିଥିଲେ। ପରେ ମା'ଙ୍କ ଚଳନ୍ତି ପ୍ରତିମା ସହ ଦୁଇଭଉଣୀ ଏକ ଆଟୋପ ଶୋଭାଯାତ୍ରାରେ ବାହାରି କଚେରିବର ସ୍ଥିତ ଆସ୍ଥାନକୁ ଆସିବା ବେଳେ ଶୋଭାଯାତ୍ରାରେ ବହୁ ଛତ୍ରୀ ଦେଖିବାକୁ ମିଳିଥିଲା। ଠାକୁରାଣୀ ବାଙ୍କୋଇ ଦେଶ ପଞ୍ଚାୟତରେ ବିଭିନ୍ନ ଗ୍ରାମ ପରିକ୍ରମା କରିବା ସମୟରେ ପ୍ରତି ଦ୍ୱାରରେ ପୋଡପିଠା ଭୋଗ ଖାଇଥିଲେ। ଠାକୁରାଣୀ ଶୋଭାଯାତ୍ରାରେ ଆସୁଥିବାବେଳେ ପିଲାମାନେ ସେମାନଙ୍କର ପାଇକ ଖେଳ ପ୍ରଦର୍ଶନ କରିଥିଲେ।ସଂକୀର୍ତ୍ତନର ଆସର ମଧ୍ୟ ଜମିଥିଲା। ରାତି ପ୍ରାୟ ସାଢ଼େ ୧ଟାରେ ଶୋଭାଯାତ୍ରା ଆସି କଚେରିବର ଅଞ୍ଚଳରେ ପହଞ୍ଚିଥିଲା। ଠାକୁରାଣୀ ଦୁଇଭଉଣୀଙ୍କ ସହ ଏଠାରେ ଅବସ୍ଥାନ କରିଥିବା ବେଳେ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା। କଚେରିବର ଠାରେ ଠାକୁରାଣୀ ୧୦ଦିନ ଅବସ୍ଥାନ କରିବ ସହ ଏହି ରହଣି ସମୟରେ ପ୍ରତ୍ୟହ ଠାକୁରାଣୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କରାଯାଇଥାଏ ବୋଲି ପୁଜାରୀ କହିଛନ୍ତି। ଏହି ପର୍ବର ଦ୍ୱିତୀୟା ଓ ଅଷ୍ଟମୀ ତିଥିରେ ପ୍ରତିବର୍ଷ ଛେଳି ବଳିପଡୁଥିବା ବେଳେ ଏବେ ପ୍ରାୟ ୩୫ ବର୍ଷ ହେବ ଏହି ବଳି ବନ୍ଦହୋଇ ପାଣିକଖାରୁ ବଳି ପକାଯାଉଛି। ତେବେ ୫୦୦ରୁ ଊର୍ଦ୍ଧ୍ୱ ବର୍ଷ ହେବ ବାଙ୍କୋଇଦେଶରେ ଛତ୍ରୀ ଯାତ୍ରା ଅନୁଷ୍ଠିତ ହୋଇଆସୁଛି।

**ବାଙ୍କୋଇଦେଶର ଛତ୍ରୀ ଯାତ୍ରା**






୨୬।୯।୨୦୨୨

| | |
|---|---|
| ୩,୫୨,୮୧୦ ଟଙ୍କା | |
| ସୁନା | ୫.୯୦୦ ଗ୍ରାମ |
| ରୁପା | ୬୯ ଗ୍ରାମ |

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମିଳୁନି ନିରାମୟ ଔଷଧ

## ଜିଲାପାଳଙ୍କୁ ଲିଖିତ ଅଭିଯୋଗ କଲେ ରୋଗୀ

ପୁରୀ ଅଫିସ ୨୬।୯

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ନିରାମୟରେ ଔଷଧ ମିଳୁନାହିଁ। ନିରାମୟରେ ଔଷଧ ଦିଆଯିବା ପରିବର୍ତ୍ତେ ପ୍ରାଇଭେଟ ଷ୍ଟୋରରୁ କିଣିବା ପାଇଁ ଡାକ୍ତର ପ୍ରେସକ୍ରାଇବ କରୁଥିବା ନେଇ ଜଣେ ରୋଗୀ ସୋମବାର ଜିଲାପାଳଙ୍କୁ ହ୍ୱାଟସ୍‌ଆପ୍ ମାଧ୍ୟମରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ନିରାମୟରୁ ଉକ୍ତ ରୋଗୀଙ୍କୁ ଔଷଧ ଦେଇଥିବା ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ସୋମବାର ଜଣେ ରୋଗୀ ନିଜର କାଶଜନିତ ରୋଗର ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସେଠାରେ ସେ ଓପିଡି ଟିକେଟ ନେଇ ଡାକ୍ତରଙ୍କୁ ପରାମର୍ଶ କରିଥିଲେ। ଡାକ୍ତର ରୋଗୀଙ୍କୁ ପ୍ରେସକ୍ରିପଶନରେ ଲେଖିଥିବା ୫ଟି ଔଷଧ ମଧ୍ୟରୁ ମାତ୍ର ଗୋଟିଏ ଔଷଧ ନିରାମୟରୁ ମିଳିଥିଲା। ଅନ୍ୟ ୪ଟି ଔଷଧ ମେଡିକାଲ ପରିସରରେ ଥିବା ମେଡିସିନ ଷ୍ଟୋରରେ ମିଳିବ ବୋଲି ଡାକ୍ତର କହିଥିଲେ। ରୋଗୀ ଜଣକ ଆର୍ଥିକ ସ୍ୱଚ୍ଛଳ ନ ଥିବାରୁ ଟଙ୍କା ଦେଇ ଔଷଧ କିଣିବା ତାଙ୍କ ପାଇଁ କଷ୍ଟକର ଥିବାରୁ ସେ ବାଧ୍ୟ ହୋଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ ଜଣାଇ ସରକାରଙ୍କ ତରଫରୁ ମିଳୁଥିବା ମାଗଣା ଔଷଧ ଲେଖିବାକୁ ନିବେଦନ କରିଥିଲେ। ଏହାପରେ ସମ୍ପୃକ୍ତ ଡାକ୍ତର ବାହାରୁ କିଣିବାକୁ ଲେଖିଥିବା ଔଷଧକୁ ବଦଳାଇ ନିରାମୟରୁ ମାଗଣା ଔଷଧ ନେବା ପାଇଁ ପ୍ରେସକିପଶନ ଲେଖିଥିଲେ। ନିରାମୟରେ ମାଗଣା ଔଷଧ ଉପଲବ୍ଧ ଥାଇ ମଧ୍ୟ କେତେଜଣ ଡାକ୍ତର ବାହାରୁ ଔଷଧ କିଣିବାକୁ ପରାମର୍ଶ ଦେଉଥିବା ଆଗରୁ ଅନେକ ଥର ଅଭିଯୋଗ ହୋଇଛି। ଏହାସତ୍ତ୍ୱେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତେଣୁ ଏଭଳି ସମସ୍ୟାର ସମାଧାନ ଏବଂ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରୋଗୀମାନେ ଦାବି କରିଛନ୍ତି।




ପୁରୀ ହାଡ଼ଗୋଡ଼ିଆ ସାହିର ସିଦ୍ଧିଦାତା ମହାବୀରଙ୍କ ନିକଟରେ ସୁନ୍ଦରାକାଣ୍ଡ ପାଠ କରାଯାଉଛି ।

## ସଂକ୍ଷେପରେ

### କାକଟପୁର ପ୍ରେସ୍ କ୍ଲବ ବୈଠକ

କାକଟପୁର,୨୬।୯(ଡି.ଏନ୍.ଏ./ସ୍ୱ.ପ୍ର.)- କାକଟପୁର ପ୍ରେସ୍ କ୍ଲବର ଏକ ଜରୁରୀ ବୈଠକ ସ୍ଥାନୀୟ ସୋମେଶ୍ୱର ମହାଦେବ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଖବରଦାତା ରମେଶ ଚନ୍ଦ୍ର ପଣ୍ଡା, ଅକ୍ଷୟ କୁମାର ରାଉତ ଯୋଗଦେଇଥିବା ବେଳେ ଅସ୍ତରଙ୍ଗ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ଲବର କର୍ମକର୍ତ୍ତାଙ୍କ ସମୟ ସୀମାର ଅବଧି ପୂରିଯାଇଥିବାରୁ କ୍ଲବର ସାନି ନିର୍ବାଚନ ପାଇଁ ପ୍ରସ୍ତାବ ରଖିଥିଲେ। ପରେ ଉକ୍ତ ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ଏହି ନିର୍ବାଚନ ପ୍ରକ୍ରିୟାକୁ ଆଖି ଆଗରେ ରଖି ଅକ୍ଟୋବର ୭ ଶୁକ୍ରବାର ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ତୁଷାର ରଞ୍ଜନ ଦୀକ୍ଷିତଙ୍କ ଆବାହକତ୍ୱରେ ଏକ ବୈଠକ ସହ ନିର୍ବାଚନ କରିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ଶଙ୍କର ପ୍ରସାଦ ଦାସ, ପ୍ରଦୀପ ପଣ୍ଡା, ମାନସ ଦୀକ୍ଷିତ, ପ୍ରଶାନ୍ତ ଜେନା, ନିରଞ୍ଜନ ଦାସ, ଲୋକନାଥ ସ୍ୱାଇଁ, ପ୍ରଭାତ ଦୀକ୍ଷିତ, ଶୁଭଦର୍ଶନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବ୍ରଜକିଶୋର ସାହୁ, ମାନସ ସାମଲ, ପ୍ରଭାସ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

### ବିପନ୍ନଙ୍କୁ ସହାୟତା କରୁଛି ବିକାଶ ସଂଗଠନ

ଗୋପ,୨୬।୯(ଡି.ଏନ୍.ଏ.)- ଦେଢ଼ ମାସ ଧରି ବନ୍ୟା ଛାଡିଯାଇଛି, ହେଲେ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଏପରି ଅବସ୍ଥାରେ ଏବେ ଦୀର୍ଘଦିନ ଧରି ଗୋପ ବ୍ଲକ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ଓ ପଲ ହାବଲିନ ସ୍ୱେଚ୍ଛାସେବୀ ସଂଗଠନ ବିପନ୍ନଙ୍କ ସୁଖଦୁଃଖରେ ରହିଆସିଛନ୍ତି। ଏପରିକି ବନ୍ୟା ଛାଡି ଯିବା ପରେ ଗୋପ ବ୍ଲକର ୧୦ ପଞ୍ଚାୟତର ୪୩ ଗାଁର ପ୍ରାୟ ୨୮ ହଜାର ବିପନ୍ନଙ୍କୁ ରନ୍ଧା, ଶୁଖିଲା ଖାଦ୍ୟ ଯୋଗାଇଦେଉଛି। ଅଗଷ୍ଟ ୧୬ ରେ ଗୋପ ବେଦପୁର ପଞ୍ଚାୟତ ଖଣ୍ଡିଆକୁଦ ନିକଟ କୁଶଭଦ୍ରା ନଦୀ ଏକ ୩୦ଫୁଟ ଘାଇ ସୃଷ୍ଟି ହେବା ସହିତ ଧନୁଆ ନଦୀ ବନ୍ୟା ଜଳରେ ୧୦ ପଞ୍ଚାୟତର ୩୦ହଜାର ଲୋକ ଜଳବନ୍ଦୀ ହୋଇଥିଲେ। ପରେ ସରକାରଙ୍କ ପକ୍ଷରୁ ଆବଶ୍ୟକତା ଅନୁସାରେ ଚୁଡ଼ା, ଗୁଡ଼, କିରୋସିନ ଓ ପିଇବା ପାଣି ଯୋଗାଇ ଦିଆଯାଇଥିଲା। ବନ୍ୟା ଛାଡି ଯିବା ପରେ ଏହି ଦୁଇ ସ୍ୱେଚ୍ଛାସେବୀ ସଂଗଠନ ଦୀର୍ଘ ଦେଢ ମାସ ହେବ ଗୋପ ବ୍ଲକର ଗଣେଶ୍ୱରପୁର, ଅଣ୍ଡରା-ଇଚ୍ଛାପୁର, ନାଗପୁର ସମେତ ୧୦ ପଞ୍ଚାୟତର ବିଭିନ୍ନ ଗାଁରେ ଥିବା ବିପନ୍ନମାନଙ୍କୁ ସେବା ଦେଇଆସୁଛି। ସୋମବାର ବିକାଶ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିଷ୍ଠାତା ଅଶୋକ ନନ୍ଦ ପହଞ୍ଚି ବିପନ୍ନଙ୍କୁ କିପରି ଖାଦ୍ୟ ସହିତ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି ତାହା ଦେଖିଥିଲେ। ଏହି ସମୟରେ ସଂସ୍ଥାର ଗଣେଶ ଚନ୍ଦ୍ର ଦାଶ, ରୀତା ମିଶ୍ର, ପ୍ରଫୁଲ୍ଲ ପଣ୍ଡା, ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାର୍ଥୀ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ




କୃତୀ ବିଦ୍ୟାର୍ଥୀଙ୍କୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସମ୍ବର୍ଦ୍ଧିତ କରୁଛନ୍ତି ।

ନିମାପଡ଼ା,୨୬।୯(ଡି.ଏନ୍.ଏ.)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ମହାବିଦ୍ୟାଳୟ ପକ୍ଷରୁ ଏକ ବିଦ୍ୟାର୍ଥୀ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଓ କଲେଜ ପରିଚାଳନା କମିଟିର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ୍ ପ୍ରସାଦ ସାବୁତ୍, ଅଧ୍ୟକ୍ଷ ରମାକାନ୍ତ ଦାଶ, ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ଦେବେନ୍ଦ୍ର ଦାସ, ପିଜି ବିଭାଗ କୋଅର୍ଡିନେଟର ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ଅଧ୍ୟାପିକା ପୁଷ୍ପିତା ରାଜଗୁରୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସ୍ନାତକୋତ୍ତର ବିଭାଗ ପରୀକ୍ଷାରେ କୃତିତ୍ୱ ହାସଲ କରି କଲେଜର ସୁନାମ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମାରୋହରେ ଚଳିତବର୍ଷ କଲେଜର ପିଜି ପରୀକ୍ଷାରେ ଭୂତତ୍ତ୍ୱ ବିଭାଗର ଛାତ୍ରୀ ପ୍ରଜ୍ଞାସିନୀ ବାରିକ୍ ଓ ସନ୍ଧ୍ୟାରାଣୀ ବୈଶାଖି ଉଭୟେ ୮୭ ପ୍ରତିଶତ ନମ୍ବର ରଖି ଦ୍ୱୈତ ଟପ୍ପର ହୋଇଛନ୍ତି। ସେହିପରି ପିଜି ବାଣିଜ୍ୟ ବିଭାଗର ଛାତ୍ରୀ ଦିବ୍ୟାଶା ସାହୁ ୮୬ ପ୍ରତିଶତ ନଂ. ରଖି ବାଣିଜ୍ୟରେ ଏବଂ ପିଜି ଓଡିଆ ବିଭାଗର ଛାତ୍ରୀ ତମସାରାଣୀ ସାହୁ ୮୫ ପ୍ରତିଶତ ନଂ. ରଖି ଓଡିଆ ବିଭାଗରେ ଟପ୍ପର ହୋଇଛନ୍ତି। ଚଳିତବର୍ଷ ପିଜି ପରୀକ୍ଷାରେ ଓଡିଆ, ବାଣିଜ୍ୟ, ଭୂତତ୍ତ୍ୱ ବିଭାଗରେ ମୋଟରେ ୬୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୩ଟିଯାକ ବିଭାଗରେ ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଲେଜର ଶ୍ରେଷ୍ଠ ସ୍ନାତକୋତ୍ତର ଆଖ୍ୟା ଅର୍ଜନ କରିଥିବା ପ୍ରଜ୍ଞାସିନୀ, ସନ୍ଧ୍ୟାରାଣୀ, ତମସାରାଣୀ, ଦିବ୍ୟାଶା ପ୍ରମୁଖଙ୍କୁ ମନ୍ତ୍ରୀ ଦାଶ ଟ୍ରଫି ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ୬୬ଜଣ ଛାତ୍ରୀଛାତ୍ରଙ୍କୁ ଦାଶ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ କଲେଜଠାରେ କଲେଜ ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କଲେଜର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମନ୍ତ୍ରୀ ଦାଶ, କଲେଜ ପରିଚାଳନା କମିଟିର ସଭାପତି ସାବୁତ୍, ଅଧ୍ୟକ୍ଷ ଦାଶଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ।

## ସିଦ୍ଧିଦାତା ମହାବୀରଙ୍କ ସୁନ୍ଦରାକାଣ୍ଡ ପାଠ

ପୁରୀ ଅଫିସ ୨୬।୯:

ହାଡଗୋଡ଼ିଆ ସାହି ରାଧାଗୋବିନ୍ଦ ଲେନ ଚତୁର୍ଥ ଗଳିସ୍ଥିତ ସିଦ୍ଧିଦାତା ମହାବୀରଙ୍କ ସୁନ୍ଦରକାଣ୍ଡ ପାଠ ଅନୁଷ୍ଠିତ ହୋଇଛି। ମହନ୍ତ ଉମାଶଙ୍କର ଦାସଜୀ ମହାରାଜଙ୍କ ନେତୃତ୍ୱରେ ଶତାଧିକ ବ୍ରାହ୍ମଣ, ସାଧୁ, ସନ୍ଥ ଏକତ୍ର ହୋଇ ସୁନ୍ଦରକାଣ୍ଡ ପାଠ କରିଥିଲେ। ଏଥିରେ ସ୍ଥାନୀୟ ଭକ୍ତମାନେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ କମଳାକାନ୍ତ ମିଶ୍ର, ଲକ୍ଷ୍ମୀନାରାୟଣ ମହାପାତ୍ର, ପ୍ରମୋଦ କୁମାର ପୃଷ୍ଟି, ବିରଞ୍ଚି ନାରାୟଣ ମହାନ୍ତି, ରାଜ କୁମାର ସାହୁ, ତ୍ରିନାଥ ବେହେରା, ରମେଶ କୁମାର ମହାନ୍ତି, ତୋଫାନ ପ୍ରମୁଖ ପରିଚାଳନା କରିଥିଲେ।

## ବିରୋଧୀ ମିଥ୍ୟା ଅପପ୍ରଚାର କରୁଛନ୍ତି: ମନ୍ତ୍ରୀ

### ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟଣା

ଗୋପ,୨୬।୯(ଡି.ଏନ୍.ଏ.)

ଗୋପ ବ୍ଲକ ୧୧ ନମ୍ବର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣାରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁହଁ ଖୋଲିଛନ୍ତି। ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁକୁ ନେଇ ମୁଁ ମର୍ମାହତ। ସେ ଗୋପ ବ୍ଲକ ଅଞ୍ଚଳର ଜଣେ ଯୁବ ନେତୃତ୍ୱ ଥିଲେ। ତାଙ୍କର ମୃତ୍ୟୁ ସମ୍ପର୍କରେ ବିରୋଧୀ ବିଭିନ୍ନ ଅପପ୍ରଚାର କରୁଛନ୍ତି। ବିରୋଧୀଙ୍କ କାର୍ଯ୍ୟ କେବଳ ବିରୋଧ କରିବା। ମୋ କାର୍ଯ୍ୟ କ'ଣ ସେଇଟା ମୋ ନିର୍ବାଚନ ମଣ୍ଡଳୀର ଲୋକମାନେ କହିବେ। ଲୋକମାନଙ୍କ କାର୍ଯ୍ୟ କରିବା ପାଇଁ ମୋତେ ସୁଯୋଗ ମିଳିଛି। ୨୪ରୁ ୧୮ଘଣ୍ଟା ମୁଁ ଲୋକମାନଙ୍କ କାର୍ଯ୍ୟରେ ଥାଏ ବୋଲି ମନ୍ତ୍ରୀ ଦାଶ କହିଥିଲେ। ପ୍ରକାଶ ଯେ ଦୁଇ ଦିନ ତଳେ ଧର୍ମେନ୍ଦ୍ର ସାହୁ କୌଣସି ସମସ୍ୟାକୁ ନେଇ ଭୁବନେଶ୍ୱରସ୍ଥିତ ଘରେ ଆତ୍ମହତ୍ୟା କରିଥିଲେ। କିନ୍ତୁ ପରେ ଏହି ଯୁବ ନେତୃତ୍ୱକୁ ନେଇ ବିରୋଧୀ ଦଳ ପକ୍ଷରୁ ବିଭିନ୍ନ ମିଥ୍ୟା ଅପପ୍ରଚାର କରାଯାଇଥିଲା। କିନ୍ତୁ ଗୋଟିଏ ପରେ ଗୋଟିଏ ସତ୍ୟ ଘଟଣା ପଦାକୁ ଆସୁଥିବା ବେଳେ ପୋଲିସ ତା'ର ତଦନ୍ତ ପ୍ରକ୍ରିୟା ଜାରି ରଖିଛି ବୋଲି ମନ୍ତ୍ରୀ କହିବା ସହ ମୋର ଜଣେ ସକ୍ରିୟ କର୍ମୀଙ୍କ ଯେତେବେଳେ ମୃତ୍ୟୁ ହେଲା ମୁଁ ମୋର କର୍ତ୍ତବ୍ୟ ସମ୍ପାଦନ କରିବା କଥା କରିଛି ବୋଲି କହିଥିଲେ। ହେଲେ କମ୍ ସମୟ ମଧ୍ୟରେ ବିରୋଧୀଙ୍କ ମୁହଁ ବନ୍ଦ ହୋଇଯିବ ବୋଲି ମନ୍ତ୍ରୀ ଦାଶ ସୂଚନା ଦେଇଥିଲେ।

## ପ୍ରତାରଣା ଅଭିଯୋଗ, ଯୁବକ ଗିରଫ

ସାକ୍ଷୀଗୋପାଳ, ୨୬।୯(ଡି.ଏନ୍.ଏ./ସ୍ୱ.ପ୍ର.)

ପୂର୍ବ ସତ୍ୟବାଦୀ ଥାନା ଅଞ୍ଚଳର ନିଜ ମାମୁ ଘରେ ରହୁଥିବା ଜଣେ ୧୮ ବର୍ଷୀୟା ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳର ତଥାଗତ ମହାରଣା। ଏଥିସହିତ ଶାରୀରିକ ସମ୍ପର୍କ ସମୟର ଫଟୋ ଏବଂ ଭିଡିଓକୁ ଭାଇରାଲ କରିଥିବା ମୋବାଇଲ ଫୋନକୁ ମଧ୍ୟ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଦୀର୍ଘ ୩ ବର୍ଷ ଧରି ଫେସବୁକ ଜରିଆରେ ଅଭିଯୁକ୍ତଙ୍କ ସହ ଯୁବତୀଙ୍କ ଚିହ୍ନା ପରିଚୟ ହୋଇଥିଲା। ପରେ ପ୍ରେମ ସମ୍ପର୍କ ହୋଇ ବିଭିନ୍ନ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ଯୁବକ ପ୍ରତାରଣା କରିଥିଲେ। ଏପରିକି ଶାରୀରିକ ସମ୍ପର୍କ ସମୟର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏ ନେଇ ଯୁବତୀ ଜଣକ ପରିବାର ଲୋକଙ୍କୁ କହିବା ପରେ ଚଳିତମାସ ୯ ତାରିଖ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୨୬୮/୨୨) ରୁଜୁ କରି ତଦନ୍ତ ଚଳାଇଥିଲେ। ପରେ ଯୁବକଙ୍କ ଗଞ୍ଜାମ ଜିଲାସ୍ଥିତ ଘରେ ଚଢ଼ାଉ କରି ଉକ୍ତ ଯୁବକଙ୍କୁ ଗିରଫ କରିଥିବା ସତ୍ୟବାଦୀ ଥାନା ଭାରପ୍ରାପ୍ତ ନିରୀକ୍ଷକ ବିଜୟକେତନ ବେହେରା ସୂଚନା ଦେଇଛନ୍ତି।

## ବନ୍ୟା ବିପନ୍ନଙ୍କ ପଲିଥିନ ଯୋଗାଣରେ ଦୁର୍ନୀତି

କଣାସ,୨୬।୯(ସ୍ୱ.ପ୍ର.)

କଣାସ ବ୍ଲକରେ ଚଳିତ ବନ୍ୟାରେ ଦୁଇ ଦୁଇଟି ବଡଘାଇ ହେବା ଯୋଗୁ ୨୨ଟି ପଞ୍ଚାୟତ ବ୍ୟାପକ କ୍ଷୟକ୍ଷତି ହେବାସହିତ ୮ରୁ ୧୦ଦିନ ବିପନ୍ନ ଗ୍ରାମ ପାଣିଘେରରେ ରହିଥିଲା। ବାସଗୃହରେ ବନ୍ୟାପାଣି ପଶିଯିବାରୁ ଛାତ ଉପରେ ଖରା ବର୍ଷାରେ ରହିଥିବା ବେଳେ ଅନେକ ବ୍ୟକ୍ତି ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଥିଲେ। ପରେ କଣାସ ତହସିଲ କାର୍ଯ୍ୟାଳୟ ପକ୍ଷରୁ ବନ୍ୟା ବିପନ୍ନ ପରିବାରଙ୍କୁ ୨୦/୨୦ଫୁଟ୍‌ରେ ପଲିଥିନ ଯୋଗାଇଦିଆଯାଇଥିଲା। ହେଲେ ବକୁ ପଞ୍ଚାୟତରେ ପଲିଥିନ ଯୋଗାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ବିଭିନ୍ନ ଗ୍ରାମର ବନ୍ୟାକ୍ଲିଷ୍ଟ ଲୋକମାନେ ତହଲିଦାର ସ୍ମୃତିରଞ୍ଜନ ଶତପଥୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବକୁ ପଞ୍ଚାୟତକୁ ୨୦/୨୦ଫୁଟ୍‌ରେ ପଲିଥିନ ଯୋଗାଣ ହୋଇଥିବା ବେଳେ କେତେ ବ୍ୟକ୍ତି ଉକ୍ତ ପଲିଥିନକୁ କାଟି ୧୦/୨୦ଫୁଟ୍‌ରେ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତହସିଲଦାର ଶତପଥୀଙ୍କୁ ପଚାରିବାରୁ ପ୍ରଶାସନ ପକ୍ଷରୁ ୨୦/୨୦ ଫୁଟ ପଲିଥିନ ଦିଆଯାଇଛି। କିଛି ଜାଗାରେ ତାହା କଟାଯାଇ କମ୍ କରିଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ତଦନ୍ତ କରାଯିବ, ରିପୋର୍ଟ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର କହିଛନ୍ତି।

# ବନ୍ୟାଞ୍ଚଳ, ଘାଇ ଦେଖିଲେ ଏସ୍‌ଆର୍‌ସିଙ୍କ ୪ ଟିମ୍

## ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କଲେ

କଣାସ,୨୬।୯(ସ୍ୱ.ପ୍ର.)

ଚଳିତବର୍ଷର ବନ୍ୟା ଯୋଗୁ ଦୟାନଦୀର ଶାଖାନଦୀ ରାଜୁଆ ଓ ମକରା ନଦୀରେ ଦୁଇଟି ଘାଇ ହେବା ଓ ବନ୍ଧବାଡରେ ବହୁ ଗଳିଆ ପଡିଥିଲା। ଫଳରେ କଣାସ ଅଞ୍ଚଳରେ ଅଧିକାଂଶ ନଦୀର ବିପଦ ସଙ୍କେତ ଉପରେ ଜଳ ରହିବା ସହ ଦୀର୍ଘଦିନ ଗ୍ରାମ ଜଳମଗ୍ନ ରହିବା ସହ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତା'ର ନିରାକରଣ ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ ନିର୍ଦ୍ଦେଶକ୍ରମେ ସୋମବାର ୪ଟିମ୍ କଣାସ ବନ୍ୟା ଅଞ୍ଚଳର ଦୁଇଟି ଘାଇ, ଦୟାନଦୀ ବନ୍ଧ, ରାଜୁଆନଦୀ ବନ୍ଧ, ବଡାସ, ଦୋକନ୍ଦା, ଗଡବଳଭଦ୍ରପୁର ପଞ୍ଚାୟତ ଅଞ୍ଚଳ ବୁଲି ଦେଖିଛନ୍ତି। ଏଥିସହ ପରିସ୍ଥିତିରେ ସମାଧାନ ନିମନ୍ତେ ସ୍ଥାନୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ୪ଟି ଟିମ୍ କଣାସ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟାଳୟରେ ଅପେକ୍ଷା କରିଥିବା ପୁରୀ ଜଳସେଚନ ବିଭାଗ, ଖୋର୍ଦ୍ଧା ଜଳସେଚନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବ୍ଲକ ସହକାରୀ ଯନ୍ତ୍ରୀମାନଙ୍କୁ ନେଇ ବିଭିନ୍ନ ସ୍ଥାନ ବୁଲି ଦେଖାଇବା ସହ କିଛି ଜାଗାରେ ଗ୍ରାମବାସୀଙ୍କଠାରୁ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

## କଂଗ୍ରେସରେ ମିଶିଲେ ଶତାଧିକ ଯୁବ, ଛାତ୍ର ସଙ୍ଗଠକ

ପୁରୀ ଅଫିସ, ୨୬।୯:

ପୁରୀ ଅଞ୍ଚଳର ଶତାଧିକ ଯୁବ ଓ ଛାତ୍ର ସଙ୍ଗଠକ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ ପୁରୀ ନଗର କଂଗ୍ରେସ ସଭାପତି ଛବିନ୍ଦ୍ର ପଡ଼ିଆରୀ ଉପସ୍ଥିତ ଥିଲେ। ଯୁବ କଂଗ୍ରେସ ନେତା ଆଲୋକ କୁମାର ଦାଶ, ନିମାପଡ଼ା ଓ ଗୋପ ନିର୍ବାଚନମଣ୍ଡଳୀ ନେତା ଭାଗିରଥି ସେନାପତି, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ର, ଉପସଭାପତି ରିଶାନ ଦାଶ, କ୍ରିଷ୍ଣା ଜାଲି, ପୁରୀ ବିଧାନସଭା କ୍ଷେତ୍ର ଛାତ୍ର କଂଗ୍ରେସ ସଭାପତି ଅଗଷ୍ଟିନ ଜୋସେଫ, ସଦର ଜିଲ୍ଲା ଛାତ୍ର କଂଗ୍ରେସ ଉପସଭାପତି ଲକ୍ଷ୍ମୀଧର ସେଠୀ ଏବଂ ଯୁବନେତା ଆଦିତ୍ୟ କୁମାରଙ୍କ ନେତୃତ୍ୱରେ ଏହି ସଙ୍ଗଠକମାନେ କଂଗ୍ରେସରେ ଯୋଗଦେଇଛନ୍ତି। ନୂତନ କର୍ମୀମାନଙ୍କୁ ସ୍ୱାଗତ କରାଯାଇଥିଲା। ଆଗାମୀ ଦିନରେ ଯୁବ ଓ ଛାତ୍ର କଂଗ୍ରେସ ସଙ୍ଗଠିତ ହୋଇ ଲଢେଇ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ସାକ୍ଷୀଗୋପାଳ, ୨୬।୯(ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ବ୍ଲକସ୍ତରରୁ ବିଭିନ୍ନ ବିଦ୍ୟାଳୟରୁ ୩୯ଜଣ ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ, ବକ୍ତୃତା ସହ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଭାସ୍କର ମୁଦୁଲି ଏବଂ ଅଧ୍ୟାପିକା ରୂପାଲି ସାହୁ ବିଚାରକ ଭାବେ ଯୋଗଦେଇଥିଲେ। ଏହି ସେମିନାରରେ ସ୍ଥାନୀୟ ଅଳସା ଗ୍ରାମର ସରକାରୀ ଅପଗ୍ରେଟେଡ ନୋଡାଲ ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀ ସ୍ନେହାଞ୍ଜଳି ପ୍ରଧାନ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ପରିଚୟ ଦେଇଥିଲେ। ଗୋପୀନାଥ ଦେବ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଶିକ୍ଷକ ତପନ କୁମାର ମିଶ୍ର ଉକ୍ତ ସେମିନାରକୁ ପରିଚାଳନା କରାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

# ଆଶାୟୀଙ୍କ ମନରେ ଉତ୍ସାହ ଭରିଛି 'ଅଗ୍ନିବୀର'

ପୁରୀ ଅଫିସ,୨୬।୯:

କମ୍ ବୟସରୁ ଦେଶସେବାର ସୁଯୋଗ ଦେଉଛି 'ଅଗ୍ନିବୀର'। ସାଢ଼େ ୧୭ ବର୍ଷରୁ ୨୧ ବର୍ଷର କିଶୋରମାନଙ୍କୁ ଭାରତୀୟ ସେନାରେ ସାମିଲ ହେବା ନେଇ ସୁଯୋଗ ମିଳିବା ପରେ ଆଶାୟୀମାନଙ୍କ ମନରେ ଉତ୍ସାହ ସହ ଉନ୍ମାଦନା ଭରିଛି। ଅଗ୍ନିବୀର ଭାବେ ଚୟନ ହେବା ପାଇଁ ଆଶାୟୀମାନେ ପ୍ରଶିକ୍ଷଣ ନେବା ସହ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଗ୍ରାମାଞ୍ଚଳର ଶତାଧିକ ଯୁବକ ପୁରୀ ଆସି ଭଡ଼ାଘରେ କଷ୍ଟେମଷ୍ଟେ ମୁଣ୍ଡ ଗୁଞ୍ଜି ଅଗ୍ନିବୀର ପ୍ରବେଶିକା ପରୀକ୍ଷା ଲାଗି ତାଲିମ ନେଉଛନ୍ତି। ସେମାନେ ସକାଳ ୬ରୁ ୮ଟା ଏବଂ ଅପରାହ୍ନ ୩ଟାରୁ ୬ଟା ପର୍ଯ୍ୟନ୍ତ ଲଙ୍ଗ୍ ରନ୍, ଶର୍ଟ ରନ୍, ସ୍ପ୍ରିଣ୍ଟ, ଲଙ୍ଗଜମ୍ପ, ହାଇଜମ୍ପ ଓ ଅନ୍ୟାନ୍ୟ ଶାରୀରିକ ଅଭ୍ୟାସର ପ୍ରଶିକ୍ଷଣ ନେଉଛନ୍ତି। ପ୍ରଶିକ୍ଷକ ଜୟନ୍ତ ବେହେରା ପିଲାଙ୍କୁ ଅଗ୍ନିବୀର ପାଇଁ ପ୍ରସ୍ତୁତ କରାଉଛନ୍ତି। ସେ ସିଆର୍‌ପିଏଫ୍‌ରେ ଚାକିରି କରିଥିଲେ। ଜୟନ୍ତ କହିଛନ୍ତି, ୨୧ ବର୍ଷର କମ୍ ଯୁବକଙ୍କୁ ନିଯୁକ୍ତ ଅଗ୍ନିବୀର ଦ୍ୱାରା ସମ୍ଭବପର ହୋଇପାରିଛି। ପ୍ରଥମ ଥର ପାଇଁ କଲେଜ ପିଲାଙ୍କୁ ଅଧବସାୟ କରୁଥିବାର ଦେଖି ଖୁସି ଲାଗୁଛି। ପିଲାମାନେ ନିଜ ଇଚ୍ଛାଶକ୍ତିକୁ ଶାରୀରିକ ଅଭ୍ୟାସରେ ଲଗାଇଛନ୍ତି। ୪୦ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ମଧ୍ୟ ପିଲାଙ୍କୁ ଏହି ସେବାରେ ଯୋଗ ଦେବା ପାଇଁ ପ୍ରୋତ୍ସାହିତ କରୁଛି।



ଅଗ୍ନିବୀର ପଦବୀ ପାଇଁ ସେନାରେ ସାମିଲ ହେବାକୁ ତାଲିମ ନେଉଥିବା ଯୁବକମାନେ ।

## ଜୋରସୋରରେ ଚାଲିଛି ପ୍ରଶିକ୍ଷଣ

ଆସନ୍ତା ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ଆର୍ମି ରାଲି ହେବ। ଅକ୍ଟୋବର ୧୧ରେ ଆର୍ମି ସହାୟକ କର୍ମଚାରୀ ଓ ୧୩ରେ ସୈନିକ ଭର୍ତ୍ତି ଲାଗି ଶାରିରୀକ ପରୀକ୍ଷା ହେବ। ଶାରୀରିକ ପରୀକ୍ଷାରୁ ଚୟନ ହେବା ପରେ ଲିଖିତ ପରୀକ୍ଷା ଦେବାକୁ ପଡ଼ିବ।

ଅନ୍ୟପକ୍ଷରେ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରମାନେ ଆର୍ଥିକ ଅନଟନ ମଧ୍ୟରେ ବି ନିଜ ଆତ୍ମବିଶ୍ୱାସକୁ କମିବାକୁ ଦେଇନାହାନ୍ତି। ସ୍ୱଳ୍ପ ଅର୍ଥରେ ଚଳିବା କଷ୍ଟକର ହେଉଥିଲେ ମଧ୍ୟ ନିଜ ପରିଶ୍ରମରେ ହେଳା କରୁନାହାନ୍ତି। ଶାରୀରିକ ପରୀକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଏଥିଲାଗି ଜୋରଦାର ପ୍ରାକ୍ଟିସ୍ କରୁଛୁ ବୋଲି ୨୦ ବର୍ଷୀୟ ନକୁଳ ସେଠୀ କହିଛନ୍ତି। ସେହିପରି ୨୧ ବର୍ଷୀୟ ଛାତ୍ର ସମୀର କୁମାର ଜେନା କହିଛନ୍ତି, ଶାରୀରିକ ପରୀକ୍ଷାରେ ଅତି ଭଲ ପ୍ରଦର୍ଶନ ପାଇଁ ଅଧିକ ନମ୍ବର ରଖିବାକୁ ପ୍ରସ୍ତୁତି ଚଳାଇଛି। କେବଳ ଦୃଢ଼ ମନୋବଳ ହିଁ ଆତ୍ମବିଶ୍ୱାସ ବଢ଼ାଇବାରେ ସହାୟକ ହୋଇପାରିବ। ଏ ନେଇ ଅବସରପ୍ରାପ୍ତ ହାବିଲଦାର ପ୍ରବୀଣ କୁମାର ଜଗଦେବ କହିଛନ୍ତି, ନିଯୁକ୍ତି ପାଇଁ ସର୍ବାଧିକ ବୟସ ସୀମା ୨୧ ହୋଇଥିବାରୁ ଆଶାୟୀଙ୍କ ମନରେ ଉନ୍ମାଦନା ଅଧିକ ରହିଛି। ମାତ୍ର ପରୀକ୍ଷା ବେଳେ କିଭଳି ଚାପ ନିୟନ୍ତ୍ରଣ କରୁଛନ୍ତି ତାହା ବଡ଼ ପ୍ରସଙ୍ଗ। ପିଲାମାନେ ନିଜ ଶ୍ରେଷ୍ଠ ପ୍ରଦର୍ଶନ କରିବା ପାଇଁ ମାନସିକ ସ୍ତରରେ ଶାନ୍ତି ରୁହନ୍ତୁ। ଶାରୀରିକ ଅଭ୍ୟାସରୁ ସାମାନ୍ୟ ବିରତି ମଧ୍ୟ ଆବଶ୍ୟକ। ମାନସିକ ସ୍ଥିରତା ଆସିଲେ, ମନୋବଳ ଓ ଆତ୍ମବିଶ୍ୱାସ ବଢ଼ିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ସାହି ରାସ୍ତା ଜବରଦଖଲ, ଏନ୍‌ଏସିରେ ଅଭିଯୋଗ

ପିପିଲି,୨୬।୯(ଡି.ଏନ୍.ଏ.)

ପିପିଲି ଏନ୍‌ଏସି ଅଧୀନ ନରସିଂହପୁର ଗ୍ରାମର ଏକ ରାସ୍ତାକୁ କେତେଜଣ ଜବରଦଖଲ କରିଦେଇଛନ୍ତି। ଫଳରେ ଯାତାୟାତରେ ବାଧା ସହ ଦୁର୍ଘଟଣା ଘଟୁଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସୋମବାର ସ୍ଥାନୀୟ ଗ୍ରାମବାସୀ ଜବରଦଖଲକୁ ହଟାଇବା ଦାବିରେ ଏନ୍‌ଏସିରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ନରସିଂହପୁର ଗ୍ରାମର ମୁଖ୍ୟରାସ୍ତା ପିପିଲି ବଜାରକୁ ସଂଯୋଗ ହୋଇ ଖଜୁରୀ ବଣିଆ, ହଜାରୀ ମହଲା, ସିଙ୍ଘି ସାହି, ବଢେଇ ସାହି ଆଦି ପାଖାପାଖି ୮/୧୦ଟି ସାହିବାସିନ୍ଦାଙ୍କର ପ୍ରମୁଖ ରାସ୍ତା ଅଟେ। ଉକ୍ତ ରାସ୍ତାରେ ସ୍କୁଲ, କଲେଜ, ଅଙ୍ଗନୱାଡ଼ି, ମସଜିଦ ଓ ମନ୍ଦିର ଥିବାରୁ ଅନେକ ଲୋକ ଯାତାୟାତ କରିଥାନ୍ତି। ହେଲେ ଏହି ରାସ୍ତା ପାର୍ଶ୍ୱରେ ଥିବା କେତେଜଣ ଘର ମାଲିକ ନିଜ ଘରକୁ ବଢ଼ାଇ ଡ୍ରେନ୍ ଓ ରାସ୍ତାକୁ ଜବରଦଖଲ କରିରଖିଛନ୍ତି। ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇଯିବାରୁ ଯାତାୟାତରେ ଅସୁବିଧା ହେବା ସହ ଛୋଟବଡ଼ ଦୁର୍ଘଟଣା ହେଉଛି। ତେଣୁ ରାସ୍ତାର ହୋଇଥିବା ଜବରଦଖଲକୁ ହଟାଇବା ପାଇଁ ଗ୍ରାମବାସୀ ପିପିଲି ଏନ୍‌ଏସି ଅଧିକାରୀଙ୍କୁ ସୋମବାର ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏପରିକି ଆଗକୁ ଦିନରେ କାର୍ଯ୍ୟାନୁଷ୍ଠାନ ନ ହେଲେ, ଜନ ଆନ୍ଦୋଳନ କରାଯିବ। ଏ ନେଇ ପିପିଲି ଏନ୍‌ଏସି ଅଧିକାରୀ ପୂଜା ରାଉ କହିଛନ୍ତି, ଜବରଦଖଲ ହୋଇଥିବା ନେଇ ଏକ ଗ୍ରାମବାସୀଙ୍କ ଅଭିଯୋଗ ପାଇଛି। ଖୁବ୍‌ଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

**ରଘୁନାଥ ଜୀଉ ନୋଡାଲ ବିଦ୍ୟାପୀଠ ପୁରାତନ ଛାତ୍ରସଂଘର ନୂତନ କର୍ମକର୍ତ୍ତା**

କଟକ ଅଫିସ: ରଘୁନାଥ ଜୀଉ ନୋଡାଲ ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଡ. ଏସ୍. ଶ୍ରୀନିବାସ, ଉପସଭାପତି ସନ୍ତୋଷ କୁମାର ନାୟକ, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଦାସ, ଯୁଗ୍ମ ସମ୍ପାଦିକା ମାମିନା ବିଶ୍ୱାଳ ଏବଂ କୋଷାଧକ୍ଷ ଭାବେ ପ୍ରଭାସ ପ୍ରଧାନ ନିର୍ବାଚିତ ହୋଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସୁରମା ପତି ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାକ୍ତନ ଶିକ୍ଷକ ସାଧୁଚରଣ ପ୍ରଧାନ, ସହକାରୀ ଶିକ୍ଷକ ବିଶ୍ୱଜିତ ପଟ୍ଟନାୟକ ଓ ମଧୁସ୍ମିତା ସାହୁ ସହଯୋଗ କରିଥିଲେ।


ମା' କଟକଚଣ୍ଡୀଙ୍କ ନାରାୟଣୀ ବେଶ।


ମା' ଗଡ଼ଚଣ୍ଡୀଙ୍କ ରାଜରାଜେଶ୍ୱରୀ ବେଶ।


ମା' ଝାଞ୍ଜିରୀ ମଙ୍ଗଳାଙ୍କ ଚାମୁଣ୍ଡା ବେଶ।


ମା' ବାସନ୍ତୀଦୁର୍ଗାଙ୍କ ମାହେଶ୍ୱରୀ ବେଶ।


ପିଠାପୁର ମା' ଧାକୁଲେଇଙ୍କ ଗାୟତ୍ରୀ ବେଶ।

# ଏଥର ନୂଆ ମଣ୍ଡପରେ ପୂଜା ପାଇବେ ମାଆ

**କଟକ,୨୬।୯**

ଦୀର୍ଘ ୮୨ବର୍ଷ ପୂର୍ବରୁ ବିଡ଼ାନାସୀ ପୂଜା କମିଟି ପକ୍ଷରୁ ହର-ପାର୍ବତୀଙ୍କ ପୂଜା କରାଯାଉ ଥିଲା। କିନ୍ତୁ କିଛି ବର୍ଷ ପରେ ଏହା ବନ୍ଦ ହୋଇଯାଇଥିଲା। ପୂଜା କମିଟିର ସୂଚନା ଅନୁଯାୟୀ, ୪୫ ବର୍ଷ ହେବ ଏଠାକାର ସାହି ଭିତରେ ଥିବା ପୁରୁଣା ପୀଠରେ ମା'ଦୁର୍ଗାଙ୍କ ପୂଜା କରାଯାଉଛି। ଏଥର ଚହଟା ଛକରେ ୨୫ଲକ୍ଷ ଟଙ୍କା ବ୍ୟୟରେ ନୂଆ ମଣ୍ଡପ ନିର୍ମାଣ ହୋଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନବନିର୍ମିତ ମଣ୍ଡପରେ ପୂଜା ପାଇବେ। ତେବେ ପୁରୁଣା ମଣ୍ଡପରେ ମା'ଙ୍କ ପଥର ପ୍ରତିମା ସ୍ଥାପନ କରାଯିବ। କୋଭିଡ୍ ପାଇଁ ଗତ ଦୁଇବର୍ଷ ଧରି ନିରାଡମ୍ବର ଭାବେ ପୂଜା ହୋଇଥିବାବେଳେ ଚଳିତ ବର୍ଷ ଆଡମ୍ବର ସହକାରେ ପାଳନ କରାଯିବ। ଆସନ୍ତା ୨୮, ୨୯ ଓ ୩୦ ତାରିଖରେ ଯଜ୍ଞ ହେବ। ନୂଆ ମଣ୍ଡପରେ ଆଲୋକ ଓ ଫୁଲ ସଜା ପାଇଁ ଯୋଜନା ହୋଇଛି। ଛକକୁ ସଂଲଗ୍ନ ୩ଟି ରାସ୍ତାରେ ତୋରଣ ନିର୍ମାଣ ହେବ। ସେକ୍ଟର-୧୦ସ୍ଥିତ ନୂଆ ବ୍ରିଜ୍ ଉଦ୍‌ଘାଟନ ପରେ ଚହଟା ଛକରେ ଗହଳି ବଢ଼ିଛି। ଏଥର ପୂଜାରେ ପ୍ରବଳ ଜନସମାଗମ ହେବ ବୋଲି ଆଶା କରାଯାଉଛି। ଶାନ୍ତିଶୃଙ୍ଖଳାର ସହିତ ପୂଜାକାର୍ଯ୍ୟ ଶେଷ କରିବାକୁ କମିଟି ନିଷ୍ପତ୍ତି ନେଇଛି। ୨୦୧୯ ମସିହାରେ ପ୍ରଥମେ ଚାନ୍ଦିମେଢ଼ କରାଯାଇଥିଲା। ୨କୁଇଣ୍ଟାଲ୍ ରୁପାରେ ନିର୍ମିତ ମେଢ଼ ସହର ପରିକ୍ରମା କରିଥିଲା। ଚଳିତବର୍ଷ ମଣ୍ଡପ ନିର୍ମାଣ ଖର୍ଚ୍ଚ ଅଧିକ ହୋଇଥିବାରୁ ପୂଜା ଖର୍ଚ୍ଚ କାଟ କରାଯିବ। ଆସନ୍ତା ବର୍ଷ ମା'ଙ୍କ ସୁନାମୁକୁଟ ତିଆରି କରାଯିବ।




**ନବମୀରେ ୯ କୁମାରୀଙ୍କ ପୂଜାର୍ଚ୍ଚନା**

ଏଠାକାର ବିଶେଷତ୍ୱ ହେଉଛି ନବମୀ ପୂଜା। ନବମୀରେ ୯ଜଣ କୁଆଁରୀ ଝିଅଙ୍କୁ ପୂଜାର୍ଚ୍ଚନା କରାଯାଏ। ବିଧି ମୁତାବକ ମଣ୍ଡପ ନିକଟରେ କୁମାରୀମାନେ ମା'ଙ୍କ ସ୍ମରଣ କରନ୍ତି। ଦେବୀଙ୍କ ପ୍ରତିମୂର୍ତ୍ତି ପୂଜା କରାଯିବା ପରେ କୁଆଁରୀଙ୍କୁ ପୂଜା କରି ଆରାଧନା କରାଯାଏ। ଦଶମୀରେ ୬ଶହ ଲୋକଙ୍କୁ ଦହି ପଖାଳ ଦେବାର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷର ପୂଜା ବଜେଟ୍ ରହିଛି ୧୦ଲକ୍ଷ ଟଙ୍କା ଟଙ୍କା।



"ଭସାଣି ଶୋଭାଯାତ୍ରା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ଭସାଣିରେ ମା' ଚହଟା ଘାଟରୁ ବାହାରି ଚାନ୍ଦିନୀଚୌକରେ ପହଞ୍ଚିବେ। ସେଠାରେ ମେଳଣରେ ଯୋଗଦେବା ପରେ ଚୌଧୁରୀ ବଜାର ଓ ଜାଉଁଳିଆପଟି ରାସ୍ତା ଦେଇ ଦେବୀଗଡ଼ାକୁ ଯାଇ ବିସର୍ଜନ ହେବେ। ଜୁଲମ କରି ଚାନ୍ଦା ଆଦାୟ ନ କରିବା ଓ ନିଶାମୁକ୍ତ ଭସାଣ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ମା'ଙ୍କ ପୁରୁଣା ପୀଠରେ ପଥର ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା ହେବ ଏବଂ ନୂଆ ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବେ।

**– ଭଗବାନ ଚାନ୍ଦ, କମିଟି ସଭାପତି**



"ଡେକୋରେଶନ୍ ଓ ଆଲୋକସଜ୍ଜା ଉପରେ ଆମେ ଗୁରୁତ୍ୱ ଦେଇ ପ୍ରସ୍ତୁତି କାର୍ଯ୍ୟ ଚଳାଇଛୁ। ଯେହେତୁ ଆମର ସ୍ଥାୟୀ ମଣ୍ଡପ ନିର୍ମାଣରେ ଏଥର ବହୁତ ଟଙ୍କା ଖର୍ଚ୍ଚ ହୋଇଛି, ତେଣୁ ପୂଜାରେ ଅନାବଶ୍ୟକ ଖର୍ଚ୍ଚ କରାଯିବ ନାହିଁ। ବିଡ଼ାନାସୀରେ ଯେତେବେଳେ ପୂଜା ହେଉ ନ ଥିଲା, ସେତେବେଳେ ସ୍ଥାନୀୟ ଲୋକେ ମା'ଙ୍କ ଦର୍ଶନ ପାଇଁ ଚାନ୍ଦିନୀଚୌକ ଓ ଅଲିଶା ବଜାରକୁ ଯାଉଥିଲେ। ଏସବୁକୁ ଦୃଷ୍ଟିରେ ରଖି ଆମ ସାହିରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ କରାଗଲା।

**– ଟୁକୁନା ସେନାପତି, କମିଟି ସମ୍ପାଦକ**


କଟକ ଚୌଧୁରୀ ବଜାର ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଜଣେ କାରିଗର ତୂଳୀ ସାହାଯ୍ୟରେ ଶେଷ ସ୍ପର୍ଶ ଦେଉଛନ୍ତି।

## ସଂକ୍ଷେପରେ

### ଲଳିତଗିରି ପ୍ରତ୍ନତତ୍ତ୍ୱ ସଂଗ୍ରହାଳୟ ସୁରକ୍ଷା ବାଡ଼ ଚୋରି

**ମାହାଙ୍ଗା, ୨୬।୯(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରି ପଞ୍ଚାୟତ ବୌଦ୍ଧବିହାର ପାହାଡ଼ଠାରେ ଅବସ୍ଥିତ ପ୍ରତ୍ନତତ୍ତ୍ୱ ବିଭାଗ ସଂଗ୍ରହାଳୟର ସୁରକ୍ଷା ବାଡ଼ ଚୋରି ହୋଇଥିବା ଜଣାଯାଇଛି । ଗତ ୨୪ ତାରିଖ ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ସଂଗ୍ରହାଳୟ ଚତୁଃପାର୍ଶ୍ୱରେ ଥିବା ଲଳିତଗିରି-ହରିଭକ୍ତପୁର ଗ୍ରାମ ଉନ୍ନୟନ ରାସ୍ତାର ବଳଦେବଜୀଉ କାଲୁଆଙ୍କ ମନ୍ଦିର ନିକଟଠାରୁ ୨ ଶହ ଫୁଟ ଲମ୍ବର ଲୁହା ସୁରକ୍ଷା ବାଡ଼ ଚୋରି କରି ନେଇଯାଇଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସଂଗ୍ରହାଳୟର କର୍ମଚାରୀଙ୍କୁ ପଚାରିବାରୁ ଏନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି।

### ୨୨୩ ଏସ୍ଏଚଜିକୁ ୮.୫୩ କୋଟି ଋଣ ପ୍ରଦାନ

**ବାଙ୍କୀ, ୨୬।୯(ସ୍ୱ.ପ୍ର):** ବାଙ୍କୀ ବ୍ଲକ ସଭାଗୃହରେ ସୋମବାର ବ୍ଲକସ୍ତରୀୟ ମିଶନ ଶକ୍ତି ଋଣମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେ ୨୨୩ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୮କୋଟି ୫୩ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟରେ ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲ, ବିଡିଓ ଶ୍ୟାମଳ କୁମାର ରାୟ, ଜିଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର, ଆଶିଷ କୁମାର ସାହୁ, ଏନ୍ଏସି ଅଧକ୍ଷା ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ବ୍ଲକ ଉପାଧକ୍ଷା ଗୀତାଞ୍ଜଳି ବେଉରା, ଡିପିସି ସ୍ୱାଗତିକା ପରିଡା, ଏଫଏଲସି ସତ୍ୟ ନାରାୟଣ ବେହେରା ଯୋଗଦେଇ ସ୍ୱୟଂସହାୟକ ଗୋଷ୍ଠୀମାନେ ଯେପରି ଋଣ ନେବାରେ ଅସୁବିଧାର ସମ୍ମୁଖୀନ ନ ହେବେ ସେ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଜୀବିକା ମିଶନର ବିଭୂପ୍ରସାଦ ପାଢ଼ୀ, ମିଶନ ଶକ୍ତିର ବିପିସି ହରିପ୍ରିୟା ସାହୁ, ନଳିନୀ ଦେବୀ ଏବଂ ବ୍ୟାଙ୍କ ମିତ୍ର ଏବଂ ଏମବିକେମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜୀବିକା ମିଶନ ପ୍ରକଳ୍ପ ଅଧିକାରୀ ଅକ୍ଷୟ ଭଞ୍ଜ ପରିଚାଳନା କରିଥିଲେ।

# ଶିକ୍ଷକ ପଦବୀ ପୂରଣ ଦାବିରେ ପ୍ରତିବାଦ ସଭା

**ଚୌଦ୍ୱାର,୨୬।୯(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ଗୋଡ଼ିପାଟଣାସ୍ଥିତ ୫-ଟି ଅନ୍ତର୍ଭୁକ୍ତ ନିଗମାନନ୍ଦ ବିଦ୍ୟାପୀଠରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଦାବିରେ ପୁରାତନ ଛାତ୍ର ସଂସଦ, ପରିଚାଳନା କମିଟି ଓ ଅଭିଭାବକମାନଙ୍କ ତରଫରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢ଼ୁଥିବା ଏହି ବିଦ୍ୟାଳୟରେ ୨୧ଟି ଶିକ୍ଷକ ପଦବୀ ଥିବାବେଳେ ଏବେ ଖେଳ ଶିକ୍ଷକଙ୍କୁ ମିଶାଇ ମାତ୍ର ୮ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାପୀଠରେ ଗଣିତ ଓ ବିଜ୍ଞାନ ଶିକ୍ଷକ ପଦବୀ ଦୀର୍ଘଦିନ ହେବ ଖାଲି ପଡ଼ିଛି। ଫଳରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନରେ ଅବ୍ୟବସ୍ଥା ଦେଖାଦେଇଛି। ଫଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ଚୌଦ୍ୱାର ଅଞ୍ଚଳରେ ଥିବା ପ୍ରାୟ ସମସ୍ତ ସରକାରୀ ହାଇସ୍କୁଲରେ ଶିକ୍ଷକ ଅଭାବ ପରିଲକ୍ଷିତ ହେଉଛି। ଆଗାମୀ ସପ୍ତାହକ ମଧ୍ୟରେ ବିଦ୍ୟାପୀଠରେ ଖାଲିପଡ଼ିଥିବା ଶିକ୍ଷକ ପଦବୀକୁ ସରକାର ପୂରଣ ନ କଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ବିଦ୍ୟାପୀଠର ପୂର୍ବତନ ଛାତ୍ର ଅଜୟ ବେହେରା, ଆକୁଳାନନ୍ଦ ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଶୁକଦେବ ଭୂୟାଁ ପ୍ରମୁଖ ଚେତାବନୀ ଦେଇଛନ୍ତି।


ନିଗମାନନ୍ଦ ବିଦ୍ୟାପୀଠରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଦାବିରେ ପ୍ରତିବାଦ ସଭା।

# ପୁରୁଣା ସ୍କୁଲ ଗୃହ ଭଙ୍ଗାକୁ ନେଇ ଦ୍ୱନ୍ଦ୍ୱରେ ପ୍ରଧାନ ଶିକ୍ଷକ

**କଟକ ସଦର, ୨୬।୯(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ୧୪ଟି ଉଚ୍ଚ ବିଦ୍ୟାଳୟ ୫-ଟିରେ ରୂପାନ୍ତରୀକରଣ କରାଯିବ। କେତେକ ବିଦ୍ୟାଳୟର ଜାଗା ଅଭାବ ଥିବାରୁ ନୂଆଘର ନିର୍ମାଣ ହୋଇପାରୁନି। ଏଥିପାଇଁ ପୁରୁଣା ଆଜବେଷ୍ଟସ ଘର ଭାଙ୍ଗିବାକୁ ପଡିବ। ହେଲେ ଏହି ପୁରୁଣା ଘର ଭାଙ୍ଗିବା ପାଇଁ କିଏ ଅନୁମତି ଦେବ ତାହାକୁ ନେଇ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି। କାରଣ ସ୍ଥାନୀୟ ଅଞ୍ଚଳର କୁଜି ନେତାମାନେ କାହାରିକୁ ନ ଜଣାଇ ଘର ଭାଙ୍ଗିବା ପାଇଁ ପ୍ରଧାନ ଶିକ୍ଷକମାନଙ୍କ ଉପରେ ଚାପ ପକାଉଛନ୍ତି। ମାତ୍ର ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ପକ୍ଷରୁ ମିଳିଥିବା ସ୍ପଷ୍ଟୀକରଣ ଅନୁଯାୟୀ, ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟ ଗୃହ ବିପଦସଙ୍କୁଳ କି ନାହିଁ ତାହାର ଯାଞ୍ଚ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀ କରି ରିପୋର୍ଟ ଦେବେ। ସେହିପରି ସହରାଞ୍ଚଳରେ ରାସ୍ତା ଓ କୋଠାବାଡ଼ି ବିଭାଗର ନିର୍ବାହୀଯନ୍ତ୍ରୀ ଯାଞ୍ଚ କରିବେ। ଏହି ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କ ହସ୍ତଗତ ହେବାପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଘର ଭାଙ୍ଗିବା ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପତ୍ରସଂଖ୍ୟା ୧୦ ୧୭୩(୩୦)/ସିଡବ୍ଲ୍ୟୁ/୧୪/୨୪।୧୧। ୨୦୧୪ରେ ଏକ ଗାଇଡ୍‌ଲାଇନ ଜାରି କରିଥିଲେ। ତାହା ଏ ପର୍ଯ୍ୟନ୍ତ ବଳବତ୍ତର ରହିଛି ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓପେପା)ର ଯୁଗ୍ମ ନିର୍ଦ୍ଦେଶକ(ସିଭିଲ) ସୁରେଖା ତରାଇ ପତ୍ରସଂଖ୍ୟା ୬୬୪୬/ସିଭିଲ/୨୨/୪।୬।୨୨ରେ ଜଣାଇଛନ୍ତି। ମାତ୍ର ବିଡିଓମାନେ ଘର ବିପଦସଙ୍କୁଳ ବୋଲି ଘୋଷଣା କରିବାର କ୍ଷମତା ନାହିଁ। କାରଣ ସେମାନଙ୍କର ବୈଷୟିକ ଜ୍ଞାନ ନାହିଁ। ଏହାଛଡ଼ା ବ୍ଲକରେ ନିର୍ବାହୀ ଯନ୍ତ୍ରୀ ପଦବୀ ମଧ୍ୟ ନାହିଁ ବୋଲି ପୂର୍ତ୍ତ ବିଭାଗର ଜଣେ ବରିଷ୍ଠ ଯନ୍ତ୍ରୀ ପରିଚୟ ଗୋପନ ରଖି କହିଛନ୍ତି। ସମସ୍ୟା ସମ୍ପର୍କରେ କଟକ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରୁ ବିଦ୍ୟାଳୟ ତରଫରୁ ପ୍ରସ୍ତାବ ଆସିଲେ ଅନ୍ୟକଥା ଚିନ୍ତା କରାଯିବ ବୋଲି କହିଥିଲେ।

# ଡା. ଜୟନ୍ତ ପଣ୍ଡା ସଭାପତି, ଯଶୋବନ୍ତ ଦାସ ସମ୍ପାଦକ

**କଟକ ଅଫିସ,୨୬।୯**

କଟକ କ୍ଲବର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଡା. ଜୟନ୍ତ ପଣ୍ଡା, ଅବୈତନିକ ସମ୍ପାଦକ ଯଶୋବନ୍ତ ଦାସ, ଉପସଭାପତି ଜନ୍ମେଞ୍ଜୟ ମହାପାତ୍ର, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, କୋଷାଧକ୍ଷ କମଳ ଦାସ ନିର୍ବାଚିତ ହୋଇଛନ୍ତି। ଏଥିସହ ପରିଚାଳନା କମିଟିର ସଦସ୍ୟ ଭାବେ ଅମୂଲ୍ୟ ଦାଶ, ଅନୁପମ ରଥ, ବିଜୟ କୁମାର ସାହୁ, ସମ୍ବିତ ଦାଶ, ସତ୍ୟବ୍ରତ ଦାସ, ସୁଭାଶିଷ ସାହୁ, ସୁବ୍ରତ ଦାସ, ସୁଦୀପ୍ତ ପୋଦାର, ବିନୟ ସନ୍ତୁକା ନିର୍ବାଚିତ ହୋଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଡ. ନିଶିକାନ୍ତ କର, ନିର୍ବାଚନ ଅଧିକାରୀ ଭାବେ ଡ. ଶ୍ୟାମଲ ଶାହା ଏବଂ ଡ. ପ୍ରଫୁଲ୍ଲ ଶାହା ପରିଚାଳନା କରିଥିଲେ।

# ଚଣ୍ଡିଖୋଲରୁ ଭୁବନେଶ୍ୱର ପଦଯାତ୍ରା କରିବେ ଚାଷୀ

**ମାହାଙ୍ଗା, ୨୬।୯ (ସ୍ୱପ୍ର)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ବଣୁଆ ମହାପୁରୁଷ ପୀଠରେ ମାହାଙ୍ଗା ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବ୍ଲକ ସଂଯୋଜକ କାଶୀନାଥ ସ୍ୱାଇଁଙ୍କ ଅଧକ୍ଷତାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଷ୍ଟ୍ରୀୟ ସଂଗଠନ ଅଧକ୍ଷ ଅକ୍ଷୟ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାଷୀମାନଙ୍କୁ ପେନସନ ନ ଦେଇ କାଳିଆ ଯୋଜନାରେ ଭଣ୍ଡେଇ ଦେବା, ବଜେଟରେ ଚାକିରିଆମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଥିବା ବେଳେ ରାଜ୍ୟର ୮୦ ଭାଗ କୃଷକଙ୍କୁ ଉପେକ୍ଷା କରିବା କୃଷକମାନଙ୍କ ପାଇଁ ପେଟରେ ନାତ ମାରିବା ସଦୃଶ ବୋଲି କହିଛନ୍ତି । ଅନ୍ୟତମ ଅତିଥି ଭାବେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ କହିଲେ, ରାଜ୍ୟ ସରକାର କୃଷକମାନେ ଅମଳ କରୁଥିବା ଶସ୍ୟର ସଠିକ ମୂଲ୍ୟ, ପ୍ରତି ଚାଷୀ ପରିବାରକୁ ମାସିକ ୫ ହଜାର ସୁରକ୍ଷା ଭତ୍ତା ଦେଲେ ଚାଷୀଙ୍କୁ ପ୍ରକୃତ ସମ୍ମାନ ମିଳିବ। ତେଣୁ ଏହି ଦାବି ନେଇ ଅକ୍ଟୋବର ୧୪ରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚଣ୍ଡିଖୋଲଠାରୁ ଭୁବନେଶ୍ୱର ନବୀନ ନିବାସ ପର୍ଯ୍ୟନ୍ତ ପଦଯାତ୍ରା କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ରୂପେନ୍ଦ୍ର ରାଉତ, ଶୁଭେନ୍ଦୁ ସାମଲ, ପ୍ରସନ୍ନ ପ୍ରଧାନ, ପ୍ରତାପ ରାଉତ, ମହିଳା ଚାଷୀ ସାବିତ୍ରୀ ଆଚାର୍ଯ୍ୟ, ମୀରା ରାଉତ, ଆଫ୍ରିନ ଅଗର, ପ୍ରମୁଖ ଯୋଗଦେଇ କୃଷକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ୍ତ ପ୍ରଧାନ, ନିରଞ୍ଜନ ରାଉତ, ସାଉଣ୍ଟି ରାଉତ, ରାଜକିଶୋର ରାଉତ, ରଶ୍ମିରଞ୍ଜନ ରାଉତ, ଗଦାଧର ଦାସ, କାର୍ତ୍ତିକ ଜେନା, ସୁଶାନ୍ତ ଜେନା, ରଞ୍ଜିତ ବାରିକଙ୍କ ସମେତ ବହୁ ଚାଷୀ ଯୋଗଦେଇଥିଲେ।


ମାହାଙ୍ଗାସ୍ଥିତ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଉପସ୍ଥିତ ସଦସ୍ୟ।

# ଜନ ଅଭିଯୋଗ ଶୁଣାଣି, ୨୩୧ ଫଇସଲା

**ବାଙ୍କୀ, ୨୬।୯(ସ୍ୱ.ପ୍ର)**

ବାଙ୍କୀ ବ୍ଲକ ପକ୍ଷରୁ ଏନ୍ଏସି ବାତ୍ୟା ଆଶ୍ରୟସ୍ଥଳୀଠାରେ କଟକ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ୨୩୧ଟି ଅଭିଯୋଗ ଶୁଣାଣି କରାଯାଇ ଫଇସଲା କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତ ରାୟ, ବାଙ୍କୀ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ଗ୍ରାମାଞ୍ଚଳ ଏସ୍‌ପି ଯୁଗୋଳ କିଶୋର ବିନୀତ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମରେଶ କୁମାର କର, ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା, ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବାଙ୍କୀ ବିଡିଓ କିଶୋର ଚନ୍ଦ୍ର ଦାଶ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମନ୍ଦିରରୁ ୩ ଅଷ୍ଟଧାତୁ ମୂର୍ତ୍ତି ଚୋରି

**ସାଲେପୁର,୨୬।୯(ଡି.ଏନ୍.ଏ)**

ସାଲେପୁର ଥାନା ଅନ୍ତର୍ଗତ ବଟେଶ୍ୱର ଗ୍ରାମରେ ଥିବା ମା' ଭଗବତୀଙ୍କ ମନ୍ଦିରରୁ ରବିବାର ବିଳମ୍ବିତ ରାତିରେ ତିନୋଟି ମୂଲ୍ୟବାନ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ମା'ଙ୍କ ମନ୍ଦିରରେ ଏବେ ନବରାତ୍ର ପୂଜା ଆରମ୍ଭ ହୋଇଛି। ପୂଜକମାନେ ରବିବାର ପୂଜାର୍ଚ୍ଚନା ସାରି ରାତିରେ ପହଡ଼ ପକାଇଥିଲେ। ସୋମବାର ଭୋର ସମୟରେ ପୂଜକ ଆସି ଦେଖନ୍ତି, ମନ୍ଦିରର ତାଲା ଭଙ୍ଗାଯାଇ ପୂଜା ପାଉଥିବା ୩ଟି ଅଷ୍ଟଧାତୁ ମୂର୍ତ୍ତି କେହି ଚୋରି କରିନେଇଛନ୍ତି। ଏ ନେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ଗଗନ ବିହାରୀ ଦୀକ୍ଷିତ ଲିଖିତ ଭାବେ ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ଏକ କ୍ୱାଇଣ୍ଟାଲ ଓଜନର ଏକ ପଶ୍ଚିମମୁଖୀ କାଳୀ ମୂର୍ତ୍ତି, ୫୦ କିଲୋଗ୍ରାମ ଓଜନର ଚନ୍ଦ୍ରଶେଖର ମୂର୍ତ୍ତି ଓ ୫୦ କିଲୋଗ୍ରାମ ଓଜନର ପାର୍ବତୀ ମୂର୍ତ୍ତି ଚୋରି ହୋଇଥିବା ଅଭିଯୋଗରେ ପତ୍ରରେ ଦର୍ଶାଯାଇଛି। ପୋଲିସ ୨୯୨/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୂର୍ତ୍ତି ଚୋରିରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଧରାଯାଇ ମୂର୍ତ୍ତିଗୁଡ଼ିକୁ ପୁନଃରୁଦ୍ଧାର କରାଯିବ ବୋଲି ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ କହିଛନ୍ତି। ଏହି ୩ଟି ମୂର୍ତ୍ତିର ଆନୁମାନିକ ମୂଲ୍ୟ ପ୍ରାୟ ଦୁଇ କୋଟିରୁ ଅଧିକ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ମୂର୍ତ୍ତି ଚୋରି ସମ୍ପର୍କରେ ଟ୍ରଷ୍ଟ ପକ୍ଷରୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିକାରୀ, କଟକ ଉପଜିଲାପାଳ ଓ ସାଲେପୁର ତହସିଲଦାରଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି।



ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୭ ସେପ୍ଟେମ୍ବର, ୨୦୨୨



## ଅନିଲ ଧୀରଙ୍କୁ 'ପଞ୍ଚମ ଗଣେଶ ପରିଜା ସମ୍ମାନ'

ଭୁବନେଶ୍ୱର,(ବ୍ୟୁରୋ):'ଶାରଳା ସ୍ମାରକ' ପକ୍ଷରୁ ସୋମବାର ଗୀତଗୋବିନ୍ଦ ସଦନଠାରେ 'ଗଣେଶ ପରିଜା ସ୍ମାରକୀ ବକ୍ତୃତା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ଉପମହାନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, କାର୍ଯ୍ୟକାରୀ ସଭାପତି ପ୍ରଫେସର ଡ.ନିମାଇଁ ଚରଣ ପରିଜା, ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ କୁମାର ପାଢ଼ୀଶାଣୀ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗ ଦେଇଥିଲେ। ଗବେଷକ ଅନିଲ ଧୀରଙ୍କୁ ଓଡିଶାର ଐତିହ୍ୟ ଉପରେ ନିରନ୍ତର ଗବେଷଣା ପାଇଁ 'ପଞ୍ଚମ ଗଣେଶ ପରିଜା ସମ୍ମାନ' ପ୍ରଦାନ କରାଯାଇଥିଲା। ଯୁବ ଭାଷାତତ୍ତ୍ୱବିତ୍ ଡ. ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଟାଟା ପାୱାରକୁ ବିରୋଧ କଲେ ଗ୍ରାମବାସୀ

ଚୌଦ୍ୱାର,୨୬।୯(ଡି.ଏନ୍.ଏ.): ଟାଟା ପାୱାର ତରଫରୁ ମନମୁଖି ଭାବେ କରାଯାଉଥିବା ବିଭିନ୍ନ କାର୍ଯ୍ୟକୁ ଚୌଦ୍ୱାର ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ତରଫରୁ ବିରୋଧ କରାଯାଇଛି। ମଞ୍ଚ ତରଫରୁ ଅଭିଯୋଗ କରାଯାଇଛିଯେ, ସୋମବାର ସକାଳେ ଟାଟା ପାୱାରର କେତେଜଣ କର୍ମଚାରୀ ଚୌଦ୍ୱାର ପୌରପାଳିକା ୪ନମ୍ବର ୱାର୍ଡ଼ ଅନ୍ତର୍ଗତ ସରଦେଈ ଠାକୁରାଣୀ ମନ୍ଦିର ସାମ୍ନା ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବକ୍ସ ଲଗାଉଥିଲେ। ଖବରପାଇ ଉପଭୋକ୍ତା ମଞ୍ଚର ସଭାପତି ଜୟ ସିଂଙ୍କ ନେତୃତ୍ୱରେ ମଞ୍ଚର ବହୁ ସଂଖ୍ୟକ ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ବକ୍ସ କାହିଁକି ବସାଯାଉଛି ବୋଲି କର୍ମଚାରୀମାନଙ୍କୁ ପଚାରିବାରେ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାଇ ନଥିଲେ। ମଞ୍ଚ ସଦସ୍ୟମାନେ ବକ୍ସ ବସାଇବାକୁ କର୍ମଚାରୀମାନଙ୍କୁ ବାରଣ କରିବା ଫଳରେ ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ବିଦ୍ୟୁତ୍ କର୍ମଚାରୀମାନେ ସ୍ଥାନ ଛାଡ଼ି ଚାଲିଯାଇଥିଲେ। ବିଦ୍ୟୁତ୍ ଖୁଣ୍ଟରେ ବକ୍ସ ବସାଇ ସେଥିରେ ସ୍ଥାନୀୟ ଉପଭୋକ୍ତାମାନଙ୍କ ଘରକୁ ଯାଇଥିବା ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ଟାଟା ପାୱାର ତରଫରୁ ମସୁଧା କରାଯାଉଥିବା ଏବଂ ଉପଭୋକ୍ତାମାନଙ୍କୁ ନାନାମତେ ହଇରାଣ କରାଯିବାର ଯୋଜନା କରାଯାଉଥିବା ମଞ୍ଚ ତରଫରୁ ଅଭିଯୋଗ କରାଯାଇଛି।

### ପାଣ୍ଡରା ଫାଣ୍ଡି ଉଦ୍‌ଘାଟିତ




ବାଲିଅନ୍ତା,୨୬।୯(ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମର ୧୮ ନଂ. ୱାର୍ଡ ଅଧୀନ ବାଇପାସ୍ ରାସ୍ତା ପାର୍ଶ୍ୱ ପାଣ୍ଡରାରେ ଏକ ନୂତନ ପୋଲିସ ଫାଣ୍ଡି ଖୋଲାଯାଇଛି। ସୋମବାର ସନ୍ଧ୍ୟାରେ ଆୟୋଜିତ ଏକ ଉତ୍ସବରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ଡିସିପି ପ୍ରତୀକ ଗୀତା ସିଂ, ସ୍ଥାନୀୟ କର୍ପୋରେଟର ବିପ୍ଳବ ବେହେରା, ପୂର୍ବତନ କର୍ପୋରେଟର ପ୍ରତାପ ଚନ୍ଦ୍ର ରାଉତରାୟ, ସାମାଜିକ କର୍ମୀ ଯଜ୍ଞାଶିଷ୍ ମହାପାତ୍ର ଓ କାଳିନ୍ଦୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଲୋକମାନଙ୍କୁ ଉନ୍ନତ ପୋଲିସ ସେବା ଯୋଗାଇଦେବା କମିଶନରେଟ୍ ପୋଲିସର କର୍ତ୍ତବ୍ୟ ଓ ଲକ୍ଷ୍ୟ। ଏହି ମୁଖ୍ୟ ଛକରେ ଫାଣ୍ଡି ହେବା ଫଳରେ ପୁରୀ ବାଇପାସ ରାସ୍ତା ଓ ହାଇଟେକ୍ ମେଡିକାଲ କଲେଜକୁ ସଂଲଗ୍ନ ରାସ୍ତାରେ ଅପରାଧ ଓ ଟ୍ରାଫିକ୍ ନିୟନ୍ତ୍ରଣରେ ସହାୟକ ହୋଇପାରିବ ବୋଲି କମିଶନର ପ୍ରିୟଦର୍ଶୀ କହିଥିଲେ। ପାଣ୍ଡରା ଓ ଏହାର ଆଖପାଖ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା ବଢ଼ିବା ସହିତ ପୋଲିସ ଦକ୍ଷତାକୁ ବୃଦ୍ଧି କରାଯିବ ବୋଲି ସେ କହିଥିଲେ। ଫାଣ୍ଡିର ଇନ୍‌ଫ୍ରାଷ୍ଟ୍ରକ୍ଚର ଥିବାରୁ ଏହାକୁ ଥାନାରେ ପରିଣତ କରିବାକୁ ବିଧାୟକ ରାଉତ ମତ ରଖିଥିଲେ। ସଭାକୁ କ୍ରିଷ୍ଣା ମିଶ୍ର ପରିଚାଳନା କରିଥିବାବେଳେ ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ ଅଭିଭାଷଣ ରଖିଥିଲେ। ଉତ୍ସବରେ କମିଶନରେଟ୍ ପୋଲିସର ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ବହୁ ସ୍ଥାନୀୟ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

# ୪ ବର୍ଷକରେ ବନ୍ଧାହେଲେଣି ୩୮

**'ଦାଦାବଟିକୁ ନା' ଅଭିଯାନ ଜୋର୍‌ଦାର**
- ସେପ୍ଟେମ୍ବରରେ କେବଳ ୧୮
- ଆଉ ୨ଜଣଙ୍କୁ ଗିରଫ କଲା କମିଶନରେଟ ପୋଲିସ

ଭୁବନେଶ୍ୱର,୨୬।୯ (ବ୍ୟୁରୋ)

ଗିରଫଦାରି ଓ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ରାଜଧାନୀରେ ଦାଦାବଟି ଘଟଣା ବଢ଼ି ଚାଲିଛି। ବ୍ୟବସାୟିକ ସଂସ୍ଥା, ଜମି ମାଲିକ, କଣ୍ଟ୍ରାକ୍ଟରଙ୍କୁ ଅସାମାଜିକ ବ୍ୟକ୍ତିମାନେ ଦାଦାବଟି ମାଗି ପ୍ରାୟ ସମୟ ହଇରାଣ ହରକତ କରୁଛନ୍ତି। ବଟି ନ ପାଇଲେ ଆକ୍ରମଣ ଓ ହତ୍ୟା କରିବାକୁ ପଛାଉ ନାହାନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କମିଶନରେଟ ପୋଲିସ 'ଦାଦାବଟିକୁ ନା' ନାମରେ ଏକ ସ୍ୱତନ୍ତ୍ର ଅଭିଯାନ ଚଳାଇଛି। ଏହି ଅଭିଯାନରେ କେବଳ ସେପ୍ଟେମ୍ବର ୩୮ଜଣ ଗିରଫ ହୋଇଥିବା ସୂଚନା ଦିଆଯାଇଛି।

ଦାଦା ବଟି ନ ଦେବାରୁ ଜଣେ ସିକ୍ୟୁରିଟି ଗାର୍ଡ ଓ ତାଙ୍କ ସହକର୍ମୀଙ୍କୁ ଲୁହା ରଡରେ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଞ୍ଚଳର ଧନଞ୍ଜୟ ଆଚାର୍ଯ୍ୟ ଓ ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ବିଶ୍ୱନାଥ ଜେନା। ସେମାନଙ୍କ ନିକଟରୁ ପୋଲିସ ୨ ଲୁହା ରଡ଼ ଜବତ କରିଥିଲା। ପୂର୍ବରୁ ବାଲୁଗାଁ ଏବଂ ଟାଙ୍ଗୀ ଥାନାରେ ୨ଟି ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, କଣ୍ଟ୍ରାକ୍ଟର ବିଜନ କୁମାର ପରିଡା ଟେଣ୍ଡର ପାଇ ଏହି ଥାନା ଅନ୍ତର୍ଗତ ଭୋଟପଡ଼ା ବ୍ରିଜ୍ ମରାମତି କାମ କରୁଛନ୍ତି। ଜଗାରଖା ପାଇଁ ସିକ୍ୟୁରିଟି ଗାର୍ଡ ଭାବରେ କଣ୍ଟ୍ରାକ୍ଟର ବିଜନ ଜଣେ ବ୍ୟକ୍ତିଙ୍କୁ ନିୟୋଜିତ କରାଇଥିଲେ। ସୋମବାର ସମ୍ପୃକ୍ତ ବ୍ୟକ୍ତି ସହକର୍ମୀଙ୍କ ସହ ଡ୍ୟୁଟିରେ ଥିବାବେଳେ ଅଭିଯୁକ୍ତମାନେ ଆସି ତାଙ୍କୁ ଏକ ହଜାର ଟଙ୍କା ଦାଦାବଟି ମାଗିଥିଲେ। ବିରୋଧ କରିବାରୁ ଅଭିଯୁକ୍ତଦ୍ୱୟ ସେମାନଙ୍କୁ ଗାଳି କରିବା ସହିତ ଗୋଟିଏ ଲୁହା ରଡ଼ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାପରେ ଆକ୍ରମଣର ଶିକାର ହୋଇଥିବା ସିକ୍ୟୁରିଟ ଗାର୍ଡ ପିସିଆର୍‌କୁ ଖବର ଦେବାରୁ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା।


ରାଷ୍ଟ୍ରପତି ଭବନରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଜଯୋଗୀ ବ୍ରହ୍ମାକୁମାର ବିଜୟ ଭାଇଙ୍କ ସମେତ ୧୪ଜଣ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି।

# ଲଳିତ ମୋହନ ପଣ୍ଡା ପାଇବେ ଜାତୀୟ ପର୍ଯ୍ୟଟନ ପୁରସ୍କାର

ଭୁବନେଶ୍ୱର, ୨୬।୯(ବ୍ୟୁରୋ)



ଦେଶର ସର୍ବଶ୍ରେଷ୍ଠ ୱାଇଲ୍ଡଲାଇଫ୍ ଗାଇଡ୍ ଭାବେ ଓଡ଼ିଶାର ଲଳିତ ମୋହନ ପଣ୍ଡା ଜାତୀୟ ପର୍ଯ୍ୟଟନ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଉପରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ୨୦୧୮-୧୯ ପାଇଁ ଏହି ପୁରସ୍କାର ଦିଆଯିବ। ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଶ୍ରେଷ୍ଠ ୱାଇଲ୍ଡଲାଇଫ୍ ଗାଇଡ୍ ଶ୍ରେଣୀରେ ପୂର୍ବ, ପଶ୍ଚିମ ଓ କେନ୍ଦ୍ର, ଉତ୍ତର, ଦକ୍ଷିଣ ଏବଂ ଉତ୍ତରପୂର୍ବ ଭଳି ୫ ଜୋନ୍‌ରୁ ୫ଟି ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ପୂର୍ବ ଜୋନ୍ ପାଇଁ ଲଳିତ ମୋହନ ଏହି ଦରଖାସ୍ତ ପକାଇଥିଲେ। କିନ୍ତୁ ସାରା ଦେଶରୁ ଏକମାତ୍ର ୱାଇଲ୍ଡଲାଇଫ ଗାଇଡ୍ ଭାବେ କେବଳ ଲଳିତଙ୍କୁ ହିଁ ଏହି ପୁରସ୍କାର ପାଇଁ ଚୟନ କରାଯାଇଛି। ସେହିଭଳି ଶ୍ରେଷ୍ଠ ହୋଟେଲ, ଶ୍ରେଷ୍ଠ ସେଫ୍, ଶ୍ରେଷ୍ଠ ଟୁର୍ ଅପରେଟର, ଶ୍ରେଷ୍ଠ ରାଜ୍ୟ, ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳୀ ଆଦି ବିଭିନ୍ନ ବର୍ଗରେ ଦେଶର ମୋଟ ୨୮ଜଣଙ୍କୁ ବିଭିନ୍ନ ବର୍ଗରେ ଜାତୀୟ ପର୍ଯ୍ୟଟନ ପୁରସ୍କାର ଦିଆଯିବ। ବାଙ୍କୀର ଲଳିତ ମୋହନ ଭୁବନେଶ୍ୱରସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ମ୍ୟାନେଜମେଣ୍ଟରୁ ଡିଗ୍ରୀ ହାସଲ କରିବା ପରେ ପ୍ରଫେସନାଲ ଗାଇଡ୍ ଭାବେ ପ୍ରଶିକ୍ଷଣ ନେଇ ଗତ ୮ବର୍ଷ ହେବ ରାଜ୍ୟ ଗାଇଡ୍ ଭାବେ ଫ୍ରିଲାନ୍ସ କାର୍ଯ୍ୟ କରୁଛନ୍ତି। ଏଥିସହିତ ସେ ମଧ୍ୟ ସ୍ନେକ ହେଲ୍ପଲାଇନର ସଦସ୍ୟ ଭାବେ ବାଙ୍କୀ ଓ ଏହାର ଆଖପାଖ ଅଞ୍ଚଳରୁ ବହୁ ସାପ ଉଦ୍ଧାର କରିଛନ୍ତି। ପୂର୍ବରୁ ଖୋର୍ଦ୍ଧା ସବ୍‌ଡିଭିଜନ ତରଫରୁ ଲଳିତଙ୍କୁ ୨୦୧୮ରେ ଡିଭିଜନସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର ଦିଆଯାଇଥିଲା। ଏବେ ଜାତୀୟ ପର୍ଯ୍ୟଟନ ପୁରସ୍କାର ପାଇଁ ମନୋନୀତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଥିବାରୁ ଲଳିତଙ୍କୁ ସ୍ନେକ୍ ହେଲ୍ପଲାଇନ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଅଭିନନ୍ଦନ ଜଣାଇଛନ୍ତି।

# ଇଲେକ୍ଟ୍ରିକ୍ ସ୍କୁଟି ଶୋ'ରୁମରେ ଅଗ୍ନିକାଣ୍ଡ

### ରାସ୍ତାରେ ଜଳିଗଲା ବୁଲେଟ

ଭୁବନେଶ୍ୱର,୨୬।୯ (ବ୍ୟୁରୋ):



ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବମିଖାଲସ୍ଥିତ ରାଧିକା କମ୍ପ୍ଲେକ୍ସ ସାମ୍ନାରେ ଥିବା ପିୟୋର୍ (କେକେ ଟ୍ରେଡିଂ ସର୍ଭିସ୍) ଇଲେକ୍ଟ୍ରିକ୍ ସ୍କୁଟି ଶୋ'ରୁମରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କେତେକ ଆସବାବ ପତ୍ର ସହ ୩ରୁ ଅଧିକ ସ୍କୁଟି ଆଂଶିକ ଜଳିଯାଇଛି। ପ୍ରାଥମିକ ତଦନ୍ତରୁ ଶୋ'ରୁମ୍ ଭିତରେ ଥିବା ଇନଭର୍ଟରରୁ ସର୍ଟସର୍କିଟ୍ ହୋଇ ନିଆଁ ଲାଗିଥିବା ଅଗ୍ନିଶମ ଅଧିକାରୀ ଅବନୀ ସ୍ୱାଇଁ କହିଛନ୍ତି।

ପ୍ରକାଶ ଯୋଗ୍ୟ, ରାତି ପ୍ରାୟ ୧୦ଟା ବେଳେ ମାଲିକ ନନ୍ଦନ କୁମାର ସାହୁ ଶୋ'ରୁମ୍ ବନ୍ଦ କରି ପଳାଇ ଯାଇଥିଲେ। କାର୍ଯ୍ୟରତ କର୍ମଚାରୀ ମଧ୍ୟ ଘରକୁ ଚାଲିଯାଇଥିଲେ। ୧୦ଟା ୩୦ ସମୟରେ ଶୋ'ରୁମ୍‌ରୁ ଧୂଆଁ ବାହାରିଥିଲା। ପଡ଼ୋଶୀ ଔଷଧ ଦୋକାନର କର୍ମଚାରୀ ଦେଖି ମାଲିକଙ୍କୁ ଜଣାଇଥିଲେ। ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଡେପୁଟି ଫାୟାର ଅଫିସର ଅବନୀ କୁମାର ସ୍ୱାଇଁଙ୍କ ନେତୃତ୍ୱରେ କଳ୍ପନା ଅଗ୍ନିଶମ ବିଭାଗର ୧୨ ଜଣିଆ ଟିମ୍ ୨ଟି ଗାଡ଼ି ସହ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଶୋ'ରୁମ୍ କର୍ମଚାରୀମାନେ ମଧ୍ୟ ପହଞ୍ଚି ୨୦ରୁ ଅଧିକ ସ୍କୁଟି ବାହାରକୁ କାଢ଼ି ଦେଇଥିଲେ। ତେବେ ୩୦ ମିନିଟ୍‌ରୁ ଅଧିକ ସମୟ ପରିଶ୍ରମ ପରେ ଅଗ୍ନିଶମ କର୍ମଚାରୀମାନେ ନିଆଁ ଆୟତ କରିବାକୁ ସକ୍ଷମ ହୋଇଥିଲେ। ସେହିପରି ଅଶୋକନଗର ପୋଷ୍ଟ ଅଫିସ ସାମ୍ନାରେ ସୋମବାର ଅପରାହ୍ନରେ ରାସ୍ତା ଉପରେ ଥୁଆ ହୋଇଥିବା ଏକ ବୁଲେଟରେ ନିଆଁ ଲାଗିଯାଇ ସଂପୂର୍ଣ୍ଣ ଜଳିଯାଇଥିଲା। ତେବେ ଏହାର ମାଲିକଙ୍କ ପରିଚୟ ମିଳିପାରିନାହିଁ।

### ନିଷ୍ଠାର ସହିତ ଅଧ୍ୟୟନ କଲେ ସଫଳତା ଆସିବ

ସାଲେପୁର,୨୬।୯ (ଡି.ଏନ.ଏ)

କଟକ ଚାନ୍ଦବାଲି ରାସ୍ତାର ଶିଶୁଆ ବଜାରର ପୁରୁଷୋତ୍ତମପୁରଠାରେ ଅବସ୍ଥିତ ସାବିତ୍ରୀ ଦେବୀ ବିଜ୍ଞାନ କଲେଜର ଯୁକ୍ତ ୨ ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ପ୍ରତିଷ୍ଠାତା ଉମାକାନ୍ତ ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଇଓ ଜଗବନ୍ଧୁ ଶତପଥୀ ଯୋଗ ଦେଇ ନିଷ୍ଠାର ସହିତ ବିଦ୍ୟା ଅଧ୍ୟୟନ କଲେ ସଫଳତା ଆସିବ ବୋଲି କହିଥିଲେ। ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ପତି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ। ମୁଖ୍ୟବକ୍ତା ଖବରଦାତା ଶାରଦା ପ୍ରସନ୍ନ ପଣ୍ଡା, ଅଧ୍ୟାପକ ଗିରିଜା ପ୍ରସାଦ ମିଶ୍ର, ପ୍ରତିଷ୍ଠାତା ଉମାକାନ୍ତ ଓଝା, ସମ୍ମାନିତ ଅତିଥି ଯୁକ୍ତ ୩ ବିଭାଗର ଅଧ୍ୟକ୍ଷ ସଞ୍ଜୟ ଖୁଣ୍ଟିଆ ଯୋଗ ଦେଇଥିଲେ। ଯୁକ୍ତ ୨ରୁ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ

ବାଲିପାଟଣା,୨୬।୯(ଡି.ଏନ୍.ଏ.):

ବାଲିପାଟଣା ବ୍ଲକ ସଭାଗୃହରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୋଟ ୯୭ଟି ଅଭିଯୋଗ ବିଚାର ପାଇଁ ପଞ୍ଜୀକରଣ ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଏବଂ ବିଭିନ୍ନ ସମସ୍ୟା ଉପରେ ଆସିଥିବା ଅଭିଯୋଗର ଆଲୋଚନା ହୋଇଥିଲା। ପମ୍ପାଲୋ ପଞ୍ଚାୟତରେ ତୁରନ୍ତ ଏକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଖୋଲିବାକୁ ଜିଲାପାଳ ସ୍ଥାନୀୟ ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁଆପୁର ଗ୍ରାମର ଭୋଳନାଥ ସେନାପତି ତାଙ୍କ ସ୍ତ୍ରୀଙ୍କ ମୃତ ପ୍ରମାଣପତ୍ର ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସିଡିଏମଓଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏକ ମାସ ହେବ ପମ୍ପାଲୋ ପଞ୍ଚାୟତର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବା ଅଲମିରାରେ କେହି ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ ହୋଇଥିଲା। ତେବେ ତଦନ୍ତରେ ଶିଥିଳତା ସମ୍ବନ୍ଧରେ ସରପଞ୍ଚ ବାହନ ଭୋଇ ଅଭିଯୋଗ କରିଥିଲେ। ତଦନ୍ତ କରି ଦୋଷୀଙ୍କୁ ଧରିବାକୁ ଯୋନ-୪ ଏସିପି ଶୁଭନାରାୟଣ ମୁଦୁଲିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସାରିଥିଲେ ମଧ୍ୟ ତାହାର ବିଲ୍ ପ୍ରଦାନରେ ବିଳମ୍ବର ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା, ଉପଜିଲାପାଳ ଦେବବ୍ରତ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ, ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ରାସ୍ତା ପ୍ରଶସ୍ତୀକରଣ କାମ ମେ' ସୁଦ୍ଧା ସରିବ

**ଭୂମି ପୂଜନ କଲେ ବିଧାୟକ**

ବାରଙ୍ଗ,୨୬।୯(ଡି.ଏନ୍.ଏ.)

କୁଆଖାଇ ନଦୀର ଗଣ୍ଡରପୁର ହାଇସ୍କୁଲଗଡାଠାରୁ ଭାୟା ଟାଙ୍ଗିବନ୍ତ ଦେଇ କଳାରାହାଙ୍ଗ ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ସୋମବାର ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଭୂମିପୂଜନ କରିଛନ୍ତି। ଏହି ୬କି.ମି. ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫କୋଟି ୩୯ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇଙ୍କ ସଭାପତିତ୍ୱରେ ଗଣ୍ଡରପୁର ହାଇସ୍କୁଲଗଡାରେ ଆୟୋଜିତ ଏହି ଉତ୍ସବରେ ବିଧାୟକ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ରାସ୍ତା ଦ୍ୱାରା ଭୁବନେଶ୍ୱରକୁ ଖୁବ କମ୍ ସମୟ ବ୍ୟବଧାନରେ ଯିବା ଆସିବା ସମ୍ଭବ ହେବ। ଏହାସହ ରଘୁନାଥପୁର, ଦାଢା, କଲ୍ୟାଣପୁର, ବରିମୁଣ୍ଡ ଓ ଇଞ୍ଚଣା ଆଦି ୫ ପଞ୍ଚାୟତର ବିକାଶ ପାଇଁ ସବୁବେଳେ ତାଙ୍କର ଉଦ୍ୟମ ରହିବ ବୋଲି ସେ କହିଥିଲେ। ଏହି ନବୀକରଣ ରାସ୍ତାର କାମ ୨୦୨୩ ମେ' ସୁଦ୍ଧା ସରିବ। ନବୀକରଣ ରାସ୍ତାରେ ୫ଟି କଲଭର୍ଟ, ଡ୍ରେନ୍, ପ୍ରୋଟେକ୍ସନ ୱାଲ, ପିଚୁ ଓ କ୍ରଙ୍କିଟ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ତ୍ରିଲୋଚନ ନାୟକ କହିଛନ୍ତି। ଖଇରାପଡା ଗାଁ ମୁଣ୍ଡରେ ଥିବା ଅର୍ଦ୍ଧଭଗ୍ନ ବ୍ରିଜ ବାବଦରେ ଗ୍ରାମର ମୁରବିମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ବ୍ରିଜ୍‌ର ପୁନରୁଦ୍ଧାର କାର୍ଯ୍ୟ କରାଯିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ଭୁବନମୋହନ ଦାସ, ବୟୋଜ୍ୟେଷ୍ଠ ମୁରବି ବସନ୍ତ ରଥ, ବିଜେଡି ନେତା ନିର୍ମଳ ରାଉତ, ମାଧବ ରାଉତ, ଉମାକାନ୍ତ ହାତୀଙ୍କ ସମେତ ବହୁଦଳୀୟ କର୍ମୀ ଉପସ୍ଥିତ ଥିଲେ। କଲ୍ୟାଣପୁର ପଞ୍ଚାୟତ ବିଜେଡି କର୍ମୀମାନଙ୍କ ପକ୍ଷରୁ ବିଧାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ନିଯୁକ୍ତି ଲାଗି ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ

**'ମୋ କଲେଜ ଅଭିଯାନ' ପକ୍ଷରୁ ଆଲୋଚନାଚକ୍ର**

ଭୁବନେଶ୍ୱର, ୨୬।୯ (ବ୍ୟୁରୋ)


ଆଲୋଚନାଚକ୍ରରେ ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାଶ ନାୟକ ଓ ଅନ୍ୟମାନେ।

ନିଯୁକ୍ତିର ମାପକାଠି ହେଉଛି ଦକ୍ଷତା। ତେଣୁ ଛାତ୍ରୀଛାତ୍ରଙ୍କ ଜ୍ଞାନର ପରିସୀମା ବ୍ୟାପକ କରି, ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଲାଗି ଦକ୍ଷ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ 'ମୋ କଲେଜ' ଅଭିଯାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସୋମବାର 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଅଟୋମେଶନ ଯୁଗରେ ବିଭିନ୍ନ ନିଯୁକ୍ତି ଲାଗି ଦକ୍ଷତା' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। 'ଭୁବନେଶ୍ୱର ରାଉଣ୍ଡ ଟେବୁଲ ୨୩୦' ସହାୟତାରେ ଓ-ହବ୍‌ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସ ନାୟକ ଅଧ୍ୟକ୍ଷତା କରି କହିଲେ, ମୋ କଲେଜ ଅଭିଯାନ ରାଜ୍ୟ ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ। ଏହା ପୁରାତନ ଛାତ୍ରୀଛାତ୍ରଙ୍କୁ ପୁଣିଥରେ ନିଜ ଶିକ୍ଷାନୁଷ୍ଠାନ ସହ ଯୋଡ଼ିବାର ଏକ ଅଭିନବ ପ୍ଲାଟ୍‌ଫର୍ମ। ନିଜେ ପଢ଼ିଥିବା ଶିକ୍ଷାନୁଷ୍ଠାନ ପାଇଁ ବିଭିନ୍ନ ପ୍ରକାରେ ଅବଦାନ ଦେଇ ଏହାର ସାମଗ୍ରିକ ବିକାଶର ସାଥୀ ହୋଇପାରୁଛନ୍ତି। ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ସହ ସେମାନଙ୍କୁ ଗୋଟିଏ ଭଲ କ୍ୟାରିୟର ଦେବା ପାଇଁ ମୋ କଲେଜ ପ୍ରେରଣା ଯୋଗାଉଛି ବୋଲି ଆକାଶ କହିଥିଲେ। ମୁଖ୍ୟବକ୍ତା ଭାବେ କୋଲକାତା ଭେଞ୍ଚର୍ସର ପରିଚାଳନା ନିର୍ଦ୍ଦେଶକ ଆଭେଲୋ ରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ତାଙ୍କ ଷ୍ଟାର୍ଟଅପ୍ ଯାତ୍ରାର ଅନୁଭୂତି ବାଣ୍ଟିଥିଲେ। ସେ କହିଲେ, ସଫଳତା ପାଇବାକୁ ହେଲେ ଆମକୁ କମ୍ୟୁନିକେଶନ, କୋଡିଂ ଡିଜାଇନ, ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ, ଡିଜିଟାଲ ମାର୍କେଟିଂ ଏବଂ ଡାଟା ଆନାଲିଟିକ୍ସ, ପର୍ସନାଲ ସ୍କିଲ, ଲାଙ୍ଗୁଏଜ ଆଦି ପ୍ରମୁଖ ବିଷୟ ଉପରେ ଦକ୍ଷତା ରଖିବାକୁ ପଡ଼ିବ। ଏହା ହିଁ ଆମକୁ ସଫଳତା ଦିଗରେ ବାଟ ଦେଖାଇବ ବୋଲି ସେ କହିଥିଲେ।

ଭୁବନେଶ୍ୱର ରାଉଣ୍ଡ ଟେବୁଲ ୨୩୦ର ଅଧ୍ୟକ୍ଷ ଆନନ୍ଦ ପୋଦାର, ଆଇଏମ୍‌ଏ-ଜେଡିଏନ୍ ନ୍ୟାଶନାଲ କାଉନ୍‌ସିଲ ସଦସ୍ୟ ତଥା ରାଜ୍ୟ ସଂଯୋଜକ ଡ. ଅଭିଜିତ ଉପାଧ୍ୟାୟ ଉପସ୍ଥିତ ଥିଲେ। ୩ଶହରୁ ଅଧିକ କଲେଜ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ସିଧାସଳଖ ଓ ଅନଲାଇନ୍ ମାଧ୍ୟମରେ ରାଜ୍ୟର ଶତାଧିକ କଲେଜର ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ସାମିଲ ହୋଇଥିଲେ। 'ମୋ କଲେଜ ଅଭିଯାନ'ର ପରିଚାଳନା କମିଟି ସଦସ୍ୟ ତନ୍ମୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




# ଶୋଭା ପାଇବ ଅଯୋଧ୍ୟା ରାମ ମନ୍ଦିର

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ରାଜଧାନୀର ଭୁବନେଶ୍ୱରରେ ମା' ଜଗତ୍‌ଜନନୀଙ୍କ ଆଗମନ ପାଇଁ ପ୍ରସ୍ତୁତି ଏକ ପ୍ରକାର ଶେଷ ହେବାକୁ ବସିଲାଣି। ସଜେଇ ହେଲାଣି ପୂଜା ମଣ୍ଡପ। ମା'ଙ୍କ କରୁଣା ଓ ଭକ୍ତମାନଙ୍କ ଶ୍ରଦ୍ଧା ବଳରେ ଅନ୍ୟବର୍ଷ ଭଳି ଏ ବର୍ଷ ଯଥାଶକ୍ତି ଦଶହରା ଉତ୍ସବ ପାଳନ କରିବାକୁ ପ୍ରୟାସ କରିଛି ଶହୀଦନଗର ଦୁର୍ଗାପୂଜା ସମିତି। ଉତ୍ସବକୁ ମନମୁଗ୍ଧ କରିବା ପାଇଁ ମା'ଙ୍କ ରୁପା ମେଢ, ସୁନା ମୁକୁଟ ସହ ସୁନ୍ଦର ତୋରଣ ମଧ୍ୟ କରାଯାଉଛି। ଚଳିତ ବର୍ଷ ଶୋଭା ପାଇବ ଅଯୋଧ୍ୟାର ରାମ ମନ୍ଦିର। ତୋରଣର ଉଚ୍ଚତା ୮୫ଫୁଟ ଥିବା ବେଳେ ଓସାର ୧୧୦ଫୁଟ ରହିବ। କୋଲକାତାରୁ କାରିଗରମାନେ ଆସି ମୂର୍ତ୍ତି ଓ ତୋରଣ ନିର୍ମାଣ କରୁଛନ୍ତି। ସବୁ ବର୍ଷ ପରି ଏଥର ମଧ୍ୟ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ମହାସପ୍ତମୀରୁ ବିଜୟାଦଶମୀ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସମ୍ବର୍ଦ୍ଧିତ କରାଯିବ। ଚଳିତ ବର୍ଷ ଆନ୍ତର୍ଜାତିକ ବାସ୍କେଟ୍ ବଲ ଖେଳାଳି ସେକ୍ ଫଏଜ୍, ଜାତୀୟ ଫୁଟବଲ ମହିଳା ତାରକା ପୂର୍ଣ୍ଣିମା ମଲ୍ଲିକ, ଜାତୀୟ ରଗବି ତାରକା ସାହାନାୱାଜ୍ ଅହମ୍ମଦ, ଲନ ଟେନିସ୍ ମହିଳା ତାରକା ଆହାନା (୧୨ବର୍ଷରୁ କମ୍)ଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୋମବାର ସମିତି ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ସଭାପତି ହେମନ୍ତ କୁମାର ପରିଡ଼ା, ସମ୍ପାଦକ ସଚ୍ଚିଦାନନ୍ଦ ନାୟକ, କର୍ପୋରେଟର ରାଜକିଶୋର ଦାସ, ବରିଷ୍ଠ ଉପଦେଷ୍ଟା ମନୋରଞ୍ଜନ ଦାସ , ଉପ ସଭାପତି ସରୋଜ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସମିତି ସଦସ୍ୟମାନେ ନବନିର୍ମିତ ରାମମନ୍ଦିରର ତୋରଣ ଡିଜାଇନକୁ ଉନ୍ମୋଚନ କରୁଛନ୍ତି।

### ଏମାନେ କୁହନ୍ତି



"ଚଳିତ ବର୍ଷ ଭିଡ଼ ଅଧିକ ହେବ। ଏ ନେଇ ସିସି କ୍ୟାମେରା, ୧୦୦ ଭଲ୍ୟୁଣ୍ଟର, ୩୦ ସୁରକ୍ଷା କର୍ମୀ ନିୟୋଜିତ ହେବେ। ଭକ୍ତମାନେ କିଭଳି ସୁରୁଖୁରୁରେ ଦର୍ଶନ କରିବେ ସେ ନେଇ ଧ୍ୟାନ ଦିଆଯିବ। ଶ୍ରଦ୍ଧାଳୁମାନେ ଆସି ମା'ଙ୍କ ଆଶିଷ ନେଇ ଯାଆନ୍ତୁ।

-ହେମନ୍ତ କୁମାର ପରିଡା, ସଭାପତି



"ଦର୍ଶକଙ୍କ ମନୋରଞ୍ଜନ ପାଇଁ ପାରମ୍ପରିକ ଭଜନ ସମାରୋହର ଆୟୋଜନ କରାଯାଇଛି। ପଞ୍ଚମୀରୁ ଦଶମୀ ଯାଏ ମହାସମାରୋହରେ ପୂଜା ହେବ। ସେହିପରି ଭସାଣି ବେଳକୁ ପାରମ୍ପରିକ ବାଦ୍ୟ ସହ ଡ୍ରିଜେ ବ୍ୟବସ୍ଥା ରହିଛି।

- ସଚ୍ଚିନନ୍ଦନ ନାୟକ, ସମ୍ପାଦକ




୨୬।୯।୨୦୨୨

| | |
|---|---|
| | ୩,୫୨,୮୧୦ ଟଙ୍କା |
| ସୁନା | ୫.୯୦୦ ଗ୍ରାମ |
| ରୁପା | ୬୯ ଗ୍ରାମ |

# ରତ୍ନଭଣ୍ଡାର ମରାମତି, ଅଳଙ୍କାର ଯାଞ୍ଚ କରାଯାଉ

ପୁରୀ ଅଫିସ, ୨୬।୯

**ଶ୍ରୀମନ୍ଦିର ପରିଚାଳନା କମିଟି ଅଧକ୍ଷଙ୍କୁ ଦାବିପତ୍ର**

- ଆଜି ବସିବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ
- ଶୀତଳ ଭଣ୍ଡାରରେ ତଦନ୍ତ କମିଶନଙ୍କ ରିପୋର୍ଟ

ରତ୍ନଭଣ୍ଡାର ମରାମତି ଓ ରତ୍ନଅଳଙ୍କାର ଯାଞ୍ଚ କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ମଙ୍ଗଳବାର ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ ଦାବି କରିଛନ୍ତି। ଏ ନେଇ ସେ ସୋମବାର ଶ୍ରୀମନ୍ଦିର ପରିଚାଳନା କମିଟି ଅଧକ୍ଷଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ବରାଳ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭିତର ରତ୍ନଭଣ୍ଡାରକୁ ନେଇ ଭକ୍ତଙ୍କ ମଧ୍ୟରେ ସନ୍ଦେହ ଦିନକୁ ଦିନ ଘନୀଭୂତ ହେଉଛି। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଏବଂ ରାଜ୍ୟ ସରକାରଙ୍କ ଅନୁମତି ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ୨୦୧୮ ଏପ୍ରିଲ ୪ ତାରିଖରେ ରତ୍ନଭଣ୍ଡାର ଖୋଲାଯିବା ନିମନ୍ତେ ପଦକ୍ଷେପ ନିଆଯାଇଥିଲା। ଏ ନେଇ ଏକ ୧୭ ଜଣିଆ ପ୍ରତିନିଧି ଦଳ ଗଠନ କରାଯାଇଥିଲା। କିନ୍ତୁ ସେହିଦିନ କେତେଜଣ ଅଧିକାରୀ ଗଣମାଧ୍ୟମରେ ମତ ରଖିଲେ ଯେ, ଭିତର ରତ୍ନଭଣ୍ଡାର ଖୋଲାଯାଇ ନାହିଁ। ତା' ପରେ ଭକ୍ତମାନେ ଶୁଣିବାକୁ ପାଇଲେ ଯେ, ଭିତର ରତ୍ନଭଣ୍ଡାରର ଚାବି ହଜିଯାଇଛି। ପରେ ତତ୍କାଳୀନ ଜିଲାପାଳ ନକଲି ଚାବି ଜିଲା ରେକର୍ଡ ରୁମ୍‌ରୁ ମିଳିବା ନେଇ ଗଣମାଧ୍ୟମରେ ମତ ଦେଇଥିଲେ।

ରାଜ୍ୟ ସରକାର ଚାପରେ ପଡ଼ି ତଦନ୍ତ କମିଶନ ବସାଇଲେ ଏବଂ ସେହି ତଦନ୍ତ କମିଶନରେ ପ୍ରାୟ ୨୨ ଲକ୍ଷ ୨୭ ହଜାର ୯ ଶହ ୧୮ ଟଙ୍କା ଖର୍ଚ୍ଚ କରିଥିଲେ। ରାଜ୍ୟ ସରକାରଙ୍କ ନିକଟରେ ତଦନ୍ତ କମିଶନ ରିପୋର୍ଟ ଦାଖଲ କରିବାର ୪ବର୍ଷ ବିତିବାକୁ ବସିଲାଣି, କିନ୍ତୁ ଆଜି ପର୍ଯ୍ୟନ୍ତ ଉକ୍ତ ରିପୋର୍ଟ ପ୍ରକାଶ କରାଗଲା ନାହିଁ, କି ଭିତର ରତ୍ନଭଣ୍ଡାର ଖୋଲାଗଲା ନାହିଁ। ଫଳରେ ଭକ୍ତଙ୍କ ଭାବାବେଗକୁ ଆଘାତ ଲାଗିଛି। ଦୁର୍ଭାଗ୍ୟର ବିଷୟ ଶ୍ରୀମନ୍ଦିର ପରିଚାଳନା କମିଟିରେ ଅନେକ ବିଷୟବସ୍ତୁ ଆଲୋଚନା ହେଉଥିଲେ ମଧ୍ୟ ରତ୍ନଭଣ୍ଡାର ପ୍ରସଙ୍ଗକୁ ଅଣଦେଖା କରାଯାଉଛି। ବର୍ଷାଦିନେ ରତ୍ନଭଣ୍ଡାରରେ ପାଣି ଝରୁଥିବା ନେଇ ଭଣ୍ଡାର ମେକାପ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ ଆଜି ସୁଦ୍ଧା ମରାମତି କାର୍ଯ୍ୟ କରାଯାଉ ନାହିଁ। ଆଇନ ଅନୁଯାୟୀ ପ୍ରତି ୩ ବର୍ଷରେ ଥରେ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଯାଞ୍ଚ ହେବା ନେଇ ନିୟମ ରହିଥିଲେ ସୁଦ୍ଧା ଆଜକୁ ୩୭ ବର୍ଷ ବିତିଯାଇଥିଲେ ମଧ୍ୟ ତାହା ଯାଞ୍ଚ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେଣୁ ଆଗାମୀ ପରିଚାଳନା କମିଟି ବୈଠକରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ନେଇ ଆଲୋଚନା ହେବା ସହିତ ଏହାର ମରାମତି ଏବଂ ଅଳଙ୍କାର ଯାଞ୍ଚ କରିବା ନେଇ ପଦକ୍ଷେପ ନେବାକୁ ବରାଳ ଦାବି କରିଛନ୍ତି।



ପୁରୀ ହାଡ଼ଗୋଡ଼ିଆ ସାହିର ସିଦ୍ଧିଦାତା ମହାବୀରଙ୍କ ନିକଟରେ ସୁନ୍ଦରାକାଣ୍ଡ ପାଠ କରାଯାଉଛି ।

## ସଂକ୍ଷେପରେ

### କାକଟପୁର ପ୍ରେସ୍ କ୍ଲବ ବୈଠକ

କାକଟପୁର,୨୬।୯(ଡି.ଏନ୍.ଏ./ସ୍ୱ.ପ୍ର.)- କାକଟପୁର ପ୍ରେସ୍ କ୍ଲବର ଏକ ଜରୁରୀ ବୈଠକ ସ୍ଥାନୀୟ ସୋମେଶ୍ୱର ମହାଦେବ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଖବରଦାତା ରମେଶ ଚନ୍ଦ୍ର ପଣ୍ଡା, ଅକ୍ଷୟ କୁମାର ରାଉତ ଯୋଗଦେଇଥିବା ବେଳେ ଅସ୍ତରଙ୍ଗ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ଲବର କର୍ମକର୍ତ୍ତାଙ୍କ ସମୟ ସୀମାର ଅବଧି ପୂରିଯାଇଥିବାରୁ କ୍ଲବର ସାନି ନିର୍ବାଚନ ପାଇଁ ପ୍ରସ୍ତାବ ରଖିଥିଲେ। ପରେ ଉକ୍ତ ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ଏହି ନିର୍ବାଚନ ପ୍ରକ୍ରିୟାକୁ ଆଖି ଆଗରେ ରଖି ଅକ୍ଟୋବର ୭ ଶୁକ୍ରବାର ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ତୁଷାର ରଞ୍ଜନ ଦୀକ୍ଷିତଙ୍କ ଆବାହକତ୍ୱରେ ଏକ ବୈଠକ ସହ ନିର୍ବାଚନ କରିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ଶଙ୍କର ପ୍ରସାଦ ଦାସ, ପ୍ରଦୀପ ପଣ୍ଡା, ମାନସ ଦୀକ୍ଷିତ, ପ୍ରଶାନ୍ତ ଜେନା, ନିରଞ୍ଜନ ଦାସ, ଲୋକନାଥ ସ୍ୱାଇଁ, ପ୍ରଭାତ ଦୀକ୍ଷିତ, ଶୁଭଦର୍ଶନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବ୍ରଜକିଶୋର ସାହୁ, ମାନସ ସାମଲ, ପ୍ରଭାସ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

### ବିପନ୍ନଙ୍କୁ ସହାୟତା କରୁଛି ବିକାଶ ସଂଗଠନ

ଗୋପ,୨୬।୯(ଡି.ଏନ୍.ଏ.)- ଦେଢ଼ ମାସ ଧରି ବନ୍ୟା ଛାଡିଯାଇଛି, ହେଲେ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଏପରି ଅବସ୍ଥାରେ ଏବେ ଦୀର୍ଘଦିନ ଧରି ଗୋପ ବ୍ଲକ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ଓ ପଲ ହାବଲିନ ସ୍ୱେଚ୍ଛାସେବୀ ସଂଗଠନ ବିପନ୍ନଙ୍କ ସୁଖଦୁଃଖରେ ରହିଆସିଛନ୍ତି। ଏପରିକି ବନ୍ୟା ଛାଡି ଯିବା ପରେ ଗୋପ ବ୍ଲକର ୧୦ ପଞ୍ଚାୟତର ୪୩ ଗାଁର ପ୍ରାୟ ୨୮ହଜାର ବିପନ୍ନଙ୍କୁ ରନ୍ଧା, ଶୁଖିଲା ଖାଦ୍ୟ ଯୋଗାଇଦେଉଛି। ଅଗଷ୍ଟ ୧୬ ରେ ଗୋପ ବେଦପୁର ପଞ୍ଚାୟତ ଖଣ୍ଡିଆକୁଦ ନିକଟ କୁଶଭଦ୍ରା ନଦୀ ଏକ ୩୦ଫୁଟ ଘାଇ ସୃଷ୍ଟି ହେବା ସହିତ ଧନୁଆ ନଦୀ ବନ୍ୟା ଜଳରେ ୧୦ ପଞ୍ଚାୟତର ୩୦ହଜାର ଲୋକ ଜଳବନ୍ଦୀ ହୋଇଥିଲେ। ପରେ ସରକାରଙ୍କ ପକ୍ଷରୁ ଆବଶ୍ୟକତା ଅନୁସାରେ ଚୁଡ଼ା, ଗୁଡ଼, କିରୋସିନ ଓ ପିଇବା ପାଣି ଯୋଗାଇ ଦିଆଯାଇଥିଲା। ବନ୍ୟା ଛାଡି ଯିବା ପରେ ଏହି ଦୁଇ ସ୍ୱେଚ୍ଛାସେବୀ ସଂଗଠନ ଦୀର୍ଘ ଦେଢ଼ ମାସ ହେବ ଗୋପ ବ୍ଲକର ଗଣେଶ୍ୱରପୁର, ଅଣ୍ଡରା-ଇଚ୍ଛାପୁର, ନାଗପୁର ସମେତ ୧୦ ପଞ୍ଚାୟତର ବିଭିନ୍ନ ଗାଁରେ ଥିବା ବିପନ୍ନମାନଙ୍କୁ ସେବା ଦେଇଆସୁଛି। ସୋମବାର ବିକାଶ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିଷ୍ଠାତା ଅଶୋକ ନନ୍ଦ ପହଞ୍ଚି ବିପନ୍ନଙ୍କୁ କିପରି ଖାଦ୍ୟ ସହିତ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି ତାହା ଦେଖିଥିଲେ। ଏହି ସମୟରେ ସଂସ୍ଥାର ଗଣେଶ ଚନ୍ଦ୍ର ଦାଶ, ରୀତା ମିଶ୍ର, ପ୍ରଫୁଲ୍ଲ ପଣ୍ଡା, ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଛଟେଇ ଶ୍ରମିକଙ୍କୁ ନିଯୁକ୍ତି ଦାବିରେ ଧାରଣା

ଖୋର୍ଦ୍ଧା ଅଫିସ,୨୬।୯


ଶ୍ରମିକମାନେ ଧାରଣାରେ ବସିଛନ୍ତି।

ଖୋର୍ଦ୍ଧା ଶିଳ୍ପାଞ୍ଚଳ ସ୍ଥିତ ରାଷ୍ଟ୍ରାୟତ କମ୍ପାନୀରେ ଏକ ଟ୍ରାନପୋର୍ଟ ଅଧୀନରେ କାର୍ଯ୍ୟ କରୁଥିବା ୬୭ଜଣ ଶ୍ରମିକଙ୍କୁ କାର୍ଯ୍ୟରୁ ଛଟେଇ ପ୍ରତିବାଦରେ ସୋମବାର କାର୍ଯ୍ୟାଳୟ ଆଗରେ ଛଟେଇ ହୋଇଥିବା ଶ୍ରମିକମାନେ ଧାରଣା ଦେଇଥିଲେ। ଶ୍ରମିକଙ୍କୁ ନ୍ୟାୟ ଦାବିରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଏହି ଧାରଣାରେ ସାମିଲ ହୋଇଥିଲେ। ଶ୍ରମିକଙ୍କ ତୁରନ୍ତ ଛଟେଇ ପ୍ରତ୍ୟାହାର ନ ହେଲେ ଆସନ୍ତା ୧୦ତାରିଖରେ କମ୍ପାନୀ ଆଗରେ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଘେରାଉ କରିବେ ବୋଲି ଚେତାବନୀ ଦିଆଯାଇଛି। ଶ୍ରମିକଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ଟ୍ରାନ୍ସପୋର୍ଟ ଅଧୀନରେ ଏକାଧିକ ଶ୍ରମିକ ସମ୍ପୃକ୍ତ କମ୍ପାନୀରେ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାମ କରି ଆସୁଛନ୍ତି। କମ୍ପାନରେ କାର୍ଟୁନ ଲୋଡିଙ୍ଗ, ଅନଲୋଡ କାମ କରୁଛନ୍ତି। କମ୍ପାନୀ କାର୍ଟୁନ ପିଛା ୪୭ ପଇସା ଦେଉଥିଲେ। ତେବେ ଶ୍ରମ ଆଇନ ଅନୁଯାୟୀ ୧୦ରୁ ୧୨ ଘଣ୍ଟା ପରିବର୍ତ୍ତେ ୧୪ଘଣ୍ଟା କାମରେ ଖଟାଉଛନ୍ତି। ସମୟ ଅବଧି ପରେ ମଧ୍ୟ କମ୍ପାନୀ ଗେଟ୍ ବନ୍ଦ କରି ଶ୍ରମିକଙ୍କୁ କାମ କରିବାକୁ ବାଧ କରାଯାଉଛି। ପ୍ରତିବାଦ କଲେ, ଚାକିରିରୁ ଛଟେଇ ଏବଂ ମିଥ୍ୟା ମାମଲାରେ ଛନ୍ଦି ଦେବା ଲାଗି ଧମକ ମଧ୍ୟ ଦେଉଛନ୍ତି। ନିକଟରେ କାର୍ଟୁନ ପିଛା ୧୩ ପଇସା ବଢାଇ ୬୦ପଇସା ବୃଦ୍ଧି ଲାଗି ଦାବି କରି କାର୍ଯ୍ୟ ବନ୍ଦ କରିଥିଲୁ। ଏସମ୍ପର୍କରେ କମ୍ପାନୀ ମୁଖ୍ୟ ପରିଚାଳକଙ୍କୁ ଜଣାଇଥିଲୁ। ପରବର୍ତ୍ତୀ ସମୟରେ ପୋଲିସ ହସ୍ତକ୍ଷେପ ପରେ ସମାଧାନ ହୋଇଥିଲା। ତେବେ କମ୍ପାନୀ ମୁଖ୍ୟ ବିନା କାରଣରେ ଶ୍ରମିକଙ୍କୁ କାମରୁ ଛଟେଇ କରିଛନ୍ତି। ବାହାର ଶ୍ରମିକଙ୍କୁ ଆଣି କାମ କରୁଛନ୍ତି। ସମ୍ପୃକ୍ତ କମ୍ପାନୀରେ ଦୀର୍ଘ ବର୍ଷ ଧରି କାମ କରି ପରିବାର ଚଳାଉଛୁ। କାମ ନ ମିଳିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଉପଯୁକ୍ତ ପଦକ୍ଷେପ ନିଆଯାଇ ଶ୍ରମିକମାନଙ୍କୁ ନ୍ୟାୟ ଦାବି କରିଛନ୍ତି। ବିଧାୟକ ରାଉତରାୟ କୁହନ୍ତି, ଖୋର୍ଦ୍ଧା ବରୁଣେଇ ଶିଳ୍ପାଞ୍ଚଳରେ ଥିବା କେତେକ ରାଷ୍ଟ୍ରାୟତ କମ୍ପାନୀରେ ଶ୍ରମିକଙ୍କୁ ଶୋଷଣ କରାଯାଉଛି। ଧାର୍ଯ୍ୟ ସମୟ ଠାରୁ ଅଧିକ ସମୟ ଖଟାଉଛନ୍ତି। ପ୍ରାପ୍ୟ ଦରମା ଠିକ୍ ସମୟରେ ଦିଆଯାଉନାହିଁ। ଶ୍ରମ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। କମ୍ପାନୀ ମାଲିକଙ୍କ ଶୋଷଣ ବଢି ଚାଲିଥିବା ବେଳେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ପ୍ରଶାସନ ନିକଟରେ ଅଭିଯୋଗ ହେଉଛି, ହେଲେ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଖୁବଶୀଘ୍ର ଶ୍ରମିକଙ୍କ ସମସ୍ୟାର ସମାଧାନ ନ ହେଲେ, ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସେ କହିଛନ୍ତି।

## ପ୍ରତାରଣା ଅଭିଯୋଗ, ଯୁବକ ଗିରଫ

ସାକ୍ଷୀଗୋପାଳ, ୨୬।୯ (ଡି.ଏନ୍.ଏ./ସ୍ୱ.ପ୍ର.)

ପୂର୍ବ ସତ୍ୟବାଦୀ ଥାନା ଅଞ୍ଚଳର ନିଜ ମାମୁ ଘରେ ରହୁଥିବା ଜଣେ ୧୮ ବର୍ଷୀୟା ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳର ତଥାଗତ ମହାରଣା। ଏଥିସହିତ ଶାରୀରିକ ସମ୍ପର୍କ ସମୟର ଫଟୋ ଏବଂ ଭିଡିଓକୁ ଭାଇରାଲ କରିଥିବା ମୋବଇଲ ଫୋନକୁ ମଧ୍ୟ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଦୀର୍ଘ ୩ ବର୍ଷ ଧରି ଫେସବୁକ ଜରିଆରେ ଅଭିଯୁକ୍ତଙ୍କ ସହ ଯୁବକଙ୍କ ଚିହ୍ନା ପରିଚୟନ ହୋଇଥିଲା। ପରେ ପ୍ରେମ ସମ୍ପର୍କ ହୋଇ ବିଭିନ୍ନ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିଲେ। ଏପରିକି ଶାରୀରିକ ସମ୍ପର୍କ ସମୟର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏ ନେଇ ଯୁବତୀଙ୍କ ପରିବାର ଥାନାରେ ଅଭିଯୋଗ କରିଥିଲେ।

## ଚୋରି ଉଦ୍ୟମ ପଣ୍ଡ

ବେଗୁନିଆ,୨୬।୯(ଡି.ଏନ୍.ଏ.)

ବେଗୁନିଆ ଥାନା ବଡବେରଣା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୩ ଜଣଙ୍କ ଘରୁ ଚୋରି କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ଏହି ଗ୍ରାମର ଶରତ ପଣ୍ଡା, ସାରଙ୍ଗଧର ପ୍ରଧାନ, ପ୍ରମୋଦ ପଣ୍ଡାଙ୍କ ଗ୍ରୀଲକୁ ଦୁର୍ବୃତ୍ତ କଟରରେ କାଟି ଘରେ ପଶି ଲୁଟିବା ଉଦ୍ୟମ କରୁଥିଲେ। ଲୋକେ ଉଠି ଡାକ ପକାଇବାରୁ ଦୁର୍ବୃତ୍ତମାନେ ପଳାଇଥିଲେ। ଏନେଇ ସୋମବାର ଅଭିଯୋଗ ପରେ ଏସ୍‌ଆଇ ପୀତବାସ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

## ବିରୋଧୀ ମିଥ୍ୟା ଅପପ୍ରଚାର କରୁଛନ୍ତି: ମନ୍ତ୍ରୀ

ଗୋପ,୨୬।୯(ଡି.ଏନ୍.ଏ.)

**ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟଣା**

ଗୋପ ବ୍ଲକ ୧୧ ନମ୍ବର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣାରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁହଁ ଖୋଲିଛନ୍ତି। ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁକୁ ନେଇ ମୁଁ ମର୍ମାହତ। ସେ ଗୋପ ବ୍ଲକ ଅଞ୍ଚଳର ଜଣେ ଯୁବ ନେତୃତ୍ୱ ଥିଲେ। ତାଙ୍କର ମୃତ୍ୟୁ ସମ୍ପର୍କରେ ବିରୋଧୀ ବିଭିନ୍ନ ଅପପ୍ରଚାର କରୁଛନ୍ତି। ବିରୋଧୀଙ୍କ କାର୍ଯ୍ୟ କେବଳ ବିରୋଧ କରିବା। ମୋ କାର୍ଯ୍ୟ କ'ଣ ସେଇଟା ମୋ ନିର୍ବାଚନ ମଣ୍ଡଳୀର ଲୋକମାନେ କହିବେ। ଲୋକମାନଙ୍କ କାର୍ଯ୍ୟ କରିବା ପାଇଁ ମୋତେ ସୁଯୋଗ ମିଳିଛି। ୨୪ରୁ ୧୮ଘଣ୍ଟା ମୁଁ ଲୋକମାନଙ୍କ କାର୍ଯ୍ୟରେ ଥାଏ ବୋଲି ମନ୍ତ୍ରୀ ଦାଶ କହିଥିଲେ। ପ୍ରକାଶ ଯେ ଦୁଇ ଦିନ ତଳେ ଧର୍ମେନ୍ଦ୍ର ସାହୁ କୌଣସି ସମସ୍ୟାକୁ ନେଇ ଭୁବନେଶ୍ୱରସ୍ଥିତ ଘରେ ଆତ୍ମହତ୍ୟା କରିଥିଲେ। କିନ୍ତୁ ପରେ ଏହି ଯୁବ ନେତୃତ୍ୱକୁ ନେଇ ବିରୋଧୀ ଦଳ ପକ୍ଷରୁ ବିଭିନ୍ନ ମିଥ୍ୟା ଅପପ୍ରଚାର କରାଯାଇଥିଲା। କିନ୍ତୁ ଗୋଟିଏ ପରେ ଗୋଟିଏ ସତ୍ୟ ଘଟଣା ପଦାକୁ ଆସୁଥିବା ବେଳେ ପୋଲିସ ତା'ର ତଦନ୍ତ ପ୍ରକ୍ରିୟା ଜାରି ରଖିଛି ବୋଲି ମନ୍ତ୍ରୀ କହିବା ସହ ମୋର ଜଣେ ସକ୍ରିୟ କର୍ମୀଙ୍କ ଯେତେବେଳେ ମୃତ୍ୟୁ ହେଲା ମୁଁ ମୋର କର୍ତ୍ତବ୍ୟ ସମ୍ପାଦନ କରିବା କଥା କରିଛି ବୋଲି କହିଥିଲେ। ହେଲେ କମ୍ ସମୟ ମଧ୍ୟରେ ବିରୋଧୀଙ୍କ ମୁହଁ ବନ୍ଦ ହୋଇଯିବ ବୋଲି ମନ୍ତ୍ରୀ ଦାଶ ସୂଚନା ଦେଇଥିଲେ।

## ବନ୍ୟା ବିପନ୍ନଙ୍କ ପଲିଥିନ ଯୋଗାଣରେ ଦୁର୍ନୀତି

କଣାସ,୨୬।୯(ସ୍ୱ.ପ୍ର.)

କଣାସ ବ୍ଲକରେ ଚଳିତ ବନ୍ୟାରେ ଦୁଇ ଦୁଇଟି ବଡଘାଇ ହେବା ଯୋଗୁ ୨୨ଟି ପଞ୍ଚାୟତ ବ୍ୟାପକ କ୍ଷୟକ୍ଷତି ହେବାସହିତ ୮ରୁ ୧୦ଦିନ ବିପନ୍ନ ଗ୍ରାମ ପାଣିଘେରରେ ରହିଥିଲା। ବାସଗୃହରେ ବନ୍ୟାପାଣି ପଶିଯିବାରୁ ଛାତ ଉପରେ ଖରା ବର୍ଷାରେ ରହିଥିବା ବେଳେ ଅନେକ ବ୍ୟକ୍ତି ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଥିଲେ। ପରେ କଣାସ ତହସିଲ କାର୍ଯ୍ୟାଳୟ ପକ୍ଷରୁ ବନ୍ୟା ବିପନ୍ନ ପରିବାରଙ୍କୁ ୨୦/୨୦ଫୁଟ୍‌ରେ ପଲିଥିନ ଯୋଗାଇଦିଆଯାଇଥିଲା। ହେଲେ ବକୁ ପଞ୍ଚାୟତରେ ପଲିଥିନ ଯୋଗାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ବିଭିନ୍ନ ଗ୍ରାମର ବନ୍ୟାକ୍ଲିଷ୍ଟ ଲୋକମାନେ ତହଲିଦାର ସ୍ମୃତିରଞ୍ଜନ ଶତପଥୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବକୁ ପଞ୍ଚାୟତକୁ ୨୦/୨୦ଫୁଟ୍‌ରେ ପଲିଥିନ ଯୋଗାଣ ହୋଇଥିବା ବେଳେ କେତେ ବ୍ୟକ୍ତି ଉକ୍ତ ପଲିଥିନକୁ କାଟି ୧୦/୨୦ଫୁଟ୍‌ରେ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତହସିଲଦାର ଶତପଥୀଙ୍କୁ ପଚାରିବାରୁ ପ୍ରଶାସନ ପକ୍ଷରୁ ୨୦/୨୦ ଫୁଟ ପଲିଥିନ ଦିଆଯାଇଛି। କିଛି ଜାଗାରେ ତାହା କଟାଯାଇ କମ୍ କରିଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ତଦନ୍ତ କରାଯିବ, ରିପୋର୍ଟ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର କହିଛନ୍ତି।

# ବନ୍ୟାଞ୍ଚଳ, ଘାଇ ଦେଖିଲେ ଏସ୍‌ଆର୍‌ସିଙ୍କ ୪ ଟିମ୍

କଣାସ,୨୬।୯(ସ୍ୱ.ପ୍ର.)

**ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କଲେ**

ଚଳିତବର୍ଷର ବନ୍ୟା ଯୋଗୁ ଦୟାନଦୀର ଶାଖାନଦୀ ରାଜୁଆ ଓ ମକରା ନଦୀରେ ଦୁଇଟି ଘାଇ ହେବା ଓ ବନ୍ଧବାଡରେ ବହୁ ଗଳିଆ ପଡିଥିଲା। ଫଳରେ କଣାସ ଅଞ୍ଚଳରେ ଅଧିକାଂଶ ନଦୀର ବିପଦ ସଙ୍କେତ ଉପରେ ଜଳ ରହିବା ସହ ଦୀର୍ଘଦିନ ଗ୍ରାମ ଜଳମଗ୍ନ ରହିବା ସହ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତା'ର ନିରାକରଣ ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ ନିର୍ଦ୍ଦେଶକ୍ରମେ ସୋମବାର ୪ଟିମ୍ କଣାସ ବନ୍ୟା ଅଞ୍ଚଳର ଦୁଇଟି ଘାଇ, ଦୟାନଦୀ ବନ୍ଧ, ରାଜୁଆନଦୀ ବନ୍ଧ, ବଡାସ, ଦୋକନ୍ଦା, ଗଡବଳଭଦ୍ରପୁର ପଞ୍ଚାୟତ ଅଞ୍ଚଳ ବୁଲି ଦେଖିଛନ୍ତି। ଏଥିସହ ପରିସ୍ଥିତିର ସମାଧାନ ନିମନ୍ତେ ସ୍ଥାନୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ୪ଟି ଟିମ୍ କଣାସ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟାଳୟରେ ଅପେକ୍ଷା କରିଥିବା ପୁରୀ ଜଳସେଚନ ବିଭାଗ, ଖୋର୍ଦ୍ଧା ଜଳସେଚନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବ୍ଲକ ସହକାରୀ ଯନ୍ତ୍ରୀମାନଙ୍କୁ ନେଇ ବିଭିନ୍ନ ସ୍ଥାନ ବୁଲି ଦେଖାଇବା ସହ କିଛି ଜାଗାରେ ଗ୍ରାମବାସୀଙ୍କଠାରୁ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

## କଂଗ୍ରେସରେ ମିଶିଲେ ଶତାଧିକ ଯୁବ, ଛାତ୍ର ସଙ୍ଗଠକ

ପୁରୀ ଅଫିସ, ୨୬।୯

ପୁରୀ ଅଞ୍ଚଳର ଶତାଧିକ ଯୁବ ଓ ଛାତ୍ର ସଙ୍ଗଠକ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ ପୁରୀ ନଗର କଂଗ୍ରେସ ସଭାପତି ଛବିନ୍ଦ୍ର ପଡ଼ିଆରୀ ଉପସ୍ଥିତ ଥିଲେ। ଯୁବ କଂଗ୍ରେସ ନେତା ଆଲୋକ କୁମାର ଦାଶ, ନିମାପଡ଼ା ଓ ଗୋପ ନିର୍ବାଚନମଣ୍ଡଳୀ ନେତା ଭାଗିରଥି ସେନାପତି, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ର, ଉପସଭାପତି ରିଶାନ ଦାଶ, କ୍ରିଷ୍ଣା ଜାଲି, ପୁରୀ ବିଧାନସଭା କ୍ଷେତ୍ର ଛାତ୍ର କଂଗ୍ରେସ ସଭାପତି ଅଗଷ୍ଟିନ ଜୋସେଫ, ସଦର ଜିଲ୍ଲା ଛାତ୍ର କଂଗ୍ରେସ ଉପସଭାପତି ଲକ୍ଷ୍ମୀଧର ସେଠୀ ଏବଂ ଯୁବନେତା ଆଦିତ୍ୟ କୁମାରଙ୍କ ନେତୃତ୍ୱରେ ଏହି ସଙ୍ଗଠକମାନେ କଂଗ୍ରେସରେ ଯୋଗଦେଇଛନ୍ତି। ନୂତନ କର୍ମୀମାନଙ୍କୁ ସ୍ୱାଗତ କରାଯାଇଥିଲା। ଆଗାମୀ ଦିନରେ ଯୁବ ଓ ଛାତ୍ର କଂଗ୍ରେସ ସଙ୍ଗଠିତ ହୋଇ ଲଢେଇ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ସାକ୍ଷୀଗୋପାଳ, ୨୬।୯(ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ବ୍ଲକ ସ୍ତରରୁ ବିଭିନ୍ନ ବିଦ୍ୟାଳୟରୁ ୩୯ଜଣ ଛାତ୍ରୀଛାତ୍ରୀଙ୍କ ସହ ସେମାନଙ୍କ ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ, ବକ୍ତୃତା ସହ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଭାସ୍କର ମୁଦୁଲି ଏବଂ ଅଧ୍ୟାପିକା ରୂପାଲି ସାହୁ ବିଚାରକ ଭାବେ ଯୋଗଦେଇଥିଲେ। ଏହି ସେମିନାରରେ ସ୍ଥାନୀୟ ଅଳସା ଗ୍ରାମର ସରକାରୀ ଅପଗ୍ରେଟଡ ନୋଡାଲ ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀ ସ୍ନେହାଞ୍ଜଳି ପ୍ରଧାନ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ପରିଚୟ ଦେଇଥିଲେ। ଗୋପୀନାଥ ଦେବ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଶିକ୍ଷକ ତପନ କୁମାର ମିଶ୍ର ଉକ୍ତ ସେମିନାରକୁ ପରିଚାଳନା କରାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ଆଶାୟୀଙ୍କ ମନରେ ଉତ୍ସାହ ଭରିଛି 'ଅଗ୍ନିବୀର'

ପୁରୀ ଅଫିସ,୨୬।୯:


ଅଗ୍ନିବୀର ପାଇଁ ସେନାରେ ସାମିଲ ହେବାକୁ ତାଲିମ ନେଉଥିବା ଯୁବକମାନେ ।

କମ୍ ବୟସରୁ ଦେଶସେବାର ସୁଯୋଗ ଦେଉଛି 'ଅଗ୍ନିବୀର'। ସାଢ଼େ ୧୭ ବର୍ଷରୁ ୨୧ ବର୍ଷର କିଶୋରମାନଙ୍କୁ ଭାରତୀୟ ସେନାରେ ସାମିଲ ହେବା ନେଇ ସୁଯୋଗ ମିଳିବା ପରେ ଆଶାୟୀମାନଙ୍କ ମନରେ ଉତ୍ସାହ ସହ ଉନ୍ମାଦନା ଭରିଛି। ଅଗ୍ନିବୀର ଭାବେ ଚୟନ ହେବା ପାଇଁ ଆଶାୟୀମାନେ ପ୍ରଶିକ୍ଷଣ ନେବା ସହ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଗ୍ରାମାଞ୍ଚଳର ଶତାଧିକ ଯୁବକ ପୁରୀ ଆସି ଭଡ଼ାଘରେ କଷ୍ଟେମଷ୍ଟେ ମୁଣ୍ଡ ଗୁଞ୍ଜି ଅଗ୍ନିବୀର ପ୍ରବେଶିକା ପରୀକ୍ଷା ଲାଗି ତାଲିମ ନେଉଛନ୍ତି। ସେମାନେ ସକାଳ ୬ରୁ ୮ଟା ଏବଂ ଅପରାହ୍ନ ୩ଟାରୁ ୬ଟା ପର୍ଯ୍ୟନ୍ତ ଲଙ୍ଗ୍ ରନ୍, ଶର୍ଟ ରନ୍, ସ୍ପ୍ରିଣ୍ଟ, ଲଙ୍ଗଜମ୍ପ, ହାଇଜମ୍ପ ଓ ଅନ୍ୟାନ୍ୟ ଶାରୀରିକ ଅଭ୍ୟାସର ପ୍ରଶିକ୍ଷଣ ନେଉଛନ୍ତି। ପ୍ରଶିକ୍ଷକ ଜୟନ୍ତ ବେହେରା ପିଲାଙ୍କୁ ଅଗ୍ନିବୀର ପାଇଁ ପ୍ରସ୍ତୁତ କରାଉଛନ୍ତି। ସେ ସିଆର୍‌ପିଏଫ୍‌ରେ ଚାକିରି କରିଥିଲେ। ଜୟନ୍ତ କହିଛନ୍ତି, ୨୧ ବର୍ଷର କମ୍ ଯୁବକଙ୍କୁ ନିଯୁକ୍ତ ଅଗ୍ନିବୀର ଦ୍ୱାରା ସମ୍ଭବପର ହୋଇପାରିଛି। ପ୍ରଥମ ଥର ପାଇଁ କଲେଜ ପିଲାଙ୍କୁ ଅଧବସାୟ କରୁଥିବାର ଦେଖି ଖୁସି ଲାଗୁଛି। ପିଲାମାନେ ନିଜ ଇଚ୍ଛାଶକ୍ତିକୁ ଶାରୀରିକ ଅଭ୍ୟାସରେ ଲଗାଇଛନ୍ତି। ୪୦ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ମଧ୍ୟ ପିଲାଙ୍କୁ ଏହି ସେବାରେ ଯୋଗ ଦେବା ପାଇଁ ପ୍ରୋତ୍ସାହିତ କରୁଛି। ଆସନ୍ତା ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ଆର୍ମି ରାଲି ହେବ। ଅକ୍ଟୋବର ୧୧ରେ ଆର୍ମି ସହାୟକ କର୍ମଚାରୀ ଓ ୧୩ରେ ସୈନିକ ଭର୍ତ୍ତି ଲାଗି ଶାରିରୀକ ପରୀକ୍ଷା ହେବ। ଶାରୀରିକ ପରୀକ୍ଷାରୁ ଚୟନ ହେବା ପରେ ଲିଖିତ ପରୀକ୍ଷା ଦେବାକୁ ପଡ଼ିବ।

**ଜୋରସୋରରେ ଚାଲିଛି ପ୍ରଶିକ୍ଷଣ**

ଅନ୍ୟପକ୍ଷରେ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରମାନେ ଆର୍ଥିକ ଅନଟନ ମଧ୍ୟରେ ବି ନିଜ ଆତ୍ମବିଶ୍ୱାସକୁ କମିବାକୁ ଦେଇନାହାନ୍ତି। ସ୍ୱଳ୍ପ ଅର୍ଥରେ ଚଳିବା କଷ୍ଟକର ହେଉଥିଲେ ମଧ୍ୟ ନିଜ ପରିଶ୍ରମରେ ହେଳା କରୁନାହାନ୍ତି। ଶାରୀରିକ ପରୀକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଏଥିଲାଗି ଜୋରଦାର ପ୍ରାକ୍ଟିସ୍ କରୁଛୁ ବୋଲି ୨୦ ବର୍ଷୀୟ ନକୁଳ ସେଠୀ କହିଛନ୍ତି। ସେହିପରି ୨୧ ବର୍ଷୀୟ ଛାତ୍ର ସମୀର କୁମାର ଜେନା କହିଛନ୍ତି, ଶାରୀରିକ ପରୀକ୍ଷାରେ ଅତି ଭଲ ପ୍ରଦର୍ଶନ ପାଇଁ ଅଧିକ ନମ୍ବର ରଖିବାକୁ ପ୍ରସ୍ତୁତି ଚଳାଇଛି। କେବଳ ଦୃଢ଼ ମନୋବଳ ହିଁ ଆତ୍ମବିଶ୍ୱାସ ବଢ଼ାଇବାରେ ସହାୟକ ହୋଇପାରିବ। ଏ ନେଇ ଅବସରପ୍ରାପ୍ତ ହାବିଲଦାର ପ୍ରବୀଣ କୁମାର ଜଗଦେବ କହିଛନ୍ତି, ନିଯୁକ୍ତି ପାଇଁ ସର୍ବାଧିକ ବୟସ ସୀମା ୨୧ ହୋଇଥିବାରୁ ଆଶାୟୀଙ୍କ ମନରେ ଉନ୍ମାଦନା ଅଧିକ ରହିଛି। ମାତ୍ର ପରୀକ୍ଷା ବେଳେ କିଭଳି ଚାପ ନିୟନ୍ତ୍ରଣ କରୁଛନ୍ତି ତାହା ବଡ଼ ପ୍ରସଙ୍ଗ। ପିଲାମାନେ ନିଜ ଶ୍ରେଷ୍ଠ ପ୍ରଦର୍ଶନ କରିବା ପାଇଁ ମାନସିକ ସ୍ତରରେ ଶାନ୍ତି ରୁହନ୍ତୁ। ଶାରୀରିକ ଅଭ୍ୟାସରୁ ସାମାନ୍ୟ ବିରତି ମଧ୍ୟ ଆବଶ୍ୟକ। ମାନସିକ ସ୍ଥିରତା ଆସିଲେ, ମନୋବଳ ଓ ଆତ୍ମବିଶ୍ୱାସ ବଢ଼ିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ସାହି ରାସ୍ତା ଜବରଦଖଲ, ଏନ୍‌ଏସିରେ ଅଭିଯୋଗ

ପିପିଲି,୨୬।୯(ଡି.ଏନ୍.ଏ.)

ପିପିଲି ଏନ୍‌ଏସି ଅଧୀନ ନରସିଂହପୁର ଗ୍ରାମର ଏକ ରାସ୍ତାକୁ କେତେଜଣ ଜବରଦଖଲ କରିଦେଇଛନ୍ତି। ଫଳରେ ଯାତାୟାତରେ ବାଧା ସହ ଦୁର୍ଘଟଣା ଘଟୁଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସୋମବାର ସ୍ଥାନୀୟ ଗ୍ରାମବାସୀ ଜବରଦଖଲକୁ ହଟାଇବା ଦାବିରେ ଏନ୍‌ଏସିରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ନରସିଂହପୁର ଗ୍ରାମର ମୁଖ୍ୟରାସ୍ତା ପିପିଲି ବଜାରକୁ ସଂଯୋଗ ହୋଇ ଖଜୁରୀ ବଣିଆ, ହଜାରୀ ମହଲା, ସିଙ୍ଘି ସାହି, ବଢେଇ ସାହି ଆଦି ପାଖାପାଖି ୮/୧୦ଟି ସାହିବାସିନ୍ଦାଙ୍କର ପ୍ରମୁଖ ରାସ୍ତା ଅଟେ। ଉକ୍ତ ରାସ୍ତାରେ ସ୍କୁଲ, କଲେଜ, ଅଙ୍ଗନୱାଡ଼ି, ମସଜିଦ ଓ ମନ୍ଦିର ଥିବାରୁ ଅନେକ ଲୋକ ଯାତାୟାତ କରିଥାନ୍ତି। ହେଲେ ଏହି ରାସ୍ତା ପାର୍ଶ୍ୱରେ ଥିବା କେତେଜଣ ଘର ମାଲିକ ନିଜ ଘରକୁ ବଢ଼ାଇ ଡ୍ରେନ୍ ଓ ରାସ୍ତାକୁ ଜବରଦଖଲ କରିରଖିଛନ୍ତି। ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇଯିବାରୁ ଯାତାୟାତରେ ଅସୁବିଧା ହେବା ସହ ଛୋଟବଡ଼ ଦୁର୍ଘଟଣା ହେଉଛି। ତେଣୁ ରାସ୍ତାର ହୋଇଥିବା ଜବରଦଖଲକୁ ହଟାଇବା ପାଇଁ ଗ୍ରାମବାସୀ ପିପିଲି ଏନ୍‌ଏସି ଅଧିକାରୀଙ୍କୁ ସୋମବାର ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏପରିକି ଆଗକୁ ଦିନରେ କାର୍ଯ୍ୟାନୁଷ୍ଠାନ ନ ହେଲେ, ଜନ ଆନ୍ଦୋଳନ କରାଯିବ। ଏ ନେଇ ପିପିଲି ଏନ୍‌ଏସି ଅଧିକାରୀ ପୂଜା ରାଉ କହିଛନ୍ତି, ଜବରଦଖଲ ହୋଇଥିବା ନେଇ ଏକ ଗ୍ରାମବାସୀଙ୍କ ଅଭିଯୋଗ ପାଇଛି। ଖୁବ୍‌ଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ବ୍ରାଉନ ସୁଗାର ଜବତ: ଜଣେ ଗିରଫ

**ପୁରୀ ଅଫିସ:** ବ୍ରାଉନ ସୁଗାର କାରବାର ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବିନୋଦିନି ନଗରର ସୁନିଲ ପାଢ଼ୀ (୩୮)। ତାଙ୍କ ନିକଟରୁ ୮ ଗ୍ରାମ ୪୨୦ ମିଲିଗ୍ରାମ ବ୍ରାଉନ ସୁଗାର ସହ ୫୦୦ ଟଙ୍କା ଜବତ ହୋଇଛି। ଏ ନେଇ ତାଳବଣିଆ ଥାନା ପୋଲିସ ଏକ କେସ୍ (ନଂ. ୧୨୯/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଆଖଣ୍ଡଳମଣି ରୋଡ ହୁଲୁହୁଲିଆ ପୋଲ ନିକଟରେ ବ୍ରାଉନସୁଗାର କାରବାର ହେଉଥିବା ନେଇ ଖବର ମିଳିଥିଲା। ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତ ସୁନିଲଙ୍କୁ ଧରିଥିଲା।

## ସଂକ୍ଷେପରେ

### ନଦୀରେ ବୁଡ଼ି ବୃଦ୍ଧ ମୃତ

**ନିମାପଡ଼ା,୨୬।୯ (ଡି.ଏନ୍.ଏ.):** ନିଆଳି ଥାନା ଅନ୍ତର୍ଗତ ଆମ୍ବପଡା ଗ୍ରାମର ଜଣେ ବୃଦ୍ଧଙ୍କ ସୋମବାର ପ୍ରାଚୀନଦୀରେ ବୁଡି ମୃତ୍ୟୁ ହୋଇଛି। ସେ ହେଲେ ମାଧବ ପୃଷ୍ଟି(୬୩)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୯/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ପୂର୍ବାହ୍ନରେ ବୃଦ୍ଧ ଜଣଙ୍କ ତାଙ୍କ ଘର ବାଡି ପଟେ ଥିବା ପ୍ରାଚୀନଦୀକୁ ଶୌଚ ହେବାକୁ ଯାଇଥିଲେ। ଅସାବଧାନତାବଶତଃ ତାଙ୍କ ଗୋଡ ଖସି ଯିବାରୁ ସେ ନଦୀରେ ବୁଡି ଯାଇଥିଲେ। ଖବରପାଇ ନିଆଳି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ବୃଦ୍ଧଙ୍କୁ ଆଣି ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ବୃଦ୍ଧଙ୍କ ପୁଅ ମାନସ ପୃଷ୍ଟି ଫାଣ୍ଡିରେ ଅଭିଯୋଗ କରିଛନ୍ତି।

### ଅମୃତ ଉତ୍ତରଣ ଉନ୍ମୋଚିତ

**କଣାସ,୨୬।୯(ସ୍ୱ.ପ୍ର.):** ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୁମାରକବି ଫାଉଣ୍ଡେଶନ୍‌ର ମିଳିତ ଆନୁକୂଲ୍ୟରେ କବିକସ୍ତୁରୀ ଦିଲୀପ ଶ୍ରୀଚନ୍ଦନଙ୍କ ଦ୍ୱାରା ଲିଖିତ 'ଅମୃତ ଉତ୍ତରଣ' ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ହୋଇଥିଲା। ଏହି ପୁସ୍ତକକୁ ପଦ୍ମଶ୍ରୀ ଡ. ପ୍ରତିଭା ରାୟ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ପ୍ରଫେସର ପ୍ରଫୁଲ୍ଲ ମିଶ୍ର, ସଙ୍ଗୀତଜ୍ଞ ଦିବାକର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଉନ୍ମୋଚନ କରିଥିଲେ। ପ୍ରତ୍ୟେକ ଜୀବ ଅମୃତର ସନ୍ତାନ ଓ ନିଜ ସ୍ୱରୂପକୁ ଚିହ୍ନିପାରୁଥିବା ଜୀବ ଅମୃତ ସନ୍ଧାନୀ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଏଥିରେ କୁମାରକବି ଅରକ୍ଷିତଙ୍କ ସମ୍ପର୍କରେ ୨୬ଟି ଅଧ୍ୟାୟ ଜୀବନୀ ସାଧାନା ସଫଳତା ସମ୍ପର୍କରେ ତଥ୍ୟ ରହିଛି। ପ୍ରକାଶଥାଉକି, ଶ୍ରୀଶ୍ରୀଚନ୍ଦନଙ୍କ ୧୫ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି। ଅଧାପକ ବସନ୍ତ ମିଶ୍ର ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଦିଗାମ୍ବର ବେହେରା ଓ ଆଲୋକ କୁମାର ପ୍ରଧାନ ସଂଯୋଜନା କରିଥିଲେ।

### ବିଦ୍ୟାଳୟରେ ଆଜାଦୀ କା ଅମୃତ ମହୋତ୍ସବ ପାଳିତ

**ସାକ୍ଷୀଗୋପାଳ,୨୬।୯(ଡି.ଏନ୍.ଏ./ସ୍ୱ.ପ୍ର.):** ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆଜାଦୀ କା ଅମୃତ ମହୋତ୍ସବ ପାଳନ ହୋଇଯାଇଛି। ଏଥିରେ ଅତିଥି ଭାବେ ସତ୍ୟବାଦୀ ଶିକ୍ଷା ମଣ୍ଡଳର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମୁକ୍ତା ମଲ୍ଲିକ ଏବଂ ଅବସରପ୍ରାପ୍ତ ସ୍ଥାନୀୟ ଶିକ୍ଷକ ବନମାଳି ବେହେରା ଯୋଗଦେଇ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ଜୀବନଚର୍ଯ୍ୟା ତଥା କର୍ମ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଗୋପୀନାଥ ଦେବ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ତ୍ରିପାଠୀ, ଶିକ୍ଷକ ବସନ୍ତ କୁମାର ସ୍ୱାଇଁ, କ୍ରୀଡା ଶିକ୍ଷକ ସୁଚିତ୍ର ଖଟେଇ, ଶିକ୍ଷୟିତ୍ରୀ ସୌଦାମିନୀ ନାୟକ, ଶିକ୍ଷୟିତ୍ରୀ ପୁନମ କୁଜୁର, ଶିକ୍ଷୟିତ୍ରୀ ତପସ୍ୱିନୀ ତ୍ରିପାଠୀ ଓ ଶିକ୍ଷୟିତ୍ରୀ ଉର୍ମିଳା ଦେବୀ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ। ମୃତ୍ୟୁଞ୍ଜୟ ରଥ ଓ ବିଶ୍ୱନାଥ ସ୍ୱାଇଁ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଚିନ୍ମୟ ଜେନା ଧନ୍ୟବାଦ ଦେଇଥିଲେ।

### ସ୍ୱଜନ ହିତାୟ ବିଚାରଧାରାର ପ୍ରବର୍ତ୍ତକ ଥିଲେ ଦୀନଦୟାଲ

**ପୁରୀ ଅଫିସ, ୨୬।୯:** ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ତରଫରୁ ରବିବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ତାଳବଣିଆରେ ତାଳମଞ୍ଜି ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇ ପଣ୍ଡିତ ଦୀନଦୟାଲ ସ୍ୱତନ୍ତ୍ର ଭାରତରେ ସ୍ୱଜନ ହିତାୟ ବିଚାରଧାରାର ପ୍ରବର୍ତ୍ତକ ଥିଲେ ବୋଲି କହିଥିଲେ। ପର୍ଯ୍ୟାବରଣ ଆବାହକ ସନ୍ତୋଷ ମହାନ୍ତିଙ୍କ ଆବାହକତ୍ୱରେ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀମାନେ ତାଳମଞ୍ଜି ରୋପଣରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର ପୁରୀ ସଂଯୋଜକ ଜୟ ଶଙ୍କର ଯୋଶୀ, ଧନୁର୍ଦ୍ଧର ମୁଦୁଲି, ଉର୍ମିଳା ସ୍ୱାଇଁ, କୃଷ୍ଣଚନ୍ଦ୍ର ସାହୁ, ବାସୁଦେବ ସେନାପତି, ସତ୍ୟକାମ ସାହୁ, ଓମ୍ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ସମ୍ପାଦକ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଶାରଦୀୟ ପୂଜୋତ୍ସବ ଅବସରରେ ସୋମବାର ପୁରୀ ବାଙ୍କୀମୁହାଣସ୍ଥିତ ମା' ରାମଚଣ୍ଡୀଙ୍କ ତ୍ରିପୁରାସୁନ୍ଦରୀ ବେଶ। ମା' ବାସୁଳେଇ ଠାକୁରାଣୀଙ୍କ ମାତଙ୍ଗିଣୀ ବେଶ।



ମରିଚେଇ ଠାକୁରାଣୀଙ୍କ ଗଜଲକ୍ଷ୍ମୀ ବେଶ।

# ରତ୍ନଭଣ୍ଡାର ମରାମତି, ଅଳଙ୍କାର ଯାଞ୍ଚ କରାଯାଉ

**ପୁରୀ ଅଫିସ, ୨୬।୭**

**ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷଙ୍କୁ ଦାବିପତ୍ର**

- ଆଜି ବସିବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ
- ଶୀତଳ ଭଣ୍ଡାରରେ ତଦନ୍ତ କମିଶନଙ୍କ ରିପୋର୍ଟ

ରତ୍ନଭଣ୍ଡାର ମରାମତି ଓ ରତ୍ନଅଳଙ୍କାର ଯାଞ୍ଚ କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ମଙ୍ଗଳବାର ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ ଦାବି କରିଛନ୍ତି। ଏ ନେଇ ସେ ସୋମବାର ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ବରାଳ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭିତର ରତ୍ନଭଣ୍ଡାରକୁ ନେଇ ଭକ୍ତଙ୍କ ମଧ୍ୟରେ ସନ୍ଦେହ ଦିନକୁ ଦିନ ଘନୀଭୂତ ହେଉଛି। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଏବଂ ରାଜ୍ୟ ସରକାରଙ୍କ ଅନୁମତି ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ୨୦୧୮ ଏପ୍ରିଲ ୪ ତାରିଖରେ ରତ୍ନଭଣ୍ଡାର ଖୋଲାଯିବା ନିମନ୍ତେ ପଦକ୍ଷେପ ନିଆଯାଇଥିଲା। ଏ ନେଇ ଏକ ୧୭ ଜଣିଆ ପ୍ରତିନିଧି ଦଳ ଗଠନ କରାଯାଇଥିଲା। କିନ୍ତୁ ସେହିଦିନ କେତେଜଣ ଅଧିକାରୀ ଗଣମାଧ୍ୟମରେ ମତ ରଖିଲେ ଯେ, ଭିତର ରତ୍ନଭଣ୍ଡାର ଖୋଲାଯାଇ ନାହିଁ। ତା' ପରେ ଭକ୍ତମାନେ ଶୁଣିବାକୁ ପାଇଲେ ଯେ, ଭିତର ରତ୍ନଭଣ୍ଡାରର ଚାବି ହଜିଯାଇଛି। ପରେ ତତ୍କାଳୀନ ଜିଲାପାଳ ନକଲି ଚାବି ଜିଲା ରେକର୍ଡ ରୁମ୍‌ରୁ ମିଳିବା ନେଇ ଗଣମାଧ୍ୟମରେ ମତ ଦେଇଥିଲେ।

ରାଜ୍ୟ ସରକାର ଚାପରେ ପଡ଼ି ତଦନ୍ତ କମିଶନ ବସାଇଲେ ଏବଂ ସେହି ତଦନ୍ତ କମିଶନରେ ପ୍ରାୟ ୨୨ ଲକ୍ଷ ୨୭ ହଜାର ୯ ଶହ ୧୮ ଟଙ୍କା ଖର୍ଚ୍ଚ କରିଥିଲେ। ରାଜ୍ୟ ସରକାରଙ୍କ ନିକଟରେ ତଦନ୍ତ କମିଶନ ରିପୋର୍ଟ ଦାଖଲ କରିବାର ୪ବର୍ଷ ବିତିବାକୁ ବସିଲାଣି, କିନ୍ତୁ ଆଜି ପର୍ଯ୍ୟନ୍ତ ଉକ୍ତ ରିପୋର୍ଟ ପ୍ରକାଶ କରାଗଲା ନାହିଁ, କି ଭିତର ରତ୍ନଭଣ୍ଡାର ଖୋଲାଗଲା ନାହିଁ। ଫଳରେ ଭକ୍ତଙ୍କ ଭାବାବେଗକୁ ଆଘାତ ଲାଗିଛି। ଦୁର୍ଭାଗ୍ୟର ବିଷୟ ଶ୍ରୀମନ୍ଦିର ପରିଚାଳନା କମିଟିରେ ଅନେକ ବିଷୟବସ୍ତୁ ଆଲୋଚନା ହେଉଥିଲେ ମଧ୍ୟ ରତ୍ନଭଣ୍ଡାର ପ୍ରସଙ୍ଗକୁ ଅଣଦେଖା କରାଯାଉଛି। ବର୍ଷାଦିନେ ରତ୍ନଭଣ୍ଡାରରେ ପାଣି ଝରୁଥିବା ନେଇ ଭଣ୍ଡାର ମେକାପ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ ଆଜି ସୁଦ୍ଧା ମରାମତି କାର୍ଯ୍ୟ କରାଯାଉ ନାହିଁ। ଆଇନ ଅନୁଯାୟୀ ପ୍ରତି ୩ ବର୍ଷରେ ଥରେ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଯାଞ୍ଚ ହେବା ନେଇ ନିୟମ ରହିଥିଲେ ସୁଦ୍ଧା ଆଜକୁ ୩୭ ବର୍ଷ ବିତିଯାଇଥିଲେ ମଧ୍ୟ ତାହା ଯାଞ୍ଚ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେଣୁ ଆଗାମୀ ପରିଚାଳନା କମିଟି ବୈଠକରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ନେଇ ଆଲୋଚନା ହେବା ସହିତ ଏହାର ମରାମତି ଏବଂ ଅଳଙ୍କାର ଯାଞ୍ଚ କରିବା ନେଇ ପଦକ୍ଷେପ ନେବାକୁ ବରାଳ ଦାବି କରିଛନ୍ତି।

## 'ପଣ୍ଡିତ ଦୀନଦୟାଲ ସମାଜ ସେବା ପ୍ରତି ସମର୍ପିତ ଥିଲେ'




ସମାରୋହରେ ମଞ୍ଚାସୀନ ଅତିଥିମାନେ।

**ପୁରୀ ଅଫିସ, ୨୬।୯**

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏକାଧାରରେ ଜଣେ ସାମାଜିକ କାର୍ଯ୍ୟକର୍ତ୍ତା, ସ୍ତମ୍ଭକାର, ରାଜନୈତିକ ବ୍ୟକ୍ତିତ୍ୱ, ସାହିତ୍ୟିକ, ଦାର୍ଶନିକ, ସାମ୍ବାଦିକ, ଅର୍ଥନୀତି ବିଶାରଦ ଭଳି ସର୍ବଗୁଣ ସମ୍ପର୍କ ବ୍ୟକ୍ତିତ୍ୱ ଥିଲେ। ସେ ରାଷ୍ଟ୍ର ନିର୍ମାଣ ଏବଂ ସମାଜ ସେବା ପ୍ରତି ସମର୍ପିତ ଥିଲେ ବୋଲି ପୁରୀ ସେବା ସମିତି ତରଫରୁ ଆୟୋଜିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୬ତମ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ମହିଳା ବିଦ୍ୟାଳୟର ସହକାରୀ ପ୍ରଫେସର ରାକେଶ ମିଶ୍ର, ଅବସରପ୍ରାପ୍ତ ପ୍ରଶାସକ ପଦ୍ମନାଭ ପଣ୍ଡା, ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଜଗବନ୍ଧୁ ମିଶ୍ର ଏବଂ ନେହେରୁ ଯୁବକେନ୍ଦ୍ର ପୁରୀର ସଂଯୋଜକ ଜୟଶଙ୍କର ଯୋଶୀ ଯୋଗଦେଇ ଦୀନଦୟାଲଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ପଣ୍ଡିତ ଦୀନଦୟାଲଙ୍କ ଜୀବନାଦର୍ଶ ଉପରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଉନ୍ମୋଚିତ ହୋଇଥିଲା। ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ପ୍ରଭୁଦତ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ରବିନ୍ଦ୍ରନାଥ ସେନାପତି ସ୍ୱାଗତ ଭାଷଣ ଏବଂ ସହସମ୍ପାଦକ ସୌମେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ତୋଷ ମହାନ୍ତି, ଶରତ ଜୟସିଂହ, ରବି ନାରାୟଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଓମ୍ ପ୍ରସାଦ ମହାନ୍ତି, କୃଷ୍ଣଚନ୍ଦ୍ର ସାହୁ, ବାସୁଦେବ ସେନାପତି, ସବନମ ବରାଳ, ତାରା ପ୍ରସାଦ ଦାଶ, ସତ୍ୟକାମ ସାହୁ, ବିସ୍ମୟ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସମାଧାନ ଦାବି

**ପୁରୀ ଅଫିସ,୨୬।୯**

ସାକ୍ଷୀଗୋପାଳସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ପୁରୀ ଜିଲା ସାମାଜିକ ହସ୍ପିଟାଲ ଟିମ୍ ପକ୍ଷରୁ ସୋମବାର ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଟିମ୍ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୧୯୩୦ ମସିହାରୁ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଆସୁଛି। ମାତ୍ର ସେଠାରେ ସୋନୋଗ୍ରାଫିର ସୁବିଧା ନଥିବାରୁ ଗର୍ଭବତୀ ମହିଳାମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡର ସୁବିଧା ପାଇପାରୁ ନାହାନ୍ତି। ଫଳରେ ଗର୍ଭବତୀମାନଙ୍କୁ ପ୍ରାଇଭେଟ ମେଡିକାଲରେ ୫ଶହରୁ ୮ଶହ ଟଙ୍କା ଦେଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏପରିକି ଅନେକ ଗର୍ଭବତୀ ୨୫କିଲୋମିଟର ଯାତ୍ରା କରି ପୁରୀ ମେଡିକାଲକୁ ଆସିବାକୁ ବାଧ୍ୟ ହେଉଛନ୍ତି। ଏଭଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସମସ୍ୟା ଥିବାବେଳେ ସେଗୁଡ଼ିକୁ ଯଥାଶୀଘ୍ର ସମାଧାନ କରିବା ସହ ସୋନୋଗ୍ରାଫି ସୁବିଧା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ଟିମ୍‌ର ସଦସ୍ୟା ସୁମିତ୍ରା ବାରିକଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ପୁରୀ ଅଫିସ,୨୬।୯**

**ନାବାଳିକା ବଳାତ୍କାର ମାମଲା**

ଜଣେ ମାନସିକ ବିକାରଗ୍ରସ୍ତ ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ପୁରୀ ଅତିରିକ୍ତ ଜିଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର କୋର୍ଟ (ପୋକ୍ସୋ) ବିଚାରପତି ନିରଞ୍ଜନ କୁମାର ଜେନା ସୋମବାର ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତ ହେଲେ ପୁରୀ ଜିଲା କୋଣାର୍କ ଥାନା ଅନ୍ତର୍ଗତ ଭାଣପୁର ଅଞ୍ଚଳର ଯୁଗଳ କାଣ୍ଡି। ତାଙ୍କୁ ଜେଲ ଦଣ୍ଡ ସମେତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ପୋଲିସକୁ ମିଶାଇ ୧୨ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ବିଜୟ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

କୋର୍ଟ ବିବରଣୀ ଅନୁଯାୟୀ, ୨୦୧୭ ନଭେମ୍ବର ୧୪ରେ କୋଣାର୍କ ଥାନା ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ନାବାଳିକାଙ୍କୁ ଅଭିଯୁକ୍ତ ଯୁଗଳ ବଳପୂର୍ବକ ଉଠାଇନେଇ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଆଇପିସିର ଧାରା ୩୭୬(୨)(୧), ପୋକ୍ସୋ ଆଇନରେ ଏକ ମାମଲା (ନଂ–୧୩୫/୨୦୧୭) ରୁଜୁ କରିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାକୁ ଅଭିଯୁକ୍ତଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା। ୨୦୧୮ ଜାନୁୟାରୀ ୨ ତାରିଖରେ ଅତିରିକ୍ତ ଜିଲା ଓ ଦୌରାଜଜଙ୍କ କୋର୍ଟରେ ମାମଲାର ପ୍ରଥମ ଶୁଣାଣି ହୋଇଥିଲା। ସେବେଠାରୁ ବିଚାର ଚାଲିଥିବାବେଳେ ସୋମବାର କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଦେଇଛନ୍ତି।

# ଉତ୍କଳଗୌରବ ବିଦ୍ୟାନିକେତନ ଚାମ୍ପିୟନ

**ଡେଲାଙ୍ଗ, ୨୬।୯ (ଡି.ଏନ୍.ଏ.)**



ଆୟୋଜକ ଏବଂ ଅତିଥିଙ୍କ ଗହଣରେ ଖେଳାଳିମାନେ।

**ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା**

ରାଜ୍ୟ ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଡେଲାଙ୍ଗ ବ୍ଲକର ବିଦ୍ୟାଳୟ ସମୂହକୁ ନେଇ ଫୁଟବଲ ପ୍ରତିଯୋଗିତା ସିଂହବ୍ରହ୍ମପୁର ପଞ୍ଚାୟତସ୍ଥିତ ଉତ୍କଳଗୌରବ ବିଦ୍ୟାନିକେତନ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାର ଉଦ୍‌ଘାଟନ ଉତ୍ସବରେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ସହକାରୀ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡା, ସରପଞ୍ଚ ରଶ୍ମିତା ବେହେରା, ସମିତିସଭ୍ୟ ନରେନ୍ଦ୍ର ପ୍ରଧାନ, ଦୀପକ ଛୋଟରାୟ, ଭାଗୀରଥି ପ୍ରଧାନ, କ୍ରୀଡା ସମ୍ପାଦକ ଆର୍ତ୍ତତ୍ରାଣ ମହାନ୍ତି, ରମଣୀ ରଞ୍ଜନ ଚମ୍ପତିରାୟ ପ୍ରମୁଖ ଉପସ୍ଥିତ ରହି ଫୁଟବଲ ଖେଳାଳିଙ୍କୁ ଉତ୍ସାହିତ କରାଇବା ସହିତ ପ୍ରୋତ୍ସାହନ ବ୍ୟବସ୍ଥା, କ୍ରୀଡ଼ାର ଲକ୍ଷ୍ୟ, ଛାତ୍ରୀଛାତ୍ରମାନଙ୍କ ସହଭାଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପ୍ରତିଯୋଗିତାରେ କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟ, ସୋମନାଥ ଦେବ ଉଚ୍ଚ ବିଦ୍ୟାଳୟ, ଉତ୍କଳଗୌରବ ବିଦ୍ୟାନିକେତନ, ବିଶ୍ୱନାଥ ଦେବ ଉଚ୍ଚ ବିଦ୍ୟାପୀଠ, ବେରବୋଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଚୂଡ଼ାନ୍ତ ପ୍ରତିଯୋଗିତାରେ ଉତ୍କଳଗୌରବ ବିଦ୍ୟାନିକେତନ ଚାମ୍ପିୟନ ହୋଇଥିବା ବେଳେ ଓ ସୋମନାଥ ଦେବ ଉଚ୍ଚ ବିଦ୍ୟାଳୟ ରନର୍ସ ଅପ୍ ପୁରସ୍କାର ପାଇଥିଲା। କ୍ରୀଡ଼ା ଶିକ୍ଷକ ନଟବର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୂର୍ଯ୍ୟନାରାୟଣ ଜେନା ମଞ୍ଚ ପରିଚାଳନା କରିଥିଲେ।




ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସୋମବାର ପୁରୀ ବେଳାଭୂମିରେ ସୁଦର୍ଶନ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।




ପର୍ଯ୍ୟଟନର ପ୍ରସାର ପ୍ରଚାର ଉଦ୍ଦେଶ୍ୟରେ ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା।

## ଅନିଲ ଧୀରଙ୍କୁ 'ପଞ୍ଚମ ଗଣେଶ ପରିଜା ସମ୍ମାନ'

ଭୁବନେଶ୍ୱର,(ବ୍ୟୁରୋ):'ଶାରଳା ସ୍ମାରକ' ପକ୍ଷରୁ ସୋମବାର ଗୀତଗୋବିନ୍ଦ ସଦନଠାରେ 'ଗଣେଶ ପରିଜା ସ୍ମାରକୀ ବକ୍ତୃତା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ଉପମହାନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, କାର୍ଯ୍ୟକାରୀ ସଭାପତି ପ୍ରଫେସର ଡ.ନିମାଇଁ ଚରଣ ପରିଜା, ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗ ଦେଇଥିଲେ। ଗବେଷକ ଅନିଲ ଧୀରଙ୍କୁ ଓଡିଶାର ଐତିହ୍ୟ ଉପରେ ନିରନ୍ତର ଗବେଷଣା ପାଇଁ 'ପଞ୍ଚମ ଗଣେଶ ପରିଜା ସମ୍ମାନ' ପ୍ରଦାନ କରାଯାଇଥିଲା। ଯୁବ ଭାଷାତତ୍ତ୍ୱବିତ୍ ଡ. ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

ବୋଲଗଡ଼

- ଆଇନା ଏବଂ ୟୁନିସେଫ୍ ଓଡ଼ିଶା ପକ୍ଷରୁ ଦିନିକିଆ ପ୍ରଦର୍ଶନୀ, ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାସନାଲ, କ୍ରିଷ୍ଟାଲ-୨, ଜନପଥ, ୟୁନିଟ୍- ୩, ଖାରବେଳ ନଗର, ପୂର୍ବାହ୍ନ ୧୦ଟା ୩୦।
- ଫ୍ରଣ୍ଟ ଏଜେଣ୍ଟ ନ୍ୟୁ ପେନ୍‌ସନ୍ ପକ୍ଷରୁ ଆଲୋଚନା ସଭା, ନାଗଭୂଷଣ ଭବନ, ଅଶୋକ ନଗର, ପୂର୍ବାହ୍ନ ୧୧ଟା।
- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨ ଅବସରରେ ୟଙ୍ଗ ସିଙ୍ଗିଂ ଟ୍ୟାଲେଣ୍ଟ ଅଫ୍ ଓଡ଼ିଶା କାର୍ଯ୍ୟକ୍ରମ, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା କାର୍ଯ୍ୟକ୍ରମ, ସମ୍ମିଳନୀ କକ୍ଷ, ସଂସ୍କୃତି ଭବନ, ପୂର୍ବାହ୍ନ ୧୧ଟା ୩୦।
- ସ୍ମୃତି ସାନ୍ତ୍ୱନା ମହିଳା ପତ୍ରିକାର ଏକାଦଶତମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ପର୍ବ ଓ ସ୍ମୃତି ସାନ୍ତ୍ୱନାର ପୂଜା ସଂଖ୍ୟା ଲୋକାର୍ପଣ-୨୦୨୨, ବୁଦ୍ଧ ମନ୍ଦିର, ୟୁନିଟ୍-୩, ଅପରାହ୍ନ ୩ଟା ୪୫।
- ଜାତୀୟ ନାଟକ ଉତ୍ସବ-୨୦୨୨, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

# ବର୍ଷକରେ ବନ୍ଧାହେଲେଣି ୩୮

ଭୁବନେଶ୍ୱର,୨୬।୯ (ବ୍ୟୁରୋ)

**'ଦାଦାବଟିକୁ ନା' ଅଭିଯାନ ଜୋର୍‌ଦାର**
- ସେପ୍ଟେମ୍ବରରେ କେବଳ ୧୮
- ଆଉ ୨ଜଣଙ୍କୁ ଗିରଫ କଲା କମିଶନରେଟ ପୋଲିସ

ଗିରଫଦାରି ଓ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ରାଜଧାନୀରେ ଦାଦାବଟି ଘଟଣା ବଢ଼ି ଚାଲିଛି। ବ୍ୟବସାୟିକ ସଂସ୍ଥା, ଜମି ମାଲିକ, କଣ୍ଟ୍ରାକ୍ଟରଙ୍କୁ ଅସାମାଜିକ ବ୍ୟକ୍ତିମାନେ ଦାଦାବଟି ମାଗି ପ୍ରାୟ ସମୟ ହଇରାଣ ହରକତ କରୁଛନ୍ତି। ବଟି ନ ପାଇଲେ ଆକ୍ରମଣ ଓ ହତ୍ୟା କରିବାକୁ ପଛାଉ ନାହାନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କମିଶନରେଟ ପୋଲିସ 'ଦାଦାବଟିକୁ ନା' ନାମରେ ଏକ ସ୍ୱତନ୍ତ୍ର ଅଭିଯାନ ଚଳାଇଛି। ଏହି ଅଭିଯାନରେ କେବଳ ସେପ୍ଟେମ୍ବର ୩୮ଜଣ ଗିରଫ ହୋଇଥିବା ସୂଚନା ଦିଆଯାଇଛି।

ଦାଦା ବଟି ନ ଦେବାରୁ ଜଣେ ସିକ୍ୟୁରିଟି ଗାର୍ଡ ଓ ତାଙ୍କ ସହକର୍ମୀଙ୍କୁ ଲୁହା ରଡରେ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଞ୍ଚଳର ଧନଞ୍ଜୟ ଆଚାର୍ଯ୍ୟ ଓ ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ବିଶ୍ୱନାଥ ଜେନା। ସେମାନଙ୍କ ନିକଟରୁ ପୋଲିସ ୨ ଲୁହା ରଡ଼ ଜବତ କରିଥିଲା। ପୂର୍ବରୁ ବାଲୁଗାଁ ଏବଂ ଟାଙ୍ଗୀ ଥାନାରେ ୨ଟି ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, କଣ୍ଟ୍ରାକ୍ଟର ବିଜନ କୁମାର ପରିଡା ଟେଣ୍ଡର ପାଇ ଏହି ଥାନା ଅନ୍ତର୍ଗତ ଭୋଟପଡ଼ା ବ୍ରିଜ୍ ମରାମତି କାମ କରୁଛନ୍ତି। ଜଗାରଖା ପାଇଁ ସିକ୍ୟୁରିଟି ଗାର୍ଡ ଭାବରେ କଣ୍ଟ୍ରାକ୍ଟର ବିଜନ ଜଣେ ବ୍ୟକ୍ତିଙ୍କୁ ନିୟୋଜିତ କରାଇଥିଲେ। ସୋମବାର ସମ୍ପୃକ୍ତ ବ୍ୟକ୍ତି ସହକର୍ମୀଙ୍କ ସହ ଡ୍ୟୁଟିରେ ଥିବାବେଳେ ଅଭିଯୁକ୍ତମାନେ ଆସି ତାଙ୍କୁ ଏକ ହଜାର ଟଙ୍କା ଦାଦାବଟି ମାଗିଥିଲେ। ବିରୋଧ କରିବାରୁ ଅଭିଯୁକ୍ତଦ୍ୱୟ ସେମାନଙ୍କୁ ଗାଳି କରିବା ସହିତ ଗୋଟିଏ ଲୁହା ରଡ଼ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାପରେ ଆକ୍ରମଣର ଶିକାର ହୋଇଥିବା ସିକ୍ୟୁରିଟ ଗାର୍ଡ ପିସିଆର୍‌କୁ ଖବର ଦେବାରୁ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା।


ରାଷ୍ଟ୍ରପତି ଭବନରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଜଯୋଗୀ ବ୍ରହ୍ମାକୁମାର ବିଜୟ ଭାଇଙ୍କ ସମେତ ୧୪ଜଣ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି।

# ଲଳିତ ମୋହନ ପଣ୍ଡା ପାଇବେ ଜାତୀୟ ପର୍ଯ୍ୟଟନ ପୁରସ୍କାର

ଭୁବନେଶ୍ୱର, ୨୬।୯(ବ୍ୟୁରୋ)



ଦେଶର ସର୍ବଶ୍ରେଷ୍ଠ ୱାଇଲ୍ଡଲାଇଫ୍ ଗାଇଡ୍ ଭାବେ ଓଡ଼ିଶାର ଲଳିତ ମୋହନ ପଣ୍ଡା ଜାତୀୟ ପର୍ଯ୍ୟଟନ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଉପରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ୨୦୧୮-୧୯ ପାଇଁ ଏହି ପୁରସ୍କାର ଦିଆଯିବ। ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଶ୍ରେଷ୍ଠ ୱାଇଲ୍ଡଲାଇଫ୍ ଗାଇଡ୍ ଶ୍ରେଣୀରେ ପୂର୍ବ, ପଶ୍ଚିମ ଓ କେନ୍ଦ୍ର, ଉତ୍ତର, ଦକ୍ଷିଣ ଏବଂ ଉତ୍ତରପୂର୍ବ ଭଳି ୫ ଜୋନ୍‌ରୁ ୫ଟି ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ପୂର୍ବ ଜୋନ୍ ପାଇଁ ଲଳିତ ମୋହନ ଏହି ଦରଖାସ୍ତ ପକାଇଥିଲେ। କିନ୍ତୁ ସାରା ଦେଶରୁ ଏକମାତ୍ର ୱାଇଲ୍ଡଲାଇଫ ଗାଇଡ୍ ଭାବେ କେବଳ ଲଳିତଙ୍କୁ ହିଁ ଏହି ପୁରସ୍କାର ପାଇଁ ଚୟନ କରାଯାଇଛି। ସେହିଭଳି ଶ୍ରେଷ୍ଠ ହୋଟେଲ, ଶ୍ରେଷ୍ଠ ସେଫ୍, ଶ୍ରେଷ୍ଠ ଟୁର୍ ଅପରେଟର, ଶ୍ରେଷ୍ଠ ରାଜ୍ୟ, ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳୀ ଆଦି ବିଭିନ୍ନ ବର୍ଗରେ ଦେଶର ମୋଟ ୨୮ଜଣଙ୍କୁ ବିଭିନ୍ନ ବର୍ଗରେ ଜାତୀୟ ପର୍ଯ୍ୟଟନ ପୁରସ୍କାର ଦିଆଯିବ। ବାଙ୍କୀର ଲଳିତ ମୋହନ ଭୁବନେଶ୍ୱରସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ମ୍ୟାନେଜମେଣ୍ଟରୁ ଡିଗ୍ରୀ ହାସଲ କରିବା ପରେ ପ୍ରଫେସନାଲ ଗାଇଡ୍ ଭାବେ ପ୍ରଶିକ୍ଷଣ ନେଇ ଗତ ୮ବର୍ଷ ହେବ ରାଜ୍ୟ ଗାଇଡ୍ ଭାବେ ଫ୍ରିଲାନ୍ସ କାର୍ଯ୍ୟ କରୁଛନ୍ତି। ଏଥିସହିତ ସେ ମଧ୍ୟ ସ୍ନେକ ହେଲ୍ପଲାଇନର ସଦସ୍ୟ ଭାବେ ବାଙ୍କୀ ଓ ଏହାର ଆଖପାଖ ଅଞ୍ଚଳରୁ ବହୁ ସାପ ଉଦ୍ଧାର କରିଛନ୍ତି। ପୂର୍ବରୁ ଖୋର୍ଦ୍ଧା ସବ୍‌ଡିଭିଜନ ତରଫରୁ ଲଳିତଙ୍କୁ ୨୦୧୮ରେ ଡିଭିଜନସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର ଦିଆଯାଇଥିଲା। ଏବେ ଜାତୀୟ ପର୍ଯ୍ୟଟନ ପୁରସ୍କାର ପାଇଁ ମନୋନୀତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଥିବାରୁ ଲଳିତଙ୍କୁ ସ୍ନେକ୍ ହେଲ୍ପଲାଇନ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଅଭିନନ୍ଦନ ଜଣାଇଛନ୍ତି।

# ଇଲେକ୍ଟ୍ରିକ୍ ସ୍କୁଟି ଶୋ'ରୁମରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୬।୯ (ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବମିଖାଲସ୍ଥିତ ରାଧିକା କମ୍ପ୍ଲେକ୍ସ ସାମ୍ନାରେ ଥିବା ପିୟୋର୍ (କେକେ ଟ୍ରେଡିଂ ସର୍ଭିସ୍) ଇଲେକ୍ଟ୍ରିକ୍ ସ୍କୁଟି ଶୋ'ରୁମରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କେତେକ ଆସବାବ ପତ୍ର ସହ ୩ରୁ ଅଧିକ ସ୍କୁଟି ଆଂଶିକ ଜଳିଯାଇଛି। ପ୍ରାଥମିକ ତଦନ୍ତରୁ ଶୋ'ରୁମ୍ ଭିତରେ ଥିବା ଇନଭର୍ଟରରୁ ସର୍ଟସର୍କିଟ୍ ହୋଇ ନିଆଁ ଲାଗିଥିବା ଅଗ୍ନିଶମ ଅଧିକାରୀ ଅବନୀ ସ୍ୱାଇଁ କହିଛନ୍ତି।

ପ୍ରକାଶ ଯୋଗ୍ୟ, ରାତି ପ୍ରାୟ ୧୦ଟା ବେଳେ ମାଲିକ ନନ୍ଦନ କୁମାର ସାହୁ ଶୋ'ରୁମ୍ ବନ୍ଦ କରି ପଳାଇ ଯାଇଥିଲେ। କାର୍ଯ୍ୟରତ କର୍ମଚାରୀ ମଧ୍ୟ ଘରକୁ ଚାଲିଯାଇଥିଲେ। ୧୦ଟା ୩୦ ସମୟରେ ଶୋ'ରୁମ୍‌ରୁ ଧୂଆଁ ବାହାରିଥିଲା। ପଡ଼ୋଶୀ ଔଷଧ ଦୋକାନର କର୍ମଚାରୀ ଦେଖି ମାଲିକଙ୍କୁ ଜଣାଇଥିଲେ। ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଡେପୁଟି ଫାୟାର ଅଫିସର ଅବନୀ କୁମାର ସ୍ୱାଇଁଙ୍କ ନେତୃତ୍ୱରେ କଳ୍ପନା ଅଗ୍ନିଶମ ବିଭାଗର ୧୨ ଜଣିଆ ଟିମ୍ ୨ଟି ଗାଡ଼ି ସହ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଶୋ'ରୁମ୍ କର୍ମଚାରୀମାନେ ମଧ୍ୟ ପହଞ୍ଚି ୨୦ରୁ ଅଧିକ ସ୍କୁଟି ବାହାରକୁ କାଢ଼ି ଦେଇଥିଲେ। ତେବେ ୩୦ ମିନିଟ୍‌ରୁ ଅଧିକ ସମୟ ପରିଶ୍ରମ ପରେ ଅଗ୍ନିଶମ କର୍ମଚାରୀମାନେ ନିଆଁ ଆୟତ କରିବାକୁ ସକ୍ଷମ ହୋଇଥିଲେ।

**ରାସ୍ତାରେ ଜଳିଗଲା ବୁଲେଟ**

ସେହିପରି ଅଶୋକନଗର ପୋଷ୍ଟ ଅଫିସ ସାମ୍ନାରେ ସୋମବାର ଅପରାହ୍ନରେ ରାସ୍ତା ଉପରେ ଥୁଆ ହୋଇଥିବା ଏକ ବୁଲେଟରେ ନିଆଁ ଲାଗିଯାଇ ସଂପୂର୍ଣ୍ଣ ଜଳିଯାଇଥିଲା। ତେବେ ଏହାର ମାଲିକଙ୍କ ପରିଚୟ ମିଳିପାରିନାହିଁ।

## ଯାତ୍ରୀ ନିବାସ ପାଇଁ ଦାବିପତ୍ର

ପୁରୁଣା ଭୁବନେଶ୍ୱର, ୨୬।୯ (ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜଙ୍କ ପୀଠକୁ ପ୍ରତ୍ୟହ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ହେଲେ ସେମାନଙ୍କ ପାଇଁ ଭଲ ଯାତ୍ରୀ ନିବାସ, ପର୍ଯ୍ୟାପ୍ତ ଶୌଚାଳୟ ନ ଥିବାରୁ ଖୋଲା ଆକାଶ ତଳେ ବିଶ୍ରାମ ନେବା ସହ ରାସ୍ତାଘାଟରେ ମଳତ୍ୟାଗ କରୁଛନ୍ତି। ଯାତ୍ରୀ ନିବାସ ବ୍ୟବସ୍ଥା କରିବା ନେଇ ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକ କହିଛନ୍ତି।

# ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ

ବାଲିପାଟଣା,୨୬।୯(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ସଭାଗୃହରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୋଟ ୯୭ଟି ଅଭିଯୋଗ ବିଚାର ପାଇଁ ପଞ୍ଜୀକରଣ ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଏବଂ ବିଭିନ୍ନ ସମସ୍ୟା ଉପରେ ଆସିଥିବା ଅଭିଯୋଗର ଆଲୋଚନା ହୋଇଥିଲା। ପମ୍ପାଲୋ ପଞ୍ଚାୟତରେ ତୁରନ୍ତ ଏକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଖୋଲିବାକୁ ଜିଲାପାଳ ସ୍ଥାନୀୟ ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁଆପୁର ଗ୍ରାମର ଭୋଳନାଥ ସେନାପତି ତାଙ୍କ ସ୍ତ୍ରୀଙ୍କ ମୃତ ପ୍ରମାଣପତ୍ର ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସିଡିଏମଓଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।ଏକ ମାସ ହେବ ପମ୍ପାଲୋ ପଞ୍ଚାୟତର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବା ଅଲମିରାରେ କେହି ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ ହୋଇଥିଲା। ତେବେ ତଦନ୍ତରେ ଶିଥିଳତା ସମ୍ବନ୍ଧରେ ସରପଞ୍ଚ ବାହନ ଭୋଇ ଅଭିଯୋଗ କରିଥିଲେ। ତଦନ୍ତ କରି ଦୋଷୀକୁ ଧରିବାକୁ ଯୋନ-୪ ଏସିପି ଶୁଭନାରାୟଣ ମୁଦୁଲିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସାରିଥିଲେ ମଧ୍ୟ ତାହାର ବିଲ୍ ପ୍ରଦାନରେ ବିଳମ୍ବର ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା, ଉପଜିଲାପାଳ ଦେବବ୍ରତ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀ, ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ପାଣ୍ଡରା ଫାଣ୍ଡି ଉଦ୍‌ଘାଟିତ




ବାଲିଅନ୍ତା,୨୬।୯(ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମର ୧୮ ନଂ. ୱାର୍ଡ ଅଧୀନ ବାଇପାସ୍ ରାସ୍ତା ପାର୍ଶ୍ୱ ପାଣ୍ଡରାରେ ଏକ ନୂତନ ପୋଲିସ ଫାଣ୍ଡି ଖୋଲାଯାଇଛି। ସୋମବାର ସନ୍ଧ୍ୟାରେ ଆୟୋଜିତ ଏକ ଉତ୍ସବରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ଡିସିପି ପ୍ରତୀକ ଗୀତା ସିଂ, ସ୍ଥାନୀୟ କର୍ପୋରେଟର ବିପ୍ଳବ ବେହେରା, ପୂର୍ବତନ କର୍ପୋରେଟର ପ୍ରତାପ ଚନ୍ଦ୍ର ରାଉତରାୟ, ସାମାଜିକ କର୍ମୀ ଯଜ୍ଞାଶିଷ୍ ମହାପାତ୍ର ଓ କାଳିନ୍ଦୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଲୋକମାନଙ୍କୁ ଉନ୍ନତ ପୋଲିସ ସେବା ଯୋଗାଇଦେବା କମିଶନରେଟ୍ ପୋଲିସର କର୍ତ୍ତବ୍ୟ ଓ ଲକ୍ଷ୍ୟ। ଏହି ମୁଖ୍ୟ ଛକରେ ଫାଣ୍ଡି ହେବା ଫଳରେ ପୁରୀ ବାଇପାସ ରାସ୍ତା ଓ ହାଇଟେକ୍ ମେଡିକାଲ କଲେଜକୁ ସଂଲଗ୍ନ ରାସ୍ତାରେ ଅପରାଧ ଓ ଟ୍ରାଫିକ୍ ନିୟନ୍ତ୍ରଣରେ ସହାୟକ ହୋଇପାରିବ ବୋଲି କମିଶନର ପ୍ରିୟଦର୍ଶୀ କହିଥିଲେ। ସଭାକୁ କ୍ରିଷ୍ଣା ମିଶ୍ର ପରିଚାଳନା କରିଥିବାବେଳେ ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ ଅଭିଭାଷଣ ରଖିଥିଲେ। ଉତ୍ସବରେ କମିଶନରେଟ୍ ପୋଲିସର ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ବହୁ ସ୍ଥାନୀୟ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

# ନିଯୁକ୍ତି ଲାଗି ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ

ଭୁବନେଶ୍ୱର, ୨୬।୯ (ବ୍ୟୁରୋ)

'ମୋ କଲେଜ' ଅଭିଯାନ ପକ୍ଷରୁ ସୋମବାର 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଅଟୋମେଶନ ଯୁଗରେ ବିଭିନ୍ନ ନିଯୁକ୍ତି ଲାଗି ଦକ୍ଷତା' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। 'ଭୁବନେଶ୍ୱର ରାଉଣ୍ଡ୍ ଟେବୁଲ ୨୩୦' ସହାୟତାରେ ଓ-ହବ୍‌ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସ ନାୟକ ଅଧ୍ୟକ୍ଷତା କରି କହିଲେ, ମୋ କଲେଜ ଅଭିଯାନ ପୁରାତନ ଛାତ୍ରୀଛାତ୍ରଙ୍କୁ ପୁଣିଥରେ ନିଜ ଶିକ୍ଷାନୁଷ୍ଠାନ ସହ ଯୋଡ଼ିବାର ଏକ ଅଭିନବ ପ୍ଲାଟ୍‌ଫର୍ମ। ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ସହ ସେମାନଙ୍କୁ ଗୋଟିଏ ଭଲ କ୍ୟାରିୟର ଦେବା ପାଇଁ ମୋ କଲେଜ ପ୍ରେରଣା ଯୋଗାଉଛି ବୋଲି ଆକାଶ କହିଥିଲେ। ମୁଖ୍ୟବକ୍ତା ଭାବେ କୋଲକାତା ଭେଞ୍ଚର୍ସର ପରିଚାଳନା ନିର୍ଦ୍ଦେଶକ ଆଭେଲୋ ରୟ ଯୋଗଦେଇ ସଫଳତା ପାଇବାକୁ ହେଲେ ଆମକୁ କମ୍ୟୁନିକେଶନ, କୋଡିଂ ଡିଜାଇନ, ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ, ଡିଜିଟାଲ ମାର୍କେଟିଂ ଏବଂ ଡାଟା ଆନାଲିଟିକ୍ସ, ପର୍ସନାଲ ସ୍କିଲ, ଲାଙ୍ଗୁଏଜ ଆଦି ପ୍ରମୁଖ ବିଷୟ ଉପରେ ଦକ୍ଷତା ରଖିବାକୁ ପଡ଼ିବ। ଏହା ହିଁ ଆମକୁ ସଫଳତା ଦିଗରେ ବାଟ ଦେଖାଇବ ବୋଲି ସେ କହିଥିଲେ।


ଆଲୋଚନାଚକ୍ରରେ ମୋ' କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ ଓ ଅନ୍ୟମାନେ।

**'ମୋ କଲେଜ ଅଭିଯାନ' ପକ୍ଷରୁ ଆଲୋଚନାଚକ୍ର**

ଭୁବନେଶ୍ୱର ରାଉଣ୍ଡ ଟେବୁଲ ୨୩୦ର ଅଧ୍ୟକ୍ଷ ଆନନ୍ଦ ପୋଦାର, ଆଇଏମ୍‌ଏ-ଜେଡିଏନ୍ ନ୍ୟାଶନାଲ କାଉନ୍‌ସିଲ ସଦସ୍ୟ ଡ. ଅଭିଜିତ ଉପାଧ୍ୟାୟ ଉପସ୍ଥିତ ଥିଲେ। ୩ଶହରୁ ଅଧିକ କଲେଜ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଅନଲାଇନ୍‌ରେ ସାମିଲ ହୋଇଥିଲେ। 'ମୋ କଲେଜ ଅଭିଯାନ'ର ପରିଚାଳନା କମିଟି ସଦସ୍ୟ ତନ୍ମୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଉତ୍ସବ

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ଉତ୍ସବ ସୋମବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ସମ୍ମାନିତ ଅତିଥି ଭାବେ 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସ ନାୟକ, କୁଳପତି ବ୍ୟୋମକେଶ ତ୍ରିପାଠୀ, କଳାକାର ମଞ୍ଚର ସଭାପତି ଡ. ନୀଳାଦ୍ରି କଲ୍ୟାଣ ଦାସ ଯୋଗ ଦେଇଥିଲେ। ଆବାହକ ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପ୍ରଥମ ମୁଖପତ୍ର 'ସାଂସ୍କୃତିକ', ବିଶ୍ୱବିଦ୍ୟାଳୟ ନିଉଜ ଲେଟର 'ସଂସ୍କୃତି' ଏବଂ ଓଡ଼ିଆ ସଙ୍ଗୀତ ପୁସ୍ତକ 'ସଙ୍ଗୀତ ମହୋଦଧି' ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଶ୍ୱଜିତ୍ ବଳିୟାରସିଂ ସଂଯୋଜନା କରିଥିଲେ।

## ଗାନ୍ଧୀ ବାର୍ତ୍ତା ପ୍ରଚାର କରିବ ହେଲ୍ପମେଟ୍

ଭୁବନେଶ୍ୱର, ୨୬।୯ (ବ୍ୟୁରୋ): 'ହେଲ୍ପମେଟ' ଅନୁଷ୍ଠାନ ପକ୍ଷରୁ ସତ୍ୟନଗର ସ୍ଥିତ ଯାନ୍ତ୍ରିକ ଭବନ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ମଧୁଲିତା ରାୟ, ଡ. ସୁଶୀଲ କୁମାର ପଟ୍ଟନାୟକ, ସମ୍ପାଦିକା ନିବେଦିତା ଭଞ୍ଜ ଅଧକ୍ଷତା କରିଥିଲେ। ବର୍ଷସାରା କରାଯାଇଥିବା ସମସ୍ତ କାର୍ଯ୍ୟର ବିବରଣୀ ଦୀପ୍ତି ମିଶ୍ର ଉପସ୍ଥାପନ କରିଥିଲେ। ଏଥିସହ ନୂତନ କାର୍ଯ୍ୟକ୍ରମ ଅମୃତ ମହୋତ୍ସବରେ ମହାତ୍ମାଗାନ୍ଧୀଙ୍କ ବାର୍ତ୍ତାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଯଥା- ଗାନ୍ଧୀ ଭଜନ, ଗାନ୍ଧୀ କୁଇଜ, ଭାଗବତ ଗୀତା ପାଠ, ଦେଶାତ୍ମବୋଧ ସଙ୍ଗୀତ, ଚିତ୍ରାଙ୍କନ, ଖଦି ଫେଶନ ଶୋ', ଗାନ୍ଧୀ ଗଳ୍ପ, ଗାନ୍ଧୀ ବାର୍ତ୍ତା, କବି ସମ୍ମିଳନୀ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ଚମକ ଚାନ୍ଦିନୀ ଦାଶ, ବୀଣା ସାହୁ, ସ୍ୱର୍ଣ୍ଣ ପଣ୍ଡା, ସନ୍ଧ୍ୟାରାଣୀ ପୃଷ୍ଟିଙ୍କୁ ଦାୟିତ୍ୱ ଦିଆଯାଇଛି। ଏତଦବ୍ୟତୀତ ଗାନ୍ଧୀ ଶାନ୍ତି ସୁଧା ସମ୍ମାନ, ବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ ଓ 'ଓଡିଶା ଗସ୍ତରେ ଗାନ୍ଧୀ' ଶୀର୍ଷକ ପ୍ରଦର୍ଶନୀ କରାଯିବ ବୋଲି ସଭାପତି ଡ. ଅଞ୍ଜଳି ତ୍ରିପାଠୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ନିହାରିକା ପଟ୍ଟନାୟକ, ସହ ସମ୍ପାଦିକା ଲୀନା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଧା ରାଜଧାନୀ ବୁଡ଼ାଇଲା ବର୍ଷା


ଭୁବନେଶ୍ୱରରେ ସୋମବାର ହୋଇଥିବା ବର୍ଷା ସମୟରେ ଇସ୍କନ ସମ୍ମୁଖ ରାସ୍ତାରେ କାର୍ ଓ ଅଟୋ ଅଧା ବୁଡ଼ି ରହିଛି।




ବିଧାନସଭା ସମ୍ମୁଖ ରାସ୍ତା।


ଜନପଥର ମାଷ୍ଟରକ୍ୟାଣ୍ଟିନ ଛକରୁ ରାଜମହଲ।


ଇସ୍କନ ସମ୍ମୁଖ ରାସ୍ତାରେ ଜମି ଥିବା ପାଣିରେ ଜଣେ ଅଭିଭାବକ ନିଜ ପିଲାଙ୍କୁ ସାଇକେଲରେ ବସାଇ ନେଉଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୭ ସେପ୍ଟେମ୍ବର, ୨୦୨୨



ପାକିସ୍ତାନର ସୂଚନା ମନ୍ତ୍ରୀ ମରିୟମ୍ ଔରଙ୍ଗଜେବ୍ ନିକଟରେ ଲଣ୍ଡନର ଏକ କାଫେରେ ହଟହଟା ହେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଲଣ୍ଡନରେ ଥିବା ସମର୍ଥକମାନେ କହିଛନ୍ତି, ବନ୍ୟାରେ ଦେଶବାସୀ କଷ୍ଟରେ ଥିବାବେଳେ ସରକାରୀ ଅର୍ଥରେ ମନ୍ତ୍ରୀ ଲଣ୍ଡନରେ ମଉଜ କରୁଛନ୍ତି। ଜାତିସଂଘର ୭୭ତମ ସାଧାରଣ ସଭାରେ ଯୋଗ ଦେବା ଲାଗି ପାକ୍ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍‌ଙ୍କ ଝିଅ ମରିୟମ୍ ବିଦେଶ ଯାଇଥିଲେ।



## ସଂକ୍ଷେପରେ

### ଖାତକୁ ଗାଡ଼ି ଖସି ୭ ମୃତ

ସିମ୍ଲା,୨୬।୯ (ପି.ଟି.): ହିମାଚଳପ୍ରଦେଶର କୁଲ୍ଲୁ ଜିଲାରେ ଏକ ଟେମ୍ପୋ ଖାତକୁ ଖସିପଡ଼ିବାରୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ରବିବାର ରାତିରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ୫ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବାବେଳେ ହସ୍ପିଟାଲରେ ଆଉ ୨ ଜଣ ଆଖି ବୁଜିଛନ୍ତି। ଆହତମାନଙ୍କୁ କୁଲ୍ଲୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପର୍ଯ୍ୟଟକମାନେ ଦିଲ୍ଲୀ, ମଧ୍ୟପ୍ରଦେଶ ଓ ରାଜସ୍ଥାନରୁ ଆସିଥିଲେ। ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଏବଂ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଶୋକବ୍ୟକ୍ତ କରିଛନ୍ତି।

# ଶାହରୁଖଙ୍କୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି



ସୁପ୍ରିମକୋର୍ଟ ପକ୍ଷରୁ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ୨୦୧୭ରେ ଭଦୋଦରା ରେଳ ଷ୍ଟେଶନ୍‌ରେ ଗହଳି ଜମାଇବା ମାମଲାରେ ଗୁଜରାଟ ହାଇକୋର୍ଟ ନେଇଥିବା ନିଷ୍ପତ୍ତିରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବେ ନାହିଁ ବୋଲି ସୋମବାର ଜଷ୍ଟିସ୍ ଅଜୟ ରସ୍ତୋଗି, ଜଷ୍ଟିସ୍ ସି.ଟି. ରବି କୁମାରଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଚଳିତ ବର୍ଷ ଏପ୍ରିଲ ୨୭ରେ ଗୁଜରାଟ ହାଇକୋର୍ଟରେ ମାମଲାର ଶୁଣାଣି ହୋଇଥିଲା। ଶାହରୁଖଙ୍କ ବିରୋଧରେ ହୋଇଥିବା ଆପରାଧିକ ମାମଲାକୁ କୋର୍ଟଙ୍କ ପକ୍ଷରୁ ଖାରଜ କରାଯାଇଥିଲା। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ୨୦୧୭ରେ ଫିଲ୍ମ 'ରଇଜ୍'ର ପ୍ରମୋଶନ୍ ପାଇଁ ଶାହରୁଖ ମୁମ୍ବାଇରୁ ଦିଲ୍ଲୀ ଯାଉଥିବା ଏକ ଟ୍ରେନ୍‌କୁ ବୁକ୍ କରିଥିଲେ। ଶାହରୁଖ ପ୍ରଡକ୍ସନ୍ ଟିମ୍ ସହ ଯାତ୍ରା କରୁଥିବାବେଳେ ଭଦୋଦରା ରେଳଷ୍ଟେଶନରେ ଲୋକଙ୍କ ଭିଡ଼ ଜମିଥିଲା। ଭିଡ଼ ଦେଖି ଶାହରୁଖ ଲୋକଙ୍କ ଆଡ଼କୁ ଟିସର୍ଟ ଓ ସ୍ମାଇଲ୍ ବଲ୍ ଫୋପାଡ଼ିବା ଯୋଗୁ ରେଳଷ୍ଟେସନରେ ଅଧିକ ଗହଳି ହୋଇଯାଇଥିବା ଅଭିଯୋଗକାରୀ ଜିତେନ୍ଦ୍ର ମଧୁଭାଇ ସୋଲାଙ୍କ ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲେ।

# ଜାକ୍‌ଲିନ୍‌ଙ୍କୁ ଆଗୁଆ ଜାମିନ



୨୦୦ କୋଟି ଟଙ୍କା ମନିଲଣ୍ଡରିଂ ମାମଲାରେ କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ରଶେଖରଙ୍କ ସହ ସମ୍ପୃକ୍ତି ଅଭିଯୋଗରେ ବଲିଉଡ୍ ଅଭିନେତ୍ରୀ ଜାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କୁ ସୋମବାର ଦିଲ୍ଲୀର ଏକ ଅଦାଲତ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଶୈଳେନ୍ଦ୍ର ମଲିକ୍ ଅଭିନେତ୍ରୀଙ୍କୁ ୫୦,୦୦୦ ଟଙ୍କାର ବ୍ୟକ୍ତିଗତ ବଣ୍ଡ୍ ବଦଳରେ ଜାମିନ ପ୍ରଦାନ କରିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୨୨କୁ ଧାର୍ଯ୍ୟ କରିଛନ୍ତି। ଗତ ମାସ ୩୧ରେ ପୂର୍ବତନ ବିଚାରପତି ପ୍ରବୀଣ ସିଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦାଖଲ କରିଥିବା ଅତିରିକ୍ତ ଚାର୍ଜଶିଟ୍‌କୁ ବିଚାରକୁ ନେଇ ଜାକ୍‌ଲିନ୍‌ଙ୍କୁ କୋର୍ଟରେ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ସହଯୋଗ ଲାଗି ଇଡି ଜାକ୍‌ଲିନ୍‌ଙ୍କୁ ଏକାଧିକ ଥର ସମନ କରିବା ପରେ ଅତିରିକ୍ତ ଚାର୍ଜଶିଟ୍‌ରେ ତାଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ଜାକ୍‌ଲିନ୍ ଏବଂ ନୋରା ଫତେହି ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କଠାରୁ ଲକ୍‌ଜୁରୀ କାର୍ ସମେତ ଅନେକ ଦାମୀ ଉପହାର ପାଇଥିବା ଜେରାବେଳେ ସ୍ୱୀକାର କରିଥିଲେ।

### ଆଜି ଆବେଙ୍କ ଶେଷକୃତ୍ୟ

#### ଯୋଗଦେବେ ମୋଦି


ଶିଞ୍ଜୋ ଆବେ

ଟୋକିଓ, ୨୬।୯: ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ଅନ୍ତିମ ସଂସ୍କାର ମଙ୍ଗଳବାର ଟୋକିଓରେ ଅନୁଷ୍ଠିତ ହେବ। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ୨୧୭ ଦେଶ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧି ଯୋଗ ଦେବେ। ଭାରତ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆବେଙ୍କ ଷ୍ଟେଟ୍ ଫ୍ୟୁନେରାଲରେ ସାମିଲ ହେବେ। ଆବେଙ୍କ ଜଘନ୍ୟ ହତ୍ୟାକାଣ୍ଡ ପରେ ଦେଶରେ ନୂଆ ପୋଲିସ ସୁରକ୍ଷା ଗାଇଡ୍‌ଲାଇନ୍ ଲାଗୁ କରାଯାଇଛି। ତେବେ ଜୁଲାଇ ୮ ତାରିଖରେ ଆବେଙ୍କ ମୃତ୍ୟୁ ପରେ ଏହା ହେଉଛି ଦେଶରେ ପ୍ରଥମ ସାମୂହିକ କାର୍ଯ୍ୟକ୍ରମ। ସମ୍ରାଟ୍ ନାରୁହିଟୋ, ସମ୍ରାଜ୍ଞୀ ମାସାକୋ କାର୍ଯ୍ୟକ୍ରମରେ ଯୋଗ ଦେବେ ନାହିଁ। ସେମାନଙ୍କ ବଦଳରେ ରାଜପରିବାର ପ୍ରତିନିଧି ଆବେଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ସାମିଲ ହେବେ।

### ଦଳୀୟ ଚିହ୍ନ ଆବଣ୍ଟନ ନେଇ ପିଟିଶନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୨୬।୯ (ପି.ଟି.): ନିର୍ବାଚନ ପାଇଁ ଦଳୀୟ ଚିହ୍ନ ଆବଣ୍ଟନ ପ୍ରସଙ୍ଗରେ ହୋଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏହା ନିର୍ବାଚନ ପ୍ରକ୍ରିୟାରେ ବିଶୃଙ୍ଖଳା ସୃଷ୍ଟି କରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ନିର୍ବାଚନ ଚିହ୍ନ ମଞ୍ଜୁରୀ କରିବାରେ ନିର୍ବାଚନ କମିଶନଙ୍କର କୌଣସି କ୍ଷମତା ନାହିଁ ଦର୍ଶାଇ ଦାଏର ଏକ ପିଟିଶନକୁ ଗତବର୍ଷ ଆଲ୍ଲାହାବାଦ ହାଇକୋର୍ଟ ଖାରଜ କରିଦେଇଥିଲେ। ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠ ଶୁଣାଣି ବେଳେ କହିଥିଲେ, ଆବେଦନକାରୀ ନିୟମାବଳୀକୁ ଠିକ୍ ଭାବେ ପଢ଼ିନାହାନ୍ତି। ଆବେଦନକାରୀ ଜଣେ ପେସାଦାର ଆଇନଜୀବୀ ହୋଇଥିବାବେଳେ ତାଙ୍କର ଏଭଳି ପିଟିଶନ ଅଦାଲତଙ୍କ ମୂଲ୍ୟବାନ ସମୟ ନଷ୍ଟ କରୁଛି। ଖଣ୍ଡପୀଠ ପିଟିଶନକୁ ଖାରଜ କରିଦେବା ସହ ୨୫,୦୦୦ ଟଙ୍କାର ଜରିମାନା ଲଗାଇଛନ୍ତି।

### ପାକିସ୍ତାନ ସେନା ହେଲିକପ୍ଟର ଦୁର୍ଘଟଣା: ୬ ଅଫିସର ନିହତ

ଇସ୍‌ଲାମାବାଦ, ୨୬।୯: ପାକିସ୍ତାନର ବାଲୋଚିସ୍ତାନ ପ୍ରଦେଶରେ ରବିବାର ରାତିରେ ଏକ ସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ମେଜରଙ୍କ ସମେତ ମୋଟ ୬ ସେନା ଅଧିକାରୀଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ଗତ ମାସରେ ମଧ୍ୟ ଏହି ପ୍ରଦେଶରେ ଆଉ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ମଧ୍ୟ ୬ ଜଣଙ୍କ ମୃତ୍ୟୁ ଘଟିଥିଲା।

# ସୀମା ଟପିଲେ ଭୟଙ୍କର ପରିଣାମ

ମସ୍କୋ/ୱାଶିଂଟନ୍, ୨୬।୯



ଲୁହାନସ୍କରେ ଏକ ରାସ୍ତା ପାର୍ଶ୍ୱରେ ଲଗାଯାଇଥିବା ବୋର୍ଡରେ 'ରୁଷିଆ ଫର୍ ଏଭର' ଲେଖାଯାଇଛି।

ପ୍ରାୟ ୭ ମାସ ଧରି ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଦିନକୁ ଦିନ ଅଧିକ ଜଟିଳ ହେବାରେ ଲାଗିଛି। ୟୁକ୍ରେନ୍‌ର ଖର୍କିଭ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରୁ ରୁଷିଆ ସୈନ୍ୟ ପଛଘୁଞ୍ଚା ଦେବା ପରେ ଏବେ କ୍ରେମଲିନ୍ ୟୁରୋପକୁ ଆଣବିକ ଆକ୍ରମଣ ଧମକ ଦେଉଛି। ଏହି ଧମକ ଅତିରଞ୍ଜିତ ନୁହେଁ ଏବଂ ରୁଷିଆର ସୁରକ୍ଷା ବିପଦରେ ପଡ଼ିଲେ ଅଣୁ ଅସ୍ତ୍ର ବ୍ୟବହାର କରାଯିବ ବୋଲି ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ କହିସାରିଛନ୍ତି। ଏହାବାଦ୍ ପୂର୍ବ ୟୁକ୍ରେନ୍‌ର ଲୁହାନ୍‌ସ୍କ, ଡୋନେସ୍କ, ଖେରସନ୍, ଜାପୋରିଜିଝିଆକୁ ରୁଷିଆ ନିଜ ଭୂଖଣ୍ଡରେ ସାମିଲ କରାଇବା ପାଇଁ ସେଠାରେ ଗଣଭୋଟ ଆୟୋଜନ କରିଛି। ଯଦି ଏହି ଅଞ୍ଚଳଗୁଡ଼ିକୁ କେହି ଦଖଲ କରିବାକୁ ଚେଷ୍ଟା କରନ୍ତି ତେବେ ରୁଷିଆ ସେଠାରେ ନିଜର ପୁରା ଶକ୍ତି ଲଗାଇବ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ଧମକ ଦେଇଛନ୍ତି। ଏହାକୁ ନେଇ ଆମେରିକା ରୁଷିଆକୁ ଚେତାବନୀ ଦେଇଛି। ମସ୍କୋ ନିଜ ସୀମା ଭିତରେ ନ ରହିଲେ ଏହାର ଭୟଙ୍କର ପରିଣାମ ଭୋଗିବ ବୋଲି ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକି ସୁଲେଭାନ୍ କହିଛନ୍ତି।

ୟୁକ୍ରେନ୍‌ର ଭୂମିକୁ ରୁଷିଆ ଦଖଲକୁ ନେବା ନାଟୋ ଓ ମସ୍କୋ ମୁହାଁମୁହିଁ ହେବା ଭଳି ସ୍ଥିତି ଉପୁଜାଇଛି। କାରଣ ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକ ୟୁକ୍ରେନ୍‌କୁ ସାମରିକା ସହାୟତା ଯୋଗାଇଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ସାକ୍ଷାତକାରରେ ସୁଲେଭାନ କହିଛନ୍ତି, ୟୁକ୍ରେନ୍ ବିରୋଧରେ ରୁଷିଆ ଅଣୁ ଅସ୍ତ୍ର ବ୍ୟବହାର କଲେ ଆମେରିକା ଏହାର କଡ଼ା ଜବାବ ଦେବ। ଏହା ମସ୍କୋକୁ ମହଙ୍ଗା ପଡ଼ିବ। ଶନିବାର ଜାତିସଂଘର ସାଧାରଣ ସଭା (ୟୁଏନ୍‌ଜିଏ)ରେ ଭାଷଣ ଦେଇ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରେଗି ଲାଭ୍ରୋଭ୍ କହିଥିଲେ, ରୁଷିଆ ଏହାର ସୀମା ଏବଂ

### ରୁଷିଆକୁ ଆମେରିକାର ଚେତାବନୀ

ଆଗକୁ ଦେଶର ସମ୍ବିଧାନରେ ସାମିଲ ହେବାକୁ ଥିବା ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ମସ୍କୋର ସୁରକ୍ଷା ପ୍ରାପ୍ତ। ଏଥିସହ ୟୁକ୍ରେନ୍‌ରେ ନାଜି ସମର୍ଥକଙ୍କୁ ଚତୁରତାର ସହ ଶାସନରେ ଅବସ୍ଥାପିତ କରାଯାଇଛି ବୋଲି ସେ ଦାବି କରିଥିଲେ। ପ୍ରକାଶ ଥାଉ କି, ରୁଷିଆ ସେନା ଦଖଲରେ ଥିବା ଉକ୍ତ ୪ ଅଞ୍ଚଳର ୟୁକ୍ରେନ୍‌ର ପ୍ରାୟ ୧୫%। ଏହା ପର୍ତ୍ତୁଗାଲର ଆକାର ସହ ପ୍ରାୟ ସମାନ। ଏଥିସହ ୨୦୧୪ରେ ରୁଷିଆ କବ୍‌ଜା କରିଥିବା ୟୁକ୍ରେନ୍‌ର କ୍ରିମିଆ ଉପଦ୍ୱୀପ ବେଲ୍‌ଜିୟମ ଆକାରର।

### ପୁଟିନ୍ ଅଣୁ ଅସ୍ତ୍ର ବ୍ୟବହାର କରିପାରନ୍ତି: ଜେଲେନ୍‌ସ୍କି

କିଭ୍, ୨୬।୯: ଅଣୁଅସ୍ତ୍ର ବ୍ୟବହାର ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଧମକ ଦେଉଥିବା ଅତିରଞ୍ଜିତ ନୁହେଁ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏହା କେବଳ ଏକ ଧମକ ବୋଲି ଲାଗୁଥିଲେ ହେଁ ପୁଟିନ ଏପରି କରିପାରନ୍ତି ବୋଲି ଜେଲେନ୍‌ସ୍କି ପ୍ରକାଶ କରିଛନ୍ତି। ପୁଟିନ୍‌ଙ୍କ ଏହି ଚେତାବନୀ କେବଳ ୟୁରୋପକୁ ବ୍ଲାକ୍‌ମେଲ କରିବା ପାଇଁ ଉଦ୍ଦିଷ୍ଟ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ପୂର୍ବରୁ କହିଥିଲେ ହେଁ ଏବେ ତାହାକୁ ଗୁରୁତର ସହ ନେବାକୁ ବିଶ୍ୱ ସମୁଦାୟକୁ ନିବେଦନ କରିଛନ୍ତି।

# ରୁଷିଆ ସ୍କୁଲରେ ଗୁଳି, ୧୫ ମୃତ



ମସ୍କୋ, ୨୬।୯

- ମୃତକଙ୍କ ମଧ୍ୟରେ ୧୧ ଛାତ୍ରୀଛାତ୍ର
- ନିଜ ଗୁଳିରେ ଟଳିଲେ ଆତତାୟୀ
- ଟି-ଶର୍ଟରେ ସ୍ୱସ୍ତିକା ଚିହ୍ନ, ନାଜି ଲିଙ୍କ୍ ସନ୍ଦେହ

ରୁଷିଆର ଇଜେଭ୍‌ସ୍କ ସହରରେ ଥିବା ଏକ ସ୍କୁଲରେ ଜଣେ ଆତତାୟୀ ସୋମବାର ଆଖିବୁଜା ଗୁଳି ଚଳାଇଛନ୍ତି। ଏଥିରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୪ ଗୁରୁତର ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୧ ସ୍କୁଲ ପିଲା ରହିଛନ୍ତି। ଅଭିଯୁକ୍ତଙ୍କ ନାଁ ଆର୍ଟେମ କାଜାଣ୍ଟସେଭ୍ (୩୦) ବୋଲି ଜଣାପଡ଼ିଛି। ଆର୍ଟେମ ସେହି ସ୍କୁଲର ଛାତ୍ର ଥିଲେ। ହତ୍ୟାକାଣ୍ଡ ପରେ ସେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ତାଙ୍କ ଟି-ଶର୍ଟରେ ସ୍ୱସ୍ତିକା ଚିହ୍ନ ଥିବାରୁ ଆତତାୟୀଙ୍କ ନାଜି ଲିଙ୍କ୍ ଥିବା ପୋଲିସ ସନ୍ଦେହ କରୁଛି।

ଘଟଣାଦିନ ସ୍କୁଲ ନମ୍ବର-୮୮ରେ ପ୍ରାୟ ୧ ହଜାର ଛାତ୍ରୀଛାତ୍ର ଥିଲେ। ଆର୍ଟେମ ୨ଟି ବନ୍ଧୁକ ଧରି ସ୍କୁଲ ଭିତରେ ପଶି ସେଠାରେ ଥିବା ପିଲା ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଗୁଳି କରିଥିଲେ। ଆର୍ଟେମକୁ ରୋକିବାକୁ ଉଦ୍ୟମ ବେଳେ ୨ ସିକ୍ୟୁରିଟି ଗାର୍ଡ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଶିକ୍ଷକ ମଧ୍ୟ ଅଛନ୍ତି। ଘଟଣା ପରବର୍ତ୍ତୀ ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ ହୋଇଛି। ସ୍କୁଲ ଚଟାଣ ସାରା ରକ୍ତ ଛିଟା ପଡ଼ିଥିବା ଏଥିରେ ଦେଖିବାକୁ ମିଳିଛି। ପୋଲିସ ହତ୍ୟାକାରୀଙ୍କ ବାବଦରେ ଅଧିକ ତଥ୍ୟ ସଂଗ୍ରହ କରୁଛି। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏହାକୁ ଆତଙ୍କବାଦୀ କାର୍ଯ୍ୟ କହିବା ସହ ଏଥିରେ ଫାସୀବାଦୀ ସଙ୍ଗଠନର ହାତ ଥିବା ଅଭିଯୋଗ ଆଣିଛନ୍ତି।

# କେନ୍ଦ୍ର, ରାଜ୍ୟ ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୬।୯ (ପି.ଟି.)

### ବାହାର ରାଜ୍ୟରେ ବିଜ୍ଞାପନ ପ୍ରକାଶନ ବନ୍ଦ ଲାଗି ଆବେଦନ



ନିଜ ଅଞ୍ଚଳ ବାହାରେ ରାଜ୍ୟ ସରକାରମାନେ ପ୍ରକାଶ କରୁଥିବା ବିଜ୍ଞାପନ ବନ୍ଦ ରଖିବା ପାଇଁ ହୋଇଥିବା ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହିମା କୋହଲିଙ୍କ ଖଣ୍ଡପୀଠ ପକ୍ଷରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ସମସ୍ତ ରାଜ୍ୟକୁ ନୋଟିସ୍ ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍ୟ ଅଞ୍ଚଳରେ ପ୍ରକାଶ କରାଯାଉଥିବା ବିଜ୍ଞାପନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେବା ଲାଗି କମନ୍ କଜ୍ ନାମକ ଏନ୍‌ଜିଓ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ରାଜ୍ୟ ବାହାରେ ବିଜ୍ଞାପନ ଛାପିବାରୁ ଆମେ ରାଜ୍ୟ ସରକାରଙ୍କୁ କିପରି ଅଟକାଇପାରିବୁ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଅନ୍ୟ ରାଜ୍ୟବାସୀଙ୍କୁ ନିଜ ରାଜ୍ୟରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟକୁ ଦେଖାଇ ସରକାର ପୁଞ୍ଜି ଆକର୍ଷଣ କରିବାକୁ ଚାହୁଁଥାଇପାରନ୍ତି। ଏନ୍‌ଜିଓ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ କରିଥିଲେ, ପୁଞ୍ଜିନିବେଶ ପାଇଁ ନୁହେଁ, ନିଜ କାର୍ଯ୍ୟକୁ ଅନ୍ୟ ରାଜ୍ୟରେ ପ୍ରଚାର କରାଇବା ନିମନ୍ତେ ନିର୍ବାଚନ ସମୟରେ ଏଭଳି ବିଜ୍ଞାପନ ପ୍ରକାଶ କରାଯାଉଛି। ରାଜନୈତିକ ଦଳ ସରକାରୀ ଅର୍ଥରେ ନିଜ ସଫଳତାର ପ୍ରଚାର କରିପାରିବେ ନାହିଁ। ଏଥିପାଇଁ ସେମାନେ ଦଳୀୟ ପାଣ୍ଠିର ଉପଯୋଗ କରନ୍ତୁ ବୋଲି ପ୍ରଶାନ୍ତ ଭୂଷଣ ଯୁକ୍ତି ଦର୍ଶାଇଥିଲେ।

# ଟ୍ରାକ୍ଟର ଟ୍ରଲି ଜଳାଶୟରେ ଖସି ୧୦ ମୃତ

ଲକ୍ଷ୍ନୌ,୨୬।୯ (ପି.ଟି.)

ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର ଟ୍ରଲି ସୋମବାର ସକାଳେ ଲକ୍ଷ୍ନୌ ଉପକଣ୍ଠ ଏକ ପୁଷ୍କରିଣୀକୁ ଖସି ପଡ଼ିବାରୁ ୧୦ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୩୭ ଜଣ ଆହତ ହୋଇଛନ୍ତି। ଟ୍ରାକ୍ଟରରେ ୪୭ ଜଣ ଯାତ୍ରୀ ଏକ ମୁଣ୍ଡନ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଉନ୍ନାଇ ଗ୍ରାମସ୍ଥିତ ଦୁର୍ଗାଦେବୀ ମନ୍ଦିରକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ଜିଲାପାଳ ସୂର୍ଯ୍ୟପାଲ ଗଙ୍ଗୱାର କହିଛନ୍ତି। ମୃତକଙ୍କ ମଧ୍ୟରେ ୮ ଜଣ ମହିଳା ଥିବାବେଳେ ଅନ୍ୟ ୨ ଜଣ ଶିଶୁ। ସେମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବା ଲାଗି ଘୋଷଣା କରାଯାଇଛି। ଗୁରୁତର ଥିବା ଜଣେ ବ୍ୟକ୍ତିଙ୍କୁ କିଙ୍ଗ୍ ଜର୍ଜ ମେଡିକାଲ ୟୁନିଭର୍ସିଟିରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟମାନେ ଇଟାଉଞ୍ଜା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଚାଲିଛି।



ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଅଲ୍ ଇଣ୍ଡିଆ ବ୍ୟାଙ୍କ ପେନ୍‌ସନର ଏବଂ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ସଦସ୍ୟମାନେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ୟୁକ୍ରେନ୍‌ରେ ମଲେ ରୁଷୀୟ ସୈନ୍ୟଙ୍କ ପାପ ଧୋଇଯିବ: କିରିଲ

ମସ୍କୋ,୨୬।୯

ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ପ୍ରାଣ ତ୍ୟାଗ କରୁଥିବା ଯବାନଙ୍କ ଜୀବନର ସବୁପାପ ଧୋଇ ହୋଇଯିବ। ସେମାନେ ସହଜରେ ମୋକ୍ଷ ପାଇବେ। ରୁଷିଆ ସୌନ୍ୟଙ୍କ ମନୋବଳ ବଢ଼ାଇବା ପାଇଁ ଅର୍ଥୋଡୋକ୍ସ ଚର୍ଚ୍ଚ ମୁଖ୍ୟ ପାଟ୍ରିଆର୍ଚ କିରିଲ ଏହା କହିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଅତି ଘନିଷ୍ଠ ହେଉଛନ୍ତି କିରିଲ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣଙ୍କୁ ସେ ସମର୍ଥନ କରିବା ସହ ଯୁଦ୍ଧକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ନିକଟରେ ସମାଲୋଚନା କରିଥିଲେ। ରଣକ୍ଷେତ୍ରରେ ବହୁ ଲୋକ ମରୁଛନ୍ତି। ଏ ଯୁଦ୍ଧ ଖୁବ୍ ଶୀଘ୍ର ସମାପ୍ତ ହେଉ ବୋଲି ସେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଥିବା କହିଛନ୍ତି। ଯୁଦ୍ଧରେ ରୁଷୀୟ ସେନା ଧୀରେ ଧୀରେ ଅପସରିଯିବା କାରଣରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦେଶବାସୀଙ୍କୁ ସେନାରେ ଯୋଗ ଦେବା ପାଇଁ ଆହ୍ୱାନ ଦେଇଛନ୍ତି।

# ଶିକ୍ଷକଙ୍କ ମାଡ଼ରେ ଆହତ ଦଳିତ ଛାତ୍ରଙ୍କ ମୃତ୍ୟୁ

ଲକ୍ଷ୍ନୌ,୨୬।୯


ନିଖିତ ଡୋହରେ

ଉତ୍ତରପ୍ରଦେଶର ଔରାୟା ଜିଲାରେ ଶିକ୍ଷକଙ୍କ ମାଡ଼ରେ ଗୁରୁତର ଆହତ ହୋଇଥିବା ଦଶମ ଶ୍ରେଣୀର ଜଣେ ଦଳିତ ଛାତ୍ର ୧୯ ଦିନ ପରେ ଆଖି ବୁଜିଛନ୍ତି। ଗତ ୭ ତାରିଖରେ ସ୍କୁଲରେ ଚାଲିଥିବା ସାମାଜିକ ବିଜ୍ଞାନ ପରୀକ୍ଷାରେ ନିଖିତ ଡୋହରେ ନାମକ ୧୫ ବର୍ଷୀୟ ଛାତ୍ର ଗୋଟିଏ ଶବ୍ଦର ଭୁଲ୍ ବନାନ କରିବାରୁ ଉଚ୍ଚଜାତିର ଶିକ୍ଷକ ଜଣକ ତାଙ୍କୁ ଲୁହାରଡ୍‌ରେ ପିଟିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଇଟାୱା ଜିଲାର ଏକ ସ୍ପେଶିଆଲାଇଜ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଛାତ୍ର ବାପାଙ୍କ ଅଭିଯୋଗ ଅନୁଯାୟୀ, ଶିକ୍ଷକ ଅଶ୍ୱିନୀ ସିଂ ଅତି ନିର୍ଦ୍ଦୟ ଭାବେ ରଡ୍, ଲାଠିରେ ପିଟିବା ସହ ଗୋଇଠା ମାରିବାରୁ ଛାତ୍ରଜଣକ ସଂଜ୍ଞାହୀନ ହୋଇପଡ଼ିଥିଲେ।

# ଚାଷୀ ଆନ୍ଦୋଳନବେଳେ ଆକାଉଣ୍ଟ ବନ୍ଦ ନିର୍ଦ୍ଦେଶ ଦେଇଥିଲା କେନ୍ଦ୍ର

ବେଙ୍ଗାଲୁରୁ, ୨୬।୯

କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ଗତବର୍ଷ ଦିଲ୍ଲୀ ସୀମାରେ କୃଷକମାନେ ଆନ୍ଦୋଳନ କରୁଥିବାବେଳେ ଅନେକ ଟୁଇଟର ଆକାଉଣ୍ଟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ କେନ୍ଦ୍ର ଏହି ସୋସିଆଲ ମିଡିଆ ଜାଏଣ୍ଟକୁ ନିର୍ଦ୍ଦେଶ ଦେଇଥିଲା। ଏ ନେଇ ଟୁଇଟର ସୋମବାର କର୍ନାଟକ ହାଇକୋର୍ଟଙ୍କୁ ଜଣାଇଛି। ଟୁଇଟରର ନିୟମ ଅନୁସାରେ କେହି ୟୁଜର

### ହାଇକୋର୍ଟରେ ଜଣାଇଲା ଟୁଇଟର

ବାରମ୍ବାର ଅପରାଧଭିତ୍ତିକ ପୋଷ୍ଟ ନ କଲେ ସେମାନଙ୍କ ଆକାଉଣ୍ଟକୁ ସମ୍ପୂର୍ଣ୍ଣ ଭାବେ ବ୍ଲକ କରାଯାଇପାରିବ ନାହିଁ। ଏପରି ସ୍ଥିତିରେ ୟୁଜର୍ସଙ୍କ ଗୋଟିଏ କଣ୍ଟେଣ୍ଟ ହଟାଯାଇ ଏ ନେଇ ସେମାନଙ୍କୁ ନୋଟିସ୍ ଜାରି କରାଯିବା କଥା ବୋଲି ଟୁଇଟର ଜଷ୍ଟିସ୍ କ୍ରିଷ୍ଣା ଏସ୍ ଦିକ୍ଷୀତଙ୍କ ଖଣ୍ଡପୀଠଙ୍କୁ କହିଛି। ୨୦୨୧ ଫେବୃୟାରୀରୁ ୨୦୨୨ ଫେବୃୟାରୀ ମଧ୍ୟରେ ୧୦ ଟୁଇଟର ଆକାଉଣ୍ଟ ବ୍ଲକ କରିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବା ପ୍ରସଙ୍ଗରେ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ପାଇଁ ଓକିଲାତି କରୁଥିବା ବରିଷ୍ଠ ଆଇନଜୀବୀ ଅରବିନ୍ଦ ଏସ୍ ଦତାର କହିଛନ୍ତି, ଆଇଟି ଆକ୍ଟର ଧାରା ୬୯ ଅନୁସାରେ କୌଣସି ଆକାଉଣ୍ଟକୁ ଏପରି ବ୍ଲକ କରାଯାଇପାରିବ ନାହିଁ। ଯଦି ଖବରକାଗଜ, ଟେଲିଭିଜନରେ କୃଷକ ଆନ୍ଦୋଳନ ଖବର ପରିବେଷଣ କରାଯାଇପାରିବ ତେବେ ଟୁଇଟରରେ ତାହା କାହିଁକି ହୋଇପାରିବ ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ସରକାରଙ୍କୁ ସମାଲୋଚନା ଅଧିକାର ନାଗରିକମାନଙ୍କର ରହିଛି ବୋଲି ସେ କହିଥିଲେ। ଏହାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୭ରେ ହେବ। ସୂଚନାଯୋଗ୍ୟ, ଆକାଉଣ୍ଟ ବ୍ଲକ କରିବା ନିର୍ଦ୍ଦେଶ ବିରୋଧରେ ଟୁଇଟର ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲା। ଏହା ଅସାମ୍ବିଧାନିକ ଏବଂ ଆଇଟି ଆଇନର ଉଲ୍ଲଙ୍ଘନ ବୋଲି ଟୁଇଟର ଦର୍ଶାଇଥିଲା। ତେବେ ସମୂହ ଏବଂ ଜାତୀୟ ସ୍ୱାର୍ଥ ଉଦ୍ଦେଶ୍ୟରେ ଓ କୌଣସି ପ୍ରକାର ହିଂସାକାଣ୍ଡ ରୋକିବା ନିମନ୍ତେ କେତେକ ଆକାଉଣ୍ଟ ବ୍ଲକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ପୂର୍ବରୁ କେନ୍ଦ୍ର କହିଥିଲା।

**ସରକାର ବିକିବେ ୩ କୋଟିରୁ ଅଧିକ ସେୟାର**

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ଖୁବଶୀଘ୍ର ଆଉ ଏକ କମ୍ପାନିର ଆଇପିଓ ଆଣିବାକୁ ଯୋଜନା କରୁଛନ୍ତି। ଏପରିକି ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ଅଧିନରେ ଥିବା ୱାପକୋସ ଲିମିଟେଡ୍ ନିକଟରେ ତା'ର ଆଇପିଓ ପାଇଁ ମାର୍କେଟ ରେଗୁଲେଟର ସେବି ପାଖରେ ପ୍ରାରମ୍ଭିକ ପେପର୍ସ ଦାଖଲ କରିଛି। ଏହି ଇସ୍ୟୁ ସମ୍ପୂର୍ଣ୍ଣ ରୂପେ ସରକାରଙ୍କ ପକ୍ଷରୁ ଅଫର୍ ଫର ସେଲ୍ ଅଟେ। ଏହି ଇସ୍ୟୁରେ ସରକାର ୧୦ ଟଙ୍କାର ଫେସ୍ ଭେଲ୍ୟୁ ଥିବା ୩.୨୫ କୋଟି ଯାଏଁ ସେୟାର ବିକ୍ରି କରିବେ। ଆଇପିଓ ଜରିଆରେ କ୍ୱାଲିଫାଇଡ୍ ଇନଷ୍ଟିଚ୍ୟୁସନାଲ ବାୟର୍ସଙ୍କ ପାଇଁ ୫୦% ରୁ ଅଧିକ ବଣ୍ଟନ ହେବ ନାହିଁ।

# ୪ ଦିନରେ ୧୩.୩ ଟ୍ରିଲିୟନ ହରାଇଲେ ନିବେଶକ

**ନୂଆଦିଲ୍ଲୀ,୨୬।୯**



ଇକ୍ୱିଟି ନିବେଶକଙ୍କ ସମ୍ପତ୍ତି ଗତ ୪ଦିନର ବଜାର କାରବାର ମଧ୍ୟରେ ୧୩.୩ ଟ୍ରିଲିୟନରୁ ଅଧିକ ହ୍ରାସ ପାଇଛି। ବିଶ୍ୱ ବଜାରରେ ତୀବ୍ର ବିକ୍ରୟ ମଧ୍ୟରେ କ୍ରମାଗତ ଚତୁର୍ଥ ସିଧାସଳଖ ଦିନ ପାଇଁ ନିବେଶକମାନେ ନିରାଶ ହୋଇଛନ୍ତି। ବିଶେଷ କରି ୩୦-ସେୟାର ବିଏସଇ ସେନସେକ୍ସ ୯୫୩.୭୦ ପଏଣ୍ଟ ବା ୧.୬୪% ହ୍ରାସ କରି ୫୭,୧୪୫.୨୨ ଅଙ୍କରେ ସ୍ଥିର ହୋଇଛି। ଏପରିକି ସୋମବାର ଏହା ୧,୦୬୦.୬୮ ପଏଣ୍ଟ ବା ୧.୮୨% କାରବାର ହ୍ରାସ ପାଇ ୫୭,୦୩୮.୨୪ ଅଙ୍କରରେ ପହଞ୍ଚିଛି। ଅପରପକ୍ଷରେ ଗତ ୪ ଦିନ ମଧ୍ୟରେ ବିଏସଇ ମାନଦଣ୍ଡ (ବେଞ୍ଚମାର୍କ) ୨,୫୭୪.୫୨ ପଏଣ୍ଟ ବା ୪.୩୧% ହ୍ରାସ ପାଇଛି। ସେହିଭଳି ବିଏସଇ ତାଲିକାଭୁକ୍ତ ସଂସ୍ଥାଗୁଡ଼ିକର ବଜାର ପୁଞ୍ଜିକରଣ ଗତ ୪ଟି ଅଧିବେଶନରେ ୧୩,୩୦,୭୫୩.୪୨ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୨,୭୦,୧୧,୪୬୦.୧୧ ଲକ୍ଷ କୋଟିରେ ପହଞ୍ଚିଛି। ସେହିପରି ଗତ ୪ଟି ବାଣିଜ୍ୟ ଅଧିବେଶନରେ ଘରୋଇ ଇକ୍ୱିଟିଗୁଡ଼ିକ ୪%ରୁ ଅଧିକ ସଂଶୋଧିତ ହୋଇଛି, କାରଣ ବିଶ୍ୱର ଅନିଶ୍ଚିତତା ବଜାର ଭାବନା ଉପରେ ଏହା ପ୍ରାଧାନ୍ୟ ଦେଇଥାଏ। ଏହି ତୀବ୍ର ବିକ୍ରୟ ପରେ ଏକ ସ୍ୱଳ୍ପ ବାଉନ୍ସ ଦେଖିବାକୁ ମିଳେ ତଥାପି ବଜାରର ସାମଗ୍ରିକ ଭାବେ ଦୁର୍ବଳ ରହିଛି। ବିଶେଷ କରି ଚଳିତ ସପ୍ତାହ ଶେଷ ସୁଦ୍ଧା ଆରବିଆଇ ଏମପିସି ସମ୍ପର୍କୀତ ସତର୍କତା ଅବଲମ୍ବନ କରିବ ବୋଲି ରିଟେଲ ରିସର୍ଚ୍ଚ ମୋତିଲାଲ ଓସୱାଲ ଆର୍ଥିକ ସେବା ଲିର ମୁଖ୍ୟ ସିଦ୍ଧାର୍ଥ ଖେମା ମତବ୍ୟକ୍ତ କରିଛନ୍ତି। ସୋମବାର ୩୦-ସେୟାର ସେନସେକ୍ସ ମଧ୍ୟରେ ମାରୁତି, ଟାଟା ଷ୍ଟିଲ, ଆଇଟିସି, ଆକ୍ସିସ୍ ବ୍ୟାଙ୍କ, ଏନଟିପିସି, ବଜାଜ ଫାଇନାନ୍ସ, ଇଣ୍ଡସଇଣ୍ଡବ୍ୟାଙ୍କ ଏବଂ ମହିନ୍ଦ୍ରା ଏବଂ ମହିନ୍ଦ୍ରା ସର୍ବାଧିକ କ୍ଷତି ସହିଥିବା ବେଳେ ଏଚସିଏଲ୍ ଟେକ୍ନୋଲୋଜି, ଏସିଆନ ପେଣ୍ଟସ୍, ଇନଫୋସିସ୍, ଅଲଟ୍ରାଟେକ୍ ସିମେଣ୍ଟ, ଟିସିଏସ୍, ନେସଲେ ଏବଂ ୱିପ୍ରୋ ଭଳି ନିବେଶକ ଲାଭରେ ରହିଛନ୍ତି। ଅପରପକ୍ଷରେ ଏକ ବ୍ୟାପକ ବଜାର ମଧ୍ୟରେ ବିଏସଇ ସ୍ମଲ କ୍ୟାପ୍ ଗଜ୍ ୩.୩୩% ଏବଂ ମିଡକାପ୍ ଇଣ୍ଡେକ୍ସ ୨.୮୪% ହ୍ରାସ ପାଇଛି। ସେହିଭଳି ଆଇଟି ବ୍ୟତୀତ ସମସ୍ତ ବିଏସଏଫ ସେକ୍ଟରାଲ ଇଣ୍ଡେକ୍ସଗୁଡ଼ିକ କମ୍‌ରେ କାରବାର ଶେଷ କରିଛନ୍ତି। ଏପରିକି ରିଅଲିଟି ୪.୨୯%, ଅଟୋ ୩.୮୬%, ଉପଯୋଗିତା ୩.୭୨%, ଶକ୍ତି ୩.୭୧%, ଦ୍ରବ୍ୟ ୩.୩୨%, ଶକ୍ତି ୩.୧୭%, ତୈଳ ଏବଂ ଗ୍ୟାସ ୩.୧୦% ଏବଂ ଟେଲିଯୋଗାଯୋଗ ୨.୯୭% ହ୍ରାସ ପାଇଛି।

# ଶିକ୍ଷା ଋଣ ଦେବାକୁ ବ୍ୟାଙ୍କ ଅରାଜି

**ନୂଆଦିଲ୍ଲୀ,୨୬।୯**

ଗତ କିଛି ବର୍ଷ ହେବ ଭାରତର ସବୁ ବର୍ଗର ବ୍ୟାଙ୍କ ଶିକ୍ଷା ଋଣ ଦେବାକୁ ଅରାଜି ପ୍ରକାଶ କରୁଛନ୍ତି। କାରଣ ଉକ୍ତ ବ୍ୟାଙ୍କଗୁଡ଼ିକରୁ ଶିକ୍ଷା ଋଣ ନେଇଥିବା ଛାତ୍ରଛାତ୍ରୀମାନେ ପାଠପଢା ଶେଷ ପରେ ନିଯୁକ୍ତି ପାଇ ପାରୁନଥିବାରୁ ଠିକ୍ ସମୟରେ ସେମାନେ ଋଣ ଶୁଝିପାରୁନାହାନ୍ତି। ଫଳରେ ବ୍ୟାଙ୍କଗୁଡ଼ିକ ମଧ ଅବଧି ସମୟ ପରେ ମଧ ଋଣ ଅର୍ଥ ପାଇ ପାରୁନାହାନ୍ତି। ଏହାର ପ୍ରଭାବ ଦେଶରେ ଶିକ୍ଷା ଋଣ କ୍ଷେତ୍ରରେ ଅନାଦେୟ ଋଣ ବା ଏନପିଏ ଭାବେ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ବର୍ତ୍ତମାନ ଶିକ୍ଷା ଋଣରେ ଏନପିଏ ହାର ୮% ରେ ପହଞ୍ଚିଛି ବା ପ୍ରାୟ ୮୦ ହଜାର କୋଟି ଟଙ୍କାର ଶିକ୍ଷା ଋଣ ବକେୟା ରହିଛି।

# ଏସ୍‌ବିଆଇର ବଣିକ ସଂଯୋଗ ସମାରୋହ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୬।୯**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ)ର ଭୁବନେଶ୍ୱର ମଣ୍ଡଳ ଆନୁକୂଲ୍ୟରେ ବିବିପିଏସ ଏବଂ ଏସବିଆଇ ଇ-ପେର ଲୋକପ୍ରିୟତା ବଢାଇବା ପାଇଁ ସୋମବାର ଏକ ବଣିକ ସଂଯୋଗ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏସବିଆଇର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ର ଶେଖର ଶର୍ମା, ଉପ ମହାପ୍ରବନ୍ଧକ ଅମରେନ୍ଦ୍ର କୁମାର ଓ ସଞ୍ଜୟ ଝା ପ୍ରମୁଖ ଉପସ୍ଥିତ ଥିଲେ। ଏପରିକି ଏସବିଆଇର ମହାପ୍ରବନ୍ଧକ ପୋନ୍ନମବଲମ ମୁରୁଗାନ ପ୍ରାରମ୍ଭିକ ଅଭିଭାଷଣ ଜରିଆରେ ଉକ୍ତ ସଭାର ଉଦଘାଟନ କରିଥିଲେ। ବିଶେଷ କରି ଭାରତ ବିଲ୍ ପେମେଣ୍ଟ ସିଷ୍ଟମ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଏକ ଯୋଜନା।ଏହାଦ୍ୱାରା ଗ୍ରାହକ ଅତି ସହଜରେ ଅନେକ ସୁବିଧା ହାସଲ କରିଥାଏ। ସେହିଭଳି ଏହା ଜରିଆରେ ଗ୍ରାହକମାନେ ବିଦ୍ୟୁତ ବିଲ୍, ଟେଲିଫୋନ ବିଲ୍, ସ୍କୁଲ ଫିସ, ମ୍ୟୁନିସିପାଲିଟି ଟିକସ ଆଦି ପଇଠ କରିପାରିବେ। ଏହା ଉଭୟ ଗ୍ରାହକ ଏବଂ ବଣିକମାନଙ୍କ ପାଇଁ ବେଶ ସୁବିଧାଜନକ ଓ ସୁରକ୍ଷିତ ମଧ।ଅପରପକ୍ଷରେ ଏସବିଆଇ ମୁମ୍ବାଇରୁ ଆସିଥିବା ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ପାର୍ଥସାରଥି ପାତ୍ର ଉକ୍ତ ସେବା ବିଷୟରେ ବଣିକମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ପରିଶେଷରେ ଏସବିଆଇ ଉପମହାପ୍ରବନ୍ଧକ ଅମରେନ୍ଦ୍ର କୁମାର ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

# ଏସ୍‌ବିଆଇ କାର୍ଡର ଫେଷ୍ଟିଭ୍ ଅଫର

**ନୂଆଦିଲ୍ଲୀ,୨୬।୯**

ଚଳିତ ବର୍ଷର ପାର୍ବଣ ଉପଲକ୍ଷେ ଏସ୍‌ବିଆଇ କାର୍ଡ ପକ୍ଷରୁ ଫେଷ୍ଟିଭ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଚଳିତ ବର୍ଷ ଅକ୍ଟୋବର ୩୧ ପର୍ଯ୍ୟନ୍ତ କମ୍ପାନୀ ଅନେକ ଆକର୍ଷଣୀୟ ଅଫର ମଧ ପ୍ରଦାନ କରୁଛି। ଏପରିକି ୧୬୦୦ରୁ ଉର୍ଦ୍ଧ୍ୱ ଅଫର ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ ମର୍ଚ୍ଚାଣ୍ଟମାନଙ୍କ ଦ୍ୱାରା ଟିୟର-୧, ଟିୟର-୨ ଓ ଟିୟର-୩ ସହରଗୁଡ଼ିକରେ ପ୍ରଦାନ କରାଯାଉଛି। ସେହିପରି କମ୍ପାନୀ ତା'ର ଗ୍ରାହକମାନଙ୍କ ପାଇଁ ପାର୍ବଣ ସପିଂ ଅନୁଭୂତିକୁ ଆହୁରି ଆନନ୍ଦଦାୟକ କରିବାକୁ ଲକ୍ଷ୍ୟ ରଖିଛି। ଏହି ଅଫରଗୁଡ଼ିକୁ ବ୍ୟାପକ ଶ୍ରେଣୀୟ ଏବଂ ଲୋକପ୍ରିୟ ବର୍ଗରେ ପ୍ରଦାନ କରାଯାଉଛି। ଯେଉଁଥିରେ ଇଲେକ୍‌ଟ୍ରୋନିକ୍ସ, ମୋବାଇଲ୍, ଫେଶନ ଓ ଲାଇଫଷ୍ଟାଇଲ୍, ଜୁଏଲେରି, ଟ୍ରାଭେଲ୍ ଓ ଅନଲାଇନ୍ ମାର୍କେଟ୍‌ପ୍ଲେସ୍ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ଏସ୍‌ବିଆଇ କାର୍ଡ ଗ୍ରାହକମାନଙ୍କ ପାଇଁ ପାର୍ବଣ ଅଫରରେ ୭୦ଟି ଜାତୀୟ ଅଫର, ୧୫୫୦ ଆଞ୍ଚଳିକ ଓ ହାଇପରଲୋକାଲ୍ ଅଫର ୨୬୦୦ ସହରରେ ପ୍ରଦାନ କରାଯାଉଛି। ଏହି ପାର୍ବଣ ଅଫରର ଅଂଶସ୍ୱରୂପ ଗ୍ରାହକମାନେ ବିଭିନ୍ନ ପାର୍ଟନର ବ୍ରାଣ୍ଡ ମାଧ୍ୟମରେ ୨୨.୫% ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ଲାଭ କରିପାରିବେ। ଏ ସମ୍ପର୍କରେ ଏସବିଆଇ କାର୍ଡର ଏମ୍‌ଡି ଓ ସିଇଓ ରାମ ମୋହନ ରାଓ ଅମାରା କହିଛନ୍ତି, ପାର୍ବଣରେ ପ୍ରାୟତଃ ଗ୍ରାହକମାନେ ଯୋଜନାକୃତ ଭାବେ ବା ବିନା ଯୋଜନାରେ ସର୍ବାଧିକ ଖର୍ଚ୍ଚ କରିଥାନ୍ତି। ଏକ ଗ୍ରାହକକୈନ୍ଦ୍ରିକ ବ୍ରାଣ୍ଡ ଭାବେ ଆମେ ସର୍ବଦା ଗ୍ରାହକମାନଙ୍କର କ୍ରୟ ଅନୁଭୂତିରେ ଉନ୍ନତି ଆଣିବାକୁ ଚେଷ୍ଟା କରିଥାଉ, ତାହା ଅନଲାଇନ୍ ହେଉ ବା ଅଫଲାଇନ୍ କାରବାର। ସେହିଭଳି ଗ୍ରାହକମାନେ ଇଏମ୍‌ଆଇ ବିନା କୌଣସି ଅତିରିକ୍ତ ମୂଲ୍ୟରେ ୨୫ରୁ ଅଧିକ ଇଲେକ୍‌ଟ୍ରୋନିକ୍ସ ଓ ମୋବାଇଲ୍ ବ୍ରାଣ୍ଡ ଉପରେ ଉକ୍ତ ସୁବିଧା ପାଇପାରିବେ। ଏପରିକି ଗ୍ରାହକମାନେ ୧୫% କ୍ୟାଶବ୍ୟାକ୍ ସୁବିଧାକୁ ମଧ ବଛା ବଛା ରିଜିଓନାଲ୍ ମର୍ଚ୍ଚାଣ୍ଟଙ୍କଠାରୁ ପାଇପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଅରୁନ୍ଧତୀ ଜୁଏଲର୍ସର ଫେଷ୍ଟିଭ୍ ଧମାଲ




**ଭୁବନେଶ୍ୱର,୨୬।୯**

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ନିକଟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଫେଷ୍ଟିଭ୍ ଧମାଲ ଲକ୍ଷପତି ଲକି ଡ୍ର ବିଜେତା ଘୋଷିତ ହୋଇଯାଇଛି। ଏପରିକି ବିଗତ ୨୩ ବର୍ଷ ଧରି ପ୍ରତିଷ୍ଠାନ ପାଳନ କରିଆସୁଥିବା ଫେଷ୍ଟିଭ୍ ଧମାଲ୍ ମହୋତ୍ସବ ଚଳିତ ବର୍ଷ ରାଉରକେଲାର ସେକ୍ଟର-୫ସ୍ଥିତ ଭଞ୍ଜଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଚଳିତ ବର୍ଷ ଅରୁନ୍ଧତୀର ରାଉରକେଲା ଶାଖାରୁ ୧୧ଜଣ ଲକ୍ଷପତି ବିଜେତାଙ୍କ ନାମ ଘୋଷଣା ସହ ପୁରସ୍କୃତ ମଧ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, ବିଗତ ୨୩ବର୍ଷ ଧରି ଅରୁନ୍ଧତୀ ନିରନ୍ତର ଓ ନିଷ୍ଠାପର ଭାବେ ସମସ୍ତଙ୍କ ସୁଚିନ୍ତିତ ମତାମତ ଓ ପରାମର୍ଶକୁ ପାଥେୟ କରି ଅନ୍ୟମାନଙ୍କଠୁ କିଛି ଭିନ୍ନ ଓ ସ୍ୱତନ୍ତ୍ର କରିପାରିଛି। ଏପରିକି ଓଡ଼ିଶାବାସୀଙ୍କ ହୃଦୟରେ ମଧ ଏକ ସ୍ୱତନ୍ତ୍ର ସ୍ଥାନ ନେଇପାରିଛି। ଓଡ଼ିଶାର ସର୍ବବୃହତ ଜୁଏଲେରି ବ୍ରାଣ୍ଡ ଭାବେ ପ୍ରତିଷ୍ଠିତ ହୋଇ ୫୦ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ଅନୁଷ୍ଠାନ ସହ ଯୋଡିପାରିଛି। ସେହିଭଳି ଆମ ଉପରେ ଲକ୍ଷାଧିକ ସଂଖ୍ୟାର ଗ୍ରାହକବନ୍ଧୁଙ୍କ ଥିବା ପ୍ରଗାଢ ବିଶ୍ୱାସ ଓ ଭଲପାଇବା, ଆମକୁ ଆଗାମୀ ଦିନରେ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିବ। ଏହା ସହ ଶୁଦ୍ଧତା ଓ କାରୁକାର୍ଯ୍ୟ ଭରା ସୁନାଗହଣା, ସ୍ୱଚ୍ଛତା ଓ ପାରଦର୍ଶିତା ଭରା ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପ, ନମ୍ରତା ଓ ଆତ୍ମୀୟତା ଭରା ଗ୍ରାହକ ସେବା ଯୋଗାଇ ଦେବା ପାଇଁ ଆମେ ମଧ ପ୍ରତିଶ୍ରୁତିବଦ୍ଧ ରହିଛୁ। ସେହିପରି ଗତ କିଛି ମାସ ମଧ୍ୟରେ ୧୦,୦୦୦ରୁ ଉର୍ଦ୍ଧ୍ୱ ରାଉରକେଲାବାସୀଙ୍କ ଅରୁନ୍ଧତୀ ବ୍ରାଣ୍ଡ ପ୍ରତି ଭଲପାଇବା ଓ ବିଶ୍ୱାସ ପ୍ରକଟ କରିଛନ୍ତି। ଏପରିକି ଅରୁନ୍ଧତୀ ସହ ଯୋଡି ହୋଇଥିବାରୁ ଆମେ ସମସ୍ତ ରାଉରକେଲା ବାସୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି ବୋଲି ଅରୁନ୍ଧତୀ ଗ୍ରୁପର ସହ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର ମତବ୍ୟକ୍ତ କରିଛନ୍ତି।

# ୟୁକୋ ବ୍ୟାଙ୍କର ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଶିବିର




**କଟକ,୨୬।୯**

ୟୁକୋ ବ୍ୟାଙ୍କର ସହଯୋଗୀ ଅନୁଷ୍ଠାନ ୟୁକୋ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା ପକ୍ଷରୁ କଟକଠାରେ ଏକ ୭ ଦିନିଆ ବିଜ୍‌ନେସ୍ କରେସପଣ୍ଡେନ୍ସ ଏଜେଣ୍ଟ (ବିସିଏ) ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ତାଲିମ ଶିବିରରେ ୨୨ଜଣ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଭ୍ୟାମାନେ ଯୋଗଦେଇ ବିଭିନ୍ନ ବିଷୟରେ ଭାବ ବିନିମୟ କରିଥିଲେ। ସଂସ୍ଥାର ନିର୍ଦ୍ଦେଶକ ସୁକାନ୍ତ ଛାଟୋଇଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ କଟକ ଜିଲାର ଏଲ୍‌ଡିଏମ୍ ରାଜେଶ କୁମାର ବେହେରା ଉଦଘାଟନ କରିଥିଲେ। ଏଥିରେ ପୂର୍ବତନ ୟୁକୋ ବ୍ୟାଙ୍କ ଅଧିକାରୀ ଯୁଗଳ କିଶୋର ଦାସ, ୟୁକୋ ବ୍ୟାଙ୍କ ମର୍କତନଗର ଶାଖାର ପରିଚାଳିକା ଦେବଶ୍ରୀ ମିଶ୍ର, ଏଫ୍‌ଏଲ୍‌ସି ସତ୍ୟନାରାୟଣ ରାଉତ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ପ୍ରଶିକ୍ଷକ ଅମିତ୍ କୁମାର ମହାନ୍ତି ପରିଚାଳନା କରିବା ସହ ଅନ୍ୟ କର୍ମଚାରୀମାନେ ମଧ ସହଯୋଗ କରିଥିଲେ।

# ଟ୍ରେଣ୍ଡସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଖୁସିର ପର୍ବ'

**ଭୁବନେଶ୍ୱର,୨୬।୯**




ରିଲାଏନ୍ସ ରିଟେଲ୍‌ର ପ୍ରମୁଖ ବ୍ରାଣ୍ଡ ଟ୍ରେଣ୍ଡସ ପକ୍ଷରୁ ଚଳିତ ବର୍ଷର ପାର୍ବଣ ପାଇଁ ଗ୍ରାହକଙ୍କମାନଙ୍କ ଲାଗି ଏକ ସ୍ୱତନ୍ତ୍ର ଅଭିଯାନ 'ଖୁସିର ପର୍ବ' ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ଦୁର୍ଗାପୂଜାକୁ ଅଧିକ ଆକର୍ଷଣୀୟ କରିବା ଓ ଗ୍ରାହକଙ୍କୁ ସପିଙ୍ଗ୍ ଉପରେ ଉନ୍ନତ ଅନୁଭୂତି ଦେବା ଲାଗି ସ୍ୱତନ୍ତ୍ର ଅଫର ଅଧିନରେ ଗ୍ରାହକମାନେ ୩୪୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ସପିଙ୍ଗ କଲେ ୧୯୯ଟଙ୍କାରେ ଏକ ଆକର୍ଷଣୀୟ ଉପହାର ଏବଂ ୩୦୦୦ଟଙ୍କା ମୂଲ୍ୟର କୁପନ୍ ପାଇପାରିବେ। ସେହିଭଳି ଏସ୍‌ବିଆଇ ଡେବିଟ୍ କାର୍ଡ ବ୍ୟବହାରକାରୀମାନେ ସର୍ବନିମ୍ନ ୩,୯୯୯ ଟଙ୍କାର ସପିଙ୍ଗ କରି ୫% ରିହାତି ମଧ ପାଇପାରିବେ ଏବଂ ଏଥିରେ ସର୍ବାଧିକ ୫୦୦ ଟଙ୍କାର ରିହାତି ମିଳିବ। ଏସବିଆଇ କାର୍ଡ ସହିତ ଏହି ଅଫର ଅକ୍ଟୋବର ୩୦ ପର୍ଯ୍ୟନ୍ତ ବୈଧ ରହିବ। ଏହି ସ୍ୱତନ୍ତ୍ର ଅଭିଯାନରେ ଟ୍ରେଣ୍ଡସ ପକ୍ଷରୁ ଗ୍ରାହକମାନଙ୍କୁ ନିଜର ପୂଜା ଲୁକ୍ ସେଲ୍‌ଫି କିମ୍ବା ପୂଜା ଉତ୍ସବ ପାଳନର ଭିଡିଓ-ରିଲ୍‌ସ ପଠାଇବାକୁ ଆହ୍ୱାନ କରାଯାଇଛି। ଏଥିରେ ଅଂଶଗ୍ରହଣ କରିବା ପାଇଁ ଗ୍ରାହକମାନେ ୯୮୫୩୦୩୫୧୦୪ ହ୍ୱାଟସ୍‌ଆପ୍ ନମ୍ବର କିମ୍ବା ଏହାର ୱେବସାଇଟ ଜରିଆରେ ନିଜର ପୂଜା ଲୁକ୍ ସେଲ୍‌ଫି କିମ୍ବା ପୂଜା ଉତ୍ସବ ପାଳନର ଭିଡିଓ-ସେଲ୍‌ଫି ଅପ୍‌ଲୋଡ୍ କରିପାରିବେ। ଗ୍ରାହକମାନେ ପୂଜା ଲୁକ୍ ସେଲ୍‌ଫି ଓ ଭିଡିଓ- ରିଲ୍‌ସକୁ ନିଜ ଫେସବୁକ୍ ଓ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ହାସ୍‌ଟ୍ୟାଗ୍ 'ଟ୍ରେଣ୍ଡସ ଖୁସିର ପର୍ବ' ଲେଖି ପୋଷ୍ଟ କରିପାରିବେ।

# ଅକ୍ଟୋବର ୩ରୁ ଜୀ-ସାର୍ଥକର ମେଗା ସିରିଏଲ 'ସାଥୀରେ'

**ଭୁବନେଶ୍ୱର,୨୬।୯**




ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନଭିତ୍ତିକ ଚ୍ୟାନେଲ ଜୀ- ସାର୍ଥକରେ ଆଉ ଏକ ନୂଆ ମେଗା ଧାରାବାହିକ 'ସାଥୀରେ' ଆସୁଅଛି। ସୋମବାର ସ୍ଥାନୀୟ ଅଶୋକନଗରଠାରେ 'ସାଥୀରେ'ର ପୋଷ୍ଟର ରିଲିଜ ସାଙ୍ଗକୁ ସିରିଏଲ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ସିରିଏଲ ଆସନ୍ତା ଅକ୍ଟୋବର ୩ତାରିଖଠାରୁ ପ୍ରତି ସୋମବାରରୁ ଶନିବାର ରାତି ୮ଟାରେ ପ୍ରସାରିତ ହେବ ବୋଲି ଜୀ-ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଏହି ସିରିଏଲ କାହାଣୀର ମୁଖ୍ୟ ଚରିତ୍ରରେ ଧାରା ଓ ଅମ୍ବର ନଜରକୁ ଆସିଛନ୍ତି। ଚୁଲବୁଲି ଅଭିନେତ୍ରୀ ଅନନ୍ୟାଙ୍କୁ ମୁଖ୍ୟ ଭୂମିକା ଧାରା ଚରିତ୍ରରେ ଦେଖିବାକୁ ମିଳିଥିବା ବେଳେ ନବାଗତ ଅଭିଜିତ ଅମ୍ବର ଭୂମିକାରେ ଅଭିନୟ କରିଛନ୍ତି। ଉକ୍ତ କାହାଣୀରେ ଧାରା ଚୁଲବୁଲି ଚରିତ୍ରଟିଏ, ଯିଏ ପ୍ରତ୍ୟେକ ପରିସ୍ଥିତିକୁ ସାହସର ସହ ମୁକାବିଲା କରେ। ସେ ଖୁସି ଓ ଭାଗ୍ୟଶାଳୀ ଝିଅଟି, ଯିଏ କାନ୍ଦିବା ଶିଖିନି ବରଂ ହସି ହସି ସବୁ ସମସ୍ୟାର ସମାଧାନ କରିଦିଏ। ଆଉ ଅମ୍ବର ଜଣେ ସଫଳ ବ୍ୟବସାୟୀ ଏବଂ ନିଜ ଲକ୍ଷ୍ୟପଥରେ ପହଞ୍ଚିବାରେ ସବୁବେଳେ ବ୍ୟସ୍ତ, ଏହି ସଫଳ ବ୍ୟବସାୟୀଙ୍କ ମତରେ ମହିଳାମାନେ ସଫଳତା ରାସ୍ତାରେ ବାଧକ ହୋଇଥାନ୍ତି। ଏପରିକି ଦୁହେଁ ଦୁହିଁଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ, ଏମାନଙ୍କ ଭିତରେ କ'ଣ ପ୍ରେମ ସମ୍ଭବ ହୋଇପାରେ, କ'ଣ ସତରେ ଅମ୍ବର ଓ ଧାରା ଏକାଠି ହୋଇପାରିବେ। ଏହାକୁ ନେଇ ଧାରାବାହିକ 'ସାଥୀରେ' ଆଗକୁ ବିଢିଛି ଓ ଅନେକ କିଛି ଏଥିରେ ଦେଖିବାକୁ ମିଳିଛି। ପୂର୍ବରୁ ଜୀ-ସାର୍ଥକର ପ୍ରତିଟି ମେଗା ଧାରାବାହିକକୁ ଦର୍ଶକୀୟ ଆଦୃତି ମିଳିଛି। ଏଥର ବି ଏହି ନୂଆ ଧାରାବାହିକ 'ସାଥୀରେ'କୁ ଓଡ଼ିଆ ଦର୍ଶକ ନିଶ୍ଚିତ ଭଲପାଇବେ ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି। ଆସନ୍ତା ଅକ୍ଟୋବର ୩ ତାରିଖଠାରୁ ସୋମବାରରୁ ଶନିବାର ରାତି ୮ଟାରେ ଏହି ମେଗା ଧାରାବାହିକ ପ୍ରସାରିତ ହେବ ବୋଲି ଜୀ-ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଶା-ଭିଏତ୍‌ନାମ୍ ମଧ୍ୟରେ ସୁଦୃଢ଼ ହେବ ବାଣିଜ୍ୟ କାରବାର

**ଭୁବନେଶ୍ୱର,୨୬।୯**

ବର୍ତ୍ତମାନର ପରିସ୍ଥିତିରେ ବ୍ୟବସାୟିକ କ୍ଷେତ୍ରକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏପରିକି ଆନ୍ତର୍ଜାତିକ ଟ୍ରେଡ ପ୍ରମୋସନ (ଆଇଟିପି) କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ଓଡ଼ିଶା ଏବଂ ଭିଏତନାମ ସରକାରଙ୍କ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଫଳରେ ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଉଭୟ ଦେଶର ବାଣିଜ୍ୟ କାରବାର ସୁଦୃଢ ହେବ ବୋଲି କୁହାଯାଇଛି। ଅପରପକ୍ଷରେ ଭାରତର କନସଲ୍ ଜେନେରାଲ, ହୋ ଚି ମିନ୍ ସିଟି ଭିଏତନାମ୍ ଏବଂ ଡ ମଦନ ମୋହନ ସେଠୀଙ୍କ ନିମନ୍ତ୍ରଣରେ ଏକ ବ୍ୟବସାୟିକ ପ୍ରତିନିଧିମଣ୍ଡଳୀ ମଧ ଉକ୍ତ ବୈଠକ ପରିପ୍ରେକ୍ଷୀରେ ଯୋଗଦେଇଥିଲେ। ସେହିଭଳି ଓଡ଼ିଶାର ପ୍ରତିନିଧିମଣ୍ଡଳୀରେ ଏମଏସଏମଇ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ ବିଭାଗ, ପର୍ଯ୍ୟଟନ ବିଭାଗ, ହସ୍ତତନ୍ତ ଏବଂ ବୟନଶିଳ୍ପ ଆଦି ବିଭାଗର ଅଧିକାରୀମାନେ ସାମିଲ୍ ଥିଲେ। ଉକ୍ତ ବୈଠକରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଉଭୟ ପକ୍ଷଙ୍କ ମଧ୍ୟରେ କିପରି ଭଲ ବେପାର ଓ କାରବାର ବଢିବ ସେ ନେଇ ମଧ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ଭିଏତନାମରୁ ଆସିଥିବା ଶିଳ୍ପପତିମାନେ ଓଡ଼ିଶାର ପ୍ରତିନିଧିଙ୍କ ସହ ନିଜ ନିଜର ବ୍ୟବସାୟ ସମ୍ପର୍କରେ ଆଲୋଚନା କରିଥିଲେ।




# ଓଡ଼ିଶାଭିତ୍ତିକ ସ୍ୱାସ୍ଥ୍ୟସେବା ଷ୍ଟାର୍ଟଅପ 'ଅରେଞ୍ଜକ୍ରସ'

**ଭୁବନେଶ୍ୱର,୨୬।୯**




ରାଜ୍ୟରେ ରୋଗୀ ସେବା ପାଇଁ ଘରୋଇ ଦକ୍ଷ ନର୍ସ ଓ ଅନ୍ୟାନ୍ୟ ସେବା ଯୋଗାଇବା ଲକ୍ଷ୍ୟରେ ଅରେଞ୍ଜକ୍ରସର ଶୁଭାରମ୍ଭ କରାଯାଇଥିଲା। ଏପରିକି ଏକ ଓଡ଼ିଶା ଭିତ୍ତିକ ସ୍ୱାସ୍ଥ୍ୟସେବା ଷ୍ଟାର୍ଟଅପ ଭାବେ ଅରେଞ୍ଜକ୍ରସ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ୪ ବର୍ଷର ଗୌରବମୟ ସେବା ସମାପ୍ତ ପାଳନ କରିଛି। ଗତ ୪ବର୍ଷ ମଧ୍ୟରେ କମ୍ପାନୀ ଓଡ଼ିଶାରେ ଅନେକ ଲୋକଙ୍କ ନିକଟରେ ପହଞ୍ଚିପାରିଛି। କମ୍ପାନୀ ବର୍ତ୍ତମାନ ଭୁବନେଶ୍ୱର, କଟକ, ବିଶାଖାପାଟଣା ଭଳି ସହରରେ କାର୍ଯ୍ୟ କରୁଛି ଏବଂ ବେଙ୍ଗାଲୁରୁ ସହରରେ ଖୁବଶୀଘ୍ର ଏହାର ଶାଖା ଆରମ୍ଭ ହେବ। ସର୍ବୋଚ୍ଚ ଗୁଣର ସେବା ପ୍ରଦାନ କରିବାକୁ ଅରେଞ୍ଜକ୍ରସ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସଡିଏ) ଅଧୀନରେ ଏକ ତାଲିମ କାର୍ଯ୍ୟକ୍ରମ ଚଳାଇଛି। ଉକ୍ତ ପ୍ରୋଗ୍ରାମରେ ସାର୍ଟିଫିକେଟ ଲାଭ କରିଥିବା ଏଏନଏମ ନର୍ସମାନେ ସ୍ୱାଧୀନ ଭାବେ ଘରେ ଘରେ ରୋଗୀ ସେବା ଏବଂ ଜୀବନ ସହାୟତା ଉପକରଣ ପରିଚାଳନା କରିବାରେ ଦକ୍ଷ ଅଟନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ମନୋନୀତ ନର୍ସମାନଙ୍କୁ ସ୍ୱତନ୍ତ୍ର ଘରୋଇ ନର୍ସିଂ ତାଲିମ ଦିଆଯାଉଛି ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କୁ ଦୀର୍ଘକାଳୀନ ବୃତ୍ତି ସୁଯୋଗ ମଧ ଯୋଗାଇ ଦିଆଯାଉଛି। ଏହିପରି ଭାବେ ଅରେଞ୍ଜକ୍ରସ ନିଯୁକ୍ତି ଏବଂ ଲିଙ୍ଗଗତ ସମାନତା ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିଥାଏ। ୨୦୧୮ ଜୁନରେ ଅରେଞ୍ଜକ୍ରସକୁ ଓଡ଼ିଶା ସରକାର ଏକ ଷ୍ଟାର୍ଟଅପ ଉଦ୍ୟୋଗ ଭାବେ ମାନ୍ୟତା ଦେଇଥିଲେ। ଏହା ହୋମ ନର୍ସିଂ ପାଇଁ କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ ଲାଇସେନ୍ସ ମଧ ପାଇଛି। ଏ ସମ୍ପର୍କରେ କମ୍ପାନୀର ସିଇଓ ଅଜୟ ଭଞ୍ଜ କହିଛନ୍ତି, ଘରୋଇ ସ୍ୱାସ୍ଥ୍ୟସେବୀଙ୍କ କ୍ୟାରିୟରରେ ଏହା ଏକ ସମ୍ମାନସ୍ପଦ ମୂଲ୍ୟ ସ୍ଥାପନ କରିବାରେ ସଫଳ ହୋଇଛି। ଏହାବ୍ୟତୀତ ଘରୋଇ ସ୍ୱାସ୍ଥ୍ୟସେବାକୁ ମୁଖ୍ୟ ସେବା ଭାବେ ଇକୋସିଷ୍ଟମର ଏକ ଅଭିନ୍ନ ଅଙ୍ଗ ଭାବରେ ସ୍ଥାପନ କରିବାକୁ ଅରେଞ୍ଜକ୍ରସ ପ୍ରତିବଦ୍ଧ ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଟାଟା ମୋଟର୍ସର ଏସ୍‌ସିଭି ବର୍ଗରେ ୩ ମଡେଲ୍ ଉନ୍ମୋଚିତ

■ ଯୋଦ୍ଧା ୨.୦, ଇନଟ୍ରା ଭି୨୦ ବାଏ ଫୁଏଲ ଏବଂ ଇନଟ୍ରା ଭି ୫୦ର ବଜାର ପ୍ରବେଶ

**ନୂଆଦିଲ୍ଲୀ,୨୬।୯**



ଦେଶର ପ୍ରମୁଖ ବାଣିଜ୍ୟିକ ଯାନ ନିର୍ମାଣକାରୀ କମ୍ପାନୀ 'ଟାଟା ମୋଟର୍ସ'ପକ୍ଷରୁ ସୋମବାର ଛୋଟ ବାଣିଜ୍ୟିକ ଯାନ ବା ସ୍ମଲ କର୍ମସିଆଲ ଭେହିକିଲ (ଏସସିଭି) ବର୍ଗରେ ୩ଟି ନୂଆ ମେଡଲର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏପରିକି ଟାଟା ଏସସିଭିର ଯୋଦ୍ଧା ୨.୦, ଇନଟ୍ରା ଭି୨୦ ବାୟ ଫୁଏଲ ଏବଂ ଇନଟ୍ରା ଭି ୫୦ର ବଜାର ପ୍ରବେଶ ସହ ଭାରତର ଦ୍ରୁତଗତିରେ ବଢୁଥିବା ପିକଅପ ବ୍ୟବହାରର ନୂତନ ମାନକ ସ୍ଥାପନ କରିଛି। ସେହିଭଳି ସୋମବାର ସର୍ବଭାରତୀୟ ସ୍ତରରେ ୭୫୦ରୁ ଅଧିକ ଏହି ନୂଆ ପିକଅପ ଯାନ ଗ୍ରାହକମାନଙ୍କୁ ବିତରଣ କରି ଟାଟା ମୋଟର୍ସ ଭାରତରେ ସର୍ବୋତ୍ତମ ପିକଅପର ଶୁଭାରମ୍ଭକୁ ସ୍ମରଣ କରିଥିଲା। ବିଶେଷକରି ବୋଲ୍ଡ ନୂତନ ଡିଜାଇନ ସହ ଏହି ଟଗଡା ଏବଂ ଶକ୍ତ ପିକଅପ ଗୁଡିକ ଆସିଥାଏ ଏବଂ ଉଚ୍ଚତମ ଭାର ଧାରଣ କ୍ଷମତା, ସର୍ବବୃହତ ଡେକ ଦୈର୍ଘ୍ୟ, ଦୀର୍ଘତମ ପରିସର ଯାଚିଥାଏ ଏବଂ ଏକ ନିରାପଦ ଏବଂ ଆରାମଦାୟକ ଡ୍ରାଇଭ ପାଇଁ ଅତ୍ୟାବଶ୍ୟକ ଅନେକ ଆଧୁନିକ ବୈଶିଷ୍ଟ୍ୟ ସହିତ ସଜ୍ଜିତ। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପ୍ରୟୋଗର ଏକ ବ୍ୟାପକ ବିବିଧତାକୁ ପୂରା କରିବା ପାଇଁ ଡିଜାଇନ ଏବଂ ଇଞ୍ଜିନିୟରିଙ୍ଗ କରାଯାଇଥିବା ନୂତନ ଯୋଦ୍ଧା ୨.୦, ଇନଟ୍ରା ଭି ୨୦ ବାୟ ଫୁଏଲ ଏବଂ ଇନଟ୍ରା ଭି ୫୦ ଦ୍ରୁତ ଅଭିବୃଦ୍ଧିଶୀଳ କୃଷି, ପୋଲଟ୍ରି ଏବଂ ଡେଇରୀ କ୍ଷେତ୍ର ସହ ଏଫଏମସିଜି, ଇ-ବାଣିଜ୍ୟ ଏବଂ ଲଜିଷ୍ଟିକ କ୍ଷେତ୍ରଗୁଡିକର ବଢୁଥିବା ବିତରଣ ଆବଶ୍ୟକତାର ସେବା ଏବଂ ବିବିଧ ଗତିଶୀଳତା ଆବଶ୍ୟକତା ପାଇଁ ଆଦର୍ଶ ଅଟେ। ଆମର ଗ୍ରାହକମାନଙ୍କୁ ସର୍ବାଧିକ ଲାଭ ପାଇବା ପାଇଁ ସକ୍ଷମ କରିବାକୁ ଏହି ପିକଅପ ମଧ୍ୟରୁ ପ୍ରତ୍ୟେକ ନିଜ ବର୍ଗରେ ସର୍ବନିମ୍ନ ମୋଟ ମାଲିକାନା ମୂଲ୍ୟ ଯାଚିଥାନ୍ତି। ଏ ସମ୍ପର୍କରେ ଟାଟା ମୋଟର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗିରିଶ ୱାଘ କହିଛନ୍ତି, ଲକ୍ଷ ଲକ୍ଷ ଗ୍ରାହକଙ୍କୁ ଜୀବିକା ଯୋଗାଇବା ଏବଂ ସେମାନଙ୍କୁ ସଫଳତା କରାଇବା ପାଇଁ ଆମର ଛୋଟ ବାଣିଜ୍ୟିକ ଯାନ ବେଶ୍ ପ୍ରସିଦ୍ଧି ଲାଭ କରିଛି। ଫଳରେ ବ୍ୟବସାୟ ଅଭିବୃଦ୍ଧି ଏବଂ ଏକ ଉନ୍ନତ ଜୀବନ ପାଇଁ ସେମାନଙ୍କର ଅଭିଳାଷ ଅଧିକ ସାଧିତ ହୋଇଥିବା ଯୋଗୁଁ ସେମାନେ ଆମର ନୂତନ ପିକଅପରେ ଏକ ଆଦର୍ଶ ମେଳ ଆବିଷ୍କାର କରିବେ କାରଣ ସେମାନଙ୍କର ବିକାଶଶୀଳ ଆକାଂକ୍ଷାକୁ ସମାଧାନ କରିବା ପାଇଁ ଏହି ଯାନ ଗୁଡିକ ସ୍ୱତନ୍ତ୍ର ଭାବେ ବିକଶିତ ହୋଇଛି। ବିଶେଷ କରି ଦେଶର ସମସ୍ତ ସହରାଞ୍ଚଳ, ଅର୍ଦ୍ଧ-ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ବିଭିନ୍ନ ପ୍ରକାରର ବ୍ୟବହାରକୁ ଦକ୍ଷତାର ସହ ସେବା କରିବା ପାଇଁ ଏହି ପିକଅପଗୁଡିକର ପ୍ରତ୍ୟେକ ତତ୍ତ୍ୱ ଅତି ସାବଧାନର ସହ ଇଞ୍ଜିନିୟରିଙ୍ଗ ହୋଇଛି।

## ୟୁଟ୍ୟୁବରୁ ୪୫ ଭିଡିଓ ବ୍ଲକ୍ କଲା କେନ୍ଦ୍ର

ନୂଆଦିଲ୍ଲୀ, ୨୬।୯: ଭୁଲ୍ ସୂଚନା, ଘୃଣା ମନ୍ତବ୍ୟ ଏବଂ ସାମ୍ପ୍ରଦାୟିକ ହିଂସାକୁ ଉସୁକାଉଥିବା ଭଳି ୪୫ ଭିଡିଓକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସୋମବାର ବ୍ଲକ୍ କରିଛି। ଏହି ଭିଡିଓଗୁଡ଼ିକ ୧୦ଟି ୟୁଟ୍ୟୁବ୍ ଚ୍ୟାନେଲରେ ଅପ୍‌ଲୋଡ ହୋଇଥିଲା। ଧର୍ମୀୟ ସମ୍ପ୍ରଦାୟ ମଧ୍ୟରେ ଘୃଣା ବିସ୍ତାର କଲା ଭଳି କଣ୍ଟେଣ୍ଟ, ମିଥ୍ୟା ତଥ୍ୟ ଏବଂ ଏଡିଟିଂ ସହ ଭିଡିଓଗୁଡ଼ିକୁ ଜାଲିଆତି କରାଯାଇଥିଲା। ସେଗୁଡ଼ିକରେ ୧ କୋଟି ୩୦ ଲକ୍ଷରୁ ଅଧିକ ଭ୍ୟୁଜ୍ ଆସିଛି। ଏପରିକି ସରକାର ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ସମ୍ପ୍ରଦାୟର ଅଧିକାର ଛଡ଼ାଇନେଇଥିବା ଉପରେ ମଧ କେତେକ ଭିଡିଓ କରାଯାଇଛି। କେତେକ ଅଗ୍ନିପଥ ଯୋଜନା, ଭାରତୀୟ ସଶସ୍ତ୍ର ବଳ, କଶ୍ମୀର ଆଦି ପ୍ରସଙ୍ଗରେ ମଧ ମିଥ୍ୟା ପ୍ରସାର କରାଯାଉଥିଲା। ଗୋଇନ୍ଦା ଏଜେନ୍ସିରୁ ସୂଚନା ପାଇବା ପରେ ସେହିଭିଡିଓଗୁଡ଼ିକୁ ବ୍ଲକ୍ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।




# ଓଟିଟିରେ ଅନନ୍ୟା

**ମୁମ୍ବାଇ:** 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର୍ ୨' ଜରିଆରେ ବଲିଉଡ୍ ଡେବ୍ୟୁ କରିଥିବା ଅନନ୍ୟା ପାଣ୍ଡେ ଏବେ ଓଟିଟି (ଓଭର୍ ଦ ଟପ୍) ପ୍ଲାଟଫର୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହି ୱେବ୍ ସିରିଜ୍‌ଟି ଫିଲ୍ମ ନିର୍ଦ୍ଦେଶକ କରନ ଜୋହରଙ୍କ ଧର୍ମା ପ୍ରଡକ୍ସନ ବ୍ୟାନର୍‌ରେ ନିର୍ମାଣ ହେବାକୁ ଯାଉଛି। ଏହି ୱେବ୍ ସିରିଜ୍‌ର ନାମ ରହିଛି 'କଲ୍ ମି ବେ'।ୱେବ୍ ସିରିଜ୍‌ରେ ଅନନ୍ୟା ମୁଖ୍ୟ ଭୂମିକାରେ ଅଭିନୟ କରୁ ନ ଥିବା ଚର୍ଚ୍ଚା ହେଉଛି। କୋଲିନ ଡି' କୁନହା ସିରିଜ୍‌ର ନିର୍ଦ୍ଦେଶନା ଦାୟିତ୍ୱରେ ଥିବାବେଳେ ଏହାର କାହାଣୀ ରଚନା କରିଛନ୍ତି ଇଶିତା ମୋଇତ୍ରା, ସମିନା ମୋଟଲେକର ଓ ରୋହିତ ନେର। ସିରିଜ୍‌ର ଶୁଟିଂ ଚଳିତବର୍ଷ ଶେଷ ସୁଦ୍ଧା ସରିବାକୁ ଅଛି। ଆସନ୍ତା ବର୍ଷ ମଧ୍ୟଭାଗ ବେଳକୁ ଆମାଜନ ପ୍ରାଇମ୍‌ରେ ସିରିଜ୍‌ର ପ୍ରିମିୟର ହେବା ନେଇ ଆଶା ରଖାଯାଇଛି। ଆଗାମୀ ଦିନରେ ଅନନ୍ୟା 'ଡ୍ରିମ୍ ଗର୍ଲ ୨'ରେ କାମ କରିବା ନେଇ ନିଜ ଫ୍ୟାନ୍ସଙ୍କୁ ସୂଚନା ଦେଇଥିଲେ। ପ୍ରଥମ ଥର ପାଇଁ ଆୟୁଷ୍ମାନ୍ ଖୁରାନା ଓ ଅନନ୍ୟା ଏହି ଫିଲ୍ମରେ ଏକାଠି ନଜରକୁ ଆସିବେ।

# କ୍ଷୁଦ୍ର ଅଣୁ ମସ୍ତିଷ୍କରେ ତିଆରି କରେ ଗୁଡ୍ ମେମୋରି



**ୱାଶିଂଟନ୍:** ସ୍ମରଣ ଶକ୍ତିକୁ ସକାରାତ୍ମକ ଏବଂ ନକାରାତ୍ମକ ଭାବେ ମସ୍ତିଷ୍କରେ ତିଆରି କରିବା ପାଇଁ ବ୍ରେନ୍‌ରେ ଥିବା ଏକ କ୍ଷୁଦ୍ର କଣିକା ବା ଅଣୁ ଦାୟୀ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଆମେରିକାର ସଲ୍କ ଇନ୍‌ଷ୍ଟିଚ୍ୟୁଟ ଫର୍ ବାୟୋଲୋଜିକାଲ ଷ୍ଟଡିଜ୍ ବିଶେଷଜ୍ଞ ମସ୍ତିଷ୍କରେ ତିଆରି ହେଉଥିବା ମେମୋରି ସମ୍ପର୍କରେ ଗବେଷଣା କରିଛନ୍ତି। କେତେଜଣ ଲୋକ ସେମାନଙ୍କ ସହ ଘଟିଥିବା ଖରାପ ଘଟଣାଗୁଡ଼ିକ ମନେରଖନ୍ତି, ଯାହା ତାଙ୍କ ଠାରେ ଡିପ୍ରେସନ୍ ଭରି ରୋଗ ସୃଷ୍ଟି କରିଥାଏ। ମସ୍ତିଷ୍କରେ ଥିବା ନ୍ୟୁରୋଟେଡେସିନ୍ ପେପ୍‌ଟାଇଡ୍ ପ୍ରୋଟିନ୍ ଦ୍ୱାରା ମସ୍ତିଷ୍କରେ ମେମୋରି ତିଆରି ହୁଏ। ଏହି ପ୍ରୋଟିନ୍ ହିଁ ମସ୍ତିଷ୍କରେ କିଛି ଭଲ ଓ ଖରାପ ମେରୋରି ତିଆରି କରିବା ପାଇଁ ଦାୟୀ।

ପୂର୍ବର ଅଧ୍ୟୟନ ଅନୁସାରେ ବ୍ୟକ୍ତି ଯଦି କୌଣସି ମ୍ୟୁଜିକାଲ୍ ଟୋନ୍ ଶୁଣେ, ତାହା ମସ୍ତିଷ୍କରେ ଗୁଡ୍ ବା ସକାରାତ୍ମକ ମେମୋରି ତିଆରି କରେ। ସେହିପରି ଏକ ମୂଷା ଯେତେବେଳେ ଇଲେକ୍ଟ୍ରିକ୍ ଶକ୍ ସଂସ୍ପର୍ଶରେ ଆସେ, ସେତେବେଳେ ତାହା ମସ୍ତିଷ୍କରେ ନକାରାତ୍ମକ ମେମୋରି ତିଆରି କରିଥାଏ। ମସ୍ତିଷ୍କରେ ନ୍ୟୁରନ୍ ଆକ୍ଟିଭିଟି ସମ୍ପର୍କରେ ବିଶେଷଜ୍ଞଙ୍କର କୌଣସି ଧାରଣା ନ ଥିବା ସଲ୍କ ଇନ୍‌ଷ୍ଟିଚ୍ୟୁଟ ବିଶେଷଜ୍ଞଙ୍କ ପକ୍ଷରୁ କୁହାଯାଇଛି।

# ପର୍ଯ୍ୟଟନ ଦ୍ୱାରା ଆର୍ଥିକ ବିକାଶ

**ବିଶ୍ୱ ପର୍ଯ୍ୟଟନ ଦିବସ**

ପର୍ଯ୍ୟଟନ ଦ୍ୱାରା ଯେକୌଣସି ଦେଶର ଆର୍ଥିକ ବିକାଶ ସମ୍ଭବ ହୋଇପାରିଥାଏ। ଏହାଦ୍ୱାରା ଆର୍ଥିକ କ୍ଷେତ୍ରର ବହୁବିଧ ବିକାଶ ସମ୍ଭବ ହୋଇଥାଏ। ତେଣୁ ପର୍ଯ୍ୟଟନ ଶିଳ୍ପ ପ୍ରତି ସଚେତନତା ସୃଷ୍ଟି ଲାଗି ୧୯୮୦ ପରଠାରୁ ମିଳିତ ଜାତିସଂଘର ବିଶ୍ୱ ପର୍ଯ୍ୟଟନ ସଙ୍ଗଠନ ସେପ୍ଟେମ୍ବର ୨୭କୁ ବିଶ୍ୱ ପର୍ଯ୍ୟଟନ ଦିବସ ଭାବରେ ପାଳନ କରିଆସୁଛି। ଏହାକୁ ବିଶ୍ୱ ପର୍ଯ୍ୟଟନରେ ଏକ ମାଇଲଖୁଣ୍ଟ ଭାବରେ ବିବେଚନା କରାଯାଏ। ଏହାକୁ ବିଶ୍ୱ ପର୍ଯ୍ୟଟନରେ ଏକ ମାଇଲଖୁଣ୍ଟ ଭାବରେ ବିବେଚନା କରାଯାଏ। ୨୦୨୨ରେ ଇଣ୍ଡୋନେସିଆ ହୋଷ୍ଟ ଭାବେ କାର୍ଯ୍ୟ କରୁଛି। ଚଳିତ ବର୍ଷ ଏହି ଦିବସର ଶୀର୍ଷକ ରହିଛି ରିଥିଙ୍କିଙ୍ଗ୍ ଟୁରିଜମ୍ ଅର୍ଥାତ୍ ପର୍ଯ୍ୟଟନ ସମ୍ପର୍କରେ ପୁନର୍ବିଚାର କରନ୍ତୁ।

# ମେଲୋନି ଇଟାଲୀ ପ୍ରଧାନମନ୍ତ୍ରୀ

ରୋମ, ୨୬।୯: ଇଟାଲୀର ଦକ୍ଷିଣପନ୍ଥୀ ନେତ୍ରୀ ବ୍ରଦର୍ସ ଅଫ୍ ଇଟାଲୀ ପାର୍ଟିର ଜିଓର୍ଜିଆ ମେଲୋନି ଦେଶର ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି। ଦେଶର ମହିଳା ପ୍ରଧାନମନ୍ତ୍ରୀ ହେବାରେ ସେ ହେଉଛନ୍ତି ପ୍ରଥମ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ କୌଣସି ଅତି-ଦକ୍ଷିଣପନ୍ଥୀ ସରକାର ଇଟାଲୀକୁ ଆସିବା ମଧ ପ୍ରଥମ ଘଟଣା। ବାମଦଳର ଏନ୍‌ରିକୋ ଲେଟାଙ୍କ ସହ ତାଙ୍କର କଡ଼ା ଟକ୍କର ହୋଇଥିଲା। ସେ ସବୁବର୍ଗର ଲୋକଙ୍କୁ ସୁଶାସନ ଯୋଗାଇଦେବେ ଏବଂ ମତଦାତାଙ୍କ ବିଶ୍ୱାସକୁ ଭାଙ୍ଗିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଇଟାଲୀବାସୀ ତାଙ୍କ ଦଳକୁ ସ୍ପଷ୍ଟମତ ଦେଇ ବିଜୟୀ କରାଇଥିବାରୁ ସେ ଧନ୍ୟବାଦ ଦେଇଛନ୍ତି। ସେପଟେ ମେଲୋନିଙ୍କ ବିଜୟ ଇଟାଲୀ ଓ ୟୁରୋପ ପାଇଁ ଶୁଭଙ୍କର ନୁହେଁ ବୋଲି ଏନ୍‌ରିକୋ କହିଛନ୍ତି। ତେବେ ତାଙ୍କ ଦଳ ମଜବୁତ ବିରୋଧୀ ହୋଇ ଦେଶ ହିତରେ କାର୍ଯ୍ୟ କରିବେ ବୋଲି ଏନ୍‌ରିକୋ ପ୍ରକାଶ କରିଛନ୍ତି।


ଜିଓର୍ଜିଆ ମେଲୋନି

# ଶତାୟୁଙ୍କୁ ଇଞ୍ଜିନିୟରିଂ ଡିଗ୍ରୀ



**୨ୟ ବିଶ୍ୱଯୁଦ୍ଧରେ ମହିଳାଙ୍କୁ ଏକାଠି କରି ଷ୍ଟିଲ୍ ପ୍ଲାଣ୍ଟରେ କରୁଥିଲେ କାମ**

**ଲଣ୍ଡନ:** ବ୍ରିଟେନ୍‌ର ଶତାୟୁ କାଥଲିନ ରବର୍ଟଙ୍କୁ ଶେଫିଲ୍ଡ ୟୁନିଭର୍ସିଟି ତରଫରୁ ଇଞ୍ଜିନିୟରିଂ ଡିଗ୍ରୀ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କାଥଲିନ ଏବଂ ଆଉ କେତେଜଣ ମହିଳା ମିଳିତ ଭାବେ ଶେଫିଲ୍ଡରେ ଥିବା ଷ୍ଟିଲ୍ କମ୍ପାନୀରେ କାମ କରିଥିଲେ। ପୁରୁଷମାନେ ଯୁଦ୍ଧକୁ ଚାଲିଯିବା ପରେ ଷ୍ଟିଲ ଇଣ୍ଡଷ୍ଟ୍ରି ବୁଡ଼ିଯିବା ଆଶଙ୍କା କରି ସେ ସମୟରେ ଶାସକ ମହିଳାମାନଙ୍କୁ ଷ୍ଟିଲ୍ କାରଖାନା ଚଳାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମହିଳାମାନେ ଅଳ୍ପ ପାରିଶ୍ରମିକରେ କାରଖାନାରେ କାମ କରିବା ଆରମ୍ଭ କରିଦେଲେ। ସପ୍ତାହକୁ ୭୨ ଘଣ୍ଟା ସେମାନଙ୍କୁ କାମ କରିବାକୁ ପଡ଼ୁଥିଲା। କିନ୍ତୁ ଯୁଦ୍ଧ ସରିଯିବା ପରେ ସେମାନଙ୍କ କାମ ଲାଗି ତାଙ୍କୁ କୃତଜ୍ଞତା ଜଣାଇବା ବଦଳରେ ସେମାନଙ୍କୁ ଚାକିରିରୁ ବାହାର କରାଯାଇଥିଲା। ଏହି ମହିଳାଙ୍କ ଉଦ୍ଦେଶ୍ୟରେ ୨୦୧୬ରେ ଶେଫିଲ୍ଡର ବାର୍କରସ୍ ପୁଲ୍‌ରେ ୧୭୦,୦୦୦ ପାଉଣ୍ଡ ମୂଲ୍ୟରେ ' ଓମେନ୍ ଅଫ୍ ଷ୍ଟିଲ୍' ମୂର୍ତ୍ତି ତିଆରି କରାଯାଇଛି। ଏହି ମାନ୍ୟତା ପାଇବା ପାଇଁ କାଥଲିନଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥିବା ସେ କହିଛନ୍ତି।

# ପୁଅକୁ କୋଳରେ ଧରି ଅଟୋ ଚଳାଉଛନ୍ତି ମା'



**ନୋଏଡା**

ନୋଏଡାର ୨୭ ବର୍ଷୀୟା ଚଞ୍ଚଳ ଶର୍ମାଙ୍କ ବୃତ୍ତି ଅଟୋ ଚଳାଇବା।ଉତ୍ତର ପ୍ରଦେଶରେ ଇ-ରିକ୍ସା ଚଲାଇ ସେ ପରିବାର ପାଳନ୍ତି। ଭାଗ୍ୟର ବିଡମ୍ବନା ଯୋଗୁ ଚଞ୍ଚଳଙ୍କୁ ବର୍ଷକର ପୁଅକୁ ସାଥିରେ ନେଇ ଅଟୋ ଚଳାଇବାକୁପଡ଼େ। ପୁଅକୁ କୋଳରେ ଧରି ପ୍ରତିଦିନ ସକାଳୁ ରୋଷେଇ ସାରି ବାହାରି ଯାଆନ୍ତି କାମରେ। ବାହାଘରର ମାତ୍ର କେଇଟା ଦିନ ବିତିଛି କି ନାହିଁ, ସ୍ୱାମୀ ତାଙ୍କୁ ଛାଡ଼ି କେଉଁଆଡ଼େ ଚାଲିଗଲେ। ପରିବାର ପୋଷିବା ପାଇଁ ସେ ଅଟୋରିକ୍ସା ଚଳାଇବା କାର୍ଯ୍ୟ ଆପଣାଇଲେ। ପ୍ରଥମେ ପ୍ରଥମେ ଅନ୍ୟ ଅଟୋ ଚାଳକ ଚଞ୍ଚଳଙ୍କ କାର୍ଯ୍ୟରେ ବାଧକ ସାଜୁଥିବାବେଳେ ଏବେ ସେ ସୁରୁଖୁରୁରେ ଅଟୋ ଚଲାଇ ଦିନକୁ ୬ଶହରୁ ୭ଶହ ଟଙ୍କା ରୋଜଗାର କରୁଛନ୍ତି। ଆୟ ଟଙ୍କାର ଅଧା ଚାଲିଯାଉଛି ଅଟୋ ପାଇଁ କରିଥିବା ଲୋନ୍‌ରେ। ବାକି ଟଙ୍କାରେ ଘର ଖର୍ଚ୍ଚ ହୋଇଯାଉଛି। ଚଞ୍ଚଳଙ୍କ ମା' ପାଖ ବଜାରରେ ପିଆଜ ବିକ୍ରି କରୁଥିବାବେଳେ ତାଙ୍କ ଭାଇ ଘରେ ରୁହନ୍ତି ନାହିଁ। ପିଲାର ଯତ୍ନ ନେବା ପାଇଁ ଘରେ କେହି ନ ଥିବାରୁ ସେ ପ୍ରତିଦିନ ପୁଅକୁ ସାଥିରେ ନେଇ ଅଟୋ ଚଲାଇବାକୁ ଯାଉଛନ୍ତି। ବିଶେଷକରି ମହିଳା ଯାତ୍ରୀ ତାଙ୍କ ଅଟୋରେ ଯାଆସ କରିବାକୁ ପସନ୍ଦ କରନ୍ତି ବୋଲି ସେ କହିଛନ୍ତି।


## ODISHA PUBLIC SERVICE COMMISSION, CUTTACK

### NOTICE

**No.8899/PSC, Dt.26.9.22**
**(1E-03-2022/23) (DR-II)**
**Website: http://www.opsc.gov.in**

**No.D-173:**In continuation to this Office notice No. 8709/PSC, dt 20.09.2022, it is for information of all concerned that the Commission have decided to conduct the Physical verification of original certificates & documents and Viva Voce test simultaneously in respect of 321 candidates (bearing following Roll Nos.), qualified in the main written examination, for recruitment to the post of Civil Judges in Odisha Judicial Service, 2021, pursuant to Advt. No. 23 of 2021-22, from 07.10.2022 to 06.11.2022 in the Office of the Commission, at 19, Dr. P.K. Parija Road, Cuttack -753001 , as per the following programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner), four passport size photographs, self-attested copies of all relevant certificates, documents, Proof of identity etc. with original of the same as per Para - 11 of the aforesaid Advertisement and duly filled in "Attestation Form" & "Bio-data Form" (to be downloaded from the website of the Commission) and submit the same in person on the day of verification.

It is also made clear that the candidature of these candidates for the recruitment is purely provisional. The candidature is liable to rejection in the event of inadequacy /deficiency found at any stage before or after the verification of original certificate /documents and is subject to fulfillment of terms and conditions laid down in the advertisement.

Mere participation in the document verification does not reserve any right to appear the viva voce test. The candidates shall be allowed to the viva voce test on the scheduled date & time mentioned below subject to fulfillment of their eligibility in all respect as per verification of original certificate /documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of Verification | Time of Viva voce test | Roll numbers of candidates |
|---|---|---|---|
| 07.10.2022 | 8.30 A.M. | 10.45 A.M. | 100011,100033,100038,100041,100054, 100093,100126, 100144,200007,200016, 200042,200090,200133,200136 & 200164 = **15 candidates** |
| | 1.00 P.M. | 3.00 P.M. | 200184, 200187, 300002, 300013, 300018, 300020, 300023, 300029, 300036, 300038, 300043 & 300046 = **12 candidates** |
| 08.10.2022 | 8.30 A.M. | 10.45 A.M. | 300058,300059,300066,300070,300076, 300087,300090,300099, 300110,300116,300124, 300125,300128,300137 & 300144 = **15 candidates** |
| | 1.00P.M. | 3.00 P.M. | 300156,300157,300165,300171,300172, 300175, 300178,300186,300200,300202, 300216 & 300221 = **12 candidates** |
| 09.10.2022 | 8.30A.M. | 10.45A.M. | 300224,300250,300254,300262,300263, 300274, 300278,300301 ,300309,300318, 300320, 300331,300335,300351 & 300373 = **15 candidates** |
| | 1.00P.M. | 3.00 P.M. | 300375,300378,300390,300399,300413, 300417, 300418,300420,300423,300430, 300461 & 300474 = **12 candidates** |
| 14.10.2022 | 8.30A.M. | 10.45 A.M. | 300476,300477,300520,300533,300537, 300540,300548,300557, 300575,300578, 300591, 300598,300614,300615 & 300616 = **15 candidates** |
| | 1.00P.M. | 3.00 P.M. | 300623,300626,300627,300635,300652, 300655,300661 ,300679,300708,300715, 300723 & 300733 = **12 candidates** |
| 15.10.2022 | 8.30A.M. | 10.45 A.M. | 300741,300742,300754,300760,300773, 300788, 300790, 300792, 300794,300796, 300797, 300816, 300823, 300831 & 300835 = **15 candidates** |
| | 1.00P.M. | 3.00 P.M. | 300851 ,300852 ,300871 ,300883,300887, 300889,3009 05,300906,300916,300926, 300932 & 300965 = **12 candidates** |
| 16.10.2022 | 8.30A.M. | 10.45 A.M. | 300970,300973,300976,300978,300981, 300985, 300995,300997, 300998,301003, 301007, 301041,301053,301065 & 301078 = **15 candidates** |
| | 1.00 P.M. | 3.00 P.M. | 301085,30 1093,301 104,301 1 1 1,301 1 16, 301135,301 140,301152,301158,301175, 301182 & 301186 = **12 candidates** |
| 28.10.2022 | 8.30 A.M. | 10.45A.M. | 301191,301199,301202,301208,301213, 301216,301217, 301220,301232,301237, 301242,301247,301253,301277 & 301280 = **15 candidates** |
| | 1.00 P.M. | 3.00 P.M. | 301281,301294,301296,301309,301312, 301317,301334 ,301339,301353,301356, 301382 & 301383 = **12 candidates** |
| 29.10.2022 | 8.30A.M. | 10.45A.M. | 301385,30 1394,30 1409,30 1425,30 1426, 30 1430,30 1438,30 1442,30 1453,301459, 301460, 301463,301464,301467 & 301489 = **15 candidates** |
| | 1.00 P.M. | 3.00 P.M. | 301500,301512,301516,400002,400006, 400016,400017 ,400020,400056,400057, 400060 & 400065 = **12 candidates** |
| 30.10.2022 | 8.30A.M. | 10.45A.M. | 400068,400082,400083,400091,400095, 400099,400134,400 162,400192,400198, 400221, 400229,400241,400243 & 400250 = **15 candidates** |
| | 1.00 P.M. | 3.00 P.M. | 400261,400262,400266,400267,400278, 400281,400289 ,400323,400326,400328, 400329 & 400343 = **12 candidates** |
| 04.11.2022 | 8.30 A.M. | 10.45 A.M. | 400417,400421 ,400454,400456,400478, 400480, 400497,400502,400527,400551, 400554, 400564,400623,400625 & 400633 = **15 candidates** |
| | 1.00 P.M. | 3.00 P.M. | 400645,400648,400654,400678,400688, 400697,400707 ,400716,400720,400731, 400742 & 400743 = **12 candidates** |
| 05.11.2022 | 8.30A.M. | 10.45A.M. | 400751 ,400752,400753,400754,400768, 400769, 400795, 400800, 400801 ,400803, 400806, 400810,400830,400832 & 400834 = **15 candidates** |
| | 1.00 P.M. | 3.00 P.M. | 400837,400840,400843,400847,400849, 400852,400854 ,400868,400883,400890, 400897 & 400930 = **12 candidates** |
| 06.11.2022 | 8.30 A.M. | 10.45A.M. | 400933,400937,400942,400952,400968, 400995,401003, 401007,500020,500079, 500091,500102,500151,500162 & 500174 = **15 candidates** |
| | 1.00P.M. | 3.00 P.M. | 500 179,500 188,500 193,5002 15,500219, 500238,500248,500254 & 500301 = **09 candidates** |

**N.B. - The candidates are advised to report at the office of the Commission half an hour before the commencement of verification of original certificates & documents on their scheduled dates & time as mentioned against each.**

**OIPR- 12002/11/0167/2223** **Sd./- Secretary**



**GOVERNMENT OF ODISHA**
## OFFICE OF THE EXECUTIVE ENGINEER RURAL WORKS DIVISION, KUCHINDA
E-mail:- eerw_kuchinda@yahoo.com
**"e" Procurement Notice for Building Works**
**Identification No.Online Tender /04 / RWD, Kuchinda / 2022-23**
**No.O-1048:**

1. Name of the work : Building Works
2. Total Number of Works : 01 No.
3. Estimated Cost : Rs. 32.85 lakhs
4. Class of Contractor : Building Work (B & C Class of Contractor)
5. Period of Completion : 06 calendar months
6. Availability of Tender online for bidding : Dt.29.09.2022 at 11.00 A.M to dt.11.10.2022 at 5.00 P.M.
7. Last date & time of seeking tender clarification : Dt.10.10.2022 at 5.00 A.M.
8. Date & Time of opening of tender : Dt.12.10.2022 at 11.00 A.M.

Further details can be seen from the website **www.tendersodisha.gov.in**

**Sd./- Executive Engineer, Rural Works Division,Kuchinda**
**OIPR-25151/11/0005/2223**



## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR
**E-mail ID: cebuildings_orissa@yahoo.co.in**
**cebuildings@rediffmail.com Tel.-(0674)-2391523**
### INVITATIONS FOR BIDS (IFB)
File No- B-I-Home-36/2022 35923/Bhubaneswar, the 20th Sept.,2022
**No.B-632:** **Invitation for Bids**
**2nd Corrigendum**
**Tender Reference No. OSD C.E. (B) - 18 / 2022-23**
**Name of the Work - Construction of Court Building Bhanjanagar.**
The following changes have been made in Bid Identification **No. OSD C.E. (B) -18 / 2022-23**
1.Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from **dt.19.10.2022 to 17.00 hours of dt.04.11.2022** instead of **dt.20.09.2022 to dt.10.10.2022** for ONLINE BIDDING respectively.
2.Online bids shall be received till **17.00 Hours of dt.04.11.2022** instead of **dt.10.10.2022.**
3.The technical bids will be opened at **11.30 A.M. of dt.05.11.2022** instead of **dt.11.10.2022.** All other terms and conditions remain unchanged.

**Sd./- OSD C.E. (Buildings), Odisha, Bhubaneswar**
**OIPR-34117/11/0054/2223**



**GOVERNMENT OF ODISHA**
## "e"-PROCUREMENT NOTICE WORKS DEPARTMENT
**E-mail: ceroads.bbsr@gmail.com**
**Bid Identification No. CE-DPI & R-18/2022-23**
**No.B-628:**1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:

2. Nature of work : Road work
3. No. of work : 2 Nos
4. Tender Paper cost : Rs.10,000.00
5. Class of Contractor : Super Class
6. Available of bid document in the website : From 10.00 A.M. of 28.09.2022 to 5.30 PM of 18.10.2022
7. Date of opening of Bid : Dt.19.10.2022 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

**Sd./- Chief Engineer (DPI & Roads), Odisha**
**OIPR-34111/11/0044/2223**



## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR
**E-mail ID: cebuildings_orissa@yahoo.co.in**
**cebuildings@rediffmail.com Tel.-(0674)-2391523**
### INVITATIONS FOR BIDS (IFB)
File No- B-I-Tourism-Puri-07/2021 Lr.No.35925/Bhubaneswar, dtd. 20th Sept.,2021
**No.B-631:** **Invitation for Bids**
**1st Corrigendum**
**Tender Reference No. OSD C.E. (B) - 23 / 2022-23**
**Name of the Work -Development of Puri-Konark Beachfront Chandrabhaga Beach, Konark on Turnkey Basis in the state of Odisha.**
The following changes have been made in Bid Identification No. **OSD-C.E. (B) - 23 / 2022-23**
Bid documents can be seen / downloaded from the Govt. Website i.e. www.tendersorissa.gov.in, during the period **dt.28.09.2022 to 17.30 hours of dt.11.11.2022** instead of **dt.19.09.2022 to 17.30 Hours of dt.02.11.2022** for ONLINE BIDDING respectively.
**1.** A pre-bid meeting shall be held on **dt.18.10.2022 at 11:00 AM** at the Conference Hall of Office of the E.I.C. (Buildings), Odisha, Nirman Soudh, Unit-V, Bhubaneswar instead of **dt.10.10.2022.** 2.**Online** bids shall be received till **17.30 Hours of dt.11.11.2022** instead of **dt.02.11.2022.** 3. Hardcopy shall be received on or before **dt.18.11.2022 upto 17.30 Hours** by this office instead of **dt.09.11.2022**. 4. The technical bids will be opened at **11.30 A.M. of dt.19.11.2022** instead of **dt.10.11.2022**. All other terms and conditions remain unchanged.

**Sd./- OSD-Chief Engineer (Buildings), Odisha, Bhubaneswar**
**OIPR-34117/11/0053/2223**



**GOVERNMENT OF ODISHA**
## Office of the Chief Construction Engineer Southern N.H. Circle, Berhampur
**Email-senhsouthbam@gmail.com**
### INVITATIONS FOR BIDS
**BID IDENTIFICATION NO.08/CCE NH, South of 2022-23**
**(e-Procurement Notice)**
**Bid Identification No. 08/CCE NH SOUTH of 2022-23**
**No. 2229 / Dtd : 20.09.2022**
**No.b-16:**1)The Chief Construction Engineer, Southern NH Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building Works as detailed in the table below.

2) Nature of work : Building Works
3) No. of work : 1 No.
4) Tender Cost : Rs.10,000/-
5) Class of Contractor : "A" Class & "B Class"
6) Availability of Bid document in the : 11 AM 28.09.2022 TO 5.00 PM of 12.10.2022
7) Date of Opening of Bid : 13.10.2022 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any Corrigendum/Addendum/Cancellation of will be displayed in the e-tender website only.

**Sd./- Chief Construction Engineer Southern NH Circle, Berhampur**
**OIPR-34148/11/0004/2223**

# ବାରବାଟୀରେ କିଙ୍ଗ୍ସ-ଟାଇଗର୍ସ ଟକ୍କର




କଟକର ବାରବାଟୀ ଷ୍ଟାଡିୟମରେ ସୋମବାର ଲିଜେଣ୍ଡ୍ସ ଲିଗ୍ ମ୍ୟାଚ ପୂର୍ବରୁ ଅଫିସିଆଲଙ୍କ ସହ ମଣିପାଲ ଟାଇଗର୍ସ ଓ ଭିଲୱାରା କିଙ୍ଗ୍ସ ଦଳର ଖେଳାଳି। (ଫଟୋ: ରାଜକିଶୋର ମହାନ୍ତି)

## ମଣିପାଲ ଟାଇଗର୍ସର ପ୍ରଥମ ବିଜୟ

**କଟକ, ୨୬।୯(ସରୋଜ ଜେନା)**

ବାରବାଟୀ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚରେ ମଣିପାଲ ଟାଇଗର୍ସ ୩ ରନରେ ଭିଲୱାରା କିଙ୍ଗ୍ସକୁ ପରାସ୍ତ କରିଛି। ଟାଟେଣ୍ଡା ଟାଇବୁଙ୍କ ଅର୍ଦ୍ଧଶତକ ସହାୟତାରେ ମଣିପାଲ ଟାଇଗର୍ସ ୮ ଉଇକେଟ ହରାଇ ୧୭୫ ରନ କରିଥିଲା। ଜବାବରେ ଭିଲୱାରା କିଙ୍ଗ୍ସ ବିଜୟର ନିକଟତର ହୋଇଥିଲେ ହେଁ ୨୦ ଓଭରରେ ୯ ଉଇକେଟ ହରାଇ ୧୭୨ ରନ କରିବାକୁ ସକ୍ଷମ ହୋଇଥିଲା। ଚଳିତ ଲିଗ୍‌ରେ ମଣିପାଲ ଟାଇଗର୍ସ ଦଳର ୪ ମ୍ୟାଚରୁ ଏହା ପ୍ରଥମ ବିଜୟ।

ଅଧିନାୟକ ଇରଫାନ ପଠାନ ଟସ୍‌ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓପନର ଟାଇବୁ ଓ ରାଇଡର ମଣିପାଲ ଟାଇଗର୍ସ ପାଇଁ ଭଲ ଆରମ୍ଭ କରିଥିଲେ। ଟାଇବୁ (୫୪) ଚଳିତ ସିଜନରେ ନିଜର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିବାବେଳେ ପ୍ରଥମ ମ୍ୟାଚ ଖେଳୁଥିବା ରାଇଡର ସଂଗ୍ରହ କରିଥିଲେ ୪୭ ରନ୍ । ପ୍ରଥମ ୬ ଓଭରରେ ଉଭୟ ଖେଳାଳି ବିନାକୌଣସି ଉଇକେଟ ହରାଇ ୬୩ ରନ୍ ସଂଗ୍ରହ କରିଥିଲେ। ମ୍ୟାଚର ୧୦ମ ଓଭରରେ ଉଭୟ ଖେଳାଳି ଶତକୀୟ ଭାଗୀଦାରି ପୂରଣ କରିଥିଲେ। ପ୍ରଥମ ଉଇକେଟରେ ଉଭୟ ୧୦୯ ରନ୍ ଯୋଡିଥିଲେ। ଟାଇବୁ ୩୦ ବଲଖେଳି ୫ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟ ପକ୍ଷରେ ରାଇଡର ୩୫ ବଲ ଖେଳି ନିଜ ଇନିଂସ ମଧ୍ୟରେ ୫ ଚୌକା ଓ ୨ ଛକା ମାରିଥିଲେ। ମ୍ୟାଚର ୧୧ତମ ଓଭରବୋଲିଂ କରିଥିବା ୟୁସୁଫ ପଠାନ ଦୁଇବଲ ବ୍ୟବଧାନରେ ଟାଇବୁ ଓ ରାଇଡରଙ୍କୁ ଆଉଟ କରିଥିଲେ। ପରବର୍ତ୍ତୀ ଓଭରରେ ଖାତା ଖୋଲିବା ପୂର୍ବରୁ ପ୍ରଦୀପ ସାହୁଙ୍କୁ ଆଉଟ କରିଥିଲେ ଜେସଲ କାରିଆ। ୧୧୧ ରନରେ ୩ ଉଇକେଟ ହରାଇବା ପରେ ମହମ୍ମଦ କୈଫ୍ ଓ କୋରି ଆଣ୍ଡରସନଙ୍କମଧ୍ୟରେ ୫୭ ରନର ଭାଗୀଦାରି ହୋଇଥିଲା। ଆଣ୍ଡରସନ୍ ୨୪ ଓ କୈଫ୍ ୨୮ ରନ୍‌କରିବା ଫଳରେ ଦଳ ୧୭୫ ରନ୍‌ରେ ପହଞ୍ଚିଥିଲା। ଆଣ୍ଡରସନଙ୍କ ଇନିଂସରେ ୩ ଚୌକା ସାମିଲ ଥିବାବେଳେ କୈଫ୍ ୨ ଚୌକା ଓ ୧ ଛକା ମାରିଥିଲେ। ଶେଷ ଆଡକୁ ଟିନୋ ବେଷ୍ଟ ଘାତକ ବୋଲିଂ କରିବା ସହିତ ରନ୍‌ଗତିରେ ଅଙ୍କୁଶ ଲଗାଇଥିଲେ। ବେଷ୍ଟ ୨୦ ରନ ଦେଇ ୩ ଉଇକେଟ ନେଇଥିବାବେଳେ ୟୁସୁଫ ପଠାନ୍ ୨ଟି ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କମଧ୍ୟରେ ଫିଡେଲ ଏଡୱାର୍ଡସ ଓ ଜେସଲ କାରିଆଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍




ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଦିଲହରା ଫର୍ନାଣ୍ଡୋ।

୧୭୬ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଭିଲୱାରା କିଙ୍ଗ୍ସ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫର୍ମରେ ଥିବା ୟୁସୁଫ ପଠାନ ୨୧ ବଲ୍‌ରୁ ୪୨ (୨ ଚୌକା, ୪ ଛକା) ରନ କରିଥିଲେ ହେଁ ଦଳର ବିଜୟ ପାଇଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ମଣିପାଲ ଟାଇଗର୍ସ ପକ୍ଷରୁ ଦିଲହରା ଫର୍ନାଣ୍ଡୋ ୪ଟି ଏବଂ ପରବିନ୍ଦର ଅୱାନା ଓ ଅଧିନାୟକ ହରଭଜନ ସିଂ ୨ଟି ଲେଖାଏ ଉଇକେଟ ନେଇଥିଲେ। ଫର୍ନାଣ୍ଡୋଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି ଓ ଯୁଗ୍ମସମ୍ପାଦକ ମେହତାବ ଖାଁ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ମଣିପାଲ ଟାଇଗର୍ସ ୨୦ ଓଭରରେ ୧୭୫/୮ (ଟାଟେଣ୍ଡା ଟାଇବୁ-୫୪, ଜେସି ରାଇଡର-୪୭, ମହମ୍ମଦ କୈଫ-୩୨, କୋରେ ଆଣ୍ଡରସନ-୨୪, ଟିନୋ ବେଷ୍ଟ-୩/୨୦, ୟୁସୁଫ ପଠାନ-୨/୨୫, ଫିଡେଲ ଏଡୱାର୍ଡ୍ସ-୧/୩୫, ଜେସଲ କାରିଆ-୧/୨୫)। ଭିଲୱାରା କିଙ୍ଗ୍ସ ୨୦ ଓଭରରେ ୧୭୨/୯ (ୟୁସୁଫ ପଠାନ-୪୨, ୱିଲିୟମ ପୋର୍ଟରଫିଲ୍ଡ-୨୮, ତନ୍ମୟ ଶ୍ରୀବାସ୍ତବ-୨୬, ଇରଫାନ ପଠାନ-୨୩, ଦିଲହରା ଫର୍ନାଣ୍ଡୋ-୪/୩୧, ହରଭଜନ ସିଂ-୨/୧୬, ପରବିନ୍ଦର ଅୱାନା-୨/୩୪, ମୁଥୟା ମୁରଲୀଧରନ-୧/୩୧)।

## କଟକରେ ହେବନି ଫାଇନାଲ

**କଟକ ଅଫିସ,୨୬।୯:** ଲିଜେଣ୍ଡ୍ସ ଲିଗ୍ କ୍ରିକେଟ (ଏଲ୍ଏଲ୍‌ସି) ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ବାରବାଟୀରେ ଖେଳାଯିବ ନାହିଁ। ଭେନ୍ୟୁ ପରିବର୍ତ୍ତନ କରିବା ପାଇଁ ଆୟୋଜକଙ୍କ ପକ୍ଷରୁ ସ୍ଥିର କରାଯାଇଛି। ଏ ନେଇ ଏଲ୍ଏଲ୍‌ସିର ସିଇଓ ରମଣ ରାହେଜା ସ୍ପଷ୍ଟ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ଅକ୍ଟୋବର ୫ ତାରିଖରେ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ବୋଲି ସ୍ଥିର କରାଯାଇଥିଲା। ଏ ନେଇ ଆୟୋଜକଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା ମଧ୍ୟ ହୋଇଥିଲା। ହେଲେ ସେଦିନ ମ୍ୟାଚ୍ ଆୟୋଜନକୁ ନେଇ ସମସ୍ୟା ଦେଖା ଦେଇଥିଲା। ଅକ୍ଟୋବର ୫ ତାରିଖରେ ଦଶହରାର ଦଶମୀ ତିଥି। ଏଣୁ ସେଦିନ କଟକରେ ମ୍ୟାଚ୍ ପାଇଁ ପୋଲିସ ସହାୟତା ସହଜ ହେବ ନାହିଁ। ଏପରି ସ୍ଥିତିରେ ବାରବାଟୀ ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଆୟୋଜନ ହେବା କଷ୍ଟକର ହୋଇଥାନ୍ତା। ଏ ନେଇ କଟକ ଜିଲାପାଳ ଭବାନୀ ଶଙ୍କର ଚୟନି, ଡିସିପି ପିନାକ ମିଶ୍ରଙ୍କ ସହିତ ଏଲ୍ଏଲ୍‌ସିର ବରିଷ୍ଠ ଅଧିକାରୀମାନେ ଆଲୋଚନା କରିଥିଲେ। ଶେଷରେ ଫାଇନାଲ ମ୍ୟାଚ୍‌ର ଭେନ୍ୟୁ ପରିବର୍ତ୍ତନ ନେଇ ସ୍ଥିର କରାଯାଇଛି।



ରମଣ ରାହେଜା

CLASSIFIED DISPLAY
MORE SPACE • SAME PRICE

ଧନ କୁବେର ଫାଇନାନ୍ସ
30000 ରୁ 50 ଲକ୍ଷ ପର୍ଯ୍ୟନ୍ତ ଋଣ । ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଉଦ୍ୟୋଗ, ଗୃହ ଋଣ, ଇଟାଭାଟି ଋଣ, 36 ଘଣ୍ଟାରେ 2% ସୁଧ 50% ରିହାତି (ସିବିଲ ଖରାପ ଥିବା ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
9457203304

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମୁଖ୍ୟ ବିଚାରପତି ସ୍ୱତନ୍ତ୍ର ଅତିଥି




ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍.ମୁରଲୀଧରଙ୍କୁ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ସଭାପତି ପଙ୍କଜ ଲୋଚନ ମହାନ୍ତି ସମ୍ବର୍ଦ୍ଧିତ କରୁଛନ୍ତି।

ବାରବାଟୀରେ ଆୟୋଜିତ ଲିଜେଣ୍ଡ୍ସ କ୍ରିକେଟର ପ୍ରଥମ ମ୍ୟାଚରେ ବରେଣ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଯୋଗଦେଇଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଙ୍କ ଉଦ୍ଦେଶ୍ୟରେ ପଡ଼ିଆରେ ଥିବା ମଞ୍ଚରେ ବସି ମ୍ୟାଚ ଉପଭୋଗ କରିଥିଲେ। ଏହି ଅବସରରେ ତାଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ୍(ଓସିଏ) ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓସିଏ ସମ୍ପାଦକ ସଞ୍ଜୟ ବେହେରା ଉପସ୍ଥିତ ରହି ସମ୍ବର୍ଦ୍ଧନା ସ୍ୱରୂପ ଶ୍ରୀଜଗନ୍ନାଥଙ୍କ ଏକ ପ୍ରତିକୃତି ପ୍ରଦାନ କରିଥିଲେ। ବାରବାଟୀରେ ବହୁସମୟ ରହି ମ୍ୟାଚକୁ ଉପଭୋଗ କରିଥିଲେ ମୁଖ୍ୟ ବିଚାରପତି।

### ବିଳମ୍ବରେ ଗ୍ୟାଲେରିରେ ବଢ଼ିଲା ଭିଡ଼

କ୍ରିକେଟ ମ୍ୟାଚର ଆରମ୍ଭ ସମୟରେ ଟସ୍ ପକାଯିବା ବେଳେ ଗ୍ୟାଲେରି ପ୍ରାୟ ଫାଙ୍କା ଥିଲା। ଷ୍ଟାଡିୟମରେ ପାଖାପାଖି ୫୦୦ଦର୍ଶକ ଉପସ୍ଥିତ ଥିଲେ। ହେଲେ ସନ୍ଧ୍ୟା ପରେ କ୍ରମଶଃ ଭିଡ଼ ବଢ଼ିବା ଆରମ୍ଭ ହୋଇଥିଲା। ଗ୍ୟାଲେରି ନଂ.୭କୁ ବାଦ୍ ଦେଇ ଅନ୍ୟ ସମସ୍ତ ଗ୍ୟାଲେରିରେ ଦର୍ଶକ ଉପସ୍ଥିତ ଥିଲେ। ୪୪ହଜାର କ୍ଷମତା ବିଶିଷ୍ଟ ବାରବାଟୀ ଷ୍ଟାଡିୟମରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥିଲେ ବୋଲି ଅନୁମାନ କରାଯାଉଛି।

### ପଠାନ୍ ବ୍ରଦର୍ସଙ୍କ ଚମକ

ବାରବାଟୀ ମ୍ୟାଚ୍‌ର ପ୍ରଥମ ଇନିଂସ୍‌ରେ ଜିମ୍ବାୱେ ଦଳର ପୂର୍ବତନ ଉଇକେଟ୍‌କିପର ଟାଟେଣ୍ଡା ଟାଇବୁଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ନ୍ୟୁଜିଲାଣ୍ଡର ଜେସି ରାଇଡର ମଧ୍ୟ କେତୋଟି ବଡ଼ ଶଟ୍ ଖେଳି ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲେ। ତେବେ ଦ୍ୱିତୀୟ ଇନିଂସ୍‌ରେ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ବେଳେ ଦୁଇ ପୂର୍ବତନ ଭାରତୀୟ କ୍ରିକେଟର ୟୁସୁଫ ପଠାନ ଏବଂ ଇରଫାନ ପଠାନ ଲଗାତର ଭାବେ ବାଉଣ୍ଡରି ମାରି ମ୍ୟାଚ୍‌କୁ ରୋମାଞ୍ଚକ ସ୍ଥିତିରେ ପହଞ୍ଚାଇଥିଲେ।

**-ପ୍ରସ୍ତୁତି: ସୁପ୍ରିୟା ପ୍ରିୟଦର୍ଶିନୀ**



ଦର୍ଶକ ମ୍ୟାଚ୍ ଉପଭୋଗ କରୁଛନ୍ତି।


## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰କୁମାରୀ ଦାଶ
(ବାଉଁଶିଆ ରଘୁନାଥପୁର ଶାସନ, ଶରଣକୁଳ, ନୟାଗଡ଼)
ଆବିର୍ଭାବ: ୦୬।୧୦।୧୯୫୩
ତିରୋଧାନ- ୦୮।୧୦।୨୦୨୧
ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣାମ ଜଣାଉଛୁ।
ଶୋକସନ୍ତପ୍ତ:ସ୍ୱାମୀ- ତ୍ରିନାଥ ଦାଶ, ପୁତ୍ର: ସନ୍ତୋଷ, ସୁଶାନ୍ତ, ପୁତ୍ରବଧୂ: ନନ୍ଦିତା, ସରୋଜିନୀ, ନାତୁଣୀ/ନାତି- ଅଙ୍କିତା, ଅଂଶୁମାନ ।
ଧ-୧୬୩୨

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ନକୁଳ ଚରଣ ଦାସ
ଡମଣା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୧୪।୦୪।୧୯୫୩
ତିରୋଧାନ: ୧୭।୦୯।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୧୬୦୩

ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ କ୍ଷୀରୋଦବାସିନୀ ଚୌଧୁରୀ
ଚିନ୍ତାମଣିଶ୍ୱର, ଭୁବନେଶ୍ୱର - ୦୬
ଆବିର୍ଭାବ - ୧୭.୦୨.୧୯୩୪
ତିରୋଧାନ - ୧୮.୦୯.୨୦୨୦
ଆଶ୍ୱିନ ମଳ ଶୁକ୍ଳପକ୍ଷ ପ୍ରତିପଦ ତିଥି
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଚରଣ କମଳରେ ଆମର ଭକ୍ତିପୂତ ନିବେଦନ ଓ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ :
ପୁତ୍ର - ସନ୍ତୋଷ ଚୌଧୁରୀ, ସମରେଶ ଚୌଧୁରୀ, ସଞ୍ଜୟ ଚୌଧୁରୀ ପୁତ୍ରବଧୂ, ଝିଅ-ଜ୍ୱାଇଁ ଓ ନାତିନାତୁଣୀ ଏବଂ ଆତ୍ମୀୟ ସଜନ
ଧ-୧୬୧୪

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



୰ ପ୍ରକାଶ ଚନ୍ଦ୍ର ପଣ୍ଡା
ଆବିର୍ଭାବ:୧୯୫୧ • ତିରୋଧାନ:୨୦୨୦
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପଣ୍ଡା ପରିବାର ଓ ନାତୁଣୀ-ଇଶିକା
ଧ-୧୬୩୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ପ୍ରସନ୍ନ କୁମାର ସାମନ୍ତରାୟ
ବକୁଗ୍ରାମ, ବଳଙ୍ଗା, ନିମାପଡ଼ା, ପୁରୀ
ତିରୋଧାନ: ୦୮ ।୧୦।୨୦୨୧ (ଦ୍ୱିତୀୟା)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ପରିବାର ଏବଂ ବନ୍ଧୁବାନ୍ଧବ ବର୍ଗ ।
ଧ-୭୩୩୫୧

ପ୍ରଥମ ଶ୍ରଦ୍ଧାଞ୍ଜଳି



୰ଦିପେନ୍ଦ୍ର କୁମାର ବାରିକ୍
ଗ୍ରାମ- ଲାଙ୍ଗପଡ଼ା, ଚନ୍ଦାହାଣ୍ଡି
ଆବିର୍ଭାବ: ୩୧।୧୦।୧୯୯୧
ତିରୋଧାନ: ୨୭।୦୯।୨୦୨୧
ଜମା ବିଶ୍ୱାସ କରି ହେଉନାହିଁ, ଏହାରି ଭିତରେ ୧ବର୍ଷ ବିତିଗଲା। ଆମ ଅନ୍ତରର କୋହ, ଆଖିର ଲୁହ ଏ ପର୍ଯ୍ୟନ୍ତ ଶୁଖିନାହିଁ। ତୋର ଅନୁପସ୍ଥିତିକୁ ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ମର୍ମେ ମର୍ମେ ଅନୁଭବ କରୁଅଛୁ ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୬୩୩

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୭ ସେପ୍ଟେମ୍ବର, ୨୦୨୨



ଫ୍ୟାଶନ

# ଲାଟେଷ୍ଟ ସୁଟ୍ ଡିଜାଇନ



ସାଧାରଣତଃ ମହିଳାମାନେ ସାଲୱାର ସୁଟ୍ ପିନ୍ଧିବାକୁ ଅଧିକ ପସନ୍ଦ କରନ୍ତି। ଏହା ପିନ୍ଧିବାକୁ ବେଶ୍ ଆରାମଦାୟକ ହୋଇଥାଏ। ଦେଖିବାକୁ ଗଲେ ପୁରୁଣା ଦିନର କିଛି ଡିଜାଇନ ଏବେ ଟ୍ରେଣ୍ଡ ପାଲଟିଗଲାଣି ଯାହା ଦେଖିବାକୁ ସୁନ୍ଦର ଓ କ୍ଲାସି ଲାଗିଥାଏ। ଯଦି ଆପଣ ସାଲୱାର ପିନ୍ଧିବାକୁ ସୌକିନ୍ ତେବେ ଆମେ ଆପଣଙ୍କୁ କିଛି ଏମିତି ଡିଜାଇନ୍ ବିଷୟରେ କହୁଛୁ ତାହା ଆପଣଙ୍କୁ ନିହାତି ଟ୍ରାଏ କରିବା ଦରକାର।

**ଭାରି ପ୍ଲାଜୋ ଡିଜାଇନ:** ଭାରି ଲୁକ୍ ବାଲା ପ୍ଲାଜୋ ଡିଜାଇନ ଦେଖିବାକୁ ଖୁବ୍



ସୁନ୍ଦର ଲାଗିଥାଏ। ଏହାକୁ କ୍ୟାରି କରିବା ବହୁତ ସହଜ ହୋଇଥାଏ। ଏହି ସୁଟ୍‌ରେ ହାଇନେକ୍,କଲର ନେକ୍ କିମ୍ବା ଭି ନେକ୍ ଲାଇନକୁ ଆପଣ ନିଜ ହିସାବରେ ଚୟନ କରିପାରିବେ।

**ଅନାରକଲି ଡିଜାଇନ:** ଅନାରକଲି ଡିଜାଇନ୍‌ରେ ପ୍ରସ୍ତୁତ ହୋଇଥିବା ସୁଟ୍ ପୁରୁଣା ଯୁଗରେ ବହୁତ ପସନ୍ଦ କରାଯାଉଥିଲା ; ଯାହାର ଫ୍ୟାଶନ ଆଜି ବି ଆଉଟ୍ ହୋଇନାହିଁ। ଏଥିରେ ପାଦ ପର୍ଯ୍ୟନ୍ତ ଫର୍କ ଷ୍ଟାଇଲ୍ କୁର୍ତ୍ତି ଫ୍ରିଲ୍ ସହିତ ଆସିଥାଏ। ସେଠି ଏହାର ବଟମ୍ କଥା କହିଲେ ଏଥିରେ ଚୁଡିଦାର କରି ପିନ୍ଧାଯାଇପାରିବ ନ ହେଲେ ଆଙ୍କେଲ ଲେଙ୍ଗ୍‌ଥ ଲେଗିଂସ୍ ପିନ୍ଧିପାରିବେ।

**ଲେହେଙ୍ଗା କୁର୍ତ୍ତା ଡିଜାଇନ:** ଲେହେଙ୍ଗା କୁର୍ତ୍ତା ଡିଜାଇନ୍‌ରେ ପ୍ରସ୍ତୁତ ହୋଇଥିବା ସୁଟ୍ ଦେଖିବାକୁ ବହୁ ସୁନ୍ଦର ଓ ଆଟ୍ରାକ୍ଟିଭ୍ ମଧ୍ୟ ଲାଗିଥାଏ। ଏଥିରେ ଆପଣ ସ୍ଲିମ୍ ଦେଖାଯିବା ସହ ଭଲ ମଧ୍ୟ ଦେଖାଯିବେ। ହେଭି ଲେହେଙ୍ଗା କୁର୍ତ୍ତି ସହିତ ସବୁବେଳେ ହାଲ୍‌କା ଦୁପଟ୍ଟା ହିଁ ପସନ୍ଦ କରନ୍ତୁ।

**ପଟିଆଲା ସୁଟ୍ ଡିଜାଇନ:** ଆଜିକାଲି ସବୁ ମହିଳାଙ୍କୁ ପଟିଆଲା ସୁଟ୍ ବେଶ୍ ପସନ୍ଦ ଆସୁଛି। ଏଥିରେ ଆପଣ ସର୍ଟ କୁର୍ତ୍ତି ପିନ୍ଧିଲେ ଭଲ ମାନିଥାଏ।

**ଷ୍ଟ୍ରେଟ୍ ପ୍ୟାଣ୍ଟ ଡିଜାଇନ୍ :** ଲଙ୍ଗ୍ କୁର୍ତ୍ତି ସହିତ ସର୍ଟ ଆଙ୍କଲ ଲେଙ୍ଗ୍‌ଥ ଷ୍ଟ୍ରେଟ୍ ପ୍ୟାଣ୍ଟ ଆଜିକାଲି ଯୁବତୀଙ୍କ ବେଶ୍ ପସନ୍ଦ। ଏହାକୁ ଆପଣ ସାଲୱାର ସୁଟ୍ ଡିଜାଇନ ବେଶ୍ ପସନ୍ଦ ଆସୁଛି। ମହିଳାମାନେ ବି ଏହାକୁ ଟ୍ରାଏ କରୁଛନ୍ତି।

# ଘରର ମୁଖ୍ୟଦ୍ୱାର ଓ ବାସ୍ତୁଶାସ୍ତ୍ର

ଘରକୁ ବହୁ କଷ୍ଟରେ ତିଆରି କରାଯାଏ। କିନ୍ତୁ ଯେଉଁ ଘରେ ବାସ୍ତୁଦୋଷ ରହିଯାଏ ସେହି ଘରର ଖୁସି ଉପରେ ଯେମିତି କାହାର ନଜର ଲାଗିଯାଇଛି ପରି ମନେହୁଏ। ଏଥିପାଇଁ କେତୋଟି କଥା ପ୍ରତି ଦୃଷ୍ଟିଦିଅନ୍ତୁ। ଜାଣନ୍ତୁ ଏମିତି କେତୋଟି ଟିପ୍ସ...



✶ପ୍ରଥମେ ଧ୍ୟାନଦେବାକୁ ହେବ ଯେ କେଉଁ ଜିନିଷ ମେନ୍ ଗେଟ୍ ବାହାରେ ରଖିବେନି। ଗେଟ୍ ବାହାରେ କଣ୍ଟାଜାତୀୟ ଗଛ ଲଗାନ୍ତୁ ନାହିଁ। କଣ୍ଟା ଜାତୀୟ ଗଛ ବାହାରେ ରହିବା ଦ୍ୱାରା ଘରର ସବୁ ପଜିଟିଭ୍ ଏନର୍ଜି ବାହାରକୁ ପଳାଇବ ଏବଂ ଘରେ ରହୁଥିବା ବ୍ୟକ୍ତି ମାନସିକ ଚିନ୍ତାଗ୍ରସ୍ତ ହେବା ଆଶଙ୍କା ରହିଛି।

✶ଘରର ପ୍ରବେଶ ଦ୍ୱାରରେ କୌଣସି ଭଙ୍ଗା ଜିନିଷ ରଖନ୍ତୁ ନାହିଁ। ଭଙ୍ଗା ଚେୟାର, ଟେବୁଲ୍, ବେଡ୍, ଡୋର ଆଦି ରଖନ୍ତୁ ନାହିଁ। ଏସବୁ ଜିନିଷ ରହିବା ଦ୍ୱାରା ଘରେ ଅଶାନ୍ତି ବୃଦ୍ଧିପାଏ।

✶ମୁଖ୍ୟଦ୍ୱାର ସାମ୍ନାରେ ଦେବୀ ଓ ଦେବତାଙ୍କ ମନ୍ଦିର ସ୍ଥାପନ କଲେ ସେଠାରେ ସେମାନେ ବାସକରନ୍ତି ନାହିଁ। ଏହାଦ୍ୱାରା ଆପଣଙ୍କୁ କଷ୍ଟ ସହିବାକୁ ପଡ଼ିପାରେ।

✶କେବେ ବି ଘର ସାମ୍ନାରେ ଗାତ କିମ୍ବା କୂଅ ଖୋଳନ୍ତୁ ନାହିଁ। କୂଅ ଘର ସାମ୍ନାରେ ରହିବା ଦ୍ୱାରା ଘରେ ଅଶାନ୍ତି ଦେଖାଯାଏ।

ଖାଦ୍ୟରୁଚି

# ମୁଗଡାଲି ପକୁଡ଼ି



**ଆବଶ୍ୟକ ସାମଗ୍ରୀ :** ଦୁଇକପ୍ ମୁଗଡାଲି, ଦୁଇ ଚାମଚ ଅଦା ପେଷ୍ଟ, ୩-୪ଟି ରସୁଣ କୋଳା, ଗୋଟିଏ ବଡ଼ ଆକାରରେ କଟାହୋଇଥିବା ପିଆଜ, ଗୋଟିଏ ଟମାଟୋ, ଅଧା କପ କଟା ହୋଇଥିବା ଧନିଆପତ୍ର, ଲୁଣ, ଗୋଲ ମରିଚ, ଅଧା ଚାମଚ ଗୋଟା ଧନିଆ।

**ପ୍ରସ୍ତୁତି ପ୍ରଣାଳୀ :** ମୁଗଡାଲି ପକୁଡ଼ି ପ୍ରସ୍ତୁତ କରିବାକୁ ହେଲେ ସର୍ବପ୍ରଥମେ ମୁଗଡାଲିକୁ ଧୋଇ ୨-୩ ଘଣ୍ଟା ପାଇଁ ଭିଜାଇ ରଖିଦିଅନ୍ତୁ। ଏବେ ରଖାହୋଇଥିବା ମୁଗକୁ ଗ୍ରାଇଣ୍ଡ କରିଦିଅନ୍ତୁ। ଏଥର ମୁଗଡାଲିର ପେଷ୍ଟକୁ ଏକ ପାତ୍ରରେ କାଢ଼ିଦିଅନ୍ତୁ। ଏବେ କଟାହୋଇଥିବା ପିଆଜ, ଧନିଆଁପତ୍ର ଓ ଅଦା ପେଷ୍ଟକୁ ପକାନ୍ତୁ। ପୁନର୍ବାର କଟା ଧନିଆପତ୍ର, ଗୋଟା ଧନିଆ, ଗୋଲମରିଚ ଓ ଲୁଣ ପକାଇ ଭଲଭାବେ ମିକ୍ସ କରି ଦିଅନ୍ତୁ। ଏହି ମିଶ୍ରଣକୁ ଅଧିକ ପତଳା କିମ୍ବା ମୋଟା କରନ୍ତୁ ନାହିଁ। ଏହା କିଛି ସମୟ ରହିବା ପରେ ଏବେ ଗ୍ୟାସ୍ ଲଗାଇ ଦିଅନ୍ତୁ। କଡ଼େଇ ତାତିଲା ପରେ ସେଥିରେ ତେଲ ପକାନ୍ତୁ। ଏବେ ମିକ୍ସକୁ ଟିକେ ଛୋଟ ଛୋଟ ଆକାର କରି କଡ଼େଇରେ ପକାନ୍ତୁ। ଯେପର୍ଯ୍ୟନ୍ତ ଏହା ବ୍ରାଉନ୍ କଲର ନ ହୋଇଛି ସେ ପକୁଡ଼ିକୁ ଏପଟ ସେପଟ କରନ୍ତୁ। ଏହା ହୋଇଗଲା ପରେ କଡ଼େଇରୁ କାଢ଼ି ନିଅନ୍ତୁ। ଏବେ ଏହି ପକୁଡ଼ିକୁ ଗ୍ରୀନ୍ ଚଟଣି ସହିତ ଖାଆନ୍ତୁ। ଗ୍ରୀନ୍ ଚଟଣି ପ୍ରସ୍ତୁତ କରିବାକୁ ହେଲେ କଟା ଟମାଟୋ, ଧନିଆ ପତ୍ର, ରସୁଣ, ଅଦା, ଲୁଣ ଓ ପାଣି ପକାଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏବେ ଆପଣଙ୍କ ଚଟଣି ପ୍ରସ୍ତୁତ ହୋଇଗଲା। ପକୁଡ଼ିକୁ ଗାର୍ନିସିଂ କରିବାକୁ ହେଲେ କଟା ପିଆଜ ଓ ଧନିଆପତ୍ର ବ୍ୟବହାର କରିପାରିବେ।

# ଘରୋଇ ରୂପଚର୍ଯ୍ୟା

ସୌନ୍ଦର୍ଯ୍ୟ

ସବୁଦିନ ଏମିତି କିଛି ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ, ଯାହାର ସହଜ ସମାଧାନ ହୋଇପାରିବ। କିନ୍ତୁ ଏହା ଆମକୁ ଜଣା ନ ଥାଏ। ଏ ନେଇ କେତୋଟି ଟିପ୍ସ ଆପଣେଇ ପାରନ୍ତି...



❖ଯଦି ଆପଣଙ୍କ କେଶ ଓଦା ହୋଇଛି ତାକୁ କମ୍ ସମୟରେ ଶୁଖାଇବା ଏତେ ସହଜ ହୋଇ ନ ଥାଏ। ଏଥିଲାଗି ଓଦା କେଶକୁ ଏକ ଟାୱେଲ୍‌ରେ ଗୁଡ଼ାଇ ରଖିବା ପରେ ତାକୁ ଡ୍ରାୟର ସାହାଯ୍ୟରେ ଶୁଖାନ୍ତୁ।

❖ଟାଣ ନଖକୁ କାଟିବା ସହଜ ହୋଇ ନ ଥାଏ। କେବେ କେବେ ଆମ ନଖ ଏତେ ଟାଣ ହୋଇଯାଇଥାଏ ଯେ ତାକୁ କାଟିବା ଓ ସେପ୍ ଦେବା ଏତେ ସହଜ ହୋଇ ନ ଥାଏ। ଗାଧୋଇବା ସମୟରେ ଆପଣଙ୍କ ନଖକୁ କିଛି ସମୟ ପାଣିରେ ବୁଡ଼ାଇ ରଖନ୍ତୁ। ପୁଣି କାମ କରନ୍ତୁ ଯେମିତିକି କପଡ଼ା ସଫା କରିବା,ବାସନ ମଜା ଏବଂ ଆଉ କିଛି କାମ କରିପାରିବେ। ଏହାପରେ ନଖ ନରମ ହୋଇଯାଏ, ଯାହାଦ୍ୱାରା ନଖ ଶେପ୍ ଦେବା ଏବଂ କାଟିବା ସହଜ ହୋଇଯିବ।

❖ଆଜିକାଲି ସୁନ୍ଦର ଦେଖାଯିବାକୁ ସମସ୍ତେ ଚାହାନ୍ତି ଏଥିପାଇଁ ବିଭିନ୍ନ ପ୍ରକାର ବିଉଟି ପ୍ରଡକ୍ଟ ବ୍ୟବହାର କରିଥାନ୍ତି, ଏଥିସହ ଫେସିଆଲ୍ କରିଥାନ୍ତି। ଫେସିଆଲ୍ କରିବା ସମୟରେ କିଛି କଥା ଉପରେ ନଜର ଦେବା ନିହାତି ଜରୁରୀ। ଆପଣ ଲକ୍ଷ୍ୟକରିଥିବେ କି ଯେତେବେଳେ ଫେସିଆଲ୍ କରୁଛନ୍ତି ସେହି ସମୟରେ ଆପଣଙ୍କ ମୁହଁ ଲାଲ୍ ହୋଇଯାଉଛି। ତେବେ ଏହି ସମୟରେ ସ୍ପ୍ରେ ବଟଲ ସାହାଯ୍ୟରେ ମୁହଁକୁ ଥଣ୍ଡା ପାଣିରେ ସ୍ପ୍ରେ କରନ୍ତୁ। ଏପରି କଲେ ମୁହଁ ଜ୍ୱଳନ ହେବନାହିଁ।

❖ଆପଣଙ୍କୁ ଯଦି କେଉଁଠିକୁ ଯିବାର ଥାଏ ତେବେ ଆପଣ ନେଲ୍‌ପଲିସ୍ ଲଗାଇଲେ ତାହା ସହଜରେ ଶୁଖି ନ ଥାଏ। ଏଥିପାଇଁ ଆପଣ ପ୍ରଥମେ ନେଲ୍‌ପଲିସ୍ ଲଗାଇ ତାକୁ କିଛି ସମୟ ପାଣିରେ ବୁଡ଼ାଇ ଦିଅନ୍ତୁ। ଏହାଦ୍ୱାରା ନେଲ୍‌ପଲିସ୍ ଜଲ୍‌ଦି ଛାଡ଼ି ନ ଥାଏ ଓ ଶୁଖାଇବାକୁ ହେଲେ ହେୟାର ଡ୍ରାଏ ବ୍ୟବହାର କରିପାରିବେ।

କେଶ ଧଳା ହୋଇଯାଇଥିଲେ

❖ଯଦି ଆପଣଙ୍କୁ ଜଲ୍‌ଦି ଯିବାର ଅଛି କୌଣସି ମିଟିଂ କିମ୍ବା ପାର୍ଟିରେ, ତେବେ ସେ ସମୟରେ ତ ଆପଣ କେଶକୁ କଲର କରିପାରିବେ ନାହିଁ। ଏଥିଲାଗି ଆପଣ ନିଜର କିଛି ବିଉଟି ପ୍ରଡକ୍ଟ ବ୍ୟବହାର କରି ଧଳା କେଶକୁ କଳାପାରିବେ। ଯେମିତିକି ମସ୍କରା ବ୍ୟବହାର କରି ଧଳା କେଶକୁ କଳା କରିପାରିବେ।



# ମେଡିକ୍ଲେମ୍ ପ୍ଲାନ୍



ଆଜିର ଲାଇଫଷ୍ଟାଇଲ ଏମିତି ହୋଇଗଲାଣି କାହାର କେତେବେଳେ ଶରୀର ଅସୁସ୍ଥ ହେବ ତାହା କେହି ଜାଣି ନ ଥାନ୍ତି। ଏସବୁ ଦିଗକୁ ଲକ୍ଷ୍ୟ କରି ଭବିଷ୍ୟତରେ କିଛି ମେଡିକାଲ୍ ଖର୍ଚ୍ଚରୁ ନିଜକୁ ରକ୍ଷା କରିବାକୁ ହେଲେ ମେଡିକ୍ଲେମ୍ ପ୍ଲାନ ନେବା ନିହାତି ଜରୁରୀ। ଏ ସମ୍ପର୍କରେ ଜାଣନ୍ତୁ କେତୋଟି ଟିପ୍ସ......

ଆଜି ସବୁ ବ୍ୟକ୍ତି ପ୍ରାୟତଃ ମେଡିକ୍ଲେମ୍ ପ୍ଲାନ୍ ବା ହେଲ୍‌ଥ ଇନ୍‌ସ୍ୟୁରାନ୍ସର ଆବଶ୍ୟକତାକୁ ବୁଝିଲେଣି, ଜାଣିଲେଣି କିନ୍ତୁ ହିସାବ କିତାବରେ ଏବେ ବି ଗଡ଼ବଡ଼ କରି ଦେଉଛନ୍ତି। ଦେଖିବାକୁ ଗଲେ ଅଧିକାଂଶ ବ୍ୟକ୍ତି ହେଲ୍‌ଥ ଇନ୍‌ସ୍ୟୁରାନ୍ସ ନେବା ସମୟରେ ଏତେଟା ଧ୍ୟାନ ଦିଅନ୍ତି ନାହିଁ। ନେବା ସମୟରେ ୨-୩ ଲକ୍ଷର ଇନ୍‌ସ୍ୟୁରାନ୍ସ ନେଇଥାନ୍ତି। କିନ୍ତୁ ଯେତେବେଳେ ଏମରଜେନ୍ସି ଆସେ ସେ କୌଣସି କାମରେ ଆସି ନ ଥାଏ। ଏହା କେବଳ ନାମକୁ ରହିଯାଏ। ଆପଣ ଏମିତି କରିନାହାନ୍ତି ତ? ଆପଣ କାଲ୍‌କୁଲେଟ୍ କରନ୍ତୁ କି ଆପଣ ଯେଉଁ ହେଲ୍‌ଥ ପ୍ଲାନ୍ ନେଇଛନ୍ତି ତାହା ଅନ୍‌ହେଲ୍‌ଦି ତ ନୁହେଁ।

**ପ୍ଲାନ୍ ନେବା ସମୟରେ ଏହି କଥାକୁ ଧ୍ୟାନରଖନ୍ତୁ**

ହେଲ୍‌ଥ ଇନ୍‌ସ୍ୟୁରାନ୍ସ ନେବା ସମୟରେ ପ୍ରଥମେ ଏହାର ଏବିସି ଜାଣିବାକୁ ହେବ। ତେବେ ଯାଇ ଛୋଟ ଛୋଟ ଭୁଲ୍‌ରୁ ନିଜକୁ ରକ୍ଷା କରିପାରିବେ। ଯେତେ ଜଲ୍‌ଦି ହେବ ଏହି ପ୍ଲାନ୍ ନେଇଯାନ୍ତୁ। ସମସ୍ତେ ଏହି ପ୍ଲାନ୍ ନେବାକୁ ଆଗ୍ରହ ଦେଖାନ୍ତୁ। କିନ୍ତୁ ଅଧିକାଂଶ ଲୋକ ଅଧିକ କଭରେଜ୍ କମ୍ ପ୍ରିମିୟମ୍, ନୋ ଲୋଡିଂ, ବେଷ୍ଟ କ୍ଲେମ୍ ସେଟଲମେଣ୍ଟ, ଓପିଡି କଭର, ଫାଷ୍ଟ କ୍ଲେମ୍ ସେଟଲମେଣ୍ଟ ଓ ମ୍ୟାଟରନିଟି ଭଳି ଫିଚର୍ସ ଚକ୍କରରେ ଇନ୍‌ସ୍ୟୁରାନ୍ସ ନେବାକୁ ଦିନ ପରେ ଦିନ ଗଡ଼ାଇଥାନ୍ତି। ଯେତେ କମ୍ ବୟସରୁ ଇନ୍‌ସ୍ୟୁରାନ୍ସ ନେବେ, ପ୍ରିମିୟମ୍ ସେତେ କମ୍ ହେବ, ଦିନ ଗଡ଼ାଇ ଚାଲିବା ଦ୍ୱାରା ଆପଣଙ୍କୁ ଜଣା ପଡ଼ିବନି ଯେ ସମୟ କେତେ ଶୀଘ୍ର ପଳାଇଯାଇଛି।

**କାହାକୁ ବୀମା ଅନ୍ତର୍ଭୁକ୍ତ କରିବା**

ଅଧିକାଂଶ ଲୋକ ନିଜକୁ, ନିଜ ସ୍ତ୍ରୀଙ୍କୁ ଓ ପିଲାଙ୍କୁ ବୀମା ଅନ୍ତର୍ଭୁକ୍ତ କରିଥାନ୍ତି। ହେଲେ ନିଜର ବୟସ୍କ ମାତାପିତାଙ୍କୁ ଅଣଦେଖା କରିଥାନ୍ତି। କିନ୍ତୁ ଏହି ବୟସରେ ମାତା ପିତାଙ୍କର ବୀମାର ବେଶି ଆବଶ୍ୟକତା ରହିଛି। ଯଦି ଆପଣ ବୟସ୍କ ଅଭିଭାବକଙ୍କ ବୀମା ନ କରୁଛନ୍ତି ତେବେ ତାଙ୍କର ହସ୍ପିଟାଲ ଖର୍ଚ୍ଚ ଆପଣଙ୍କୁ ବେଶି ଦେବାକୁ ପଡ଼ିପାରେ। ତେଣୁ ବୁଦ୍ଧିମାନ୍ ହୁଅନ୍ତୁ ଓ ନିଜର ଅଭିଭାବକଙ୍କୁ ବୀମା ଅନ୍ତର୍ଭୁକ୍ତ କରାନ୍ତୁ ।

**ଫ୍ୟାମିଲି ଫ୍ଲୋଟର କିମ୍ବା ଇଣ୍ଡିଭିଜୁଆଲ ପ୍ଲାନ୍**

ଯଦି ଆପଣ କେବଳ ସ୍ୱାମୀ, ସ୍ତ୍ରୀ କିମ୍ବା ସ୍ୱାମୀ ସ୍ତ୍ରୀ ସହ ଦୁଇଟି ପିଲା, ତେବେ ଆପଣ ଫ୍ୟାମିଲି ଫ୍ଲୋଟର ପ୍ଲାନ୍ ନେଇଯିବା ଦରକାର। ଇଣ୍ଡିଭିଜୁଆଲ୍ କଭର ତୁଳନାରେ ଫ୍ୟାମିଲି ଫ୍ଲୋଟର ଶସ୍ତା ହୋଇଥାଏ। କିନ୍ତୁ ଯଦି ଆପଣଙ୍କ ପରିବାରରେ ୫୦ବର୍ଷରୁ ଅଧିକ ବୟସ୍କର ପ୍ୟାରେଣ୍ଟସ୍ ଥାଆନ୍ତି ତେବେ ସମସ୍ତଙ୍କ ପାଇଁ ଫ୍ଲାମିଲି ଫ୍ଲୋଟର କିମ୍ବା ଇଣ୍ଡିଭିଜୁଆଲ୍ ପ୍ଲାନ୍ ନେବା ଠିକ୍ ହେବ। ଉଦାହରଣ ସ୍ୱରୂପ ଏଠାରେ କେତୋଟି ଟିପ୍ସ ଦିଆଯାଇଛି ଯାହାକୁ ଆପଣ ସହଜରେ ବୁଝିପାରିବେ ଯେ ଆପଣଙ୍କୁ କେଉଁ ପ୍ଲାନ୍ ନେବା ଭଲ ହେବ।

➤ଯଦି ଆପଣ ସ୍ୱାମୀ ସ୍ତ୍ରୀ ଦୁଇଟି ପିଲାଛୁଆ, ତେବେ ଏ କ୍ଷେତ୍ରରେ ସ୍ୱାମୀଙ୍କୁ ୩୨ ସ୍ତ୍ରୀକୁ ୩୦, ଗୋଟିଏ ପିଲାକୁ ୪ବର୍ଷ ଓ ଅନ୍ୟଟିକୁ ୨ ବର୍ଷ ତେବେ ଆପଣଙ୍କୁ ଅତିକମ୍‌ରେ ୫ ଲକ୍ଷର ପ୍ଲାନ୍ ନେବା ଜରୁରୀ। ଏଠାରେ ମଧ୍ୟ ଫ୍ୟାମିଲି ଫ୍ଲୋଟର ନେବା ଜରୁରୀ। କାରଣ ସମସ୍ତଙ୍କୁ ଏକାବେଳେ ଇନ୍‌ସ୍ୟୁରାନ୍ସର ଆବଶ୍ୟକତା ନାହିଁ। ଏହାର ପ୍ରିମିୟମ୍ ପାଖାପାଖି ୧୫ହଜାର ଟଙ୍କା ବର୍ଷକୁ ଦେବାକୁ ପଡ଼ିବ। ଏହା ଆପଣଙ୍କ ପରିବାର ପାଇଁ ପର୍‌ଫେକ୍ଟ ଏବଂ ଶସ୍ତା ମଧ୍ୟ ହେବ।

**କ’ଣ କହନ୍ତି ଏମାନେ**



**ଆଜିକାଲି ମେଡିକ୍ଲେମ୍ ନେବା ଗୁରୁତ୍ୱପୂର୍ଣ୍ଣ:**
*-ସଙ୍ଗୀତା ଲେଙ୍କା, ଏଚ୍‌ଓଡି, ମ୍ୟାନେଜମେଣ୍ଟ, ସି.ଭି.ରମଣ ଗ୍ଲୋବାଲ ୟୁନିଭର୍ସିଟି, ଯାଆଁଳା, ଭୁବନେଶ୍ୱର*

୩ବର୍ଷ ପାଖାପାଖି ହେବ ଆମେ ମେଡିକ୍ଲେମ୍ ପ୍ଲାନ୍ ନେଇଛୁ। ଆଜିକାଲି ଲାଇଫ୍‌ଟା ଅନ୍‌ସର୍ଟେନ କେତେବେଳେ କ’ଣ ହେବ ଏଥିପାଇଁ ଆମେ ମେଡିକ୍ଲେମ୍ ପ୍ଲାନ୍ ନେବା ଜରୁରୀ। ଯଦି ମୁଁ କୌଣସି କର୍ପୋରେଟ୍ ହସ୍ପିଟାଲ୍‌ରେ ମୋର ଟ୍ରିଟ୍‌ମେଣ୍ଟ କରିବି ତେବେ ସେ ଅନୁଯାୟୀ ମୋତେ ପ୍ରିମିୟମ ଦେବାର ଅଛି। ଗୋଟେ ମାଇନର ଅପରେଶନ୍‌ରେ କେତେ ଟଙ୍କା ଖର୍ଚ୍ଚ ହୋଇଯାଉଛି। ଯଦି କିଛି ମେଜର ଅପରେଶନ୍ ରହିବ ତେବେ ଆମକୁ ୩ଗୁଣା ଦେବାକୁ ହେବ। ରୁମ୍ ନେବାକୁ ହେଲେ ତାହା ଠିକ୍‌ଠାକ୍ କି ନାହିଁ ତାହା ଆପଣଙ୍କ ନେଇଥିବା ମେଡିକ୍ଲେମ୍ ଭିତରେ କଭର ହୋଇପାରିବ କି ନାହିଁ ଏସବୁ ଦିଗକୁ ମଧ୍ୟ ଧ୍ୟାନଦେବାକୁ ପଡ଼ିବ।



**ସବୁ କଥା ଭଲ ଭାବରେ ବୁଝିଥିଲି:** *-ମୋନାଲିସା ସ୍ୱାଇଁ, ଗୃହିଣୀ, ଜିଜିପି କଲୋନୀ, ଭୁବନେଶ୍ୱର)*

କଥାରେ ଅଛି ସ୍ୱାସ୍ଥ୍ୟ ହିଁ ସମ୍ପଦ। ତେଣୁ ବର୍ତ୍ତମାନ ଧାଁଧପଡ ଜୀବନରେ ନିଜ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ନିହାତି ଜରୁରୀ। ଏବେ ଏଥିପାଇଁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ବୀମା ଯୋଜନାର ସୁବିଧା ରହିଛି। ପ୍ରାୟ ପାଞ୍ଚ ବର୍ଷ ହେବ ମୁଁ ଏକ ପ୍ରାଇଭେଟ ହେଲଥ ପଲିସି କରିଛି। ସେତେବଳେ ଏହାର ସବୁ କଥା ପ୍ରଥମେ ଭଲ ଭାବରେ ବୁଝିଲି। ମନରୁ ସବୁ ପ୍ରକାର ଦ୍ୱନ୍ଦ ଦୂର ହେବା ପରେ ମୋ ପରିବାର ପାଇଁ ତିନି ଲକ୍ଷ ଟଙ୍କାର ଏକ ପଲିସି କରିଛି। ଏହାର ନୀତିନିୟମ ଅନୁସାରେ ପ୍ରିମିୟମ ଦେଉଛି। ଗତ ବର୍ଷ ଏକ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ମୁଁ ଏହି ପଲିସିକୁ ଉପଯୋଗ କରି ସେଥିରୁ ସଫଳତା ପାଇଥିଲି।

➤ଯଦି ଆପଣଙ୍କ ବୟସ ୪୦, ସ୍ତ୍ରୀଙ୍କ ବୟସ ୩୮, ପିଲାଙ୍କ ବୟସ ୧୨ ଓ ୧୦ବର୍ଷ ତେବେ ବି ଆପଣ ଫ୍ୟାମିଲି ଫ୍ଲୋଟର ପ୍ଲାନ୍ ନେବା ଜରୁରୀ। ଧରିନିଅନ୍ତୁ ଆପଣଙ୍କୁ ୧୦ଲକ୍ଷ ଟଙ୍କାର ପ୍ଲାନ୍ ନେବାର ଅଛି ତେବେ ଆପଣଙ୍କୁ ପାଖାପାଖି ୨୦ ହଜାର ପ୍ରିମିୟମ୍ ଦେବାକୁ ହେବ ବର୍ଷକୁ। ଏହି ବୟସରେ ଆପଣଙ୍କର ଓ ଆପଣଙ୍କ ସ୍ତ୍ରୀଙ୍କର ହସ୍ପିଟାଲ ଖର୍ଚ୍ଚ ବଢ଼ିପାରେ। ପିଲା ଯଦି ଛୋଟ ଅଛି ଏହି ପ୍ଲାନ୍ ଆପଣଙ୍କ ବେଷ୍ଟ ପ୍ଲାନ୍ ହେବ।

**ଲଙ୍ଗ୍ ଟର୍ମକୁ ଧ୍ୟାନରେ ରଖନ୍ତୁ**

ଅଧିକାଂଶ ଲୋକ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଦେଖିଚାହିଁ କରିଥାନ୍ତି। ଯଦି ଆପଣ ଏବେ ଫିଟ୍ ଅଛନ୍ତି ୨୦-୨୫ବର୍ଷ ପରେ ଏହା ଆପଣଙ୍କ କାମରେ ଆସିପାରେ। ଧରି ନିଅନ୍ତୁ ଏବେ ଆପଣଙ୍କ ବୟସ ୩୦ ବର୍ଷ ଆଜି ଦିନରେ ହସ୍ପିଟାଲର ଖର୍ଚ୍ଚ ୫୦ହଜାରରୁ ୩ଲକ୍ଷ ଟଙ୍କା। କିନ୍ତୁ ୨୦ବର୍ଷ ପରେ ଯେତେବେଳେ ଆପଣ ୫୦ବର୍ଷର ହେବେ ତେବେ ଆପଣଙ୍କ ହସ୍ପିଟାଲ ଖର୍ଚ୍ଚ ପାଖାପାଖି ୧୬ଲକ୍ଷ ଟଙ୍କା ହେବ। ତେବେ ଏହି କଥାକୁ ଧ୍ୟାନରେ ରଖି ପଲିସି ନିଅନ୍ତୁ।

**କୋ-ପେମେଣ୍ଟ ବା ସବ୍ ଲିମିଟ୍ ବିଷୟରେ ପଚାରନ୍ତୁ**

ଅଧିକାଂଶ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ପଲିସିରେ କୋ-ପେମେଣ୍ଟ କିମ୍ବା ସବ୍ ଲିମିଟ୍ ଭଳି ପ୍ରାବଧାନ ରହିଛି। ସବ୍ ଲିମିଟ୍ ଅର୍ଥ କିଛି ମେଡିକାଲ କଣ୍ଡିସନ୍‌ରେ କିଛି ପ୍ରତିଶତ ଭାଗ ବ୍ୟବହାର କରିପାରିବେ। ଯେମିତିକି ଆପଣଙ୍କୁ କୌଣସି ସର୍ଜରି କରିବାର ଅଛି, କିନ୍ତୁ ଆପଣଙ୍କ ମେଡିକାଲ ପ୍ଲାନ୍‌ରେ ଏହି ସର୍ଜରିରେ ଆପଣଙ୍କର ସବ୍ ଲିମିଟ୍ ଅଛି। ଯଦି ଆପଣଙ୍କ ଇନ୍‌ସ୍ୟୁରାନ୍ସ ୫ଲକ୍ଷର ହୋଇଥାଏ, ତେବେ ଏଥିରୁ ୫୦ପ୍ରତିଶତ ହିଁ ଆପଣଙ୍କୁ ମିଳିବ। ପଲିସି ନେବା ପୂର୍ବରୁ ଏସବୁ ବିଷୟରେ କଥାବାର୍ତ୍ତା ହୋଇଯାନ୍ତୁ।

**ହସ୍ପିଟାଲ୍ ନେଟ୍‌ୱର୍କ ଯାଞ୍ଚ କରି ନିଅନ୍ତୁ**

ପ୍ଲାନ୍ ନେବା ପୂର୍ବରୁ ବୀମା କମ୍ପାନୀର ହସ୍ପିଟାଲ ନେଟ୍‌ୱାର୍କ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଏହି ବୀମା କମ୍ପାନୀର ହସ୍ପିଟାଲ ଚେନ୍ ବିଷୟରେ ମଧ୍ୟ ଜାଣନ୍ତୁ। ଯଦି କିଛି ଅସୁବିଧା ହୁଏ ତେବେ ଏମରଜେନ୍ସି ସମୟରେ ମାନସିକ ସ୍ତରରେ ପ୍ରସ୍ତୁତ ରୁହନ୍ତୁ।

**ରୁମ୍ ରେଟ୍‌ର ଧ୍ୟାନରଖନ୍ତୁ**

ରୁମ୍ ରେଟ୍ ଏକ ଏପରି ଏକ କଥା ଯାହାକୁ କେବେ ଆପଣ ଅଣଦେଖା କରିପାରିବେ ନାହିଁ। କାରଣ ଆପଣଙ୍କ ଚିକିତ୍ସାର ଖର୍ଚ୍ଚ ରୁମ୍‌ରେଟ୍ ହିସାବରେ କାଲ୍‌କୁଲେଟ୍ କରାଯାଇଥାଏ। ଧରି ନିଅନ୍ତୁ ଆପଣଙ୍କ ଇନ୍‌ସ୍ୟୁରାନ୍ସ ୩ଲକ୍ଷର, ତେବେ ଆପଣଙ୍କୁ ୩ହଜାର ମଧ୍ୟରେ ରୁମ୍ ନେଇପାରିବେ। ଯଦି ଏହାଠାରୁ ଅଧିକ ରୁମ୍ ଚାର୍ଜଥିବା ରୁମ୍ ନେବେ ତେବେ ଏହି ଟଙ୍କା ଆପଣଙ୍କ ପକେଟ୍‌ରୁ ଯିବ।

**ସୁପର ଟପ୍‌ଅପ୍ କରାନ୍ତୁ**

ଭବିଷ୍ୟତକୁ ଲକ୍ଷ୍ୟକରି ଯଦି ପ୍ଲାନ୍ ନେବେ, ତେବେ ଆପଣ ୧୫ରୁ ୨୦ଲକ୍ଷ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ନେବେ। କିନ୍ତୁ ଆମେ ଏଠାରେ ଏହା କହିବାକୁ ଚାହୁଁଛୁ ଇନ୍‌ସ୍ୟୁରାନ୍ସର ବେସ୍ କଭର କମ୍ ରଖନ୍ତୁ ଏହାର ସୁପର ଟପ୍‌ଅପ୍ ଅଧିକ କରନ୍ତୁ। ଏହାଦ୍ୱାରା ଆପଣଙ୍କ ପ୍ରିମିୟମ୍‌ରୁ ପାଖାପାଖି ୨୦-୨୫ ପ୍ରତିଶତ କମ୍ ହୋଇଯାଏ।

-ମହାଶ୍ୱେତା ନାୟକ





# ‘ଚେସ୍ ଇତିହାସର ସବୁଠାରୁ ବଡ଼ ସ୍କାଣ୍ଡାଲ’

ସେଣ୍ଟ ଲୁଇସ୍, ମିସୋରି (ଆମେରିକା) ୨୬।୯

ଚଳିତ ମାସ ପ୍ରଥମ ଭାଗରେ ଅନୁଷ୍ଠିତ ‘ସିନ୍‌କ୍ୱିଫିଲ୍ଡ କପ୍’ରେ ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନ ଓ ଆମେରିକାର ୧୯ବର୍ଷୀୟ ହାନ୍ସ ନିମାନ୍‌ଙ୍କ ମଧ୍ୟରେ ଖେଳାଯାଇଥିବା ମ୍ୟାଚର ଘଟଣାବଳୀକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ନିମାନଙ୍କଠାରୁ କାର୍ଲସେନଙ୍କ ପରାଜୟକୁ ନେଇ ଚେସ୍ ଜଗତରେ ବିବାଦ ସୃଷ୍ଟି ହୋଇଛି। କେତେକେ ଏହାକୁ ଚେସ୍ ଇତିହାସର ସବୁଠାରୁ ବଡ଼ ସ୍କାଣ୍ଡାଲ ବୋଲି କହିବାକୁ ମଧ୍ୟ ପଛାଇ ନାହାନ୍ତି। ନିମାନଙ୍କ ମ୍ୟାଚ

**ନିମାନଙ୍କଠାରୁ କାର୍ଲସେନଙ୍କ ପରାଜୟକୁ ନେଇ ବିବାଦ**

ପୂର୍ବରୁ କାର୍ଲସେନ କ୍ରମାଗତ ୫୩ଟି ଗେମ୍‌ରେ ଅପରାଜିତ ରହିଥିଲେ। ଧଳା ଗୋଟି ନେଇ ଖେଳୁଥିବାରୁ ଫାଇଦାରେ ମଧ୍ୟ ରହିଥିଲେ। ଟୁର୍ନାମେଣ୍ଟରେ ନିମ୍ନ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ଭାବେ ପ୍ରବେଶ କରିଥିବା ଜଣେ ଖେଳାଳିଙ୍କୁ ସେ ସାମ୍ନା କରିଥିଲେ। ମ୍ୟାଚର ଅଗ୍ରଗତି ଉପରେ ନଜର ରଖିଥିବା ଅଳ୍ପ କେତେଜଣ ଏକ ବିପର୍ଯ୍ୟୟ ଆଶା କରୁଥିଲେ, ତାହାହିଁ ଘଟିଥିଲା। ହେଲେ କାର୍ଲସେନ ଏହି ଗେମ୍ ହାରିବା ଅସ୍ୱାଭାବିକ ଥିଲା। ପରଦିନ ଏକ ଅଭୂତପୂର୍ବ କଥା ଦେଖିବାକୁ ମିଳିଲା। ବିଶ୍ୱର ନମ୍ବର ୱାନ ଚେସ୍ ଷ୍ଟାର ବିନା କୌଣସି କାରଣ ଦର୍ଶାଇ ଟୁର୍ନାମେଣ୍ଟରୁ ଓହରିଯାଇଥିଲେ। ଟୁଇଟର ସେ ତାଙ୍କର ଏକ ଛୋଟ ବକ୍ତବ୍ୟ ପୋଷ୍ଟ କରିଥିଲେ। ସେ ଟୁର୍ନାମେଣ୍ଟରୁ ଓହରିଯାଇଥିବା ଏଥିରେ ଉଲ୍ଲେଖ କରିଥିଲେ। ଏସ୍‌ଟିଏଲ୍ ଚେସ୍ କ୍ଲବରେ ଖେଳିଲା ବେଳେ ସେ ସବୁବେଳେ ଉପଭୋଗ କରିଛନ୍ତି। ଭବିଷ୍ୟତରେ ମଧ୍ୟ ସେ ଏଠାକୁ ଖେଳିବା ପାଇଁ ଆସିବେ। ଏଥିସହିତ ସେ ପର୍ତ୍ତୁଗୀଜ୍ ଫୁଟ୍‌ବଲ ମ୍ୟାନେଜର ଜୋସ୍ ମୋରିନୋଙ୍କ ଏକ ଭିଡିଓ କ୍ଲିପ୍ ସଂଲଗ୍ନ କରିଥିଲେ। ଓହରିଯିବା କାରଣ ସମ୍ପର୍କରେ ସେ କିଛି କହୁ ନାହାନ୍ତି। ମୁହଁ ଖୋଲିଲେ ନିଜେ ବଡ଼ ସମସ୍ୟାରେ ପଡ଼ିଯିବେ ବୋଲି ଅନୁଭବ କରୁଛନ୍ତି।

କାର୍ଲସେନ୍ ଯଦିଓ ସ୍ପଷ୍ଟ ଭାବେ କିଛି କହି ନାହାନ୍ତି ତେବେ ତାଙ୍କର ପ୍ରତିଯୋଗିତାରୁ ଓହରିଯିବା ଏବଂ ସେ ପୋଷ୍ଟ କରିଥିବା ଭିଡିଓ କ୍ଲିପିଂରୁ ସ୍ପଷ୍ଟ ବାରି ହୋଇଯାଉଛି ଯେ ଏହି ମ୍ୟାଚରେ କିଛି ଗୋଟିଏ କାରସାଦି ହୋଇଛି। ନିମ୍ୟାନ କିନ୍ତୁ ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗର ଦୃଢ ଖଣ୍ଡନ କରିଛନ୍ତି। ହେଲେ ଚେସ୍ ଇତିହାସରେ ଏଭଳି ଘଟଣାର ନଜିର ନ ଥିବାରୁ ଖେଳାଳି, କୋଚ୍, ୟୁଟ୍ୟୁବର, ଷ୍ଟ୍ରିମର ଓ ଖେଳପ୍ରେମୀମାନେ ଏହାକୁ ସହଜରେ ହଜମ କରିପାରୁନାହାନ୍ତି। ୟୁଟ୍ୟୁବ୍ ଚ୍ୟାନେଲରେ ଚେସ୍ ଭିତ୍ତିକ କାର୍ଯ୍ୟକ୍ରମ ଉପସ୍ଥାପନ କରି ଲୋକପ୍ରିୟତା ଅର୍ଜନ କରିଥିବା ଓ ଜଣେ ଅନ୍ତର୍ଜାତୀୟ ମାଷ୍ଟର ଲେଭି ରୋଜମ୍ୟାନ କହିଛନ୍ତି, କାର୍ଲସେନଙ୍କ ଭଳି ଜଣେ ଖେଳାଳି ଟୁର୍ନାମେଣ୍ଟ ଛାଡ଼ି ଚାଲିଯିବା ଅର୍ଥ ତାଙ୍କ ପ୍ରତି କିଛି ଅବିଚାର କରାଯାଇଛି। ଏହାକୁ ସେ ଇତିହାସର ସବୁଠାରୁ ବଡ଼ ଚେସ୍ ସ୍କାଣ୍ଡାଲ ବୋଲି ଅଭିହିତ କରିଛନ୍ତି। ଜଣେ ଗ୍ରାଣ୍ଡମାଷ୍ଟର ଏରିକ୍ ହାନ୍‌ସେନ ଏକ ଲାଇଭଷ୍ଟ୍ରିମ୍‌ରେ କହିଛନ୍ତି ନିମ୍ୟାନ ହୁଏତ ଏକ କ୍ଷୁଦ୍ର ଲେଜର ବ୍ୟବହାର କରିଥାଇପାରନ୍ତି ଯାହାକି ବୋର୍ଡରେ ଅଲ୍‌ଟ୍ରା ଭାଓଲେଟ୍ ଲାନ୍ ଆଙ୍କି ପାରିବ। ତାହା କେବଳ ସୋଏସିଆଲ (ଏସ୍‌ଆଇସି) କଣ୍ଟାକ୍ଟସ ଜରିଆରେ ଦୃଶ୍ୟମାନ ହୋଇପାରିବ। ମ୍ୟାଚ ପରେ ନିମାନ ଏକ ସାକ୍ଷାତ୍‌କାରରେ କହିଛନ୍ତି, ମୋ ଭଳି ଛୋଟ ଖେଳାଳିଙ୍କ ଠାରୁ ପରାଜିତ ହୋଇଥିବାରୁ କାର୍ଲସେନ ବିବ୍ରତ ହୋଇ ପଡ଼ିଥିଲେ। ମୋତେ ହତୋତ୍ସାହିତ କରିବା ଲାଗି ସେ ଏପରି କହୁଛନ୍ତି।


ମାଗ୍ନସ କାର୍ଲସେନ


ହାନ୍ସ ନିମାନ୍

**ଫିଡେର ଭର୍ତ୍ସନା**

ଗ୍ରାଣ୍ଡମାଷ୍ଟର ହାନ୍ସ ନିମ୍ୟାନ ବିପକ୍ଷ ଏକ ଅନ୍ ଲାଇନ୍ ଚେସ୍ ଗେମ୍ ପରେ ଟୁର୍ନାମେଣ୍ଟ ଅଧାରୁ ଓହରିଯାଇଥିବାରୁ ଇଣ୍ଟରନ୍ୟାଶନାଲ ଚେସ୍ ଫେଡେରେଶନ (ଫିଡେ) ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନଙ୍କୁ ଭର୍ତ୍ସନା କରିଛି। ଏହାଦ୍ୱାରା ଚେସ୍ ଖେଳର ଭାବମୂର୍ତ୍ତିରେ ଆଞ୍ଚ ଆସିଛି। ପରିସ୍ଥିତିକୁ ଉତ୍ତମ ଉପାୟରେ ହାତେଇ ହୋଇପାରିଥାନ୍ତା। କାର୍ଲସେନ ହେଉଛନ୍ତି ଖେଳର ଜଣେ ଗ୍ଲୋବାଲ ଆମ୍ବାସାଡର। ତାଙ୍କଠାରୁ ଏଭଳି ଆଚରଣ ଶୋଭନୀୟ ନୁହେଁ ବୋଲି ଫିଡେ କହିଛି।

# ଝାଡ଼ଖଣ୍ଡକୁ ହରାଇଲା ଓଡ଼ିଶା

**ତ୍ରିଦଳୀୟ ଆମନ୍ତ୍ରଣୀୟ ମହିଳା କ୍ରିକେଟ**

ଭୁବନେଶ୍ୱର, ୨୬।୯ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ କ୍ରିକେଟ ସିଜନ ପାଖେଇ ଆସିଥିବାବେଳେ ପ୍ରସ୍ତୁତି ସ୍ୱରୂପ ଓଡ଼ିଶା, ଝାଡ଼ଖଣ୍ଡ ଓ ବେଙ୍ଗଲ ସିନିୟର ଦଳ ମଧ୍ୟରେ ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ଅଭ୍ୟାସ ମ୍ୟାଚ ଚାଲିଛି। ଏହି କ୍ରମରେ କିଟ୍ କ୍ରିକେଟ ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧୨ ରନରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଓଡ଼ିଶା ସିନିୟର ମହିଳା ସମ୍ଭାବ୍ୟ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୭୮ ରନ କରିଥିଲା। ଦଳ ପକ୍ଷରୁ ସରିତା ମେହେର ସର୍ବାଧିକ ୩୮ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ୧୨ ରନ କରିଥିଲେ। ଝାଡ଼ଖଣ୍ଡର ନିହାରିକା ୨ଟି ଉଇକେଟ ନେଇଥିଲେ। ୭୯ ରନ ବିଜୟ ଲକ୍ଷ୍ୟରେ ଝାଡ଼ଖଣ୍ଡ ଦଳ ପୂରା ୨୦ ଓଭର ଖେଳିଥିଲେ ହେଁ ୮ ଉଇକେଟ ହରାଇ ୬୬ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ନିହାରିକା ସର୍ବାଧିକ ୧୬ ରନ କରି ପାରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୁଜାତା ମଲିକ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ୩ଟି ଲେଖାଏ ଉଇକେଟ ନେଇଥିଲେ।


ସୁଶ୍ରୀ ଦିବ୍ୟଦର୍ଶିନୀ




# କାର୍ତ୍ତିକଙ୍କୁ ଅଧିକ ସୁଯୋଗ ଦିଆଯିବ: ରୋହିତ

ହାଇଦ୍ରାବାଦ, ୨୬।୯ (ପି.ଟି.)

ଆସନ୍ତା ମାସରେ ଟି୨୦ ବିଶ୍ୱକପ ଖେଳାଯିବାକୁଥିବାବେଳେ ଉଇକେଟ କିପର ଦୀନେଶ କାର୍ତ୍ତିକଙ୍କୁ ଅଧିକ ବ୍ୟାଟିଂ ସୁଯୋଗ ଦିଆଯିବ ବୋଲି ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ସୂଚନା ଦେଇଛନ୍ତି। ଭାରତ ଏହାର ପ୍ଲେଇଂ ଏକାଦଶରେ କାର୍ତ୍ତିକ ଏବଂ ରିଷଭ ପନ୍ତଙ୍କୁ ରୋଟେଶନ କରି ଖେଳାଉଛି। ଯୁବ ଉଇକେଟ କିପର ପନ୍ତଙ୍କୁ ଏସିଆ କପ୍‌ରେ ପ୍ରାଧାନ୍ୟ ଦିଆ ଯାଇଥିବାବେଳେ ଭେଟେରାନ କାର୍ତ୍ତିକଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ନିଆ ଯାଇଥିଲା। ତେବେ ସେ ଅଧିକ ବଲ୍ ଖେଳିବା ସୁଯୋଗ ପାଇ ନ ଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ କାର୍ତ୍ତିକ ମାତ୍ର ୭ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ପନ୍ତ ଗୋଟିଏ ମ୍ୟାଚରେ ସାମିଲ ଥିଲେ ହେଁ ବ୍ୟାଟିଂ କରିବା ସୁଯୋଗ ପାଇ ନ ଥିଲେ। ବିଶ୍ୱକପ ପୂର୍ବରୁ ଉଭୟ ଉଇକେଟ କିପର ଖେଳିବା ସୁଯୋଗ ପାଆନ୍ତୁ ବୋଲି ମୁଁ ଚାହୁଁଛି। ଏସିଆ କପ୍‌ରେ ମଧ୍ୟ ଉଭୟ ଦଳରେ ସାମିଲ ଥିଲେ ବୋଲି ରବିବାର ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ ବିଜୟ ପରେ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ରୋହିତ।

ବିଶ୍ୱକପ ପୂର୍ବରୁ ଭାରତ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ପରିସ୍ଥିତିକୁ ଦେଖି ପନ୍ତ ଓ କାର୍ତ୍ତିକଙ୍କୁ ଚୂଡ଼ାନ୍ତ ଦଳରେ ସାମିଲ କରାଯିବ ବୋଲି ରୋହିତ ସୂଚନା ଦେଇଛନ୍ତି। ଆମେ ଦକ୍ଷିଣ ଆଫ୍ରିକାର ବୋଲିଂ ଦେଖିବାକୁ ଅପେକ୍ଷା କରିଛୁ। ବୋଲିଂ ଲାଇନ୍‌ଅପ୍ ଦେଖିବାପରେ ତାକୁ ମୁକାବିଲା କଲାଭଳି ବ୍ୟାଟିଂ ଲାଇନ୍‌ଅପ୍ ପ୍ରସ୍ତୁତ କରିବୁ। ବୋଲି ରୋହିତ ପ୍ରକାଶ କରିଛନ୍ତି।


ଦୀନେଶ କାର୍ତ୍ତିକ

# ଶାହବାଜ, ଆୟାରଙ୍କୁ ସୁଯୋଗ

ନୂଆଦିଲ୍ଲୀ, ୨୬।୯ (ପି.ଟି.)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ ଚଳିତ ମାସ ୨୮ ତାରିଖରେ ଥିରୁଭାନନ୍ତପୁରମଠାରେ ଆରମ୍ଭ ହେବ। ଏହି ସିରିଜ ପାଇଁ ପୂର୍ବ ଘୋଷିତ ଭାରତୀୟ ଦଳରେ କେତେକ ପରିବର୍ତ୍ତନ କରାଯାଇଛି। କୋଭିଡ-୧୯ରୁ ମୁକୁଳି ନ ଥିବାରୁ ଦ୍ରୁତ ବୋଲର ମହମ୍ମଦ ଶାମି ଓହରି ଯାଇଥିବାରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିଶ୍ରାମ ଦିଆ ଯାଇଛି। ସେହିପରି ଦୀପକ ହୁଡା ପିଠିରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ଖେଳି ପାରିବେ ନାହିଁ। ତେଣୁ ଦଳରେ ବେଙ୍ଗଲ ଅଲ୍‌ରାଉଣ୍ଡର ଶାହବାଜ ଅହମଦ ଏବଂ ଶ୍ରେୟସ ଆୟାରଙ୍କୁ ସାମିଲ କରାଯାଇଛି।

# ଜାତୀୟ କ୍ରୀଡ଼ାରେ ଓଡ଼ିଶାରୁ ୨୭୫

**ଭୁବନେଶ୍ୱର, ୨୬।୯ (କ୍ରୀଡ଼ା ପ୍ରତିନିଧି):** ଗୁଜରାଟର ବିଭିନ୍ନ ସହରରେ ଜାତୀୟ କ୍ରୀଡ଼ାର ୩୬ତମ ସଂସ୍କରଣ ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ମୋଟ ୨୭୫ ଜଣିଆ ପ୍ରତିନିଧି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୨୧୬ ଆଥଲେଟ୍ ଓ ୫୯ ଜଣ କୋଚ୍, ମ୍ୟାନେଜର ଓ ଫିଜିଓ ସାମିଲ। ଓଡ଼ିଶା ଆଥଲେଟ୍‌ମାନେ ରଗ୍‌ବୀ (ମହିଳା ଓ ପୁରୁଷ), ଲନ୍ ବଲ୍, ଶୁଟିଂ, ଖୋ ଖୋ (ମହିଳା), ରୋଇଂ, ସ୍କେଟିଂ, ଆର୍ଚେରୀ, ଫୁଟବଲ (ମହିଳା ଓ ପୁରୁଷ), ଯୋଗାସନ, କାନୋଇଂ, ରେସ୍‌ଲିଂ, ଆଥଲେଟିକ୍ସ, ଫେନ୍‌ସିଂ, ଭାରୋତ୍ତୋଳନ, ବକ୍ସିଂ, ଜୁଡୋ, ଉଶୁ, ସାଇକ୍ଲିଂ, ଟ୍ରାଇଥଲନ, ସୁଇମିଂ, ହକି (ମହିଳା), ଜିମ୍ନାଷ୍ଟିକ୍ ଓ ବିଚ୍ ଭଲିବଲରେ ଅଂଶଗ୍ରହଣ କରିବେ। ଅଶୋକ ସାହୁ ଚିଫ୍ ଡି ମିଶନ ନିଯୁକ୍ତ ହୋଇଛନ୍ତି। ଭକ୍ତ ବଲ୍ଲଭ ଦାସ ଡେପୁଟି ଚିଫ୍ ଡି ମିଶନ, ଅନୁରାଧା ବିଶ୍ୱାଳ ଓ ରବି ନାୟକ ଅଲିମ୍ପିକ୍ ପ୍ରତିନିଧି ଭାବେ ଦଳସହ ଯିବେ।

# ଲଣ୍ଡନ ହୋଟେଲରେ ଟାନିଆ ଭାଟିଆଙ୍କ ରୁମ୍‌ରୁ ଚୋରି

ନୂଆଦିଲ୍ଲୀ, ୨୬।୯ (ପି.ଟି.)

ଭାରତୀୟ ମହିଳା କ୍ରିକେଟ ଦଳ ଇଂଲଣ୍ଡ ଟୁର୍ ବେଳେ ଉଇକେଟକିପର ବ୍ୟାଟର ଟାନିଆ ଭାଟିଆ ଲଣ୍ଡନସ୍ଥିତ ମାରିଅଟ ହୋଟେଲରେ ଅବସ୍ଥାନ କରିଥିଲେ। ସେତେବେଳେ ତାଙ୍କ ରୁମ୍‌ରୁ ତାଙ୍କର କିଛି ମୂଲ୍ୟବାନ ଜିନିଷପତ୍ର ଚୋରି ହୋଇଯାଇଛି। ତନ୍ମଧ୍ୟରେ ଅଳଙ୍କାର, ନଗଦ ଟଙ୍କା, ହାତ ଘଣ୍ଟା ଓ କିଛି କାର୍ଡ ରହିଛି। ଏନେଇ ହୋଟେଲ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଅଭିଯୋଗ କରିଛନ୍ତି। ଚୋରି ଘଟଣାର ତଦନ୍ତ ସହ ଆବଶ୍ୟକ ପଦକ୍ଷେପ ନେବା ଲାଗି ଅନୁରୋଧ କରିଛନ୍ତି। ନିକଟରେ ଭାରତର ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ଟୁର୍ ଶେଷ ହୋଇଛି। ଭାରତ ଏଥିରେ ଆୟୋଜକ ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ୩-୦ରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଛି। ଏହି ୨୪ ବର୍ଷୀୟା ଖେଳାଳିଙ୍କ ଅଭିଯୋଗ ପରେ ହୋଟେଲ କର୍ତ୍ତୃପକ୍ଷ ଟୁଇଟର ହ୍ୟାଣ୍ଡେଲ ଜରିଆରେ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହିତ ସେମାନେ ଟାନିଆଙ୍କ ଇମେଲ ଠିକଣା ମଗାଇଛନ୍ତି ଏବଂ ସେ କେବେ ରୁମ୍ ବୁକ୍ କରିଥିଲେ ଏବଂ କେତେ ଦିନ ରହିଥିଲେ ତାହାର ଏକ ବିବରଣୀ ଦେବାକୁ ଲେଖିଛନ୍ତି।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ